




# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 89 | ଭାଗ ୩୪ | ସଂଖ୍ୟା ୮୯ | Bhubaneswar | Saturday 21 June 2025 | Page 8 Rs. 4.00 | ● ଭୁବନେଶ୍ୱର ଶନିବାର ୨୧ ଜୁନ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା




# ବିଜେପି ଜନସେବା, ସୁଶାସନ ଓ ବିଶ୍ୱାସର ପ୍ରତୀକ



- ଜୟ ଜଗନ୍ନାଥ
- ଜୟ ବାବା ଲିଙ୍ଗରାଜ

ମୋର ପ୍ରିୟ ଓଡ଼ିଶାବାସୀଙ୍କୁ ନମସ୍କାର, ଜୁହାର

- ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି ଉତ୍ସବରେ ପ୍ରଧାନମନ୍ତ୍ରୀ
- ୧୮,୬୦୦ କୋଟିରୁ ଅଧିକ ମୂଲ୍ୟର ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ
- ଓଡ଼ିଶା ଭାରତୀୟ ସଭ୍ୟତା ଓ ସଂସ୍କୃତିକୁ ସମୃଦ୍ଧ କରିଆସୁଛି: ମୋଦି
- ଆଦିବାସୀ ସମାଜକୁ ହିଂସାରୁ ବାହାର କରି ବିକାଶ ମାର୍ଗରେ ନିଆଯାଇଛି
- ଏକବିଂଶ ଶତାବ୍ଦୀରେ ଦେଶର ବିକାଶକୁ ପୂର୍ବ ଭାରତରୁ ଗତି ମିଳିବ
- ବର୍ଷକର ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ଓ ସହଯୋଗୀଙ୍କୁ ଦେଲେ ସାବାସୀ

**ଭୁବନେଶ୍ୱର,୨୦।୬(ସଂଚାର ବ୍ୟୁରୋ):** ଷଷ୍ଠ ଥର ପାଇଁ ଓଡ଼ିଶା ଗସ୍ତରେ ଆସି ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେବଳ ଯେ ମୋହନ ସରକାରଙ୍କ ଉପଲବ୍ଧିକୁ ସାବାସୀ ଦେଲେନି ବିମାନ ବନ୍ଦରରୁ ଜନତା ମୈଦାନ ପର୍ଯ୍ୟନ୍ତ ରୋଡ ଶୋ ମଧ୍ୟମରେ ରାଜ୍ୟ ପ୍ରତି ଡବଲ ଇଂଜିନ ସରକାରର ପ୍ରତିବଦ୍ଧତାର ପ୍ରମାଣ ଦେଇଛନ୍ତି। ଆଜି ଭୁବନେଶ୍ୱରରେ ଓଡ଼ିଶା ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟସ୍ତରୀୟ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ସାମଗ୍ରିକ ବିକାଶ ପ୍ରତି ତାଙ୍କର ପ୍ରତିବଦ୍ଧତା ଅନୁଯାୟୀ, ପ୍ରଧାନମନ୍ତ୍ରୀ ପାନୀୟ ଜଳ, ଜଳସେଚନ, କୃଷି ଭିତ୍ତିଭୂମି, ସ୍ୱାସ୍ଥ୍ୟ ଭିତ୍ତିଭୂମି, ଗ୍ରାମୀଣ ରାସ୍ତା ଏବଂ ସେତୁ, ଜାତୀୟ ରାଜପଥର କେତେକ ଖଣ୍ଡ ଏବଂ ନୂଆ ରେଳ ଲାଇନ ସମେତ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକରେ ୧୮,୬୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ କରିଛନ୍ତି ।

ଏହି ଅବସରରେ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି ମୋଦି କହିଥିଲେ ଯେ ଜୁନ୍ ୨୦ ତାରିଖ ହେଉଛି ଏକ ଅତ୍ୟନ୍ତ ସ୍ୱତନ୍ତ୍ର ଦିନ। ଆଜିର ଦିନରେ ଓଡ଼ିଶାର ପ୍ରଥମ ବିଜେପି ସରକାରଙ୍କର ଗୋଟିଏ ବର୍ଷ ପୂରଣ ହେଉଛି । ଏହି ବାର୍ଷିକୀ ପାଳନ କେବଳ ଏକ ସରକାରଙ୍କର ନୁହେଁ, ବରଂ ଜନସେବା ଏବଂ ଜନ ବିଶ୍ୱାସ ପ୍ରତି ଉତ୍ସର୍ଗୀକୃତ ସୁଶାସନ ପ୍ରତିଷ୍ଠାର ବାର୍ତ୍ତା ଦେଉଛି। ସରକାର ଓଡ଼ିଶାର କୋଟି କୋଟି ମତଦାତାଙ୍କ ଆଶା ପୂରଣ କରିବା ପାଇଁ ଆନ୍ତରିକ ପ୍ରୟାସ କରିଛନ୍ତି ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ତାଙ୍କ ସହଯୋଗୀଙ୍କୁ ସେମାନଙ୍କର ପ୍ରଶଂସନୀୟ କାର୍ଯ୍ୟ ପାଇଁ ଅଭିନନ୍ଦନ ଜଣାଇଥିଲେ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ ଓଡ଼ିଶା କେବଳ ଏକ ରାଜ୍ୟ ନୁହେଁ, ବରଂ ଭାରତର ସମୃଦ୍ଧ ଐତିହ୍ୟର ଏକ ଉଜ୍ଜ୍ୱଳ ନକ୍ଷତ୍ର। ଶହ ଶହ ବର୍ଷ ଧରି ଓଡ଼ିଶା ଭାରତୀୟ ସଭ୍ୟତା ଏବଂ ସଂସ୍କୃତିକୁ ସମୃଦ୍ଧ କରିଆସିଛି। ବର୍ତ୍ତମାନ ସମୟରେ, ଯେତେବେଳେ ବିକାଶ ଏବଂ ଐତିହ୍ୟର ମନ୍ତ୍ର ଭାରତର ପ୍ରଗତି ପାଇଁ ମୂଳଦୁଆ ପାଲଟିଛି, ଓଡ଼ିଶାର ଭୂମିକା ଆହୁରି ଗୁରୁତ୍ୱପୂର୍ଣ୍ଣ ହୋଇଛି। ଓଡ଼ିଶାରେ ବିଜେପି ସରକାରର ପ୍ରଥମ ବର୍ଷ ପୂରଣ ହେବା ସହିତ ଲୋକମାନେ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରସିଦ୍ଧ ରଥଯାତ୍ରା ପାଇଁ ପ୍ରସ୍ତୁତିରେ ନିୟୋଜିତ ହେବା ଏକ ପବିତ୍ର ସଂଯୋଗ ବୋଲି ସେ କହିଥିଲେ। ରାଜ୍ୟରେ ବିଜେପି ସରକାର ଦାୟିତ୍ୱ ନେବାମାତ୍ରେ ଶ୍ରୀମନ୍ଦିରର ଚାରି ଦ୍ୱାର ଖୋଲାଯାଇଥିଲା। ଶ୍ରୀମନ୍ଦିରର ରତ୍ନ ଭଣ୍ଡାର ମଧ୍ୟ ଖୋଲାଯାଇଛି। ଏହା ରାଜନୈତିକ ବିଜୟର ବିଷୟ ନୁହେଁ ବରଂ କୋଟି କୋଟି ଭକ୍ତଙ୍କ ଆସ୍ଥାକୁ ସ୍ୱୀକାର କରିବାର ଏକ ସମ୍ମାନଜନକ କାର୍ଯ୍ୟ ।

ସ୍ୱାଧୀନତା ପରେ ଅନେକ ଦଶନ୍ଧି ଦଶନ୍ଧି ଧରି ଦେଶ ପୂର୍ବ ଶାସନ ମଡେଲ ଦେଖିଥିଲେ, ଯେଉଁଥିରେ ସୁଶାସନର ଅଭାବ ଥିଲା ଏବଂ ଏହା ଲୋକଙ୍କ ଜୀବନକୁ ସହଜ କରି ପାରିନଥିଲା। ବିକାଶ ➪ପୃଷ୍ଠା-୬

## ମୋଦିଙ୍କ ହାତରେ ଦେଶ ସୁରକ୍ଷିତ: ମୋହନ



ରାଜ୍ୟରେ ବିଜେପି ସରକାରର ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ ଜନତା ମୈଦାନଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇଥିବା ବେଳେ ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ଅଭିଭାଷଣରେ ପ୍ରଧାନମନ୍ତ୍ରୀଙ୍କ ହାତରେ ଦେଶ ସୁରକ୍ଷିତ ରହିଛି ବୋଲି କହିଛନ୍ତି। ସଭାରେ ମୁଖ୍ୟମନ୍ତ୍ରୀ ସ୍ୱାଗତ ଭାଷଣ ହିନ୍ଦୀରେ ଦେଇଥିବା ବେଳେ ଏଥିରେ ରାଜ୍ୟର ବିକାଶ, ସାମାଜିକ ସମାନତା ଓ ଅର୍ଥନୈତିକ ସଶକ୍ତିକରଣ ଉପରେ ଗୁରୁତ୍ୱ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଜି ଓଡ଼ିଶା ପାଇଁ ଏକ ଗୌରବମୟ ମୁହୂର୍ତ୍ତ। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ପାଇଁ ଦେଶ ଆଜି ପୂରା ସୁରକ୍ଷିତ। ➪ପୃଷ୍ଠା-୬

## ସରି, ମହାପ୍ରଭୁଙ୍କ ମାଟିରୁ ଆସିଛି ନିମନ୍ତ୍ରଣ

ଓଡ଼ିଶା ଆସିବା ପାଇଁ ଆମେରିକା ଗଲେନି ପ୍ରଧାନମନ୍ତ୍ରୀ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିମନ୍ତ୍ରଣକୁ ଗ୍ରହଣ କଲେନାହିଁ। ଆମେରିକାଠୁ ଅଧିକ ଜରୁରୀ ଜଗନ୍ନାଥ ଧାମ ଯିବା ବୋଲି ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଜଣାଇଥିଲେ ପ୍ରଧାନମନ୍ତ୍ରୀ। ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତିରେ ଭୁବନେଶ୍ୱରର ଜନତା ମଇଦାନରେ ଆୟୋଜିତ କାର୍ଯ୍ୟକ୍ରମ ଯୋଗ ଦେଇ ଏହା କହିଛନ୍ତି ପ୍ରଧାନମନ୍ତ୍ରୀ। ସେ କହିଥିଲେ ଯେ ମୁଁ କାନାଡ଼ା ଗସ୍ତରେ ଥିବା ସମୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମୋତେ ଫୋନ କରି ୱାଶିଂଟନ ଆସିବାକୁ ସାଦର ନିମନ୍ତ୍ରଣ କରିଥିଲେ। କାନାଡା ଆସିଛନ୍ତି, ୱାଶିଂଟନ ହୋଇ ଯିବେ। ସାଙ୍ଗ ହୋଇ ଖାଇବା, କଥା ହେବା ବୋଲି ଟ୍ରମ୍ପ୍ କହିଥିଲେ। କିନ୍ତୁ ଓଡ଼ିଶା ଆସିବାର ଥିଲା ବୋଲି ମୁଁ ଟ୍ରମ୍ପଙ୍କ ନିମନ୍ତ୍ରଣକୁ ଏଡ଼ାଇ ଦେଇଥିଲି। ମୋତେ ଜଗନ୍ନାଥ ଧାମରୁ ନିମନ୍ତ୍ରଣ ଅଛି। ଆମେରିକା ଅପେକ୍ଷା ମହାପ୍ରଭୁଙ୍କ ମାଟିକୁ ଯିବା ଜରୁରୀ ବୋଲି ମୁଁ ଟ୍ରମ୍ପ୍‌ଙ୍କୁ କହିଥିଲି। ତେଣୁ ମହାପ୍ରଭୁ ମୋତେ ଏଠାକୁ ଟାଣିଆଣିଛନ୍ତି ବୋଲି ଜନସାଧାରଣଙ୍କୁ ସମ୍ବୋଧନ କରିବା ଅବସରରେ ମୋଦି କହିଛନ୍ତି।

## ବିକଶିତ ଓଡ଼ିଶାର ଆକାଂକ୍ଷା ପୂରଣ ହେବ: ଧର୍ମେନ୍ଦ୍ର



ସମାବେଶୀ, ସ୍ୱାସ୍ଥ୍ୟ ଓ ସମୃଦ୍ଧି ଆଧାରିତ ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ପୁସ୍ତକ ୨୦୩୬ରେ ଓଡ଼ିଶା ଭାରତର ପ୍ରଥମ ଭାଷାଗତ ରାଜ୍ୟ ଭାବରେ ୧୦୦ ବର୍ଷ ପୂରଣ କରିବ। ୨୦୪୭ରେ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପାଳନ କରିବ। ଏହି ଦୃଷ୍ଟିକୋଣରେ ଓଡ଼ିଶାର ଅଭିବୃଦ୍ଧି ପାଇଁ ଏକ ମହତ୍ୱାକାଂକ୍ଷୀ ଏବଂ ଭବିଷ୍ୟତ ନିମନ୍ତେ ପ୍ରସ୍ତୁତ ରୋଡମ୍ୟାପର ରୂପରେଖ ପ୍ରସ୍ତୁତ କରିବା ଦିଗରେ ପ୍ରଧାନମନ୍ତ୍ରୀ ଓଡ଼ିଶା ଭିଜନ ୨୦୩୬ ଏବଂ ୨୦୪୭ ପୁସ୍ତିକା ଉନ୍ମୋଚନ କରିବା ସହ ଓଡ଼ିଶାର ପ୍ରତିଭାଶାଳୀ ଓ ପରିଶ୍ରମୀ ଯୁବବର୍ଗଙ୍କ ଦ୍ୱାରା ଆମେ ସବୁ ଲକ୍ଷ୍ୟକୁ ପୂରଣ କରିପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସମାବେଶୀ, ସ୍ୱାସ୍ଥ୍ୟ ଓ ସମୃଦ୍ଧି - ତିନୋଟି ସ୍ତମ୍ଭରେ ଆଧାରିତ ଏହି ପୁସ୍ତିକା ଓଡ଼ିଶାରେ ମୌଳିକ ସୁବିଧା, ସମୃଦ୍ଧ କୃଷକ, ମହିଳା ନେତୃତ୍ୱାଧୀନ ବିକାଶ, ଉଦ୍ୟୋଗୀ ଓଡ଼ିଶା, ବନ୍ଦର ଆଧାରିତ ଅର୍ଥନୀତି, ସହରୀକରଣ, ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମ୍ୟ ଉନ୍ନୟନ, ଓଡ଼ିଆ ➪ପୃଷ୍ଠା-୬

## 'ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭'



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ରାଜ୍ୟର ବରପୁତ୍ରମାନଙ୍କର ଜନ୍ମସ୍ଥଳୀର ବିକାଶ କରାଯିବ। ପ୍ରତି ଐତିହ୍ୟ ଗ୍ରାମ ପାଇଁ ପ୍ରାୟ ୧୫ କୋଟି ଟଙ୍କା ଖର୍ଚ୍ଚ ହେବ। ସମ୍ପୂର୍ଣ୍ଣ ଯୋଜନାରେ ପ୍ରାୟ ୧୯ ହଜାର କୋଟି ଟଙ୍କା ବିନିଯୋଗ ହେବ। ସେହିପରି ପ୍ରଧାନମନ୍ତ୍ରୀ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ପୁସ୍ତିକା

- ବୌଦ୍ଧବାସୀଙ୍କ ରେଳ ସ୍ୱପ୍ନ ସାକାର
- ୧୦୦ ଇଭି ବସ୍ ଉଦ୍‌ଘାଟିତ

ଉନ୍ମୋଚନ କରିଥିବା ବେଳେ ଏହି ଯୋଜନାରେ ରାଜ୍ୟର ପ୍ରତି ପଞ୍ଚାୟତରେ ଅନ୍ୟୂନ ଗୋଟିଏ ଲେଖାଏଁ ପ୍ରାଥମିକ ଆଦର୍ଶ ବିଦ୍ୟାଳୟ ଖୋଲିବା ପାଇଁ ସ୍ଥାନ ନିରୁପଣ ଓ ଡିପିଆର୍ ପ୍ରସ୍ତୁତି ଚାଲିଛି। ସେହିପରି ପ୍ରଧାନମନ୍ତ୍ରୀ ଦୁଇଟି ନୂତନ ଟ୍ରେନ୍ ଚଳାଚଳର ଶୁଭାରମ୍ଭ କରିଛନ୍ତି। ଏହି ଦୁଇଟି ଟ୍ରେନ୍ ବୌଦ୍ଧ-ସମ୍ବଲପୁର ଓ ବୌଦ୍ଧ-ଭୁବନେଶ୍ୱର ନ୍ୟୁ ମଧ୍ୟରେ ଚଳାଚଳ କରିବ। ୧୮,୬୫୩ କୋଟି ➪ପୃଷ୍ଠା-୬

## ପିଏମ-ପୋଷଣରେ ବଢ଼ିଲା ମୁଣ୍ଡପିଛା ଖର୍ଚ୍ଚ

### ପିଛିଲା ଭାବେ ମେ ୧ରୁ ଲାଗୁ ହେବ

**ଭୁବନେଶ୍ୱର,୨୦।୬(ସଂଚାର ବ୍ୟୁରୋ):** ପିଏମ ପୋଷଣ ଯୋଜନାରେ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ଦୈନିକ ପ୍ରତି ଛାତ୍ରଛାତ୍ରୀଙ୍କ ପିଛା ରନ୍ଧନ ସାମଗ୍ରୀ ମୂଲ୍ୟରେ ୨ ଟଙ୍କା ୯୨ ପଇସା ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ଏହାଦ୍ୱାରା ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଛାତ୍ରଛାତ୍ରୀମାନଙ୍କ ପାଇଁ ମୁଣ୍ଡ ପିଛା ଦୈନିକ ଯଥାକ୍ରମେ ୧୧ ଟଙ୍କା ୧୫ ପଇସା ଓ ୧୪ ଟଙ୍କା ୭୪ ପଇସା ରନ୍ଧନ ସାମଗ୍ରୀ ନିମନ୍ତେ ଖର୍ଚ୍ଚ କରାଯିବ। ଏହି ବର୍ଦ୍ଧିତ ମୂଲ୍ୟ ପିଛିଲା ଭାବେ ମେ ୧ ତାରିଖରୁ ଲାଗୁ ହେବ ବୋଲି ଆଜି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଭାଗିଦାରୀରେ ପିଏମ୍-ପୋଷଣ ଯୋଜନା ବର୍ତ୍ତମାନ ରାଜ୍ୟରେ ➪ପୃଷ୍ଠା-୬

### ସମନ୍ୱିତ ପ୍ରଚେଷ୍ଟାରେ ଡାଇରିଆ ସ୍ଥିତି ନିୟନ୍ତ୍ରଣାଧୀନ

## ଯାଜପୁର ଓ କେନ୍ଦୁଝରରେ କମୁଛି ସଂକ୍ରମଣ



**ଭୁବନେଶ୍ୱର,୨୦।୬(ସଂଚାର ବ୍ୟୁରୋ):** ବିଭିନ୍ନ ବିଭାଗର କ୍ଷେତ୍ର ସ୍ତରରେ ସମନ୍ୱିତ ଓ ଏକାଭିମୁଖୀ କାର୍ଯ୍ୟକ୍ରମ ଯୋଗୁ ରାଜ୍ୟରେ ଡାଇରିଆ ସ୍ଥିତିରେ ସୁଧାର ଆସିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଅଶ୍ୱତି ଏସ.ଙ୍କ ସମୀକ୍ଷାରୁ ଏହା ଜଣାପଡ଼ିଛି। ସମୀକ୍ଷାରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ସୂଚନା ଦେଇଥିଲେ ଯେ ଯାଜପୁର ଜିଲ୍ଲାରେ ଗତ ୧୦ ତାରିଖରେ ଆରମ୍ଭ ହୋଇଥିବା ଡାଇରିଆ ସ୍ଥିତିରେ ସକାରାତ୍ମକ ପରିବର୍ତ୍ତନ ଆସିଛି। ଗତ ୭ ଦିନ ମଧ୍ୟରେ ବିଭିନ୍ନ ଡାକ୍ତରଖାନାରେ ସଂକ୍ରମିତ ଡାଇରିଆ ରୋଗୀଙ୍କ ଆଡମିଶନରେ କ୍ରମାଗତ ହ୍ରାସ ପରିଲକ୍ଷିତ ହୋଇଛି। ଜୁନ୍ ୧୦ରେ ୧୨୬ ଜଣ ଆକ୍ରାନ୍ତ ହୋଇଥିଲେ। ପରଦିନ ଜିଲ୍ଲାର ➪ପୃଷ୍ଠା-୬

**କ୍ଷେତ୍ରସ୍ତରୀୟ ଅଭିଯାନ ଜାରି ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ**

## ଏନ୍‌କାଉଣ୍ଟର୍‌ରେ ମହିଳା ମାଓବାଦୀ ନିହତ

**ମାଲକାନଗିରି,୨୦।୬(ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ କାଙ୍କେର ଜିଲ୍ଲାରେ ଏନକାଉଣ୍ଟର ହୋଇଥିବା ବେଳେ ଏଥିରେ ଜଣେ ମହିଳା ମାଓବାଦୀ ନିହତ ହୋଇଛନ୍ତି। ଏଥିସହ ଘଟଣାସ୍ଥଳରୁ ବିପୁଳ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳରେ ମାଓବାଦୀ ଲୁଚିଥିବା ଅନୁମାନ କରି ସୁରକ୍ଷାକର୍ମୀମାନେ ସର୍ଚ୍ଚ ଅପରେସନ ଜାରି ରଖିଥିବା ଜଣାପଡ଼ିଛି।ଦେଶରୁ ମାଓବାଦୀଙ୍କୁ ନିପାତ କରିବା ସକାଶେ ମାଓଗଡ଼ରେ ଅପରେସନକୁ କ୍ରମାଗତ ଭାବେ ଜୋର୍‌ଦାର କରାଯାଉଛି। ➪ପୃଷ୍ଠା-୬


SIKSHA 'O' ANUSANDHAN

SAAT-2025

Empowering students for a brighter future

HOTEL MANAGEMENT PROGRAMMES
- BHMCT (Bachelor of Hotel Management and Catering Technology)
- MBA (Hospitality Management)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in


# ପ୍ରଚାର ପାଇଁ ପୁରୀମୁହାଁ ବିଭିନ୍ନ ସଂସ୍ଥା

- ଖାଦ୍ୟ ପାନୀୟ ବଣ୍ଟନ ପାଇଁ ପ୍ରତିଯୋଗିତା
- ସେବା ଆଢୁଆଳରେ ବିଜ୍ଞାପନ ଲକ୍ଷ୍ୟ



**ଭୁବନେଶ୍ୱର,୨୦।୬(ସଂଚାର ବ୍ୟୁରୋ):** ରଥଯାତ୍ରା ସମୟରେ ନିଜର ଓ ନିଜ ନିଜ ସଂସ୍ଥାର ପ୍ରଚାର ପ୍ରସାର ପାଇଁ ବିଭିନ୍ନ ସଂସ୍ଥା ଏବେ ପୁରୀମୁହାଁ ହୋଇଛନ୍ତି। ବିଭିନ୍ନ ପ୍ରକାର ସେବା ନାମରେ ଏମାନେ ପ୍ରଚାର ପାଇଁ ଏବେଠାରୁ ଅଣ୍ଟା ଭିଡିଥିବାବେଳେ ଏମାନଙ୍କ ଉପରେ ସତର୍କ ଦୃଷ୍ଟି ରଖିବା ପାଇଁ ମତ ପ୍ରକାଶ ପାଉଛି।

ରଥଯାତ୍ରା ସମୟରେ ସାଧାରଣତଃ ପୁରୀରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେଉଥିବା ବେଳେ ଚଳିତ ବର୍ଷ ସର୍ବାଧିକ ଭକ୍ତ ସାମିଲ ହେବାର ସମ୍ଭାବନା ରହିଛି। ସରକାରୀ ସ୍ତରରେ ଲୋକଙ୍କୁ ପୁରୀ ଆଣିବା ପାଇଁ ଯୋଜନା ହେଉଥିବାରୁ ଏଭଳି ସମ୍ଭାବନା ବୃଦ୍ଧି ପାଇଛି । ତେଣୁ ଏହି ସମୟକୁ ପ୍ରଚାରର ସର୍ବୋତ୍ତମ ବେଳ ବୋଲି ବିଚାରି ବିଭିନ୍ନ ସଂସ୍ଥା ଏବେ ପୁରୀମୁହାଁ ହୋଇଛନ୍ତି। କିଏ ମାଗଣା ଖାଦ୍ୟ ବାଣ୍ଟିବା ପାଇଁ ଅନୁମତି ମାଗୁଛି ତ ଆଉ କିଏ ମାଗଣା ପାଣି ବାଣ୍ଟିବା ଲକ୍ଷ୍ୟରେ ଅଛି। ଏଥିସହିତ ସ୍ୱାସ୍ଥ୍ୟସେବା, ସଫେଇ, ପାଣି ସିଞ୍ଚନ ଆଦି କାର୍ଯ୍ୟ ପାଇଁ ମଧ୍ୟ ଅନେକ ଆଗେଇ ଆସିଲେଣି।

ତେବେ କିଛି ସଂସ୍ଥା ନିଃସ୍ୱାର୍ଥପର ଭାବେ ସେବା କାର୍ଯ୍ୟ କରୁଥିବା ବେଳେ ଆଉ କିଛି ସଂସ୍ଥା ପ୍ରଚାରକୁ ନଜରରେ ରଖି ଏଭଳି କରିଥାନ୍ତି। ପ୍ରଚାର ପାଇଁ କୌଣସିଠାରେ ଡେରା ପକାଇ ନିଜର ବଡ଼ ବଡ଼ ବିଜ୍ଞାପନ ଲଗାଇବା ସହ ତାହା କିଭଳି ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିବ, ତା'ର ବ୍ୟବସ୍ଥା କରୁଛନ୍ତି। ଏଥିରେ ରାଜ୍ୟ ଭିତର ଓ ରାଜ୍ୟ ବାହାରର ଅନେକ ସଂସ୍ଥା ସାମିଲ ରହୁଛନ୍ତି। ଏପରିକି ଏମାନେ ସେବା କାର୍ଯ୍ୟଠାରୁ ଅଧିକ ନିଜର ପ୍ରଚାରପତ୍ର ବାଣ୍ଟିବାରେ ବ୍ୟସ୍ତ ରହୁଛନ୍ତି।

ଉଭୟ ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପ୍ରଶାସନ ପୁରୀରେ ଶୃଙ୍ଖଳିତ ରଥଯାତ୍ରା ଉପରେ ଗୁରୁତ୍ୱ ଦେଉଥିବାରୁ ➪ପୃଷ୍ଠା-୬

# କେନ୍ଦ୍ରାପଡ଼ା ସହରରେ ଡାଇରିଆ ରୋଗୀ

**କେନ୍ଦ୍ରାପଡ଼ା,୨୦।୬ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସହରାଳର ଜଣେ ଡାଇରିଆ ରୋଗୀ ଶୁକ୍ରବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ସୂଚନା ମିଳିଛି । ପୌର ଅନ୍ତର୍ଗତ ଫକିରାବାଦ୍ ଗ୍ରାମର ସେକ ଜୁମାଙ୍କ ପୁଅ ସେକ ସାହିଲ(୨୦) ଡାଇରିଆରେ ପିଡିତ ହୋଇ ଆଜି ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ ଚିକିତ୍ସା ନିମନ୍ତେ ଭର୍ତ୍ତି ହୋଇଛନ୍ତି । ପୂର୍ବରୁ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଚକ୍ରୋଡା ଗ୍ରାମପାୟତ ସମେତ ଡେରାବିଶ ବ୍ଲକର ଏଣ୍ଡର ପଂଚାୟତ ଓ ଅନ୍ୟ ବ୍ଲକ ଗୁଡିକରେ ମଧ ଡାଇରିଆ ରୋଗ ବ୍ୟାପିଥିବା ବେଳେ ଏଥିରେ ପିଡିତ ହୋଇ ୧ ଜଣଙ୍କର ମୃତ୍ୟୁ ମଧ ହୋଇଯାଇଛି । ସହରରେ ପ୍ରଥମ ଡାଇରିଆ ରୋଗୀ ଚିହ୍ନଟ ହୋଇଥିବା ବେଳେ ପ୍ରଶାସନ ପକ୍ଷରୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ସ୍ଥାନୀୟ ଅଧିବାସୀଙ୍କ ପକ୍ଷରୁ ଦାବି କରାଯାଇଛି । ସହରର ବିଭିନ୍ନ ୱାର୍ଡକୁ ପୌର ପରିଷଦ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଟିମ ପଠାଯାଇ ସାନିଟାଇଜ କରାଯିବା ସହ ଲୋକମାନଙ୍କୁ ଏଦିଗରେ ସଚେତନ କରାଯିବାର ଆବଶ୍ୟକତା ରହିଛି ।

# ଘର ପୋଡିଥିବା ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଜିଲ୍ଲା କାର୍ଯ୍ୟାଳୟ ଆଗରେ ଧାରଣା



**କେନ୍ଦ୍ରାପଡ଼ା,୨୦।୬ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ରାଜକନିକା ଥାନା ଅଧିନ ଦୋସଉତୁଣୀ ଗ୍ରାମରେ ନିଆଁ ଲଗାଇ ଘର ପୋଡି ଦେଇଥିବା ଅଭିଯୁକ୍ତ ମାନଙ୍କୁ ଗିରଫ କରାଯାଉ ନଥିବାରୁ ପୀଡିତ ପରିବାର ପକ୍ଷରୁ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିବା ସହ ଧାରଣା ଦିଆଯାଇ ଥିବା ଜଣାପଡିଛି । ଏହି ପରିବାର ରାତିରେ ଘରେ ଶୋଇଥିବା ବେଳେ କେତେକ ଦୁର୍ବୃତ ଘରେ ନିଆଁ ଲଗାଇ ଦେବାରୁ ଘରଟି ସଂପୂର୍ଣ୍ଣ ପୋଡିଯିବା ସହ ପୀଡିତ ପରିବାର ର ବହୁ ସମ୍ପତି ନଷ୍ଟ ହୋଇଥିଲା । ଏନେଇ ରାଜକନିକା ଥାନାରେ ଅଭିଯୋଗ କରାଯାଇ ଥିଲେ ମଧ ପୋଲିସ ନାମକୁ ମାତ୍ର ଏକ ମାମଲା ରୁଜୁକରି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ । ଅପରପକ୍ଷ ରେ ସ୍ଥାନୀୟ ତହସିଲଦାର କୌଣସି ଆର୍ଥିକ ସହାୟତା ପ୍ରଦାନ କରୁନଥିବା ଅଭିଯୋଗ ରେ ପରିବାର ପକ୍ଷରୁ ଆଜି ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆ ଯାଇଥିଲା। ଟାଉନ ପୋଲିସ ଘଟଣା ସ୍ଥଳରେ ପହଁଚି ପୀଡିତ ପରିବାରକୁ ବୁଝାସୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

# ରକ୍ତଜନିତ ଭିନ୍ନକ୍ଷମତା ସମ୍ପର୍କିତ ସ୍ୱତନ୍ତ୍ର ପତ୍ରିକା ଉନ୍ମୋଚନ



**କେନ୍ଦ୍ରାପଡ଼ା,୨୦।୬ (ସଂଚାର ବ୍ୟୁରୋ):** ବିଶ୍ୱ ସିକିଲ୍ ସେଲ୍ ଦିବସ ପାଳନ ଅବସରରେ ପୁନର୍ବାସ ପରିସରରେ ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟଙ୍କ ସଞ୍ଚାଳନରେ ଭିନ୍ନକ୍ଷମତା ସମ୍ପର୍କିତ ଦ୍ୱିମାସିକ ଦ୍ୱିଭାଷିକ ପତ୍ରିକା 'ପୁନର୍ବାସ ସମାଚାରର "ରକ୍ତ ଜନିତ ଭିନ୍ନକ୍ଷମତା" ସମ୍ପର୍କିତ ସ୍ୱତନ୍ତ୍ର ସଂଖ୍ୟା ପାଠକାର୍ପିତ ହୋଇଛି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପ୍ରଶାସନିକ ଅଧିକାରୀ ଦିଲ୍ଲୀପ କୁମାର ନାୟକ ବ୍ଲଡ ବ୍ୟାଙ୍କ୍ର ନିର୍ବାହୀ ଅଧିକାରୀ ଡାକ୍ତର ମାନସ କୁମାର ଜେନା, ଏଏନଏମ୍ ପ୍ରଶିକ୍ଷଣ କେନ୍ଦ୍ରର ଅଧକ୍ଷା ଭାରତୀ ସ୍ୱାଇଁ, ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଶୁଭ ନାରାୟଣ ନାୟକ ପ୍ରମୁଖ ଯୋଗ ଦେଇ ରକ୍ତ ଜନିତ ଭିନ୍ନକ୍ଷମତାର ଗୁରୁତରତା ଓ ସଚେତନତା ସମ୍ପର୍କରେ ଅବଗତ କରାଇଥିଲେ। ଏଥିସହ ୧୯ ଜୁନରେ ପ୍ରତିବର୍ଷ ପାଳନ କରାଯାଉଥିବା ବିଶ୍ୱ ସିକିଲ ସେଲ୍ ଦିବସ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସହ ସଂପାଦକ ବଂଶୀଧର ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଏଥିରେ ପ୍ରଶିକ୍ଷୀକା ଅନିତା ପାତ୍ର, ପ୍ରଣତୀ ଜେନା, ଅନନ୍ତ ପାତ୍ର, ଅନୁଜା ନାୟକ, ସୁଶ୍ରୀ ସଙ୍ଗୀତା ବିଶ୍ୱାଳ, ସ୍ୱରସୁଧା ଦାସ, ନିବେଦିତା ମହାନ୍ତି,ପୂଜା ବେହେରା, ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ଅଣ୍ଡରା, ଅମୃତମଣୋହି ଓ ବଲୁରିଆ ପଞ୍ଚାୟତରେ ବିକାଶ ରଥ ସଚେତନତା କାର୍ଯ୍ୟକ୍ରମ

**ପଟ୍ଟାମୁଣ୍ଡାଇ,୨୦।୬ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଣ୍ଡରା ପଂଚାୟତରେ ରାଜ୍ୟ ବିଜେପି ସରକାରଙ୍କ ଶାସନର ୧ବର୍ଷ ପୂର୍ତ୍ତି ଉପଲକ୍ଷେ ବିକାଶ ରଥ ପରିକ୍ରମା ଓ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ କଳ୍ପନା ଜେନାଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ପଟ୍ଟାମୁଣ୍ଡାଇ ବ୍ଲକ ଅତିରିକ୍ତ ବିଡ଼ିଓ ସନ୍ତୋଷ କୁମାର ମନ୍ତ୍ରୀ, ବ୍ଲକ ସହନିର୍ବାହୀ ଯନ୍ତ୍ରୀ ରୋଜାଲିନ ମହାଲିକ, ସହକାରୀ ଯନ୍ତ୍ରୀ ସ୍ନିଗ୍ଧା ସାହୁ, ପିଇଓ ଅଶୋକ ଜେନା, ପିଏଚଓ ନୃସିଂହ ଦାସ, ଜିପିଓ ରଂଜିତ ପରିଡା ବିଏସଏସ ଓ ସୁଧାଂଶୁ ପ୍ରଧାନ, ଏଏନଏମ ଶୁଭଶ୍ରୀ ସିଂ ଏସବିଏମ ସଂଯୋଜକ ରବୀନ୍ଦ୍ର ରାଉତ, ସିପି ପ୍ରିୟରଞ୍ଜନ ସ୍ୱାଇଁ, ସମାଜସେବୀ ପ୍ରଦୀପ ଜେନା ପ୍ରମୁଖ ବହୁ ସରକାରୀ ଅଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହିତ ରାସନ, ଅନ୍ତୋଦୟ, ଭତ୍ତା, ଆୟୁଷ୍ମାନ କାର୍ଡ ବଣ୍ଟନ କରିଥିଲେ। ସେହିପରି ଅମୃତମଣୋହି ଓ ବଲୁରିଆ ପଂଚାୟତରେ ବିକାଶ ରଥ ପରିକ୍ରମା ଓ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି ।



**ଖବର ପ୍ରସାରଣକୁ ୨୪ ଘଣ୍ଟା ନ ପୁରୁଣୁ ସରିଲା ପ୍ରଶାନ୍ତଙ୍କ ପ୍ରତୀକ୍ଷା**

# ପରୀକ୍ଷା କରି ପ୍ରମାଣପତ୍ର ପ୍ରଦାନ କଲା ପ୍ରଶାସନ

**ମହାକାଳପଡ଼ା,୨୦।୬ (ସଂଚାର ବ୍ୟୁରୋ):** ସଂଚାରରେ ଖବର ପ୍ରକାଶ ପାଇବାର ୨୪ ଘଣ୍ଟା ପୁରିଲାନି ଜଣେ ଦିବ୍ୟାଙ୍ଗ ଯୁବକଙ୍କ ପରୀକ୍ଷା କରାଇ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିଛି ଜିଲ୍ଲା ପ୍ରଶାସନ। ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଯେଉଁ ଲମ୍ବା ପ୍ରତୀକ୍ଷା ରହିଥିଲା ତାହା ତ୍ୱରିତ ସମାଧାନ ହୋଇଛି।

ମହାକାଳପଡ଼ା ବ୍ଲକ୍ ବଳିପାଳ ପଞ୍ଚାୟତ ଅନ୍ତର୍ଗତ ଘଣ୍ଟିଆପଲ୍ଲୀ ଗ୍ରାମର ସିନ୍ଧୁ ବେହେରାଙ୍କ ପୁଅ ପ୍ରଶାନ୍ତ ବେହେରା ବାହାର ରାଜ୍ୟକୁ କାମ ପାଇଁ ଯାଇଥିଲେ। ତିନି ମହଲା ଉପରେ ଚଢ଼ି କାମ କରିବା ସମୟରେ ବିଦ୍ୟୁତ ସଂସ୍ପର୍ଶରେ ଆସିବାରୁ ସେ ତଳକୁ ଛିଟିକି ପଡ଼ିଯାଇଥିଲେ ଓ ତାଙ୍କ ଶରୀରର ବିଭିନ୍ନ ଅଂଶ ପୋଡି ଯାଇଥିଲା। ଚିକିତ୍ସା ସମୟରେ ତାଙ୍କୁ ଗୋଟିଏ ଗୋଡ଼ ହରାଇବାକୁ ପଡ଼ିଥିଲା। ଗୋଟିଏ ଗୋଡ଼ ହରାଇ ଶଯ୍ୟାଶାୟୀ ଭାବରେ ପଡ଼ି ରହିଥିଲେ। ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଁ ପ୍ରଶାନ୍ତ ଅନଲାଇନ୍ ଜରିଆରେ ଆବେଦନ କରିଥିଲେ। ଘରେ ପରୀକ୍ଷା କରାଇ ପ୍ରମାଣପତ୍ର ପ୍ରଦାନ କରିବାକୁ ଜିଲ୍ଲାପାଳଙ୍କ ସହଯୋଗ ଲୋଡିଥିଲେ ପ୍ରଶାନ୍ତ ଓ ତାଙ୍କ ପରିବାର। ଏନେଇ ଆମ ପ୍ରତିନିଧି ପ୍ରଭାତ ରଞ୍ଜନ ଜେନାଙ୍କୁ ଦୁଃଖ ଜଣାଇବା ପରେ ଦୈନିକ ଖବରକାଗଜ ସଂଚାରରେ ଖବର ପ୍ରକାଶ ପାଇଥିଲା।

ମହାକାଳପଡ଼ା ଯୁଥ୍ ଗ୍ରୁପ୍ ସଦସ୍ୟମାନେ ସାମାଜିକ ଗଣମାଧମରେ ପ୍ରବଳ ହଟଚମଟ କରାଇଥିଲେ। ଉତ୍କଳମଣି ଯୁବକ ସଂଘର ସଭାପତି ଗୌତମ ବେହେରା ଏନେଇ ବିଭାଗୀୟ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଯେଉଁଥିପାଇଁ ପ୍ରଶାସନିକ ତତ୍ପରତା ଦେଖିବାକୁ ମିଳିଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତରଫରୁ ପ୍ରଶାନ୍ତଙ୍କୁ ଫୋନ୍ ଯୋଗେ ଡକାଯାଇଥିଲା। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ ପରିଡ଼ା ମଧ ପ୍ରଶାନ୍ତଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ ପାଇଁ ନିଜେ ପହଞ୍ଚିଥିଲେ। ଆଜି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ପ୍ରଶାନ୍ତଙ୍କର ପରୀକ୍ଷା କରାଯାଇ ତାଙ୍କୁ ୮୫% ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଯାହା ଲମ୍ବା ସମୟର ପ୍ରତୀକ୍ଷା ଥିଲା ତାହା ୨୪ ଘଣ୍ଟା ମଧରେ ମିଳି ପାରି ଥିବାରୁ ସଂଚାର ଖବରକାଗଜ, ମହାକାଳପଡ଼ା ଯୁଥ୍ ଗ୍ରୁପ୍ ଓ ପ୍ରଶାସନିକ ଅଧିକାରୀମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ପ୍ରଶାନ୍ତ।

ସଂଚାର ପ୍ରଭାବ

# ତୁଳସୀ ମେଧା ସମ୍ମାନ-୨୦୨୫



**ପଟ୍ଟାମୁଣ୍ଡାଇ,୨୦।୬ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ବିଶିଷ୍ଟ ସମାଜସେବିକା ଦିବଂଗତା ତୁଳସୀ ବିଶ୍ୱାଳଙ୍କ ସ୍ମୃତିରେ ଆଜି ତରଡିପାଳ ହାଇସ୍କୁଲ୍ ପଡିଆରେ ତୁଳସୀ ମେଧା ସମ୍ମାନ-୨୦୨୫ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ମାଟ୍ରିକ ଏବଂ +୨ ପରୀକ୍ଷାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାବିତ ରାଜକୁମାର ବିଶ୍ୱାଳଙ୍କ ପୌରହିତ୍ୟ ଓ ଯୁବସମାଜ ସେବୀ ଅଧାପକ ଫିରୋଜ୍ କୁମାର ବିଶ୍ୱାଳଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ କୁମାର ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ତୁଳସୀ ମେଧା ସମ୍ମାନରେ ସମ୍ମାନିତ କରାଯିବା ଦ୍ୱାରା ସେମାନେ ଆଗକୁ ବଢ଼ିବା ପାଇଁ ପ୍ରୋତ୍ସାହନ ପାଇବେ ଓ ଏକ ସୁନ୍ଦର ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ । ମୁଖ୍ୟ ବକ୍ତା ପ୍ରାକ୍ତନ ପ୍ରଧାନଶିକ୍ଷକ କବି ସଚିତ୍ର ବେହୁରା ମୁଖ୍ୟବକ୍ତା ଅଳପୁଆ ହାଇସ୍କୁଲ ଶିକ୍ଷୟିତ୍ରୀ ସୁକାନ୍ତି ଶର୍ମା, ପ୍ରାକ୍ତନ ଶିକ୍ଷକ ସୁଶୀଲ ବିଶ୍ୱାଳ, ସମାଜସେବୀ ହିମାଂଶୁ ଶେଖର ବିଶ୍ୱାଳ, ବଳଭଦ୍ରପୁର ପଂଚାୟତ ସରପଞ୍ଚ ପ୍ରିୟବ୍ରତ ଓଝା, ଶାସନ ପଞ୍ଚାୟତ ସରପଞ୍ଚ ସଂଗ୍ରାମ କେଶରୀ ବାରିକ୍ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

**ରାସ୍ତା ପାଇଁ ଶୁଣିଲାନି ପ୍ରଶାସନ କି ନଜର ଦେଲେନି ଲୋକପ୍ରତିନିଧି**

# ନିଜ ଖର୍ଚ୍ଚରେ ରାସ୍ତା ନିର୍ମାଣ କଲେ ଲୋକେ



**ମହାକାଳପଡ଼ା,୨୦।୬ (ସଂଚାର ବ୍ୟୁରୋ):** ରାସ୍ତାଟିଏ ପାଇଁ ସବୁ ସ୍ଥାନକୁ ଦୌଡି ଦୌଡି ନିରାଶ ହେବା ପରେ ଶେଷରେ ଗାଁ ଲୋକେ ନିଜେ ନିଜ ଉଦ୍ୟମରେ ରାସ୍ତା ନିର୍ମାଣ କରିଛନ୍ତି । ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଜୟଚନ୍ଦ୍ରପୁର ଗ୍ରାମ ପଞ୍ଚାୟତର ନଅ ନମ୍ବର ୱାର୍ଡରେ ଥିବା କୈବର୍ତ୍ତ ସାହିରେ ପ୍ରାୟ ୧୫ଟି ପରିବାର ବସବାସ କରନ୍ତି । ଏହି ସାହିକୁ ଯିବାକୁ ହେଲେ ଗ୍ରାମର ମୁଖ୍ୟ ରାସ୍ତା ଠାରୁ ଯାଇଥିବା ମାଟି ରାସ୍ତା ହିଁ ଏକମାତ୍ର ଭରଷା । ବର୍ଷା ଦିନେ ରାସ୍ତା କାଦୁଅ ହୋଇଯିବାରୁ ଯାତାୟାତ ପାଇଁ ନାନା ସମସ୍ୟା ସୃଷ୍ଟି ହୋଇଥାଏ। କେବଳ ତାହା ନୁହେଁ ସାହିର କୁନି କୁନି ପିଲାମାନେ ଅଙ୍ଗନବାଡି ଓ ସ୍କୁଲକୁ ଯିବା ପାଇଁ ମଧ କାଦୁଅରେ ପଶିକି ଯିବାକୁ ପଡେ। ଦିନ ପରେ ଦିନ ବିତିଯାଇଥିଲେ ମଧ ଏହି ମାଟି ରାସ୍ତାଟିକୁ କଂକ୍ରିଟ କରିବା ପାଇଁ ପ୍ରଶାସନ କିମ୍ବା କୌଣସି ରାଜନେତା କର୍ଣ୍ଣପାତ କରୁନାହାନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତି । ତେବେ ସମସ୍ତଙ୍କୁ ଗୁହାରି କରି କରି କାହାରି ଠାରୁ କୌଣସି ସହାୟତା ନ ପାଇବା ପରେ ଏହି ସାହିର ଅଧିବାସୀମାନେ ଶେଷରେ ଏହି ରାସ୍ତାଟିକୁ ସୁଧାରି ବାକୁ ଅଣ୍ଟା ଭିଡିଛନ୍ତି। ସାହିର ପରିବାର ଗୁଡିକ ନିଜ ପକେଟରୁ ଟଙ୍କା ଖର୍ଚ୍ଚ କରିବା ସହିତ ଶ୍ରମ ଦାନକରି ବାଲି ପକାଇ ରାସ୍ତା ନିର୍ମାଣ କରିଛନ୍ତି । ଉଭୟ ପୁରୁଷ ଓ ମହିଳା ହାତରେ କୋଦାଳ କୋଡ଼ି ଧରି ନିଜ ପାଇଁ ରାସ୍ତା ମରାମତି କରିଛନ୍ତି।



# ବାଳିକା ବିଦ୍ୟାଳୟର ଛାତ୍ରୀଙ୍କୁ ଡାଇରିଆ ନେଇ ସଚେତନତା

**କେନ୍ଦ୍ରାପଡ଼ା,୨୦।୬ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ର ଛାତ୍ରୀଙ୍କୁ ଡାଇରିଆ ସଂପର୍କରେ ସଚେତନତା କରାଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ପରିଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ବୀରବର ସେନାପତି, ଶ୍ରୀବାସ ତ୍ରିପାଠୀ, ଶ୍ରୀନିବାସ ମିଶ୍ର, ପ୍ରିୟମ୍ବଦା ନାୟକ, ସସ୍ମିତା ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଛାତ୍ରୀ ମାନଙ୍କୁ ସଚେତନ କରେଇବା ସହ ବାହାରେ ଖୋଲାରେ ବିକ୍ରି ହେଉଥିବା ଗୁପଚୁପ, ଚାଟ୍, ତେଲଭାଜି ପ୍ରଭୃତି କୌଣସି ଖାଦ୍ୟ ନଖାଇବା କିମ୍ବା କୌଣସି ହୋଟେଲ ଓ ଜଳଖିଆ ଦୋକାନରୁ ପାଣି ନପିଇବା, ଅସୁସ୍ଥ ଥିଲେ ଘରୁ ପାଣି ଆଣି ପିଇବା ଓ ଖାଇବା ପୂର୍ବରୁ ଓ ଶୌଚ ହେବାପରେ ହାତକୁ ଭଲ ଭାବରେ ସାବୁନ ରେ ଧୋଇବା ସହ ଅସୁସ୍ଥ ଅନୁଭବ କଲେ ତୁରନ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଜଣାଇବା ସଂପର୍କରେ ସଚେତନ କରାଇଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ସ୍କୁଲର ଶିକ୍ଷୟିତ୍ରୀ ଓ ସମସ୍ତ ଛାତ୍ରୀ ଉପସ୍ଥିତ ଥିଲେ ।

# ନଦୀବନ୍ଧ ପଥର ପ୍ୟାକିଂରେ ଅନିୟମିତତା ଅଭିଯୋଗ

**ଆବଶ୍ୟକତାଠୁ କମ୍ ପଥରରେ ହେଉଛି ନିର୍ମାଣ କାର୍ଯ୍ୟ**



**କେନ୍ଦ୍ରାପଡ଼ା,୨୦।୬ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଗରଦପୁର ବ୍ଲକ ଅନ୍ତର୍ଗତ ପଳସୁଧା ଗ୍ରାମ ପଞ୍ଚାୟତ ପଳସୁଧା ଗ୍ରାମର ଅଧିବାସୀଙ୍କ ସୁରକ୍ଷା ନିମନ୍ତେ ପାଇକା ନଦୀ ବନ୍ଧର ତଟସୁରକ୍ଷା ବନ୍ଧ ନିର୍ମାଣରେ ବ୍ୟପାକ ଦୁର୍ନୀତ ହେଉଥିବା ଦେଖିବାକୁ ମିଳୁଛି । ପ୍ରତ୍ୟକ ବର୍ଷ ମହାନଦୀରେ ବନ୍ୟା ଆସି ପାଇକା ନଦୀକୂଳ ଖାଇବା ସହ ନଦୀବନ୍ଧ ଉଭୟ ପାର୍ଶ୍ୱରେ ଥିବା ଗ୍ରାମର ଅଧିବାସୀମାନଙ୍କ ବାସଗୃହ ଓ ଧନଜୀବନ ପ୍ରତି ଭୟ ଓ ବିପଦ ଆଶଙ୍କାକୁ ଲକ୍ଷ୍ୟ କରି ସ୍ଥାୟୀ ସମାଧାନ ପାଇଁ ଦୀର୍ଘଦିନଧରି ଅଧିବାସୀମାନେ ସ୍ଥାନୀୟ ପ୍ରଶାସନକୁ ଦାବିକରି ଆସୁଥିଲେ। ଯାହାକୁ ଜଳସେଚନ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସୁପାରିଶ ଅନୁଯାୟୀ ରାଜ୍ୟ ସରକାର ଲକ୍ଷ ଲକ୍ଷ ଟଙ୍କାର ବ୍ୟୟ ବରାଦର ଆର୍ଥିକରାଶି ପ୍ରଦାନ କରିଥିଲେ ନଦୀବନ୍ଧକୁ ପଥର ଡସିଂ ନିମନ୍ତେ। କିନ୍ତୁ ଉକ୍ତ ଅର୍ଥର ସଦୁପଯୋଗ ପରିବର୍ତ୍ତେ ଠିକାଦାର ନିଜର ମୁନାଫାଖୋର ମନୋବୃତ୍ତିରେ ନଦୀବନ୍ଧ ଡଷ୍ଟିଂ ନିର୍ମାଣ ଓ ପଥର ସୋଲିଂ କରୁଛି। କେତେ ଅର୍ଥ ଉକ୍ତ କାର୍ଯ୍ୟରେ ବିନିଯୋଗ ହେଉଛି ତାହାର କୌଣସି କାର୍ଯ୍ୟ ଫଳକ କିମ୍ବା ସ୍ଥାନୀୟ ଲୋକେ ସୂଚନା ମଧ ପାଇପାରୁନାହାନ୍ତି କିମ୍ବା ଯନ୍ତ୍ରୀକୁ ପଚାରିଲେ କୌଣସି ସୂଚନା ଦେଉନଥିବା ଅଭିଯୋଗ ହେଉଛି । ନିମ୍ନମାନର କାର୍ଯ୍ୟଯୋଗୁ ଏହାର ସ୍ଥାୟୀତ୍ୱକୁ ନେଇ ସାଧାରଣରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସବୁଠୁ ବଡ କଥା ହେଲା ମାଟି ଉପରେ ଛୋଟ ଛୋଟ ପଥର ଖଞ୍ଜାଯିବା ସହ କଳା ପଥର ବଦଳରେ ଚିଲଆଖିଆ ପଥରକୁ ର'ଠ ସାଇଜକରି ଡସିଂ ନିର୍ମାଣ ହେଉଅଛି। ସୁରକ୍ଷା ବନ୍ଧ ଯେତିକି ଡଟିଂ କରିବା କଥା ତାହା କରାଯାଇନାହିଁ। ଆଗକୁ ଆସୁଥିବା ବନ୍ୟା ଜଳରେ କୋଟି କୋଟି ଟଙ୍କା ପାଣିରେ ପଡ଼ିବା ସହ ପଥର ପ୍ୟାକିଂ ନଦୀ ଗର୍ଭକୁ ଚାଲିଯିବ ବୋଲି ସାଧାରଣ ଲୋକ ଆଶଙ୍କା ପ୍ରକାଶ କରୁଛନ୍ତି। ଏ ନେଇ ବାରମ୍ବାର ଠିକାଦାରଙ୍କ ବିରୁଦ୍ଧରେ ଅଭିଯୋଗ ହେଉଥିଲେ ମଧ ଠିକାଦାର କିଛି ଅସାଧୁ ପ୍ରଶାସନିକ ଅଧିକାରୀ ଓ ସ୍ଥାନୀୟ କୁଜି ନେତାଙ୍କୁ ଧରି ମୋଟା ଅଙ୍କର ଅର୍ଥ ଦେଇ ଏ ଭଳି ନିମ୍ନମାନର କାର୍ଯ୍ୟ କରିଥିବା ଅଭିଯୋଗ କରିବା ସହିତ ସମାଜସେବୀ ପ୍ରକାଶ ବେହେରା ଏହାର ଯଦି ଉଚ୍ଚସ୍ତରୀୟ ତଦନ୍ତ ନକରାଯାଏ ତେବେ ମାନ୍ୟବର ଉଚ୍ଚନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା କରିବା ନେଇ ମତବ୍ୟକ୍ତ ପ୍ରକାଶ କରିଥିବା ବେଳେ ଏନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିଥିଲେ ମଧ କୌଣସି ଉତ୍ତର ମିଳିପାରିନାହିଁ ।

# ହୋଟେଲ ଉପରେ ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ ଚଢ଼ାଉ



**କେନ୍ଦ୍ରାପଡ଼ା,୨୦।୬ (ସଂଚାର ବ୍ୟୁରୋ):** ଜିଲ୍ଲାର ବିଭିନ୍ନ ସ୍ଥାନରେ ଡାଇରିଆ ବ୍ୟାପୁଥିବା ବେଳେ ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରତିଷେଧକମୂଳକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ସେହି ଅନୁଯାୟୀ କେନ୍ଦ୍ରାପଡା ସହର ଓ ଉପକଣ୍ଠରେ ଥିବା ବିଭିନ୍ନ ହୋଟେଲ ଗୁଡିକ ଉପରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗଠିତ ଏକ ସ୍ୱତନ୍ତ୍ର ଟିମ ଚଢ଼ାଉ କରିବା ସହ ଖାଦ୍ୟପଦାର୍ଥକୁ ଯାଞ୍ଚ କରିଥିଲା। ଏଥିସହିତ ହୋଟେଲ ଗୁଡିକରେ ଥିବା ବାସୀଖାଦ୍ୟ ଗୁଡିକୁ ନଷ୍ଟ କରାଯାଇଛି। ଏହାସହ ଆବଶ୍ୟକ ସ୍ଥଳେ ଖାଦ୍ୟ ଓ ପିଇବା ପାଣିର ନମୂନାକୁ ରାଜ୍ୟ ପରୀକ୍ଷାଗାରକୁ ପରୀକ୍ଷା ନିମନ୍ତେ ପଠାଯାଇଥିବା ସୂଚନା ମିଳିଛି। ଜିଲ୍ଲା ମୁଖ୍ୟଚିକିତ୍ସାଳୟର ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନୃପେନ ଶତପଥୀଙ୍କ ନେତୃତ୍ୱରେ ଗଠିତ ସ୍ୱତନ୍ତ୍ର ଟିମ ଏହି ଚଢ଼ାଉ କରିଥିଲା।



# ଶିକ୍ଷା ବିଭାଗର ଅପାରଗତା, ରାସ୍ତାରେ ବସିଲେ ଛାତ୍ରଛାତ୍ରୀ

**ନିଶ୍ଚିନ୍ତକୋଇଲି,୨୦।୬ (ସଂଚାର ବ୍ୟୁରୋ):** ଗ୍ରୀଷ୍ମ ଛୁଟି ପରେ ବିଦ୍ୟାଳୟ ଗୁଡ଼ିକ ଖୋଲିବା ପୂର୍ବରୁ ବିଦ୍ୟାଳୟ ଗୃହ ଗୁଡ଼ିକର ସ୍ଥିତି ଅନୁଧାନ କରିବା ଦାୟିତ୍ୱ ଜିଲ୍ଲା ଶିକ୍ଷା ବିଭାଗ ଠାରୁ ଆରମ୍ଭ କରି ମଣ୍ଡଳସ୍ତରୀର ଶିକ୍ଷା ଅଧିକାରି ମାନେ ଗ୍ରହଣ କରିବା କଥା କିନ୍ତୁ ଦୁଃଖ ବିଡମ୍ବନାର ବିଷୟ ନିଶ୍ଚିନ୍ତକୋଇଲି ବିଇଓ ମହାଶୟା ଯୋଗଦାନ କରିବା ଦିନ ଠାରୁ କୌଣସି ବିଦ୍ୟାଳୟ ପରିଦର୍ଶକ ନକରି ନିଜ କାର୍ଯ୍ୟଳୟରେ ଜୈନିକ ଡାଟା ଏଣ୍ଟ୍ରି ଅପରେଟର ଦ୍ୱାରା ଉଠବସ୍ ହେଉଥିବା କଥା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଅନ୍ୟପଟେ ଆଜି ବିଦ୍ୟାଳୟ ଖୋଲିବାର ପ୍ରଥମ ଦିନରେ ହିଁ ନିଶ୍ଚିନ୍ତକୋଇଲି ଶିକ୍ଷା ବିଭାଗର ପ୍ରକୃତ ପାରିବା ପଣିଆ ହାଟରେ ପଡ଼ି ଦାଣ୍ଡରେ ଗଡ ଗଡଉଛି। ନିଶ୍ଚିନ୍ତକୋଇଲି ଶିକ୍ଷା ମଣ୍ଡଳ ଅଧିକାରୀଙ୍କ ଅଧୀନସ୍ଥ ବନ୍ଧୁପୁର ପଂଚାୟତ ସ୍ଥିତ ଚିନ୍ତାମଣି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି ଅଭାବନୀୟ ଘଟଣା। ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିପଦପୂର୍ଣ୍ଣ ଶ୍ରେଣୀଗୃହ ପ୍ରତି ଶିକ୍ଷା ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ନନେବାରୁ ନିଜର ଦାବି ଜାହିର କରି ବିପଦପୂର୍ଣ ଗୃହରେ ନବସି ରାସ୍ତାରେ ବସିଲେ ଛାତ୍ରଛାତ୍ରୀ। ବିଦ୍ୟାଳୟର ଶ୍ରେଣୀ ଗୃହର ଛାତରୁ ରଡ୍ ଦେଖାଯିବା ସହ ଖଣ୍ଡ ଖଣ୍ଡ ହୋଇ ଛାତରୁ ସିମେଣ୍ଟ ଖଣ୍ଡ ପଡୁଥିବାରୁ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି ଛାତ୍ରଛାତ୍ରୀ। ଏଠାରେ ଶିଶୁ ବାଟିକା ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ାଯାଏ। ଏହି ବିଦ୍ୟାଳୟରେ ପାଖାପାଖି ୪୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପାଠ ପଢ଼ୁଛନ୍ତି। ତେଣୁ ତୁରନ୍ତ ସରକାର ଏହି ବିଦ୍ୟାଳୟରେ ଥିବା ଶ୍ରେଣୀ ଗୃହର ପୁନଃରଉଦ୍ଧାର କରିବା ପାଇଁ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଦାବି କରିଥିବା ବେଳେ ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷା ବିଭାଗ ବିଦ୍ୟାଳୟ ଗୃହର ରକ୍ଷାଣ ବ୍ୟାକ୍ଷଣ ଦାୟିତ୍ୱକୁ ସୁଚାରୁ ରୁପେ ଗ୍ରହଣ କଲା ନାହିଁ। ଏହାକୁ ନେଇ ଏବେ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ଏଭଳି ଏକ ଅପାରଗ ଦାୟିତ୍ୱହିନ ବିଇଓକୁ ତୁରନ୍ତ ଏଠାରୁ ବଦଳି କରିବା ପାଇଁ ସାଧାରଣରେ ଦାବି ଜୋର୍ ଧରିଛି। ନଚେତ୍ ଆଗାମୀ ଦିନରେ ନିଶ୍ଚିନ୍ତକୋଇଲି ଶିକ୍ଷା ବିଭାଗର ଶିକ୍ଷା ବ୍ୟବସ୍ଥା ଏକ ପ୍ରକାରର ଭୁଶୁଡ଼ି ପଡ଼ିବା ଥୟ ବୋଲି ସାଧାରଣରେ କୁହାଯାଉଛି।

**ବିଦ୍ୟୁତ ସମସ୍ୟାର ହେବ ସମାଧାନ**

# ପହଞ୍ଚିଲା ଭୂତଳ ବିଦ୍ୟୁତ ସେବା କେବୁଲ୍

**ଘନ ଘନ ବିଦ୍ୟୁତ ବିଭ୍ରାଟ ପ୍ରତିବାଦରେ ଉପଭୋକ୍ତାମାନେ କାର୍ଯ୍ୟାଳୟ ଘେରାଉ କରିଥିଲେ**



**ମାର୍ଶାଘାଇ,୨୦।୬ (ସଂଚାର ବ୍ୟୁରୋ):** ମାର୍ଶାଘାଇରୁ ଭୂତଳ କେବୁଲ ଦ୍ୱାରା ବିଦ୍ୟୁତ ସେବା ଯୋଗାଣ ପାଇଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ମଙ୍ଗଳବାର ରାତିରୁ ବଡ଼ ବଡ଼ ଟ୍ରଲର ଗାଡି ଯୋଗେ କେବୁଲ ବଣ୍ଡଲଗୁଡିକ ଆସି ମାର୍ଶାଘାଇ ବିଦ୍ୟୁତ କାର୍ଯ୍ୟାଳୟର ଷ୍ଟୋର ଏବଂ କେବୁଲ ବିଛାଯିବା ଅଂଚଳରେ ପହଂଚିଛି । ମାର୍ଶାଘାଇ ତୁଳସୀପୁର ଗ୍ରୀଡ଼ ଠାରୁ ଅଙ୍ଗୁଳାଇ ଦେଇ ଥାଉରୀ ପର୍ଯ୍ୟନ୍ତ ପ୍ରାୟ ୫ କିଲୋମିଟର ରାସ୍ତା ପାର୍ଶ୍ୱରେ ଏହି ଭୂତଳ କେବୁଲ ସେବା ବ୍ୟବସ୍ଥା ଆରମ୍ଭ କରାଯିବ ବୋଲି ମାର୍ଶାଘାଇ ବିଦ୍ୟୁତ ଡିଭିଜନ ନିର୍ବାହୀ ଯନ୍ତ୍ରୀ ବସନ୍ତ କୁମାର ଦାଶ କହିଛନ୍ତି ।

ସୂଚନା ଥାଉକି, କିଛି ଦିନ ହେବ ଘନ ଘନ ବିଦ୍ୟୁତ ବିଭ୍ରାଟରେ ଅତିଷ୍ଠ ହୋଇ ମାର୍ଶାଘାଇ ଅଂଚଳର ବିଦ୍ୟୁତ ଉପଭୋକ୍ତାମାନଙ୍କ ମଧରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ଶତାଧିକ ବିଦ୍ୟୁତ ଉପଭୋକ୍ତା ସୋମବାର ମାର୍ଶାଘାଇ ବିଦ୍ୟୁତ ଡିଭିଜନ(ଟାଟାପାୱାର) କାର୍ଯ୍ୟାଳୟରେ ପ୍ରତିବାଦ କରିବା ସହିତ ନିର୍ବାହୀ ଯନ୍ତ୍ରୀ (ମ୍ୟାନେଜର)ଙ୍କୁ ଘେରାଉ କରିଥିଲେ। ୧୯୭୧ ମସିହାରେ ମାର୍ଶାଘାଇ ଏବଂ ମହାକାଳପଡ଼ା ଅଂଚଳରେ ଟଣା ହୋଇଥିବା ୩୩ କେଭି ଲାଇନର ତାର ଦୁର୍ବଳ ହୋଇଯାଇଥିବାରୁ ଅନେକ ସ୍ଥାନରେ ଫଲ୍ଟ ଦେଖାଦେଉଛି । କେତେକ ସ୍ଥାନରେ ଶଙ୍ଖ ଫାଟି ଯିବାରୁ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଣରେ ବାଧା ଉପୁଜୁଛି ବୋଲି ନିର୍ବାହୀ ଯନ୍ତ୍ରୀ ବସନ୍ତ କୁମାର ଦାଶ ଉପସ୍ଥିତ ଉପଭୋକ୍ତାମାନଙ୍କୁ ବୁଝାଇବା ସହିତ ବିଦ୍ୟୁତ ସେବାରେ ସୁଧାର ଆଣିବା ପାଇଁ ଚେଷ୍ଟା ଜାରି ରହିଛି ବୋଲି ଆଲୋଚନା ସମୟରେ କହିଥିଲେ । ପନ୍ଦର ଦିନ ଭିତରେ ବିଦ୍ୟୁତ ସେବାରେ ସୁଧାର ଆସିବ ବୋଲି ପ୍ରତିଶୃତି ଦେଇଥିଲେ । ଭୂତଳ କେବୁଲ ଦ୍ୱାରା ବିଦ୍ୟୁତ ସେବା ବ୍ୟବସ୍ଥା କରାଯିବା ସହିତ ଫଲ୍ଟ ଦେଖା ଦେଉଥିବା ପୁରୁଣା ବିଦ୍ୟୁତ ତାର, ଶଙ୍ଖ ଏବଂ ସରଞ୍ଜାମକୁ ପରିବର୍ତ୍ତନ କରିବା ପାଇଁ କାର୍ଯ୍ୟକ୍ରମ ଜାରି ରହିଛି ବୋଲି ସୂଚନା ଦେଇଛନ୍ତି ।

# ଲାୟନ୍ସ କ୍ଲବ ଭୁବନେଶ୍ୱରର ଅଧିଷ୍ଠାନ ଦିବସ




**ଭୁବନେଶ୍ୱର,୨୦।୬(ସଂଚାର ବ୍ୟୁରୋ):** ଅଗ୍ରଣୀ ସେବା ସଂସ୍ଥା ଲାୟନ୍ସ କ୍ଲବ ଭୁବନେଶ୍ୱର ଓଡ଼ିଶାର ଅଧିଷ୍ଠାନ ଦିବସ ସ୍ଥାନୀୟ ହୋଟେଲ ଏମ୍ପାୟର୍‌ଠାରେ ଅନୁଷ୍ଠିତ ହୋଇଛି। ଲାୟନ୍ସ ଜିଲ୍ଲାର ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ଲାୟନ ଦୀପକ ଭଟ୍ଟାଚାର୍ଯ୍ୟ (ଏମଜେଏଫ) ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲାୟନ ପ୍ରଶାନ୍ତ କୁମାର ପରିଡ଼ା, ସଭାପତି, ଲାୟନ ଏସ. କାହ୍ନୁରଞ୍ଜନ ପୃଷ୍ଟି, କୋଷାଧ୍ୟକ୍ଷ ଲାୟନ ସତ୍ୟରଞ୍ଜନ ଚାନ୍ଦ ଓ ଅନ୍ୟ କାର୍ଯ୍ୟକର୍ତ୍ତାମାନଙ୍କୁ ୨୦୨୫-୨୬ ବର୍ଷ ପାଇଁ ପଦ ଓ କାର୍ଯ୍ୟକାରିତାର ଶପଥ ପାଠ କରାଇଥିଲେ। ଉତ୍ସବରେ ଆଞ୍ଚଳିକ ଅଧ୍ୟକ୍ଷ ଲାୟନ ଅଶୋକ ଅଗ୍ରୱାଲ, କ୍ଷେତ୍ରୀୟ ସଞ୍ଚାଳକ ଲାୟନ ତପନ ହରିଚନ୍ଦନ ଓ ବହୁ ସଦସ୍ୟ ଉପସ୍ଥିତ ଥିଲେ। ଲାୟନ ଭଟ୍ଟାଚାର୍ଯ୍ୟ ଜଣେ ଉଚ୍ଚ ଖ୍ୟାତିସମ୍ପନ୍ନ ବକ୍ତା ଓ ସମାଜସେବୀ ଭାବେ ବେଶ ଜଣାଶୁଣା। ସେ ଉପସ୍ଥିତ ଲାୟନ ସଦସ୍ୟଙ୍କୁ ଲାୟନ୍ସବାଦର ଗୁଢ଼ତତ୍ତ୍ୱମାନ ଉପସ୍ଥାପନ କରିଥିଲେ। ତାଙ୍କର ଏହି ବକ୍ତବ୍ୟ ଲାୟନ୍ସଙ୍କ ସେବାଗୁଣକୁ ଆହୁରି ତ୍ୱରାନ୍ୱିତ କରିଥିଲା। ସଭାପତି ଲାୟନ ଡକ୍ଟର ବିପିନ ବିହାରୀ ମିଶ୍ର, ସମ୍ପାଦକ ଲାୟନ ଇଂ (ଡକ୍ଟର) ଅଶ୍ୱିନୀ ସେନାପତି (ଏମଜେଏଫ), କୋଷାଧ୍ୟକ୍ଷ ଲାୟନ ବିପିନ ବିଶ୍ୱାଳ ନୂତନ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ଅର୍ପଣ କରି ସେମାନଙ୍କ ଆଗାମୀ ଦିନର କାର୍ଯ୍ୟକ୍ରମଗୁଡ଼ିକ ସୂଚାରୁ ରୂପେ ସମ୍ପାଦିତ ହେବା ନେଇ ଆଶା ବ୍ୟକ୍ତ କରିଥିଲେ। ଲାୟନ୍ସ କ୍ଲବ ଭୁବନେଶ୍ୱର ଓଡିଶାର ଏକ ସ୍ଥାୟୀ ପ୍ରକଳ୍ପ ଭାବେ ଲାୟନ୍ସ ଚକ୍ଷୁ ଚିକିତ୍ସାଳୟର ଉତ୍ତରୋତ୍ତର ଉନ୍ନତି ନିମନ୍ତେ ସମସ୍ତେ ଚେଷ୍ଟା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଚକ୍ଷୁ ଚକିତ୍ସାଳୟର ସର୍ଜନମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାପତି ଲାୟନ ମିଶ୍ର ୨୦୨୪-୨୫ ବର୍ଷ ପାଇଁ ବିଶିଷ୍ଟ ସେବା କାର୍ଯ୍ୟ ପାଇଁ ଲାୟନ୍ସ ବନ୍ଧୁମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଲାୟନ ତପନ ହରିଚନ୍ଦନ ଏବଂ ଲାୟନ ନିବେଦିତା ମହାପାତ୍ର ସଭା ପରିଚାଳନା କରିଥିବା ବେଳେ କାହ୍ନୁରଞ୍ଜନ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

### ଡଙ୍ଗାରୀ ଶ୍ରମିକଙ୍କୁ କ୍ଷତିପୂରଣ ମାମଲା

# ଲିଜ୍‌ଧାରୀଙ୍କୁ କଠୋର ଦଣ୍ଡ ପାଇଁ ଦାବି

ଯାଜପୁର,୨୦।୬(ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା ଧର୍ମଶାଳା ତହସିଲ ଅଧୀନ ଡଙ୍ଗାରୀରେ ହଜାର ହଜାର ଟ୍ରିପ କଳାପଥର ଲୁଟ ପାଇଁ ହେଉଥିବା ବେଆଇନ ପଥର ବିସ୍ଫୋରଣ ୩ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା । ବିଜେଡି ସରକାରରେ ମାଫିଆଙ୍କ ଦ୍ୱାରା ହେଉଥିବା କଳାପଥର ପାହାଡ ଲୁଟରେ ଘଟିଥିବା ଏହି ଶ୍ରମିକ ମୃତ୍ୟୁ ପାଇଁ ସମଗ୍ର ରାଜ୍ୟରେ ଘୋର ଆଲୋଡନ ପ୍ରକାଶ ପାଇଥିଲା । ହେଲେ ଗ୍ରୀନ ଟ୍ରିବୁନାଲ ଏବଂ ସରକାରଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପାହାଡ ଲୁଟ କରୁଥିବା ଖାଦାନ ଲିଜଧାରୀ ଶ୍ରମିକମାନଙ୍କୁ ଏହି ଅର୍ଥ ପ୍ରଦାନ ନ କରିବାରୁ ଜିଲ୍ଲାପାଳ ଏହି ଅର୍ଥ ରେଡକ୍ରସରୁ ପ୍ରଦାନ କରିବେ। ଏଥିନେଇ



ଧର୍ମଶାଳା ପାହାଡ ପର୍ବତ ସୁରକ୍ଷା ମଂଚ ସଭାପତି ସତୀଶ ବିଶ୍ୱାଳ ତିବ୍ର ଅସନ୍ତୋଷ ପ୍ରକାଶ କରିବା ସହ ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମୁଖ୍ୟମନ୍ତ୍ରୀ ଓ ଯାଜପୁର ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଖବରରୁ ପ୍ରକାଶ, ଡଙ୍ଗାରୀର ଖାଦାନ ନମ୍ବର-୫/୧୦ ନାରାୟଣ ରାଉତଙ୍କ ନାମରେ ଲିଜ୍ ଥିବା ବେଳେ ବେଆଇନ ଭାବେ ପଥର ବ୍ଲାଷ୍ଟି କରିଥିଲେ, ଯେଉଁଥିରେ ୩ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ଏନେଇ ଗ୍ରୀନ ଟ୍ରିବୁନାଲରେ କେସ ହେବା ସହ ଧର୍ମଶାଳା ପାହାଡ ପର୍ବତ ସୁରକ୍ଷା ମଞ୍ଚ ପକ୍ଷରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଗ୍ରୀନ ଟ୍ରିବ୍ୟୁନାଲ୍‌ର ନିଷ୍ପତ୍ତି ଅନୁସାରେ ମୃତ ଶ୍ରମିକଙ୍କୁ ଅଢ଼େଇ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରିବାକୁ କୁହାଯାଇଥିଲା। ତଦନୁସାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ସଚିବ ଯାଜପୁର ଜିଲ୍ଲାପାଳଙ୍କୁ ୩ ଶ୍ରମିକଙ୍କ ପରିବାରକୁ ସାଢ଼େ ୭ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଲିଜଧାରୀ ଏହି ଟଙ୍କା ପ୍ରଦାନ ନ କରିବାରୁ ଯାଜପୁର ଜିଲ୍ଲାପାଳଙ୍କୁ ଉପନିର୍ଦ୍ଦେଶକ ଲଘୁ ଖଣିଜ ଦ୍ରବ୍ୟ ଏହି ଅର୍ଥ ରେଡକ୍ରସରୁ ପ୍ରଦାନ କରିବାକୁ କହିଥିଲେ। ଏହା ଉପରେ ଅଭିଯୋଗ କରି ଶ୍ରୀ ବିଶ୍ୱାଳ ମୁଖ୍ୟମନ୍ତ୍ରୀ ଓ ଯାଜପୁର ଜିଲ୍ଲାପାଳଙ୍କୁ ପଠାଇଥିବା ପତ୍ରରେ ଲିଜ୍ ଧାରୀଙ୍କୁ କ୍ଷତିପୂରଣ ବାବଦରେ ୫୦ ଲକ୍ଷ ଟଙ୍କା ପ୍ରଦାନ କରିବା ସକାଶେ ନିର୍ଦ୍ଦେଶ ଦେବାକୁ ଦାବି କରିଛନ୍ତି। ଏଥିସହ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।



ଶୁକ୍ରବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜନ୍ମଦିନ ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବଧେଇ ଜଣାଇଥିଲେ। ଏହି ଅବସରରେ ଶ୍ରୀ ପ୍ରଧାନ ମହାମହିମ ରାଷ୍ଟ୍ରପତିଙ୍କ ଦୀର୍ଘଜୀବନ କାମନା କରିଛନ୍ତି। ଏଥିସହ ରାଷ୍ଟ୍ରପତିଙ୍କ ଜୀବନ ଆଦିବାସୀ ସମାଜ, ମହିଳା ଓ ବଞ୍ଚିତଙ୍କ ସଶକ୍ତିକରଣ ଦିଗରେ ପ୍ରେରଣାଦାୟୀ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

# ଶାନ୍ତିପୂର୍ଣ୍ଣ ଅନଶନରେ ସରକାରଙ୍କୁ କଂଗ୍ରେସର ସମାଲୋଚନା



**ଭୁବନେଶ୍ୱର,୨୦।୬(ସଂଚାର ବ୍ୟୁରୋ):** ଓଡ଼ିଶା ପରି ଏକ ଶାନ୍ତିପ୍ରିୟ ରାଜ୍ୟରେ କ୍ଷମତାକୁ ଆସିବା ପରେ ବିଜେପି ସରକାର ଅମଳରେ ମହିଳା ଓ ଶିଶୁଙ୍କ ଉପରେ ହିଂସା, ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଘଟଣା ଚରମସୀମାରେ ପହଞ୍ଚିଛି। ପରିସ୍ଥିତି ଏପରି ହୋଇଛି ଯେ ଏବେ ଦୈନିକ ୧୫ ଜଣ ମହିଳା ଗଣଦୁଷ୍କର୍ମରେ ଶିକାର ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି ଉତ୍ସବରେ ଯୋଗଦେବା ସବୁଠାରୁ ବଡ଼ ବିଡ଼ମ୍ବନା ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତକୁ ବିରୋଧ କରି ଆଜି ପିସିସି ପକ୍ଷରୁ ଏଠାରେ ଶାନ୍ତିପୂର୍ଣ୍ଣ ଅନଶନ କରାଯାଇଥିବା ବେଳେ ପିସିସି ସଭାପତି ଭକ୍ତ ଚରଣ ଦାସ ଏହାର ନେତୃତ୍ୱ ନେଇଥିଲେ। ଏଥିରେ ଦଳର ସମସ୍ତ ବରିଷ୍ଠ ନେତା, ମହିଳା କଂଗ୍ରେସ, ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, ପିସିସି କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ଯୋଗଦେଇଥିଲେ। ଏହି ଅବସରରେ ଶ୍ରୀ ଦାସ ରାଜ୍ୟ ସରକାରଙ୍କ ବିଭିନ୍ନ ବିଫଳତା ଗଣାଇବା ସହ ରାଜ୍ୟରେ ଦୁଷ୍କର୍ମ ଓ ହଇଜା ଚରମ ସୀମାରେ ପହଞ୍ଚିଥିବା ବେଳେ ପ୍ରଧାନମନ୍ତ୍ରୀ କେବଳ ଭୁବନେଶ୍ୱର ଗସ୍ତ କରି ଫେରିଯିବା ଦୁଃଖର ବିଷୟ। ପ୍ରଧାନମନ୍ତ୍ରୀ ହଇଜା ପ୍ରଭାବିତ ଅଞ୍ଚଳ ବୁଲିବା ସହ ଗୋପାଳପୁର ଦୁଷ୍କର୍ମ ଘଟଣା ନେଇ ମଧ୍ୟ ତଦାରଖ କରିବା ଉଚିତ ଥିଲା ବୋଲି ଶ୍ରୀ ଦାସ କହିଛନ୍ତି। ଏହି ଅବସରରେ ସେ ମୋଦିଙ୍କ ଗସ୍ତ ପୂର୍ବରୁ ୬ ଜଣ ଯୁବ ଛାତ୍ର ନେତାଙ୍କୁ ପୁଲିସ୍ ଉଠାଇନେବା ଘଟଣାକୁ ନିନ୍ଦା କରିବା ସହ ବିଜେପି ସରକାର କ'ଣ ପାଇଁ ଏତେ ଭୟଭୀତ ବୋଲି ପ୍ରଶ୍ନ କରିଛନ୍ତି। ଏଥିସହ ପ୍ରଧାନମନ୍ତ୍ରୀ ମୋଦି ରାଜ୍ୟରେ ଆଉଅପରାଧ ହେବନାହିଁ ବୋଲି ପ୍ରତିଶ୍ରୁତି ଦେବାକୁ ମଧ୍ୟ ସେ ଦାବି କରିଛନ୍ତି। ଏହି ଅନଶନରେ ଜୟଦେବ ଜେନା, ଶ୍ରୀକାନ୍ତ ଜେନା, ଜଗନ୍ନାଥ ପଟ୍ଟନାୟକ, ରାମଚନ୍ଦ୍ର ଖୁଣ୍ଟିଆ, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ଅନନ୍ତ ସେଠୀ, ସମୀର ରାଉତରାୟ, ଅମରନାଥ ପ୍ରଧାନ, ଶୁଭେନ୍ଦୁ ମହାନ୍ତି, ସିଦ୍ଧାର୍ଥ ସ୍ୱରୂପ ଦାଶ, ପଞ୍ଚାନନ କାନୁନଗୋ ପ୍ରମୁଖ ଉପସ୍ଥିତ ଥିଲେ ।

# ମୋଦିଙ୍କ ଗସ୍ତକୁ ନବନିର୍ମାଣ କୃଷକ ସଂଗଠନର ବିରୋଧ

**ଭୁବନେଶ୍ୱର,୨୦।୬(ସଂଚାର ବ୍ୟୁରୋ):** ମୋହନ ସରକାରର ଏକ ବର୍ଷ ପୂର୍ତ୍ତି ଉତ୍ସବରେ ଯୋଗଦେବା ସକାଶେଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଆସିଥିବା ବେଳେ ଏହାକୁ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ବିରୋଧ କରାଯାଇଛି। ଏଥିସକାଶେ ସ୍ଥାନୀୟ ମାଷ୍ଟର କ୍ୟାଣ୍ଟିନ ରେଳଷ୍ଟେସନରୁ ସଂଗଠନର ସଦସ୍ୟମାନେ ଶୋଭାଯାତ୍ରାରେ ବାହାରିଥିଲେ। ଏଥିରେ ମୋହନ ସରକାରଙ୍କ ବିଭିନ୍ନ ବିଫଳତା ନେଇ ସଂଗଠନର କର୍ମକର୍ତ୍ତାମାନେ ଲମ୍ବା ହିସାବ ଦେଇଥିଲେ। ସେମାନେ କହିଥିଲେ ଯେ ଆମ୍ବ ଦେବା କଥା କହି ଆମ୍ବଡ଼ା ଧରାଇ



ଦେଇଛନ୍ତି। ମାଗଣା ୩୦୦ ୟୁନିଟ୍ ବିଜୁଳି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସରକାର ଏହା ପୂରଣ କରିନାହାନ୍ତି। ସେହିପରି ବାର୍ଦ୍ଧକ୍ୟ ଭତ୍ତା ବାବଦରେ ୬୦ ବର୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ସାଢ଼େ ୩ ହଜାର ଟଙ୍କାର ପ୍ରତିଶ୍ରୁତି ଦେଇଥିଲେ ହେଁ ସରକାର ସେମାନଙ୍କୁ ଲଲିପପ୍ ଧରାଇଛନ୍ତି। ସେହିପରି ନାରୀମାନଙ୍କୁ ସୁରକ୍ଷା ଦେବାରେ ମୋହନ ସରକାର ବିଫଳ ହୋଇଥିବାରୁ ବର୍ଷ ପୂର୍ତ୍ତି ଅବସରରେ 'ବର୍ଷ ଏକ ଉପଲବ୍ଧି ଅନେକ' ପରିବର୍ତ୍ତେ 'ବର୍ଷ ଏକ, ବିଫଳତା ଅନେକ' ବୋଲି ସଂଗଠନର କର୍ମକର୍ତ୍ତାମାନେ କହିଥିଲେ। କାର୍ଯ୍ୟକ୍ରମର ନେତୃତ୍ୱ ସଂଗଠନର ସହସଂଯୋଜକ ଉମାକାନ୍ତ ଭାରତ, ରଶ୍ମୀ ରଂଜନ ସ୍ୱାଇଁ, ଉପଦେଷ୍ଟା ଡା. କୁଳମଣି ନେଇଥିଲେ। ଯୁବଛାତ୍ର ସଂଗଠନ ରାଜ୍ୟ ସଂଯୋଜକ ମନୱର ଅଲ୍ଲୀ, ଅଶ୍ୱିନୀ ଜେନା, ଦୀନେଶ ଦାସ, ରଣଜିତ୍ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

# ବଢ଼ିଲା ଯୁକ୍ତ ୩ ନାମଲେଖା ଅବଧି

**ଭୁବନେଶ୍ୱର,୨୦।୬(ସଂଚାର ବ୍ୟୁରୋ):** ବଢ଼ିଲା ଯୁକ୍ତ ତିନି ନାମଲେଖା ଅବଧି। ଯୁକ୍ତ ୩ରେ ନାମ ଲେଖା ଅବଧିକୁ ଆସନ୍ତାକାଲି ଯାଏଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବୃଦ୍ଧି କରାଯାଇଛି। ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆଜି ଜାରି ହୋଇଥିବା ବିଜ୍ଞପ୍ତି ଅନୁଯାୟୀ, ଯେଉଁମାନେ ୨୦୨୫-୨୬ ଶିକ୍ଷା ବର୍ଷ ପାଇଁ ଯୁକ୍ତ ୩ରେ ନାମ ଲେଖିବା ସକାଶେ ପ୍ରଥମ ପର୍ଯ୍ୟାୟରେ ମନୋନୀତ ହୋଇଛନ୍ତି, କିନ୍ତୁ କୌଣସି କାରଣବଶତଃ ସେମାନେ ନାମ ଲେଖାଇ ପାରିନାହାନ୍ତି କିମ୍ବା ଆବଶ୍ୟକ ଫି' ଦେଇପାରି ନାହାନ୍ତି ଓ ମନୋନୀତ ଶିକ୍ଷାନୁଷ୍ଠାନରେ ପହଞ୍ଚି ପାରିନାହାନ୍ତି, ସେମାନଙ୍କ ପାଇଁ ଏହି ସମୟକୁ ବୃଦ୍ଧି କରାଯାଇଛି। ଏହି ଛାତ୍ରଛାତ୍ରୀମାନେ ଫ୍ରିଜ, ଫ୍ଲୋଟ ଓ ସ୍ଲାଇଡ ବିକଳ୍ପ ବାଛିବା ପାଇଁ ସମୟ ସୀମା ବଢ଼ାଯାଇଥିବା ଜଣାପଡ଼ିଛି। ଉକ୍ତ ନୋଟିସରେ ଆହୁରି ମଧ୍ୟ ଲେଖାଯାଇଛି ଯେ ଆସନ୍ତା ୨୧ ତାରିଖ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଆଡମିଶନ ଫି ଦାଖଲ ଓ ଶିକ୍ଷାନୁଷ୍ଠାନରେ ରିପୋର୍ଟିଂ କରିପାରିବେ ମନୋନୀତ ଛାତ୍ରଛାତ୍ରୀ। ତେଣୁ ଛାତ୍ରଛାତ୍ରୀମାନେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସେମାନଙ୍କର ସମସ୍ତ ପ୍ରକ୍ରିୟା ଶେଷ କରିବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ ଯେ ଯୁକ୍ତ ୩ ପାଇଁ ବିଭିନ୍ନ ଶିକ୍ଷାନୁଷ୍ଠାନରେ ମୋଟ ୨ ଲକ୍ଷ ୭୪ ହଜାର ୫୦୯ ସିଟ୍ ଥିବା ବେଳେ ମୋଟ ୨ ଲକ୍ଷ ୬୫ ହଜାର ୫୯୦ ଛାତ୍ରଛାତ୍ରୀ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ଆଡମିଶନ୍ କରିବା ସକାଶେ ୧ ଲକ୍ଷ ୭୫ ହଜାର ୭୨୨ ଛାତ୍ରଛାତ୍ରୀ ମନୋନୀତ ହୋଇଛନ୍ତି। ସେଥିରେ ୭୦ ହଜାର ୭୪୫ ଛାତ୍ର ଓ ୧ ଲକ୍ଷ ୪ ହଜାର ୯୬୭ ଛାତ୍ରୀ ଥିବା ଜଣାପଡ଼ିଛି। ଏହାଛଡ଼ା ୧୦ ଜଣ ତୃତୀୟଲିଙ୍ଗୀ ମଧ୍ୟ ପ୍ରଥମ ପର୍ଯ୍ୟାୟରେ ନାମଲେଖା ପାଇଁ ମନୋନୀତ ହୋଇଛନ୍ତି। ବିଜ୍ଞାନରେ ମୋଟ ୪୫ ହଜାର ୮୫୫, କଳାରେ ୧ ଲକ୍ଷ ୭ ହଜାର ୬୯ ଜଣ ଓ ବାଣିଜ୍ୟରେ ୧୬ ହଜାର ୨୦୫, ସଂସ୍କୃତରେ ୩ ହଜାର ୩୭୧, ସେଲ୍ଫ ଫାଇନାନ୍ସିଂରେ ୩ ହଜାର ୫୧ ଓ ଲ'ରେ ୧୭୧ ଜଣ ଛାତ୍ରଛାତ୍ରୀ ପ୍ରଥମ ପର୍ଯ୍ୟାୟରେ ମନୋନୀତ ହୋଇଛନ୍ତି।

### ● ବିଦ୍ୟାଳୟ ଖୋଲୁ ଖୋଲୁ ଅଘଟଣ

# ବିଦ୍ୟାଳୟ ଛାତରୁ ପ୍ଲାଷ୍ଟର୍ ଖସି ଛାତ୍ର ଆହତ




**କେନ୍ଦୁଝର,୨୦।୬(ସଂଚାର ବ୍ୟୁରୋ):** ରାଜ୍ୟରେ ଆଜି ଖରାଛୁଟି ପରେ ବିଦ୍ୟାଳୟ ଖୋଲିଥିବା ବେଳେ କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଦେଓବନ୍ଧ ପ୍ରାଥମିକ ବିଦ୍ୟାଳୟରେ ଏକ ଅଘଟଣ ଘଟିଛି। ପ୍ରଥମ ଦିନରେ ବିଦ୍ୟାଳୟ ଛାତରୁ ପ୍ଲାଷ୍ଟର ଖସିବା ଫଳରେ ଜଣେ ପଞ୍ଚମ ଶ୍ରେଣୀ ଛାତ୍ର ଆହତ ହୋଇଛନ୍ତି। ଏହାକୁ ନେଇ ଗ୍ରାମରେ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଆହତ ହୋଇଥିବା ଛାତ୍ର ଜଣଙ୍କ ସାନଜିଉଳି ଗ୍ରାମର ଦିବ୍ୟାଂଶୁ ମହାନ୍ତି (୧୦) ବୋଲି ଜଣାପଡ଼ିଛି। ଛୁଟି ଖାଲିବା ପରେ ସେ ଆଜି ସ୍କୁଲ୍‌କୁ ଆସିଥିବା ବେଳେ କ୍ଲାସ୍‌ରୁମ୍‌ରେ ପଶିବା କ୍ଷଣି ହଠାତ୍ ତାଙ୍କ ମୁଣ୍ଡ ଉପରେ ଛାତରୁ ପ୍ଲାଷ୍ଟର ଖସିପଡ଼ିଥିଲା। ଏଥିରେ ଦିବ୍ୟାଂଶୁ ଆହତ ହୋଇଥିଲେ ମଧ୍ୟ ଶିକ୍ଷକଶିକ୍ଷୟିତ୍ରୀମାନେ ତାଙ୍କର ଚିକିତ୍ସା ବ୍ୟବସ୍ଥା ନ କରି ତାଙ୍କୁ ଘରକୁ ପଠାଇଦେଇଥିଲେ। ତେଣୁ ଏହାକୁ ନେଇ ଦିବ୍ୟାଂଶୁଙ୍କ ବାପା ଓ ଅନ୍ୟାନ୍ୟ ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିବା ସହ ଶିକ୍ଷକଶିକ୍ଷୟିତ୍ରୀମାନଙ୍କର ଏପରି ଦାୟିତ୍ୱହୀନତାକୁ ସମାଲୋଚନା କରିଥିଲେ। ଫଳରେ ଏହାକୁ ନେଇ କିଛି ସମୟ ପାଇଁ ବିଦ୍ୟାଳୟ ପରିସରରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏ ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା କହିଛନ୍ତି ଯେ ଖବର ପାଇବା ପରେ ସେ ଏହାର ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଖୁବ୍‌ଶୀଘ୍ର ସେ ନିଜେ ଉକ୍ତ ସ୍କୁଲ୍‌ରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବେ ବୋଲି ମଧ୍ୟ ଶ୍ରୀ ବରିହା କହିଛନ୍ତି।

# 'ସମାଜ' ପୂର୍ବତନ ସମ୍ପାଦକ ନିରଞ୍ଜନ ରଥଙ୍କ ପରଲୋକ



**କଟକ,୨୦।୬(ସଂଚାର ବ୍ୟୁରୋ):** 'ସମାଜ' ଖବରକାଗଜର ପୂର୍ବତନ ସମ୍ପାଦକ ତଥା ବିଶିଷ୍ଟ ଲେଖକ ଓ ସମାଜସେବୀ ନିରଞ୍ଜନ ରଥଙ୍କର ଗତକାଲି ପରଲୋକ ଘଟିଛି। ଲୋକସେବକ ମଣ୍ଡଳର ଏହି ରାଷ୍ଟ୍ରୀୟ ସମ୍ପାଦକଙ୍କର ଗତକାଲି ରାତି ପାୟ ୧୧ଟା ସମୟରେ ଏଠାକାର ଏକ ଘରୋଇ ହସ୍ପିଟାଲରେ ଦେହାନ୍ତ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୮ ବର୍ଷ ବୟସ ହୋଇଥିଲା। ସମାଜସେବୀ, ଲେଖକ ସହ ସେ ଜଣେ ବରିଷ୍ଠ ସାମ୍ବାଦିକ ଭାବେ ବେଶ୍ ପରିଚିତ ଥିଲେ। ଏଥିସହ ସେ 'ସମାଜ'ର ସମ୍ପାଦକ ବ୍ୟତୀତ ପ୍ରକାଶକ ଓ ମୁଦ୍ରାକର ଭାବେ ମଧ୍ୟ ଦୀର୍ଘଦିନ ଧରି କାର୍ଯ୍ୟ କରିଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ରାଜ୍ୟ ବିଜେପି ପକ୍ଷରୁ ଶୋକ ପ୍ରକଟ କରାଯିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଛି। ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏକ ଶୋକବାର୍ତ୍ତାରେ ଉଲ୍ଲେଖ କରିଛନ୍ତି ଯେ ଶ୍ରୀ ରଥ ଜଣେ ଅମାୟିକ, ସରଳ ଓ ନିଷ୍ଠାବାନ ବ୍ୟକ୍ତି ଥିଲେ। 'ସମାଜ'ର ଉନ୍ନତିରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି।

# ବଙ୍ଗୋପସାଗରରେ ଲଘୁଚାପ ସକ୍ରିୟ



**ଭୁବନେଶ୍ୱର, ୨୦।୬ (ସଂଚାର ବ୍ୟୁରୋ) :** ବଙ୍ଗୋପସାଗରରେ ସକ୍ରିୟ ଲଘୁଚାପ ଯୋଗୁ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଶୁକ୍ରବାର ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼ ଏବଂ କେନ୍ଦୁଝରରେ ପ୍ରବଳ ବର୍ଷା ହେବା ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ଦେବଗଡ଼, ଅନୁଗୋଳ, ମୟୂରଭଞ୍ଜ, ବରଗଡ଼ ଓ ସୁବର୍ଣ୍ଣପୁରକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ସଂଲଗ୍ନ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏଥିସହ ଉତ୍ତର-ପଶ୍ଚିମ ଦିଗରେ ଝାଡ଼ଖଣ୍ଡ ଆଡ଼କୁ ଏହା ଗତି କରିବ। ଏହାର ପ୍ରଭାବରେ ୨୪ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ହେବ।

# ଲଗାଣ ବର୍ଷା ଯୋଗୁଁ ଫୁଲୁଛି କୋଏଲ ଓ ଶଙ୍ଖ ନଦୀ



**ରାଉରକେଲା ୨୦।୬(ସଂଚାର ବ୍ୟୁରୋ) :** ରାଉରକେଲାରେ ୪ଦିନ ହେଲା ଲଗାତାର ଭାବରେ ବର୍ଷା ଲାଗି ରହିଛି । ଫୁଲୁଛି କୋଏଲ ନଦୀ ସହ ଶଙ୍ଖ ନଦୀ । ଫଳରେ ବ୍ରାହ୍ମଣୀ ନଦୀରେ ବଢୁଛି ପାଣି । ସେପଟେ ଉପର ମୁଣ୍ଡ ଝାଡଖଣ୍ଡରେ ମଧ୍ୟ ପ୍ରବଳ ବର୍ଷା ହେଉନଥିବାରୁ ବିଭିନ୍ନ ତଳିଆ ଅଞ୍ଚଳରେ ପାଣି ପ୍ରବେଶ କରୁଛି। ଆଉ ରାଉରକେଲାର ତଳିଆ ଅଞ୍ଚଳ ବ୍ରାହ୍ମଣୀ ନଦୀ ଅବବାହିକା ବାଲୁଘାଟରେ ପଶିଛି ବ୍ରାହ୍ମଣୀ ନଦୀ ପାଣି । ଯାହା ଫଳରେ ନୂଆବସ୍ତି, ପଲପଲ୍ ବସ୍ତି, ସର୍ଦ୍ଦାର ବସ୍ତିର ୧୨ଟି ଘର ଜଳବନ୍ଦୀ ଅବସ୍ଥାରେ ରହିଛି । ଲୋକେ ନାହିଁ ନଥିବା ହଇରାଣ ହେଉଛନ୍ତି । ପ୍ରତ୍ୟେକ ବର୍ଷ ବର୍ଷାରେ ବାଲିଘାଟ ଅଞ୍ଚଳରେ ବ୍ରାହ୍ମଣୀ ନଦୀ ପାଣି ପଶି ଲୋକେ ଜଳବନ୍ଦୀ ହେଉଛନ୍ତି । ହେଲେ ପ୍ରଶାସନ ସ୍ଥାୟୀ ପ୍ରତିକାର କରୁନାହିଁ । ଯାହା ଫଳରେ ଲୋକେ ନାହିଁ ନଥିବା ହଇରାଣ ହେଉଛନ୍ତି ।

# ପୁଅ-ବୋହୂଙ୍କ ନିର୍ଯାତନା ସହି ନପାରି ବୃଦ୍ଧ ବାପା କଲେ ଆତ୍ମହତ୍ୟା ଉଦ୍ୟମ

**ଜଳେଶ୍ୱର , ୨୦।୬ (ସଂଚାର ବ୍ୟୁରୋ) :** ପୁଅବୋହୂଙ୍କ ନିର୍ଯାତନା ବାବଦରେ ଦୋକାନ କାନ୍ଥରେ ପୋଷ୍ଟର ମାରି ବୃଦ୍ଧ ବାପାଙ୍କ ଆତ୍ମହତ୍ୟା ଉଦ୍ୟମ। ବିଷ ପିଇଦେବାରୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି । ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ମଳଂବାଲିକୁଟୀ ଗାଁର ୭୦ ବର୍ଷୀୟ ବୃଦ୍ଧ ଦେବେନ୍ଦ୍ର ବେହେରାଙ୍କୁ ତାଙ୍କ ପୁଅ ଗୌରାଙ୍ଗ ଓ ବୋହୁ ରଞ୍ଜିତା ବିଭିନ୍ନ ସମୟରେ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି । ଗତକାଲି ପଇଡ଼ ବିକ୍ରି କରିବାକୁ କେନ୍ଦ୍ର କରି ପୁଅ ଗୌରାଙ୍ଗ ବୃଦ୍ଧା ବାପାଙ୍କୁ ପିଟିବା ସହ ଘରୁ ବାହାରି ଯିବାକୁ କହିଥିଲେ । ବାରମ୍ବାର ପୁଅବୋହୂ ଦ୍ୱାରା ନିର୍ଯାତନାର ଶିକାର ହେଉଥିବା ଗୌରାଙ୍ଗ ଘଟଣା ଲୋକଲୋଚନକୁ ଆଣିବା ପାଇଁ କାଗଜରେ ସମସ୍ତ କଥା ଲେଖି ସ୍ଥାନୀୟ ମାନ୍ଧାତା ବଜାର ଦୋକାନ କାନ୍ଥରେ ପୋଷ୍ଟର ମାରିଥିଲେ । ଗତକାଲି ବିଳମ୍ବିତ ରାତିରେ ଦେବେନ୍ଦ୍ର ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

# ଆମ୍ବୁଲାନ୍ସ ଭିଡ଼ରେ ଫସିଲା, ଛଟପଟ୍ ହେଲେ ଗର୍ଭବତୀ

**ଭଦ୍ରକ,୨୦।୬(ସଂଚାର ବ୍ୟୁରୋ):** ଭିଡ଼ ଭିତରେ ଫସିଲା ଆମ୍ବୁଲାନ୍ସ। ଫଳରେ ସେଥିରେ ଥିବା ଗର୍ଭବତୀ ଜଣଙ୍କ ପ୍ରସବ ବେଦନାରେ ଛଟପଟ୍ ହୋଇଥିଲେ। ଏମିତି ଏକ ଘଟଣା ଭଦ୍ରକ ଜିଲ୍ଲା ମତୋ ବଜାରରେ ଦେଖିବାକୁ ମିଳିଛି। ମିଳିଥିବା ସୂଚନାନୁସାରେ, ଏକ ୧୦୨ ଆମ୍ବୁଲାନ୍ସ ଗର୍ଭବତୀଙ୍କୁ ନେଇ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଥିଲା। କିନ୍ତୁ ମତୋ ବଜାରରରେ ପ୍ରବଳ ଭିଡ଼ ଥିବା ଯୋଗୁଁ ଏହା ୧୫ ମିନିଟରୁ ଅଧିକ ସମୟ ଧରି ସାଇରନ୍ ବଜାଇଥିଲେ ମଧ୍ୟ ଏହାକୁ ଆଗକୁ ଯିବାର ସୁଯୋଗ ମିଳିନଥିଲା। ଫଳରେ ଭିଡ଼ରେ ଫସିରହିଥିଲା ଆମ୍ବୁଲାନ୍ସଟି। ଏହି କାରଣରୁ ଆମ୍ବୁଲାନ୍ସ ମଧ୍ୟରେ ଥିବା ଗର୍ଭବତୀ ଜଣଙ୍କ ପ୍ରସବ ବେଦନାରେ ଛଟପଟ ହୋଇଥିଲେ। ତେବେ ପାଖାପାଖି ଅଧଘଣ୍ଟା ପରେ ଭିଡ଼ କମିବାରୁ ଆମ୍ବୁଲାନ୍ସଟି ଗର୍ଭବତୀଙ୍କୁ ନେଇ ହସ୍ପିଟାଲ୍ ଅଭିମୁଖେ ଯାତ୍ରା କରିଥିଲା।

# ଉଠାଦୋକାନୀ ଯାଞ୍ଚ କେବେ ?



**ଭୁବନେଶ୍ୱର,୧୮।୬:** ରାଜ୍ୟରେ ଝାଡାବାନ୍ତି ଜଣ୍ଡିସ୍‌କୁ ନେଇ ଲୋକେ ଆତଙ୍କିତ ହୋଇପଡିଥିବାବେଳେ ଖାଦ୍ୟ ସୁରକ୍ଷା ଅଧିକାରୀମାନେ ତୁହାକୁ ତୁହା ଛୋଟକାଟିଆ ହୋଟେଲଗୁଡିକରେ ଯାଞ୍ଚ କରୁଛନ୍ତି। ତେବେ ସଞ୍ଜ ନଇଁଲେ ରାଜଧାନୀରେ ଖୋଲୁଥିବା ଉଠା ଦୋକାନ ପସରାର ଯାଞ୍ଚ ହେଉନଥିବାରୁ ଜଣ୍ଡିସ୍‌କୁ ନିୟନ୍ତ୍ରଣ କରିବା ସହଜ ହେବନାହିଁ ବୋଲି କୁହାଯାଉଛି ।

ରାଜଧାନୀର ବିଭିନ୍ନ ଅଞ୍ଚଳରେ ଏବେ ଉଠା ଦୋକାନୀଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଚାଟ୍, ଗୁପ୍‌ଚୁପ୍, ମୋମୋ, ଛେନା ଓ ଛଣାଛଣି ଖାଦ୍ୟର ପସରା ସଞ୍ଜହେଲେ ଖୋଲୁଛି । ସହର ସାରା ଅଣଓଡିଆ ବିକ୍ରେତାମାନେ ଗୁପ୍‌ଚୁପ୍, ଚାଟ୍, ଜିଲାପି ଆଦି ବହୁଳ ମାତ୍ରାରେ ବିକ୍ରି କରୁଛନ୍ତି। ଯେହେତୁ ଏହିସବୁ ବ୍ୟବସାୟୀମାନେ ସହରର ବସ୍ତି ଅଞ୍ଚଳରେ ରହୁଛନ୍ତି ତେଣୁ ସେମାନେ ବ୍ୟବହାର କରୁଥିବା ପାଣିକୁ ନେଇ ଆଶଙ୍କା ବଢ଼ିବାରେ ଲାଗିଛି । ଗୁପ୍‌ଚୁପ୍ ପାଇଁ ବ୍ୟବହାର ହେଉଥିବା ପାଣିକୁ ଖଟା କରିବାପାଇଁ ଅଧିକାଂଶ ବ୍ୟବସାୟୀ ରାସାୟନିକ ସାମଗ୍ରୀ ବ୍ୟବହାର କରୁଛନ୍ତି। ଉଠା ଦୋକାନରେ ଖାଦ୍ୟ ବିକ୍ରି କରୁଥିବା ଦୋକାନୀମାନେ ଅତ୍ୟନ୍ତ ଅପରିଷ୍କାର ବୋତଲରେ ପାଣି ଆଣି ଲୋକଙ୍କୁ ଦେଉଛନ୍ତି । ଯେଉଁ ପ୍ଲାଷ୍ଟିକ ପାଣି ବୋତଲକୁ ଥରୁଟିଏ ବ୍ୟବହାର କରି ଫୋପାଡିବାକୁ କୁହାଯାଇଛି ଏମାନେ ତାହାକୁ ମାସ ମାସଧରି ବ୍ୟବହାର କରୁଛନ୍ତି।

ସେହିଭଳି ଗ୍ରାହକଙ୍କୁ ଆକୃଷ୍ଟ କରିବାପାଇଁ ବ୍ୟବସାୟୀମାନେ ଖାଦ୍ୟରେ ବିଭିନ୍ନ ପ୍ରକାରର ରଙ୍ଗ ବ୍ୟବହାର କରିଥାନ୍ତି। ଶସ୍ତାରେ ମିଳୁଥିବା ଏହି ରଙ୍ଗକୁ ଖାଇଲେ ବିଭିନ୍ନ ପ୍ରକାର ପେଟରୋଗ ସୃଷ୍ଟି ହେବବୋଲି ବିଶେଷଜ୍ଞମାନେ ଚେତାଇ ଦେଉଥିଲେ ମଧ୍ୟ ଯାଞ୍ଚ ହେଉନଥିବାରୁ ବ୍ୟବସାୟୀମାନେ ନିର୍ଭୟରେ ତାହାର ବ୍ୟବହାର କରୁଛନ୍ତି । ସେହିଭଳି ଖାଦ୍ୟ ପ୍ରସ୍ତୁତି ପାଇଁ ନିମ୍ନମାନର ମସଲା, ତେଲ ଆଦି ମଧ୍ୟ ବ୍ୟବହାର ହେଉଛି। ରାଜଧାନୀରେ ଖାଇବା ଦୋକାନ ସଂଖ୍ୟା ବଢ଼ି ଚାଲିଥିବାବେଳେ ତାହାକୁ ଯାଞ୍ଚ କରିବାପାଇଁ ମାତ୍ର ୬ ଜଣ କର୍ମଚାରୀ ରହିଛନ୍ତି। ତେଣୁ ସହରରେ ପ୍ରାୟତଃ ଖାଦ୍ୟସାମଗ୍ରୀର ଯାଞ୍ଚ ଦେଖିବାକୁ ମିଳନଥାଏ । ଯେହେତୁ ଏବେ ରାଜ୍ୟରେ ହଇଜା ଓ ଜଣ୍ଡିସ ଦେଖାଦେଇଛି ତେଣୁ ରାଜଧାନୀରେ ତନଘନା ଚାଲିଛି । ହେଲେ ଏହି ଯାଞ୍ଚରେ ଉଠା ଦୋକାନୀଙ୍କ ଉପରେ ନଜର ଦିଆଯାଉନଥିବାରୁ ଜଣ୍ଡିସ ନିୟନ୍ତ୍ରଣ ନେଇ ଆଶଙ୍କା ପ୍ରକାଶ ପାଉଛି ।

କେବଳ ଉଠା ଦୋକାନୀ ନୁହେଁ, ରାଜଧାନୀରେ ମାଂସ, ମାଛ ଭଳି ଆମିଷ ସାମଗ୍ରୀ ମଧ୍ୟ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶରେ ବିକ୍ରିବଟା ଚାଲିଛି । ଡ୍ରେନ ଉପରେ ମାଛ ଓ ମାଂସ କଟା ଚାଲିଥିବାରୁ ସହରର କୌଣସି ସ୍ଥାନରେ ବି ଝାଡାବାନ୍ତି ବେକାକୁ ସ୍ଥିତିକୁ ଆସିବା ନେଇ ଲୋକେ ଆଶଙ୍କା କରୁଛନ୍ତି। ତେଣୁ କେବଳ ଛୋଟ କାଟର ହୋଟେଲରେ ଯାଞ୍ଚ ସହିତ ଉଠା ଦୋକାନୀ ଓ ଆମିଷ ବିକ୍ରି ଉପରେ ନଜର ଦେବାକୁ ମତପ୍ରକାଶ ପାଉଛି । (ତଥ୍ୟ)

### ● ମୟୂରଭଞ୍ଜ ଗଣଦୁଷ୍କର୍ମ ମାମଲାର ପର୍ଦ୍ଦାଫାସ

# ସ୍ୱାମୀ ଦେଇଥିଲେ ମିଛ ଏତଲା

**ରାଇରଙ୍ଗପୁର , ୨୦।୬ (ସଂଚାର ବ୍ୟୁରୋ) :** ମୟୂରଭଞ୍ଜ ଗଣଦୁଷ୍କର୍ମ ଘଟଣାର ଚାଞ୍ଚଲ୍ୟକର ଖୁଲାସା । ପତିପତ୍ନୀଙ୍କ ବିବାଦରୁ ଥାନାରେ ପହଞ୍ଚିଲା ଗଣଦୁଷ୍କର୍ମ ମାମଲା । ଖୋଦ ସ୍ୱାମୀ ତାଙ୍କ ସ୍ତ୍ରୀଙ୍କୁ ଗଣଦୁଷ୍କର୍ମ ହୋଇଥିବା ଥାନାରେ ଅଭିଯୋଗ କରିଥିଲେ । ଏବେ ଘଟଣାର ପର୍ଦ୍ଦାଫାସ କରିଛି ପୋଲିସ । ଜଣେ ବିବାହିତା ମହିଳାଙ୍କୁ ଘରୁ ଟେକିନେଇ ରାତିସାରା ଗଣଦୁଷ୍କର୍ମ କରିଥିବାର ଅଭିଯୋଗ ହୋଇଥିଲା । ବାରିପଦା ସହରରେ ଏପରି ଘଟଣା ଘଟିଥିବା ବାରିପଦା ସଦର ଥାନାରେ ଅଭିଯୋଗ ହୋଇଥିଲା ।ଅଭିଯୋଗ ମୁତାବକ, ବାରିପଦା ସଦର ଥାନା ଅନ୍ତର୍ଗତ ରଜାବସା ଅଞ୍ଚଳର ଜନୈକା ବିବାହିତା ମହିଳାଙ୍କୁ ଗତ ୧୫ ତାରିଖ ରବିବାର ରାତିରେ ଚାରି ଜଣ ଯୁବକ ବଳପୂର୍ବକ ଉଠାଇ ନେଇଥିଲେ। ବିବାହିତା ମହିଳାଙ୍କୁ ଚାରି ଜଣ ଯୁବକ ଉଠାଇ ନେଇ ଗୋଟିଏ ବନ୍ଦ ଘରେ ରାତି ତମାମ ଦୁଷ୍କର୍ମ କରିଥିଲେ। ପିଡିତାଙ୍କ ସ୍ୱାମୀ ତା ପରଦିନ ସକାଳୁ ସ୍ତ୍ରୀଙ୍କୁ ଉଦ୍ଧାର କରି ବାରିପଦା ପିଆରଏମ ମେଡିକାଲ କଲେଜ ଆଣ୍ଡ ହସପିଟାଲରେ ଭର୍ତ୍ତି କରିଥିଲେ। ଏନେଇ ପିଡିତାଙ୍କ ସ୍ୱାମୀ ୧୭ ତାରିଖ ଦିନ ୪ ଜଣଙ୍କ ନାଁରେ ବାରିପଦା ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୋଲିସ ଘଟଣାର ଛାନଭିନ ଜାରି ରଖିଥିଲା । ପିଡିତାଙ୍କ ସ୍ୱାମୀଙ୍କ ଅଭିଯୋଗ ଆଧାରରେ ବାରିପଦା ସଦର ଥାନା ପୋଲିସ ୧୨୬/୨୫ ନମ୍ବର ରେ ଏକ ଦୁଷ୍କର୍ମ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା । ତେବେ ପ୍ରାଥମିକ ତଦନ୍ତରୁ ଏହା ମିଥ୍ୟା ବୋଲି ଜଣାପଡିଥିବାର ପ୍ରତିକ୍ରିୟା ରଖିଛନ୍ତି ବାରିପଦା ଏସଡିପିଓ ପ୍ରଭାତ କୁମାର ମଲ୍ଲିକ ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR ସଂଚାର

ଶନିବାର ୨୧ ଜୁନ ୨୦୨୫, ଭୁବନେଶ୍ୱର
Saturday 21 June 2025, Bhubaneswar




# ଓଡ଼ିଶାକୁ ପ୍ରଧାନମନ୍ତ୍ରୀଙ୍କ ଭେଟି

ଓଡ଼ିଶାରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧିନ ବିଜେପି ସରକାର ଗଠନକୁ ୧ ବର୍ଷ ପୂରଣ ହୋଇଛି। ଏହି ଅବସରରେ ଆୟୋଜିତ ସମାରୋହରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରାୟ ୧୯ ହଜାର କୋଟି ଟଙ୍କାର ବିଭିନ୍ନ ଯୋଜନା ଏବଂ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି ବା ଶିଳାନ୍ୟାସ କରିଛନ୍ତି। ଓଡ଼ିଶାବାସୀ ତାଙ୍କ ଉପରେ ଭରସା କରିଯେଉଁ ସମର୍ଥନ ଦେଇଥିଲେ ତାହାର ପ୍ରତିଦାନରେ ସେ ଓଡ଼ିଆକୁ ଏହି ଭେଟି ଦେଇଛନ୍ତି ବୋଲି କହିବାକୁ ପଡ଼ିବ। ଏହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ଆଗାମୀ ୪ ବର୍ଷ ଭିତରେ ସେ ଓଡ଼ିଆର ବିକାଶ ପ୍ରକ୍ରିୟାକୁ ଆହୁରି ଆଗେଇ ନେବେ ବୋଲି ଆଶା। ଓଡ଼ିଶାରେ ବିଜେପି ପ୍ରଥମ ଥର ପାଇଁ ନିଜ ବଳରେ ସରକାର ଗଠନ କରିଥିବାରୁ ଏହାର ମହତ୍ୱ ବେଶ ଅଧିକ। ଗତ ବର୍ଷ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ଉଭୟ ଲୋକସଭା ଏବଂ ରାଜ୍ୟ ବିଧାନସଭା ନିର୍ବାଚନରେ ସ୍ପଷ୍ଟ ଜନାଦେଶ ପାଇଥିଲା। ବିଧାନସଭାର ୧୪୭ ଆସନ ମଧ୍ୟରୁ ବିଜେପି ୭୮ଟି ଆସନ ଜିତିଥିବା ବେଳେ ୩ଜଣ ସ୍ୱାଧୀନ ବିଧାୟକ ବିଜେପି ସପକ୍ଷରେ ଅଛନ୍ତି। ସେହିପରି ଓଡ଼ିଶାର ୨୧ଟି ଲୋକସଭା ଆସନ ମଧ୍ୟରୁ ବିଜେପି ଏକାକି ୨୦ଟି ପାଇଥିବା ବେଳେ ବାକି ଗୋଟିଏ ଆସନ କଂଗ୍ରେସ ଦଖଲ କରିଥିଲା। ସେତେବେଳେ ଶାସନ କ୍ଷମତାରେ ଥିବା ବିଜେଡି ସମ୍ପୂର୍ଣ୍ଣ ମୂଳପୋଛ ହୋଇଯାଇଥିଲା। ଇତିମଧ୍ୟରେ ରାଜ୍ୟସଭାରେ ମଧ୍ୟ ବିଜେପିର ସଭ୍ୟ ସଂଖ୍ୟା ବୃଦ୍ଧି ପାଇଛି। ରାଜ୍ୟରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଏକ ଦୃଢ଼ ଓ ସ୍ଥିର ସରକାର ଚାଲିଛି। ଅଶୀ ଦଶକରେ ଓଡ଼ିଶାରେ ବିଜେପିକୁ ଏକ ସାଇନ ବୋର୍ଡ ପାର୍ଟୀ କୁହାଯାଉଥିଲା। ଯଦିଓ ବିଜେପି ସପକ୍ଷରେ ଜନମତ ଥିଲା ତାହା ଭୋଟରେ ରୂପାନ୍ତରିତ ହୋଇପାରୁନଥିଲା। ଅଣକଂଗ୍ରେସ ରାଜନୀତିର ନେତୃତ୍ୱ ବିଜୁ ବାବୁଙ୍କ ଜନତା ଦଳ ହାତରେ ଥିଲା। କଂଗ୍ରେସ ବିରୋଧୀ ଭୋଟର ସିଂହଭାଗ ଜନତା ଦଳ ସପକ୍ଷରେ ଯାଉଥିଲା। କିନ୍ତୁ ଧିରେ ଧିରେ ଜନତା ଦଳର ଅବକ୍ଷୟ ଏବଂ ଜାତୀୟ ରାଜନୀତିରେ ବିଜେପିର ପ୍ରଭାବ ବୃଦ୍ଧି, ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱ ଓ ବ୍ୟକ୍ତିତ୍ୱ ପ୍ରତି ଓଡ଼ିଶାବାସୀ ଆକର୍ଷିତ ହୋଇଥିଲେ। ତେଣୁ ନବେଦଶକର ମଧ୍ୟଭାଗରୁ ଓଡ଼ିଶାରେ ବିଜେପିର ଭୋଟ ପ୍ରତିଶତ ବଢ଼ିବାରେ ଲାଗିଥିଲା। ଶେଷରେ ବିଜେପି ସହ ମେଣ୍ଟ ବା ଆସନ ବୁଝାମଣା ପାଇଁ ଜନତା ଦଳର ବିଭାଜନ ହୋଇ ବିଜୁ ଜନତା ଦଳ ଗଠିତ ହୋଇଥିଲା। ବିଜେଡି-ବିଜେପି ମେଣ୍ଟ ଓଡ଼ିଶା ରାଜନୀତିର ଗତି ପଥ ବଦଳାଇ ଦେଇଥିଲା। ବିଜେଡି-ବିଜେପି ମେଣ୍ଟ ଆଗରେ କଂଗ୍ରେସ ଧୂଳିସାତ ହୋଇଗଲା। ସେଥିପାଇଁ ଆଜିକୁ ୨୫ ବର୍ଷ ହେବ କଂଗ୍ରେସ ରାଜ୍ୟରେ କ୍ଷମତା ବାହାରେ ରହିଛି। ୧୯୯୮ରୁ ସବୁ ନିର୍ବାଚନରେ କଂଗ୍ରେସ ପରାସ୍ତ ହେଉଛି। ଏପରିକି ୨୦୦୯ରେ ବିଜେଡି-ବିଜେପି ମେଣ୍ଟ ଭାଙ୍ଗିଯିବା ପରେ ମଧ୍ୟ କଂଗ୍ରେସ ଏଥିରୁ ଫାଇଦା ଉଠାଇପାରିଲା ନାହିଁ। ଶେଷରେ କଂଗ୍ରେସ ମୁଖ୍ୟ ବିରୋଧୀ ଦଳ ଭୂମିକାରୁ ମଧ୍ୟ ଚାଲିଗଲା। କଂଗ୍ରେସ ପରିବର୍ତ୍ତେ ବିଜେପି ରାଜ୍ୟରେ ମୁଖ୍ୟ ବିରୋଧୀ ଦଳ ଭୂମିକା ତୁଲାଇଲା। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ଦୀର୍ଘ



୨୪ ବର୍ଷ ଧରି କ୍ଷମତାରେ ରହିବା ପରେ ଲୋକେ ପରିବର୍ତ୍ତନ କଲେ। କିନ୍ତୁ ପରିବର୍ତ୍ତନର ଫାଇଦା କଂଗ୍ରେସ ନୁହେଁ, ବିଜେପି ସପକ୍ଷରେ ଗଲା। ୨୦୨୪ ନିର୍ବାଚନରେ ବିଜେପି ଏକାକି ଲଢ଼ି ରାଜ୍ୟରେ କ୍ଷମତାସୀନ ହେଲା। ତିନି ଦଶନ୍ଧିର ସଂଘର୍ଷ ଏବଂ ସ୍ୱପ୍ନ ସଫଳ ହେଲା। ଓଡ଼ିଶାର ରାଜନୈତିକ ଇତିହାସରେ ଏହା ଥିଲା ଏକ ବଡ଼ ଘଟଣା। ଯାହା ହେଉ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ପ୍ରଥମ ଥର ପାଇଁ ବିଜେପି ସରକାର ଗଠନ କରିବା ପରେ ଗତ ବର୍ଷକ ଭିତରେ ଅନେକ କାମ କରିଛନ୍ତି। ସବୁଠାରୁ ବଡ଼ କାମ ହେଲା ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରିବା। ନିର୍ବାଚନ ବେଳେ ବିଜେପି ପକ୍ଷରୁ ଏଥିଲାଗି ପ୍ରତିଶ୍ରୁତି ଦିଆଯାଇଥିଲା। ଏହି ଯୋଜନାରେ ୧୮ରୁ ୬୦ ବର୍ଷ ବୟସ୍କ ମହିଳାଙ୍କୁ ବାର୍ଷିକ ୧୦ ହଜାର ଟଙ୍କା ଦିଆଯିବ। ୫ ବର୍ଷରେ ମୋଟ ୫୦ ହଜାର ଟଙ୍କା ପାଇବେ। ପ୍ରଥମ ବର୍ଷ କୋଟିଏ ମହିଳା ଦୁଇଟି କିସ୍ତିରେ ୧୦ ହଜାର ଟଙ୍କା ପାଇସାରିଲେଣି। ଏହା ଦ୍ୱାରା ଅନେକ ଗରିବ ମହିଳା ଉପକୃତ ହେଉଛନ୍ତି। ସେହିପରି କ୍ଷମତାକୁ ଆସିବାର କିଛି ସପ୍ତାହ ମଧ୍ୟରେ ଶ୍ରୀମନ୍ଦିର ରତ୍ନ ଭଣ୍ଡାର ଖୋଲାଯିବା ସହିତ ମରାମତି ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟରେ ଖାଦ୍ୟ ସୁରକ୍ଷା ଯୋଜନାର ନବୀକରଣ କରାଯାଇଛି ଏବଂ ଅନେକ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦିଆଯାଇଛି। ରାଜ୍ୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପରିବର୍ତ୍ତେ କେନ୍ଦ୍ର ସରକାର ଆୟୁଷ୍ମାନ ଭାରତ ଯୋଜନା ଆରମ୍ଭ ହୋଇଛି। ବର୍ଷକ ଭିତରେ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଅନେକ ପୁଞ୍ଜିନିବେଶ ପ୍ରସ୍ତାବ ଆସିଛି। ଧାନର ଏମଏସପି ବୃଦ୍ଧି ସହ ଚାଷୀଙ୍କୁ ବୋନସ ପ୍ରଦାନ କରାଯାଉଛି। ଦୁର୍ନୀତିଗ୍ରସ୍ତଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନିଜେ ମୁଖ୍ୟମନ୍ତ୍ରୀ ବିଭିନ୍ନ ସ୍ଥାନକୁ ଯାଇ ଲୋକଙ୍କ ସୁଖ ଦୁଃଖ ବୁଝୁଛନ୍ତି। ଅନେକ କ୍ଷେତ୍ରରେ ଲୋକଙ୍କ ସମସ୍ୟା ମଧ୍ୟ ଦୂର ହୋଇପାରିଛି। ରାଜ୍ୟରେ ରେଳବାଇର ବିକାଶ ତ୍ୱରାନ୍ୱିତ ହୋଇଛି ଏବଂ ରେଳବଜେଟରେ ଓଡ଼ିଶାକୁ ପୂର୍ବାପେକ୍ଷା ଢେର ଅଧିକ ଅର୍ଥ ମିଳିଛି। ଖୋର୍ଦ୍ଧାରୋଡ- ବଲାଙ୍ଗୀର ରେଳପଥ ନିର୍ମାଣ କାର୍ଯ୍ୟ ଯୋରସୋରେରେ ଆଗେଇ ଚାଲିଛି। ତେଣୁ ବିଜେପି ଶାସନର ପ୍ରଥମ ବର୍ଷ ନିହାତି ନୈରାଶ୍ୟଜନକ ହୋଇନାହିଁ। କିନ୍ତୁ ଆହୁରି ଅନେକ କାମ ବାକି ଅଛି, ଲୋକେ ସରକାରଙ୍କଠାରୁ ଆହୁରି ଅନେକ କାମ ଆଶା କରୁଛନ୍ତି। ଏବେ ବାକି ୪ ବର୍ଷ ଭିତରେ ସରକାର ଏହାକୁ ପୂରଣ କରିବେ ବୋଲି ଆଶା କରାଯାଇପାରେ। ଉଭୟ କେନ୍ଦ୍ର ଏବଂ ରାଜ୍ୟରେ ଗୋଟିଏ ଦଳର ସରକାର ଚାଲିଛି। ଏହାକୁ ଡବଲ ଇଞ୍ଜିନ ସରକାର କୁହାଯାଉଛି। ତେଣୁ ରାଜ୍ୟର ବିକାଶ ପ୍ରକ୍ରିୟା ଆଗେଇ ନେବାକୁ ଏବେ ସୁବର୍ଣ୍ଣ ସୁଯୋଗ ସୃଷ୍ଟି ହୋଇଛି। ଏହାକୁ ବିଜେପି ହାତ ଛଡ଼ା କରିବା ଅନୁଚିତ। ରାଜ୍ୟରେ କୃଷକ ଓ ମହିଳାଙ୍କ ବିକାଶ ସହିତ ଯଦି ଯୁବ ବର୍ଗଙ୍କ ବିକାଶ ନିମନ୍ତେ ମୋହନ ସରକାର ପଦକ୍ଷେପ ନେଇପାରିବେ ତେବେ ଏହା ଦଳ ପାଇଁ ଏବଂ ରାଜ୍ୟପାଇଁ ଲାଭଜନକ ହେବ। ବେକାରୀ ଦୂରୀକରଣ ସରକାରଙ୍କ ପାଇଁ ଏକ ଚାଲେଞ୍ଜ ହୋଇଛି। ଏହାକୁ ମୋହନ ମାଝୀ ସରକାର କେତେ ସଫଳତାର ସହ ସମାଧାନ କରିପାରିବେ ତାହା ଦେଖିବାର କଥା। ୨୦୩୬ ସୁଦ୍ଧା ଓଡ଼ିଆକୁ ଏକ ସମୃଦ୍ଧ ଏବଂ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ସରକାର ସଙ୍କଳ୍ପ ନେଇଛନ୍ତି। ଏହାକୁ ପୂରଣ କରିବାରେ ସରକାର ସବୁ ପ୍ରକାର ଉଦ୍ୟମ କରିବେ ବୋଲି ଆଶା। ବିରୋଧୀ ଦଳମାନେ ମଧ୍ୟ ଏଥିରେ ସହଯୋଗ କରିବା ଉଚିତ। କିନ୍ତୁ ସରକାରଙ୍କ ଦାୟିତ୍ୱ ହେଲା ବିରୋଧୀଙ୍କୁ ବିଶ୍ୱାସକୁ ନେବା। ସମସ୍ତଙ୍କ ସହଯୋଗ ଏବଂ ସହମତି ଆଧାରରେ ରାଜ୍ୟର ବିକାଶ ରଥ ଆଗକୁ ବଢ଼ିପାରିବ। ନଚେତ ବିକାଶର ସ୍ୱପ୍ନ ଅଧୁରା ରହିଯିବ।

# ବ୍ରହ୍ମଗିରିର ଶ୍ରୀ ଅଲାରନାଥ



**ସନ୍ତୋଷ କୁମାର ଦାଶ**

ଶ୍ରୀକ୍ଷେତ୍ର ପୁରୀଠାରୁ ପଶ୍ଚିମ ଆଡକୁ ଗଲେ ଅଳ୍ପ ଦୁରରେ ପଡ଼େ ବ୍ରହ୍ମଗିରି। ସେଠାରେ ପୂଜା ପାଇ ଆସୁଛନ୍ତି ଶ୍ରୀ ଅଲାରନାଥ। ସ୍ନାନ ପୂର୍ଣ୍ଣିମା ରେ ଦିବ୍ୟ ସ୍ନାନ କରିବା ପରେ ଶ୍ରୀ ଜିଉ ମାନେ ଜ୍ୱର ରେ ପୀଡ଼ିତ ହୋଇ ପଡ଼ି ଅଣସର ଗୃହ ରେ ଗୁପ୍ତ ଭାବ ରେ ଦଇତାପତି ସେବକ ମାନଙ୍କ ଦ୍ୱାରା ଚିକିତ୍ସିତ ହୋଇଥାନ୍ତି। ଏହି ସମୟରେ ଶ୍ରୀ ମନ୍ଦିର ରେ ଶ୍ରୀ ଜିଉ ମାନଙ୍କର ଦର୍ଶନ ମିଳି ନ ଥାଏ। ବ୍ରହ୍ମଗିରି ରେ ପୂଜା ପାଉଥିବା ଶ୍ରୀ ଅଲାରନାଥ ଙ୍କୁ ଏହି ସମୟ ରେ ଦର୍ଶନ ଓ ପୂଜାର୍ଚ୍ଚନା କଲେ ଶ୍ରୀ ଜଗନ୍ନାଥ ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ର ଫଳ ମିଳିଥାଏ ବୋଲି ବିଶ୍ୱାସ ରହିଛି। ଏହି ବିଶ୍ୱାସ ପାଇଁ ଅଣସର ୧୫ ଦିନ ବ୍ରହ୍ମଗିରି ର ଶ୍ରୀ ଅଲାରନାଥ ଙ୍କ ମନ୍ଦିର ରେ ଭକ୍ତମାନଙ୍କ ଭିଡ଼ ହୁଏ।ଶ୍ରୀ ଅଲାରନାଥ ଙ୍କ ସମ୍ପର୍କ ରେ ଅନେକ କିମ୍ବଦନ୍ତୀ ରହିଛି। ସତ୍ୟଯୁଗ ସମୟର କଥା ,ଏକଦା ସୃଷ୍ଟିକର୍ତ୍ତା ବ୍ରହ୍ମା ଭଗବାନ ବିଷ୍ଣୁଙ୍କ ଦର୍ଶନ ଲାଭ କରିବା ଲାଗି ଘୋର ତପସ୍ୟା କଲେ। ବ୍ରହ୍ମାଙ୍କ ତପସ୍ୟା ରେ ସନ୍ତୁଷ୍ଟ ହୋଇ ଭଗବାନ ବିଷ୍ଣୁ ଚତୁର୍ଭୁଜ ରୂପ ଧାରଣ କରି ତାଙ୍କ ସମ୍ମୁଖରେ ପ୍ରକଟହେଲେ ଓ କହିଲେ ମୁଁ ତୁମ ତପସ୍ୟା ରେ ସନ୍ତୁଷ୍ଟ। ତୁମେ ମୋର ଏକ ଚତୁର୍ଭୁଜ ମୂର୍ତ୍ତି ନିର୍ମାଣ କରି ଏଠାରେ ପୂଜାର୍ଚ୍ଚନା କର।ଭଗବାନଙ୍କ ଆଜ୍ଞା ପାଳନ କରି ବ୍ରହ୍ମା କଳା ମୁଗୁନି ପଥରରେ ବିଷ୍ଣୁଙ୍କ ପ୍ରତିମା ଟିଏ ନିର୍ମାଣ କରି ସେଠାରେ ପୂଜାର୍ଚ୍ଚନା କଲେ। ସେହି ପ୍ରତିମୂର୍ତ୍ତି ସମ୍ପ୍ରତି ଅଲାରନାଥ ନାମ ରେ ପୂଜା ପାଇ ଆସୁଛନ୍ତି।ଯେଉଁ ପର୍ବତ ଉପରେ ବ୍ରହ୍ମା ତପସ୍ୟା କରିଥିଲେ ସେହି ସ୍ଥାନଟି ପରବର୍ତ୍ତୀ କାଳରେ ବ୍ରହ୍ମଗିରି ନାମରେ ବିଖ୍ୟାତ ହେଲା। ପୌରାଣିକ କଥା ରହିଛି ଯେ, ରାଜା ଇନ୍ଦ୍ରଦ୍ୟୁମ୍ନ ଙ୍କ ରାଜତ୍ୱ କାଳରେ ସୃଷ୍ଟିକର୍ତ୍ତା ବ୍ରହ୍ମା ଶ୍ରୀମନ୍ଦିର ପ୍ରତିଷ୍ଠା ଲାଗି ମର୍ତ୍ତ୍ୟଭୂମିକୁ ଆସିଥିଲେ। ସେ ପ୍ରଥମେ ଯେଉଁ ସ୍ଥାନରେ ମର୍ତ୍ତ୍ୟଭୂମି କୁ ଓହ୍ଲାଇଲେ ସେହି ସ୍ଥାନକୁ ପରବର୍ତ୍ତୀ ସମୟରେ ବ୍ରହ୍ମଗିରି ବୋଲି କୁହାଗଲା। ସୃଷ୍ଟିକର୍ତ୍ତା ମର୍ତ୍ତ୍ୟଭୂମିରେ ପାଦ ଦେବା ପରେ ବିଷ୍ଣୁଙ୍କ ପୂଜା କରିଥିଲେ।ଯେଉଁ ବିଷ୍ଣୁଙ୍କ ପୂଜା ସେ କରିଥିଲେ ପରବର୍ତ୍ତୀ ସମୟରେ ସେ ଅଲାରନାଥ ଙ୍କ ନାମରେ ପରିଚିତ ହେଲେ।ଭଗବାନ ଅଲାରନାଥ ହେଉଛନ୍ତି ଚତୁର୍ଦ୍ଧାମୂର୍ତ୍ତି ନାରାୟଣ। ମୂର୍ତ୍ତୀ ଟି ସାଢେ ପାଞ୍ଚଫୁଟ ଉଚ୍ଚତା। ଶ୍ରୀଦେବୀ ଏବଂ ଭୂ ଦେବୀ ପାଖରେ ବିଦ୍ୟମାନ କରିଛନ୍ତି। ପଦଯୁଗ ତଳେ ଗରୁଡ଼ ପ୍ରାର୍ଥନାରତ। ଦଣ୍ଡାୟମାନ ଭଙ୍ଗୀରେ ଥିବା ଏହି ବିଗ୍ରହ ଙ୍କର ହସ୍ତରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ସୁଶୋଭିତ।ଶ୍ରୀ ଜୀଉଙ୍କ ଉର୍ଦ୍ଧ୍ୱ ବାମ ହସ୍ତରେ ଶଙ୍ଖ, ଡାହଣ ହସ୍ତରେ ଚକ୍ର ଅଛି। ନିମ୍ନ ବାମ ହସ୍ତରେ ଗଦା ଓ ଡାହାଣ ହସ୍ତରେ ପଦ୍ମ ରହିଛି। ଏହି ଠାକୁର ଙ୍କ ମୁହଁରେ ଫୋଟକା ଚିହ୍ନ ଦେଖିବାକୁ ମିଳେ। ଏ ସମ୍ପର୍କ ରେ ବି ଏକ ଲୋକକଥା ଶୁଣିବାକୁ ମିଳେ। ବହୁ ପୁରାତନ କାଳରେ ଶ୍ରୀ କେତନ ନାମକ ଜଣେ ବ୍ରାହ୍ମଣ ଠାକୁର ଙ୍କୁ ପୂଜା କରୁଥିଲେ। ସେ ପୂଜକ କାର୍ଯ୍ୟବଶତଃ ଅନ୍ୟ ଗ୍ରାମକୁ କେତେଦିନ ପାଇଁ ଚାଲି ଯାଇଥିଲେ। ଯିବା ପୂର୍ବରୁ ସେ ତାଙ୍କର ନାବାଳକ ପୁତ୍ର କୁ ଠାକୁରଙ୍କ ନିକଟରେ କ୍ଷୀରିଭୋଗ କରିବା ପାଇଁ କହି ଯାଇଥିଲେ। ଅଜ୍ଞାନ ବାଳକ ପୂଜା ପଦ୍ଧତି ସମ୍ବନ୍ଧରେ ସମ୍ପୂର୍ଣ୍ଣ ଅଜ୍ଞ ଥିଲେ। କ୍ଷୀରି ହାଣ୍ଡି ଧରି ଠାକୁରଙ୍କ ପାଖରେ ପହଞ୍ଚି ତାର ଚପଳ ବୁଦ୍ଧି ଓ ଭକ୍ତି ସହକାରେ ନିଜ ଆଖି ବନ୍ଦ କରି ଠାକୁରଙ୍କୁ ଆବାହନ କଲା " ଆସ ଅଲାର ଖାଅ ଖିରି ,ବାପା ଯାଇଛନ୍ତି ତୀର୍ଥ କରି "। ଆଖି ଖୋଲି ସେ ଦେଖିଲା ହାଣ୍ଡିରେ କିଛି କ୍ଷୀରି ନାହିଁ। ଘରକୁ ଖାଲି ହାଣ୍ଡି ଧରି ଫେରି ତା'ମା ଆଗରେ ସମସ୍ତ ଘଟଣା କହିଲା। କିନ୍ତୁ ତା ମା'ର ଏହି କଥା ବିଶ୍ୱାସ ହେଲା ନାହିଁ। ବିଲେଇ କ୍ଷୀରି ବୋଧହୁଏ ଖାଇ ଦେଇଥିବ କିମ୍ବା ଅନ୍ୟ କୌଣସି ଅଘଟଣ ଘଟିଥିବ, ଏହି ଆଶଙ୍କାରେ ପୁତ୍ରର ମା' ରାତ୍ରି ସାରା ଶୋଇ ପାରି ନ ଥିଲେ।ତାପର ଦିନ ପୁଅକୁ କ୍ଷୀରି ହାଣ୍ଡି ସହ ପଠାଇ ବାଳକଟିର ମା ଅଲାରନାଥ ବିଗ୍ରହ ଙ୍କର ପଶ୍ଚାତ୍ ଭାଗରେ ଲୁଚି ରହି ଥିଲେ। କ୍ଷୀରି ଖାଇବା ପାଇଁ ବାଳକ ଟି ଠାକୁରଙ୍କୁ ଆବାହନ କରିବା ମାତ୍ରେ ପ୍ରଭୁ ଅଲାରନାଥ ଆସି ନଇଁ ପଡ଼ି କ୍ଷୀରି ଖାଉଥିବା ବେଳେ ବାଳକଟିର ମା' ଭୟରେ ଚିତ୍କାର କରିଥିଲେ। ଗରମ କ୍ଷୀରି ପ୍ରଭୁ ଙ୍କ ହାତ ଓ



ମୁହଁରେ ପଡ଼ି ଫୋଟକା ହୋଇଯାଇଥିଲା। ଅଦ୍ୟାବଧି ଏହାର ସ୍ମୃତି ସ୍ୱରୂପ ସ୍ଥାନୀୟ ପୂଜକମାନେ ବିଗ୍ରହଙ୍କର ମୁହଁରେ ଥିବା ଫୋଟକା ଚିହ୍ନ ଦେଖାଇଥାନ୍ତି। ସ୍ଥାନୀୟ ଅଧିବାସୀଙ୍କ ବିଶ୍ୱାସ ଯେ, ପ୍ରଭୁ ଅଲାରନାଥ ସ୍ୱୟଂ କ୍ଷୀରିକୁ ଏଠାରେ ଆଘ୍ରାଣ କରି ଥାଆନ୍ତି, ଯାହାଫଳରେ କି ଏଠାର କ୍ଷୀରି ଭୋଗ ଅତ୍ୟନ୍ତ ସୁସ୍ୱାଦୁ ଓ ପ୍ରସାଦ ରୂପେ ସମସ୍ତ ଭକ୍ତମାନଙ୍କ ଗ୍ରହଣୀୟ ହୋଇଛି। ପୁରୁଷୋତ୍ତମ ଚନ୍ଦ୍ରିକାରୁ ଜଣାପଡ଼େ ଯେ,ଅଲବନ୍ଦ ଆଚାର୍ଯ୍ୟ ନାମକ ଏକ ତାନ୍ତ୍ରିକ ବ୍ରାହ୍ମଣ ଅନବସର ସମୟରେ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ସ୍ୱର୍ଗଦ୍ୱାର ନିକଟ ସୋଲାଖିଆ ବଟବୃକ୍ଷରେ ମହୁମାଛି ହୋଇ ଶ୍ରୀମନ୍ଦିରକୁ ଯାଆନ୍ତେ ସେଠାରେ ବାଧାପ୍ରାପ୍ତ ହୋଇ ସମୁଦ୍ରରେ ଝାସ ଦେବାକୁ ଯିବା ସମୟରେ ଏକ ମର୍କଟ ବାଧାଦେବାରୁ ସେ ଶ୍ରୀ ଅଲାରନାଥ ଙ୍କ ପୀଠରେ ଆସି ପଡ଼ିଲେ। ଅଲବନ୍ଦାରନାଥଙ୍କ ଠାକୁରଙ୍କୁ କାଳକ୍ରମେ ଶ୍ରୀ ଅଲାରନାଥ ଭାବେ ପୂଜା ହେଉଥିବା କୁହାଯାଏ। ଗବେଷକମାନଙ୍କ ମତାନୁଯାୟୀ 'ଅଲାରନାଥ' ନାଁ ଟି ଏକ ଦ୍ରାବିଡ଼ ଶବ୍ଦରୁ ଆସିଛି। ଦ୍ରାବିଡ଼ ଶବ୍ଦ 'ଆଲୋୟାର'ର ଅର୍ଥ ଭକ୍ତ। ଏଣୁ ଆଲୋୟାରନାଥ ପ୍ରକୃତରେ ଭକ୍ତଙ୍କର ନାଥ। କାଳକ୍ରମେ ଆଲୋୟାରନାଥ ଶବ୍ଦର ଅପଭ୍ରଂଶ ଘଟି ଆଲବନ୍ଦାନାଥ, ଅଲବରନାଥ, ଆଲାଲାନାଥ ଏବଂ ପରିଶେଷରେ ସ୍ଥାନୀୟ ଲୋକମୁଖରେ ଏହା 'ଅଲାରନାଥ' ନାମରେ ପ୍ରସିଦ୍ଧି ଲାଭ କରିଛି। ସତ୍ୟ ଯୁଗରେ ମହାପ୍ରଭୁଙ୍କ ଲୀଳା ବ୍ରହ୍ମଗିରି ରେ ପ୍ରକଟ ହୋଇ ଥିଲା। ତେବେ ଅନେକ କାଳ ଧରି ଏହି ଲୀଳା ଗୁପ୍ତ ହୋଇ ରହିବା ପରେ ମହାନ ବୈଷ୍ଣବ ସନ୍ଥ ଚୈତନ୍ୟଙ୍କ ଶ୍ରୀକ୍ଷେତ୍ରକୁ ଆଗମନ ସମୟ ରେ ଅଲାରନାଥଙ୍କ ମହିମା ପୁନର୍ବାର ଲୋକମୁଖରେ ପ୍ରଚାରିତ ହୋଇଥିଲା। ଶ୍ରୀ ଚୈତନ୍ୟ ତାଙ୍କ ଜୀବନର ଶେଷ ୧୮ବର୍ଷ ଶ୍ରୀକ୍ଷେତ୍ର ରେ କଟାଇଥିଲେ। କାଶୀ ମିଶ୍ରାଳୟ ର ଗମ୍ଭୀରା ଘରେ ସେ ଅବସ୍ଥାନ ପୂର୍ବକ ପ୍ରତ୍ୟହ ଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ ନିମିତ୍ତ ଶ୍ରୀମନ୍ଦିରକୁ ଯାଉଥିଲେ। ଅଣସର ସମୟରେ ପ୍ରଭୁଙ୍କର ଦର୍ଶନ ନ ପାଇ ବିରହ ଜ୍ୱାଳାରେ ମିୟମାଣ ହୋଇ ପଡ଼ିଥିଲେ। ପ୍ରଭୁଙ୍କ ନିର୍ଦ୍ଦେଶରେ ସେ ବ୍ରହ୍ମଗିରିସ୍ଥ ଅଲାରନାଥଙ୍କ ପୀଠରେ ପହଞ୍ଚି ନାରାୟଣ ମୂର୍ତ୍ତିଙ୍କୁ ଦର୍ଶନ କରି ଭାବ ବିହ୍ୱଳିତ ହୋଇଯାଇଥିଲେ। ସେଠାରେ ପଡ଼ିଥିବା ଏକ ପ୍ରସ୍ତର ଖଣ୍ଡ ଉପରେ ଦଣ୍ଡବତ ପ୍ରଣିପାତ କରିଥିଲେ। ଶ୍ରୀ ବିଗ୍ରହଙ୍କ ଦର୍ଶନ ନ ପାଇ ବିରହ ଜ୍ୱାଳାରେ ତାଙ୍କ ଶରୀର ଏତେ ଉତ୍ତପ୍ତ ହୋଇ ଯାଇଥିଲା ଯେ ଉକ୍ତ ପ୍ରସ୍ତର ଖଣ୍ଡକ ତାଙ୍କ ଶରୀରର ଆକାର ଅନୁଯାୟୀ ତରଳି ଯାଇ ଥିଲା। ଏବେ ବି ସେହି ପ୍ରସ୍ତର ଖଣ୍ଡିକ ସର୍ବାଙ୍ଗ ଶିଳା ଭାବେ ମନ୍ଦିର ପରିସରରେ ପୂଜିତ ହେଉଛି। ଶ୍ରୀଚୈତନ୍ୟ ପନ୍ଥୀ ଗୌଡ଼ୀୟ ବୈଷ୍ଣବମାନେ ଏହି ପୀଠକୁ ଆଗମନ କରି ପ୍ରଭୁ ଅଲରନାଥଙ୍କୁ ଦର୍ଶନ କରିବା ସହିତ ସେହି ସର୍ବାଙ୍ଗ ଶିଳାକୁ ପ୍ରଣିପାତ କରିଥାନ୍ତି। ଶ୍ରୀ ମନ୍ଦିର ଭୋଗନୀତି ପରି ଏଠାରେ ମଧ୍ୟ ଭୋଗ ଅନୁଷ୍ଠିତ ହୁଏ। ସକାଳ ୮ ଟାରେ ବାଳଭୋଗ, ସକାଳ ଧୂପରେ ଅଣ୍ଟି, ଖେଚେଡ଼ି, ଡାଲି ଓ ତରକାରୀ ଭୋଗ କରାଯାଏ। ମାଧାହ୍ନରେ କ୍ଷୀରି ଭୋଗ କରାଯାଇ ପହୁଡ଼ ପଡ଼େ। ରାତିରେ ଦହି ପଖାଳ ଓ ଭଜା ଭୋଗ କରାଯାଏ। ଶ୍ରୀଅଲାରନାଥଙ୍କ କ୍ଷୀରି ଭୋଗ ସବୁଠାରୁ ପ୍ରିୟ। ଶ୍ରୀମନ୍ଦିର ଭଳି ଏଠାରେ ପ୍ରଭୁ ଅଲାରନାଥଙ୍କ ଦୈନନ୍ଦିନ ଆଳତୀ, ଅବକାଶ, ବଲ୍ଲଭ, ଅନ୍ନଭୋଗ, ଚନ୍ଦନ ଲାଗି, ବଡ଼ସିଂହାର ବେଶ, ପହୁଡ଼ ଇତ୍ୟାଦି ନୀତି ଅନୁଷ୍ଠିତ ହୋଇଥାଏ।ବିଶେଷ କରି ଅଣସର ସମୟରେ ଉକ୍ତ ମନ୍ଦିରରେ ଦ୍ୱାର ଫିଟା, ମଙ୍ଗଳ ଆରତୀ, ଅବକାଶ, ଅଣସର ବେଶ, ଚନ୍ଦନ ତୁଳସୀ ଲାଗି, ବଲ୍ଲଭ ଭୋଗ, ସର୍ବସାଧାରଣ ଦର୍ଶନ, ସକାଳ ଧୂପ, ଦ୍ୱିପହର ଧୂପ (କ୍ଷୀରି ଭୋଗ), ଦିବା ପହୁଡ଼, ଚିଆଁ ପହୁଡ଼, ସର୍ବସାଧାରଣ ଦର୍ଶନ, ସନ୍ଧ୍ୟା ଆଳତୀ, ମଇଲମ, ଅଣସର ବେଶ, ସର୍ବସାଧାରଣ ଦର୍ଶନ, ସନ୍ଧ୍ୟା ଧୂପ, ବଡ଼ ସିଂହାର ବେଶ ଓ ତତ୍ପରେ ପହୁଡ଼ ନୀତି ହୋଇ ମନ୍ଦିର ଦ୍ୱାର ବନ୍ଦ ହୋଇଥାଏ। ଅନବସର ସମୟରେ ଅନବସର ବେଶ, ଚନ୍ଦନ ଯାତ୍ରା ସମୟରେ ଚନ୍ଦନ ବେଶ, କାର୍ତ୍ତିକ ମାସରେ ରାଧାଦାମୋଦର ବେଶ, ଦଶହରା ଦିନ ରାଜବେଶ, ବସନ୍ତ ପଞ୍ଚମୀ ଦିନ ଘୋଡ଼ାଲାଗି ବେଶ ଓ ଅନ୍ୟାନ୍ୟ ବେଶ କରାଯାଏ। ସେହିଭଳି ବିଭିନ୍ନ ପର୍ବପର୍ବାଣି ମଧ୍ୟରେ ଅନବସର ଉତ୍ସବ, ଚିତାଲାଗି ଅମାବାସ୍ୟା, ଗହ୍ମାପୂର୍ଣ୍ଣିମା, କୁମାର ପୂର୍ଣ୍ଣିମା, ବିଜୟା ଦଶମୀ, ଦେବ ଦୀପାବଳୀ, ଧନୁ ସଂକ୍ରାନ୍ତି, ପହିଲି ଭୋଗ, ମକର ସଂକ୍ରାନ୍ତି, ବକୁଳ ଅମାବାସ୍ୟା, ବସନ୍ତ ପଞ୍ଚମୀ, ଦୋଳ ପୂର୍ଣ୍ଣମୀ, ପୁଷ୍ୟାଭିଷେକ, ପଣାସଂକ୍ରାନ୍ତି, ଚନ୍ଦନ ଯାତ୍ରା ଆଦି ଅନୁଷ୍ଠିତ ହୋଇଥାଏ।

ଜୟ ପ୍ରଭୁ ଶ୍ରୀ ଅଲାରନାଥ।।


**ତୁଳସୀପୁର, ପୁରୀ**
**ମୋବାଇଲ୍: ୯୪୩୯୩୬୧୮୮**


# ପିଲାଙ୍କ ପାଠପଢ଼ାରେ ମା' ବାପାଙ୍କ ଭୂମିକା

**ଡକ୍ଟର ସୁରେଶ କୁମାର ନାୟକ**

ଆଜିକାଲି ପ୍ରତ୍ୟେକ ଅଭିଭାବକ ସେମାନଙ୍କ ସନ୍ତାନଙ୍କ ଭବିଷ୍ୟତ ନେଇ ଚିନ୍ତିତ। ତେଣୁ ସ୍କୁଲରେ ପିଲାର ପାଠପଢ଼ା ଆରମ୍ଭ ନ ହେଉଣୁ ତାକୁ ଘରୋଇ ଟିଉସନ୍ ପଠାଇବା ସହିତ, କଅଁଳ ବୟସରୁ ସେମାନଙ୍କ ଉପରେ ପାଠପଢ଼ିବା ପାଇଁ ଚାପ ପ୍ରୟୋଗ କରିଥାନ୍ତି। ଯାହାଫଳରେ ସେମାନେ ପାଠ ପ୍ରତି ବିତସ୍ପୃହ ହୋଇ ପଡ଼ନ୍ତି। ତେଣୁ ପାଠକୁ ନେଇ ସେମାନଙ୍କ ଉପରେ ଅଧିକ ଚାପ ପ୍ରୟୋଗ କରିବା ଉଚିତ ନୁହେଁ। ସେମାନଙ୍କ ଉପରେ ବିରକ୍ତ ହେବା ଠିକ୍ ନୁହେଁ। ମାନସିକ ଚାପ ମଧ୍ୟରେ ମଣିଷ କୌଣସି କାମକୁ ସୂଚାରୁ ରୂପେ ପରିଚାଳନା କରିପାରେ ନାହିଁ। ପିଲାମାନେ କିପରି ଚାପ ମଧ୍ୟରେ ପାଠ ପଢ଼ି ପାରିବେ। ଯଦି ପ୍ରଥମରୁ ସେମାନଙ୍କ ପାଠ ପ୍ରତି ଦୃଷ୍ଟି ଦିଆଯାଏ ଓ କେତେକ ଦଗ ପ୍ରତି ଯତ୍ନ ଦିଆଯାଏ ତେବେ ସେମାନଙ୍କୁ ସବୁ ସମୟରେ ବହି ପାଖରେ ବସିବାକୁ ହୁଏ ନାହିଁ।

ପିଲା ସ୍କୁଲରରେ ପ୍ରତ୍ୟହ କ'ଣ ପଢ଼ିଛି ସଂଧ୍ୟାରେ ଅଭିଭାବକ ତାର ନିକଟରେ ବସି ତାଠୁଁ ବୁଝିବା ଦରକାର। ସଂଧ୍ୟାରେ ଦେଢ଼ରୁ ଦୁଇ ଘଣ୍ଟା ପିଲାକୁ ପଢ଼ିବାକୁ ବସାଇବା ଦରକାର। ପ୍ରତ୍ୟେହ ଯାହା ସ୍କୁଲରେ ପଢ଼ା ହୋଇଛି ଘରେ ତାହାର ପୁନଃ ଆଲୋଚନା ବା ଅଧ୍ୟନ ପରେ ସେ ଏହାକୁ ସହଜରେ ମନେରଖି ପାରିବ। ଯଦି ସ୍କୁଲରେ କୌଣସି ସନ୍ଦେହ ଥିବ ଘରେ ତାହା ଦୂର ହୋଇପାରିବ। ଯଦି ଅଭିଭାବକ ପଢ଼ାଇ ପାରନ୍ତି ନାହିଁ ତାହାକୁ ପୁନଃ ସ୍କୁଲ ଶିକ୍ଷକଙ୍କୁ ପଚାରିବାକୁ ବୁଝାଇବା ଉଚିତ। କୌଣସି ବିଷୟକୁ ଘୋଷିବା ଅପେକ୍ଷା ଏହାକୁ ପିଲା ବୁଝିପାରିଲେ ତାହା ତାର ମସ୍ତିଷ୍କରେ ଘର କରି ରହିଯାଏ।



ପରୀକ୍ଷାକୁ ଶିଶୁର ବୌଦ୍ଧିକ ବିକାଶର ମାନଦଣ୍ଡ ବୋଲି ଭାବିବା ଅନୁଚିତ ଏବଂ ଏଥିପାଇଁ ତାର ଉପରେ ଚାପ ପ୍ରୟୋଗ କରିବା ଅନୁଚିତ। ଏହାଦ୍ୱାରା ସେ ଆପଣଙ୍କ ଆଶାପୂରଣ କରିବାକୁ ଯାଇ ବହୁ କ୍ଷତିଗ୍ରସ୍ତ ହେବ। ପିଲା ଗୋଟିଏ ବିଷୟ ପଢ଼ି ସଂଗେ ସଂଗେ ତାର ଉତ୍ତର ଦେଇଥାଏ। କିନ୍ତୁ କିଛି ଦିନ ପରେ ସେ ସବୁ ପାଶୋରି ଯାଇଥାଏ। ତେଣୁ ଯେଉଁ ପାଠ ଆଜି ପଢ଼ିବ ତାର କିଛିଦିନ ପରେ ତା ଉପରେ ପ୍ରଶ୍ନ କରିପାରନ୍ତି। ଏପରି ହେବା ଦ୍ୱାରା ସେହି ବିଷୟ ପୁଣି ତା ମନକୁ ଆସେ ଓ ସେ ସମ୍ପୂର୍ଣ୍ଣ ଭାବେ ମନେ ରଖିପାରେ। ପରୀକ୍ଷା ପ୍ରସ୍ତୁତି ସମୟରେ ସବୁଦିନ ପିଲାମାନଙ୍କ ପାଇଁ କୌଣସି ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନିର୍ଦ୍ଧାରଣ କରିବା ଦରକାର। ପ୍ରତିଦିନ ପାଇଁ ରୁଟିନ ପ୍ରସ୍ତୁତ କରିବା ଦରକାର। ପିଲା ଏହାକୁ କେତେ ଦୂର ପୂରଣ କରୁଛି ତାହା ଉପରେ ମଧ୍ୟ ଲକ୍ଷ୍ୟ ରଖିବା ଦରକାର।ଅନେକ ପିଲା ଦଳଗତ ଭାବେ ପଢ଼ିବାକୁ ପସନ୍ଦ କରିଥାନ୍ତି। ଏହାଦ୍ୱାରା ସେମାନଙ୍କ ମଧ୍ୟରେ ସେହି ବିଷୟକୁ ନେଇ ଆଲୋଚନା ହୁଏ। ଯାହା ସେମାନଙ୍କୁ ବୁଝିବାକୁ ସହଜ ହୁଏ।

ତେବେ ଦଳଗତ ପଢ଼ିବା ସମୟରେ ଅଭିଭାବକଙ୍କୁ ଦେଖିବା ଦରକାର ସେମାନଙ୍କ ପିଲାର ପାଠସାଥୀର ଜ୍ଞାନ କେତେ। ଯଦି ସେ ମେଧାବୀ ହୋଇନଥିବ ତେବେ ଆପଣଙ୍କ ପିଲାର ସ୍ତର କମିଯାଇପାରେ। ପଢ଼ିବା ସମୟରେ ପିଲା ଯେପରି ଗପସପ ନକରେ ସେଥିପ୍ରତି ବିଶେଷ ଧାନ ଦେବା ଦରକାର। ପାଠପଢ଼ା ବ୍ୟତୀତ ପିଲାର ଅନ୍ୟାନ୍ୟ ଦିଗରେ ବୌଦ୍ଧିକ ବିକାଶ ହେବା ଦରକାର। ତେଣୁ ଏଥିପାଇଁ ପ୍ରତିଦିନ କିଛି ସମୟ ଖେଳକୁଦ ପାଇଁ ସୁଯୋଗ ଦେବା ଦରକାର। ଫଳରେ ସେ ଅନୁଭବ କରିବ। କିଛି ସମୟ ଟିଭି ଦେଖିବାକୁ ଦେବା ଦରକାର। ତେବେ ସେହି କାର୍ଯ୍ୟକ୍ରମ ଶିଶୁ ସମ୍ବନ୍ଧିତ ହୋଇଥିବା ଦରକାର ବା ସେଥିରୁ କିଛି ଭଲ ଶିକ୍ଷା ମିଳିପାରୁଥିବା ଦରକାର। ଟିଭିରେ ବିଭିନ୍ନ ଧାର୍ମିକ ଧାରାବାହିକ ଦେଉଛି। ଏହାକୁ ପିଲା ଦେଖିଲେ ଭଲ କଥା ଶିଖିବା ସହ ନିଜ ସଂସ୍କୃତି ବିଷୟରେ ଜାଣିବାକୁ ପାଇବ। ପିଲାଟିକୁ ଶାରୀରିକ, ମାନସିକ ଓ ବୌଦ୍ଧିକ କ୍ଷେତ୍ରରେ ଆପଣ ତାର ମାର୍ଗ ଦର୍ଶକ ଓ ପ୍ରେରଣାଦାତା ହେବା ସହିତ ଜଣେ ଭଲ ବନ୍ଧୁ ହୁଅନ୍ତୁ। ପିଲାମାନଙ୍କ ସହିତ ଖୋଲା ହୃଦୟର କଥା ହୋଇ ସେମାନଙ୍କୁ ସମାଜର ଉତ୍ତମ ରାସ୍ତାରେ ଚାଲିବା ପାଇଁ ପଥ ପ୍ରଦର୍ଶନ ଏକ ଜୀବନ ସଂସ୍କାର କହିଲେ ଅତ୍ୟୁକ୍ତି ହେବନାହିଁ।

ଏହି ମର୍ମରେ ମନେପଡ଼ୁଛି କାନ୍ତ କବି ଲକ୍ଷ୍ମୀକାନ୍ତଙ୍କ ସେହି ସ୍ମରଣୀୟ ଧାଡ଼ି - "ଶିଶୁ ବୋଲି ଦୁଇ ଅକ୍ଷର, ଅଟେ ସଂସାରେ ସାରା ପିତାମାତାଙ୍କର ଗଳାରେ, ସେହି କୁସୁମ ହାରା ଶିଶୁଟି ଆହା କି ସୁନ୍ଦର, ମଣି ରଙ୍ଗ ରତନ, ଅଞ୍ଚଳରେ ବାନ୍ଧି ରଖିବ, କରି ଅତି ଯତନା ପାଟ, ମଠା, ସୁନା ଗହଣା ଆଦି କି ଅବା ଛାର। ଶିଶୁଟିଏ ନାହିଁ ଯା କୋଳେ ତାର ଘର ଅନ୍ଧାର। ସର୍ପି ଦେଇଛନ୍ତି ଠାକୁରେ ଯାହା ହାତେ ସେ ଧନ, ପାପ ହେବ, ତାକୁ ସେ ଯେବେ ନ କରଇ ଯତନ। ଆପେ ହୋଇଥିଲେ ତୁମେ ଗୋ ଦିନେ ଶେଯ ପିଲାଟି, ହାତ ଗୋଡ଼ ଚଳୁ ନଥିଲା ଫିଟୁ ନଥିଲା ପାଟି। ସେ କାଳେ ତୁମ୍ଭର ଜନନୀ ସ୍ନେହେ ଥିବାରୁ ପାଳି, ଆଜି ସିନା ଜୀଇଁ ରହିଛି, ସୁଖେ ବୁଲୁଛ ଖେଳି। ସେ କଥାକୁ ମନେ ହେଜି ଗୋ ଶିଶୁ ପାଳନ କର। ପାଳିବାର ବିଧିବିଧାନମାନ ହୃଦରେ ଧର।'


**ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ**


# ଭାଗବତ ଟୁଙ୍ଗିରେ ମହାପ୍ରଭୁ



**ବାଦଲ ଭୂୟାଁ**

ମହାପ୍ରଭୁ ସର୍ବମାନ୍ୟ। ତାଙ୍କ ପାଖରେ ନଥାଏ ଜାତି-ଧର୍ମର ଭେଦଭାବ। ସେ ସବୁରି ଘରେ ପୂଜିତ ହୁଅନ୍ତି। ଭକ୍ତର ଭାବନାରେ ସେ ସବୁବେଳେ ରହିଥାନ୍ତି। ସେଥିପାଇଁ କୁହାଯାଏ ଭାବକୁ ନିକଟ, ଅଭାବକୁ ଦୂର। ମହାପ୍ରଭୁଙ୍କ ପ୍ରତି ଆବ୍ରାହ୍ମଣଚାଣ୍ଡାଳ ସମସ୍ତେ ହୋଇପଡ଼ନ୍ତି ସମର୍ପିତ। ତାଙ୍କ ପ୍ରତି ଏହି ଭାବ ସୃଷ୍ଟି କରିବା ଓ ତାଙ୍କୁ ସର୍ବମୟ ଭାବେ ପ୍ରତିପାଦିତ କରିବାରେ ଓଡ଼ିଶାର କିଛି ପ୍ରମୁଖ ପରମ୍ପରା ନିର୍ବାହ କରିଛନ୍ତି ଗୁରୁ ଦାୟିତ୍ୱ। ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ବିଶେଷଜ୍ଞ ଡ.ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ଶ୍ରୀଜଗନ୍ନାଥ ଗଣଦେବତା ଭାବେ ସମଗ୍ର ରାଷ୍ଟ୍ରରେ ଗୃହୀତ ହେବା ପଛରେ ୩ଟି ପରମ୍ପରା ମୁଖ୍ୟତଃ ରହିଛି। ସେଥିମଧ୍ୟରୁ ପ୍ରଥମଟି ହେଉଛି - ଶ୍ରୀଜଗନ୍ନାଥ ଚେତନାକୁ ଆଧାର କରି ରହିଥିବା ଗୁରୁଗୋସାଇଁ ପରମ୍ପରା। ଏହାକୁ ଶ୍ରୀକ୍ଷେତ୍ରର କୌଳିକ ପରମ୍ପରା ମଧ୍ୟ କୁହାଯାଏ। କୌଳିନ୍ୟ ରକ୍ଷା ବା କୂଳ ପରମ୍ପରା ରଖିବା କରିବା ପାଇଁ ମହାପ୍ରଭୁଙ୍କ ସେବାୟତଙ୍କୁ ଗୁରୁ ଗୋସାଇଁଙ୍କ ଠାରୁ ଦୀକ୍ଷା ନେବାକୁ ହୁଏ। ଏବେ ବି ଅନେକାଂଶରେ ଏହାର ପ୍ରଚଳନ ରହିଛି। ଦୀକ୍ଷା ନେଇ ସେବା କରି ଆସୁଥିବା ବୟସ୍କ ସେବକମାନେ ବିନା ଦୀକ୍ଷାରେ ସେବାକୁ ବାରଣ କରନ୍ତି। କାରଣ ଗୁରୁ ଗୋସାଇଁ ଶିଷ୍ୟଙ୍କୁ ଦୀକ୍ଷା ଦେବା ପୂର୍ବରୁ ସେବା କରିବା ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ କରାନ୍ତି। ସେବା କାଳରେ ସମର୍ପଣ ଭାବ ରଖିବାକୁ ଜ୍ଞାନ ଦିଅନ୍ତି। ବ୍ୟତିକ୍ରମକୁ ଅପରାଧ ବୋଲି ଦର୍ଶାଇ ତା'ପ୍ରତି ସତର୍କ କରାଇ ଦିଅନ୍ତି। ମୁଁ ପରଂବ୍ରହ୍ମଙ୍କ ସେବା କରିବାକୁ ଯାଉଛି। ଏପରି ଏକ ଦାୟିତ୍ୱବୋଧ ସୃଷ୍ଟି କରିବାକୁ ଗୁରୁ ଦେଉଥିଲେ ଜ୍ଞାନ। ଏହି ସେବାରେ ସାମାଜିକ ଶୃଙ୍ଖଳା ଠିକ୍ ଭାବେ ପାଳିତ ହେଉଥିଲା। ଗଜପତିଙ୍କ ଠାରୁ ପ୍ରଜାଙ୍କ ପର୍ଯ୍ୟନ୍ତ, ସାଧୁସନ୍ଥଙ୍କ ଠାରୁ ମହନ୍ତ ତଥା ଅଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ସେବା କାଳରେ ଗୋଟିଏ ଚେତନାରେ ବାନ୍ଧି ଦେବାରେ ସେବକଟିଏ ସମର୍ଥ ହେଉଥିଲା। ସମସ୍ତଙ୍କୁ ପ୍ରଭୁଙ୍କ ପ୍ରତି ଅନୁରକ୍ତ କରାଇବାରେ ସେ ସଫଳ ହେଉଥିଲା। ତେଣୁ ମହାପ୍ରଭୁଙ୍କ ଚେତନାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବାରେ ପ୍ରଥମେ ମୁଖ୍ୟ ବିନ୍ଧାଣି ହେଉଥିଲା ସେବକ। କୌଳିକ ରୀତିରେ ଏହା ପିଢ଼ି ପରେ ପିଢ଼ି ଚାଲି ଆସୁଥିଲା। ଗୁରୁ ଗୋସାଇଁ ମର୍ଯ୍ୟାଦାବନ୍ତ ବ୍ୟକ୍ତିତ୍ୱ ଭାବେ ପରିଚିତ ହେଉଥିଲେ। ତାଙ୍କ ପାଇଁ ପୀଠଟିଏ ମଧ୍ୟ ସୃଷ୍ଟି ହୋଇଥିଲା। ଆଜି ତାହା ଗୁରୁ ଗୋସାଇଁ ମଠ ନାମରେ ପରିଚିତ। ଏହି ମଠ ଶ୍ରୀକ୍ଷେତ୍ରରେ ଶ୍ରୀ ଉପାସନାରେ ଆଦିମ ପୀଠ ଭାବେ ପରିଚିତ ଥିଲା।

ସେବାୟତମାନଙ୍କ ମଧ୍ୟରେ ସହାବସ୍ଥାନ ପରମ୍ପରାକୁ ଅତୁଟ ରଖିବା ପାଇଁ ଏହି ମଠ କାର୍ଯ୍ୟ କରୁଥିଲା। ଶହ ଶହ ବର୍ଷ ତଳେ ପ୍ରଚାର ପ୍ରସାରର ସୁବିଧା ନଥିଲେ ମଧ୍ୟ ଅଖଣ୍ଡ ଭାରତବର୍ଷର ନିପଟ ମଫସଲରେ ପ୍ରଭୁଙ୍କ କଥା ପହଞ୍ଚିପାରୁଥିଲା। ସେଥିପାଇଁ ମାନସିକ ଇଛାଶକ୍ତି କାର୍ଯ୍ୟ କରୁଥିଲା। ଏହି ଇଛାଶକ୍ତି ପଛରେ ରହିଥିଲା ସୁଦୃଢ଼ ଗୁରୁ ଗୋସାଇଁ ପରମ୍ପରା। ମହାପ୍ରଭୁ ଗଣଦେବତା ହେବାର ଦ୍ୱିତୀୟ ରହସ୍ୟଟି ହେଉଛି ଭାଗବତ ଟୁଙ୍ଗି ପରମ୍ପରା। ଅତିବଡ଼ୀ ଜଗନ୍ନାଥ ଦାସ, ଓଡ଼ିଶାରେ ଟୁଙ୍ଗି ପରମ୍ପରାର ଜନକ। ତାଙ୍କର ଅନ୍ୟ ସଖାମାନଙ୍କର ଏଥିପାଇଁ ୫୦୦ ବର୍ଷ ପୂର୍ବେ ସହଯୋଗ ମଧ୍ୟ ରହିଥିଲା। ପଞ୍ଚସଖାଙ୍କ ମିଳିତ ସହଯୋଗରେ ପ୍ରଥମେ ସେମାନେ ଏକ ନୂତନ ସନ୍ଦେଶ ବା ବାର୍ତ୍ତା ସମାଜକୁ ଦେଲେ। ତାହା ହେଉଛି ଶୂଦ୍ର ଭାବର ଚେତନା। ଶୂଦ୍ର ଭାବ ହେଉଛି ସେବକର ଭାବ। ସବୁଠାରୁ ଅଧିକ ପରିପକ୍ୱ ଲାଭ କରିଥିବା ଭକ୍ତିର ଭାବ। ସେମାନେ ନିଜକୁ ମହାପ୍ରଭୁଙ୍କ ଦାସ ବୋଲି ଘୋଷଣା। ମହାପ୍ରଭୁଙ୍କ ନିକଟତର ହୋଇଗଲା। ଅତିବଡ଼ୀ ମହାଶୟ ଲାଳିତ୍ୟପୂର୍ଣ୍ଣ ଭାଗବତ ପୋଥି ସାଙ୍ଗରେ ଲବଣ୍ୟମୟ ଶ୍ରୀଜଗନ୍ନାଥଙ୍କର ଏକକ ବିଗ୍ରହଙ୍କୁ ଭାଗବତ ପୋଥି ସହିତ ଭାଗବତ ଟୁଙ୍ଗିରେ କରିଥିଲେ। ଏହି ବାର୍ତ୍ତା ହିଁ ଓଡ଼ିଆ ପ୍ରାଣରେ ଏକ ନୂତନ ଜୀବନର ସଞ୍ଚରଣ କରାଇଥିଲା। ଶୂଦ୍ର ବା ଦାସ ଭାବର ଡୋରୀରେ ଅତିବଡ଼ୀଙ୍କ ଭାଗବତ ହିଁ ବାନ୍ଧି ଦେଇଥିଲା ଗାଁରୁ ଗାଁ ପର୍ଯ୍ୟନ୍ତ। ବିଶାଳ ଓଡ୍ର ଖଣ୍ଡର ଦକ୍ଷିଣରୁ ଉତ୍ତର ପର୍ଯ୍ୟନ୍ତ ଭାଗବତର ନିପଟ ଓଡ଼ିଆ ଭାଷା ଓ ଲାଳିତ୍ୟ ପହଞ୍ଚିପାରିଥିଲା ଭାଗବତ ମାଧମରେ। ସାଧାରଣ ଅକ୍ଷର ଚିହ୍ନି ପଢ଼ି ପାରୁଥିବା ଗାଁ ଗହଳିର ଲୋକଟିଏ ମଧ୍ୟ ଭାଗବତ ମାଧମରେ ବସାଇଦେଲେ।

ସେହିଦିନ ଠାରୁ ଭାଗବତ ଟୁଙ୍ଗି ହୋଇଗଲା ସାଧାରଣ ଓଡ଼ିଆ ଲୋକଟିଏ ପାଇଁ ଶାନ୍ତି ବା ସମର୍ପଣର ସ୍ଥଳ। ଗାଁର ଭାଗବତ ଟୁଙ୍ଗି ପାଲଟିଗଲା ସଂହତିର ପ୍ରାଣକେନ୍ଦ୍ର। ସାମାଜିକ ସଂହତି, ଆଧାତ୍ମିକ ଚେତନା, ଭାଷାର ପରାକାଷ୍ଠା ଓ ପରମ୍ପରାର ପ୍ରତୀକ ରୂପେ ଭାଗବତ ଟୁଙ୍ଗି ମୁଣ୍ଡ ଟେକିଲା। ଜଗନ୍ନାଥଙ୍କୁ ଆଧାର କରି ଏହି ପ୍ରତୀକ ଗୁଡ଼ିକ ଗଢ଼ିବାରେ ଅତିବଡ଼ି ଜଗନ୍ନାଥ ଦାସଙ୍କର ତ୍ୟାଗର ପଟାନ୍ତର ନାହିଁ। ଏହା ଦିନକରେ ହୋଇନଥିଲା। ବର୍ଷ ବର୍ଷ ଲାଗିଥିଲା ଏହା ସମ୍ପୂର୍ଣ୍ଣ ଭାବେ ଠିଆ ହେବା ପାଇଁ। ଏହାପରେ ଗାଁର ସାଧାରଣ ଲୋକଟିଏ ଗାଇ ଉଠିଛି ଜଗନ୍ନାଥ ପ୍ରାଣ ଲୋକଗୀତ, ଯାହା ସୃଷ୍ଟି କରିଛି ଲୋକକଥା। ହଳିଆଗୀତ, ଚଇତିପର୍ବ ଗୀତ, କାନ୍ଦଣା ଗୀତ, ଚକୁଳିଆ ପଣ୍ଡା ଗୀତ, ଦାସକାଠିଆ ଓ ସଂକୀର୍ତ୍ତନ ଗୀତ। ଏହାରି ଭିତରେ ଫୁଟି ଉଠୁଥିଲା ଶ୍ରୀଜଗନ୍ନାଥ ଉପାସନାର ମହତ୍ୱ। ଅତିବଡ଼ୀ ଗୋସାଇଁଙ୍କର ଟୁଙ୍ଗି ପରମ୍ପରାରେ ଏହି ଐତିହ୍ୟର ବାସ୍ତବ ରହସ୍ୟ ଆଜି ବି ଓଡ଼ିଶାରେ ସଠିକ୍ ଭାବେ ଆକଳନ ହୋଇନାହିଁ କି ଲୋକଙ୍କ ପାଖରେ ପହଞ୍ଚି ପାରିନାହିଁ। ମହାପ୍ରଭୁ ଗଣଦେବତା ହେବାର ତୃତୀୟ ବିନ୍ଦୁଟି ହେଉଛି - ମହାପୁରୁଷମାନଙ୍କର ଗୁରୁକୁଳ ପରମ୍ପରା। ମହାପୁରୁଷ ଅଚ୍ୟୁତାନନ୍ଦ ଏହି ଗୁରୁକୁଳ ପରମ୍ପରାକୁ ବିକଶିତ କରାଇଥିଲେ। ଗୁରୁକୁଳ ପରମ୍ପରା ଓଡ଼ିଶାର କୋଣ ଅନୁକୋଣରେ ଏବେ ବି ସକ୍ରିୟ ରହିଛି। ଏହି ପରମ୍ପରାରେ ଗୁରୁ କହିଲେ ଅଚ୍ୟୁତଙ୍କୁ ହିଁ ଗ୍ରହଣ କରାଯାଏ। ମହାପୁରୁଷ ଅଚ୍ୟୁ ନିଜର ଗୁରୁ ରୂପେ ଶୂନ୍ୟ ବ୍ରହ୍ମ ଶ୍ରୀଜଗନ୍ନାଥଙ୍କୁ ଗ୍ରହଣ କରିଥିଲେ। ସେ ଥିଲେ ସିଦ୍ଧ ଯୋଗୀ। ଏବେ ବି ପାଞ୍ଚଶହ ବର୍ଷ ପରେ ଅଚ୍ୟୁତଙ୍କ ସତ୍ତା ପୋଥିମାନଙ୍କରୁ ଅନୁଭୂତ ହୁଏ। ବହୁଜନ ସୁଖାୟଃ ବହୁଜନ ହିତାୟଃ ଚେତନାର ଏକ ସମୃଦ୍ଧ ପରମ୍ପରା। ସେ ଶ୍ରୀଜଗନ୍ନାଥଙ୍କୁ ଆଧାର କରି ଶୂନ୍ୟ ଧାରାର ବାର୍ତ୍ତା ଦେଇଥିଲେ। ଏହି ଶୂନ୍ୟ ଧାରାରୁ ବହୁ ଉପଧାରା ଓଡ଼ିଶାରେ ସୃଷ୍ଟି ହୋଇଛି। ସେମାନେ ଇଷ୍ଟ ରୂପେ ଶ୍ରୀଜଗନ୍ନାଥଙ୍କୁ ଗ୍ରହଣ କରିଥିବାବେଳେ ଗୁରୁ ରୂପେ ମହାପୁରୁଷ ଅଚ୍ୟୁତଙ୍କୁ ଗ୍ରହଣ କରନ୍ତି। କେବଳ ସେତିକି ନୁହେଁ, ଅଚ୍ୟୁତାନନ୍ଦଙ୍କ, ମାଳିକା, ଜୌତିଷ, ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱ ଓ ଅଜପା ଧାରାକୁ ନେଇ ଅନେକ ଗୁରୁ ପରମ୍ପରା ଓଡ଼ିଶାରେ ବିକାଶ ଲାଭ କରିଥିଲା। ଏହାକୁ ନେଇ ଅନେକ ସାହିତ୍ୟ ବି ସୃଷ୍ଟି ହୋଇଥିଲା, ଯାହା ଶ୍ରୀଜଗନ୍ନାଥଙ୍କର ନିଗୂଢ଼ ମାନବୀୟ ଦୃଷ୍ଟିକୋଣକୁ ନେଇ ସମୃଦ୍ଧ ହୋଇଅଛି। ତାହାର ଯଥାର୍ଥ ଆଲୋଚନା ଓଡ଼ିଶାରେ ଯେପରି ହେବା କଥା ତାହା ହୋଇପାରିନାହିଁ। ଏହି ପରମ୍ପରାରେ ଶତାଧିକ କାବ୍ୟ କବିତା, ଚଉତିଷା, ମାଳିକା ଓ ପୁରାଣ ଆଜି ପର୍ଯ୍ୟନ୍ତ ପ୍ରକାଶିତ ମଧ୍ୟ ହୋଇପାରିନାହିଁ। ଗୁରୁ ଗାଦିମାନଙ୍କର ଶହ ଶହ ପୋଥି ସେହିପରି ରହିଛି। ସେଥିରେ ଅନେକ ଦାର୍ଶନିକ ଚିନ୍ତାଧାରା ଓ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପାସନା ଧାରାର ଅନେକ ରହସ୍ୟ ଏପର୍ଯ୍ୟନ୍ତ ଲୁଚିରହିଛି। ତଥାପି ଏ ଗୁରୁ ପରମ୍ପରା ମହାପ୍ରଭୁଙ୍କୁ ଗଣଦେବତା କରାଇବାରେ ସଫଳ ହୋଇଥିଲା। ଓଡ଼ିଆ ଘରର ମୁରବୀ ଭାବେ ଜଗନ୍ନାଥଙ୍କୁ ଗ୍ରହଣ କରିବାର ପରମ୍ପରା ଏହି ଗୁରୁକୂଳ ପରମ୍ପରା ହିଁ ଶିକ୍ଷା ଦେଇଥିଲା।


**୪ଜି, ପ୍ରତାପ ଆପାର୍ଟମେଣ୍ଟ, ୭-ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ମୋବାଇଲ୍: ୯୨୦୪୬୫୨୦୬୫**

# ଇସ୍ରାଏଲ ବାୟୁସେନାର ଜୋରଦାର୍ ଆକ୍ରମଣ

## କ୍ଷେପଣାସ୍ତ୍ର ଘାଟି, ପ୍ରତିରକ୍ଷା ମନ୍ତ୍ରଣାଳୟ ଏବଂ ପରମାଣୁ ଘାଟି ଧ୍ୱଂସ



**ନୂଆଦିଲ୍ଲୀ,୨୦।୬:** ଇସ୍ରାଏଲ ଗତକାଲି (ଗୁରୁବାର) ରାତିରେ ଇରାନର ପ୍ରମୁଖ ଅର୍ଥାତ୍ ଏହାର ରାଜଧାନୀ ତେହେରାନ ଉପରେ ଏକ ବଡ଼ ଆକ୍ରମଣ କରିଛି। ଇସ୍ରାଏଲୀ ସେନା ଏହି ଆକ୍ରମଣରେ ୬୦ଟି ଲଢୁଆ ବିମାନ ବ୍ୟବହାର କରିଛି। ଇସ୍ରାଏଲୀ ବାୟୁସେନା ଏକ୍ସରେ ଏକ ପୋଷ୍ଟ ମାଧ୍ୟମରେ କହିଛି ଯେ, ଏହା ଇରାନର ପରମାଣୁ ଘାଟି, ପ୍ରତିରକ୍ଷା ମନ୍ତ୍ରଣାଳୟ ଏବଂ ଅନ୍ୟାନ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ ଘାଟିକୁ ଧ୍ୱଂସ କରିଛି। ଇସ୍ରାଏଲୀ ବାୟୁସେନା ଅନୁଯାୟୀ, ଏହା ଗତକାଲି ରାତିରେ (ଗୁରୁବାର) ୬୦ରୁ ଅଧିକ ଲଢୁଆ ବିମାନ ସହିତ ତେହେରାନର ଅନେକ ସାମରିକ ଘାଟି ଉପରେ ଆକ୍ରମଣ କରିଛି, ଯେଉଁଥିରେ ପ୍ରାୟ ୧୨୦ଟି ମହାବିନାଶକାରୀ ବୋମା ପକାଯାଇଥିଲା। ଏହି ସମୟରେ, ଇସ୍ରାଏଲୀ ସେନା ଇରାନର କ୍ଷେପଣାସ୍ତ୍ର ତିଆରିରେ ବ୍ୟବହୃତ ଉପାଦାନ, ଇଞ୍ଜିନ, କାରଖାନା ଏବଂ ଉତ୍ପାଦନ ସ୍ଥଳ ଏବଂ ବ୍ୟବହୃତ କଞ୍ଚାମାଲକୁ ନଷ୍ଟ କରିଦେଇଛି। ଆଇଏଏଫ (ଆଇଏଏଫ) କହିଛି ଯେ, ସେନା ଇରାନର ପ୍ରତିରକ୍ଷା ମନ୍ତ୍ରଣାଳୟ ଏବଂ ପରମାଣୁ ବ୍ୟାପାର ଶିଳ୍ପ ଶକ୍ତି କେନ୍ଦ୍ରର ଏକ ଅଂଶକୁ ଟାର୍ଗେଟ କରିଛି। ଏହା ବ୍ୟତୀତ, ତେହେରାନରେ ଅବସ୍ଥିତ ସ୍ୱାଣ୍ଡ ମୁଖ୍ୟାଳୟ କୋଠା ଉପରେ ମଧ୍ୟ ଆକ୍ରମଣ କରାଯାଇଥିଲା, ଯାହା ଇରାନ ଶାସନର ସାମରିକ କ୍ଷମତା ପାଇଁ ଉନ୍ନତ ପ୍ରଯୁକ୍ତିବିଦ୍ୟା ବା ଟେକନୋଲୋଜି ଏବଂ ଅସ୍ତ୍ରଶସ୍ତ୍ରର ଗବେଷଣା ଏବଂ ବିକାଶ ପାଇଁ ବ୍ୟବହୃତ ହେଉଥିଲା। ଏହା ବ୍ୟତୀତ, ରାତିରେ ବାୟୁସେନା ଇରାନରୁ ଉଡ଼ାଣ ହୋଇଥିବା ଚାରୋଟି ଡ୍ରୋନକୁ ଗୁଳି କରି ଖସାଇ ଦେଇଥିଲା। ଇସ୍ରାଏଲୀ ବାୟୁସେନା ଏହାର ଘାତକ ଆକ୍ରମଣ ସହିତ ଇରାନର ରାଡାର ସିଷ୍ଟମକୁ ମଧ୍ୟ ନଷ୍ଟ କରିଦେଇଛି।

## ଇରାନର ପରମାଣୁ ବୈଜ୍ଞାନିକଙ୍କ ମୃତ୍ୟୁ



ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଛି ଘମାଘୋଟ ଲଢେଇ । ଦିନ ଦିନକୁ ଦିନ ଏହି ଦୁଇ ଦେଶର ଆକ୍ରମଣ ବଢିବାରେ ଲାଗିଛି । ଇରାନର ରାଜଧାନୀ ତେହରାନର ଗିଶା ଅଞ୍ଚଳରେ ଆଜି ଏକ ସାଙ୍ଘାତିକ ବିସ୍ଫୋରଣରେ ନ୍ୟୁକ୍ଲିୟର ବୈଜ୍ଞାନିକଙ୍କ ମୃତ୍ୟୁ ଘଟିଛି । ଜାତୀୟ ଗଣମାଧ୍ୟମ ସୂଚନା ଅନୁସାରେ ଇସ୍ରାଏଲ ଅଧିକାରୀ ଦାବି କରିଛନ୍ତି ଏହି ଆକ୍ରମଣ ଏସ୍ରାଏଲର ସେନା ଆଇଡିଏଫ୍ ଦ୍ୱାରା କରାଯାଇଛି । ଏପଟେ ଇରାନର ବୈଦେଶିକ ମନ୍ତ୍ରୀ ଅବ୍ବାସ ଅରାଧ୍ୟଚୀ ସ୍ପଷ୍ଟ କରିଛନ୍ତି ଯେପର୍ଯ୍ୟନ୍ତ ଇସ୍ରାଏଲର ଆକ୍ରମଣ ଜାରି ରହିବ ପ୍ରତି ଆକ୍ରମଣ ମଧ୍ୟ ଜାରି ରହିବ। ଆମେରିକା ହେଉ କି କୌଣସି ଅନ୍ୟ ଦେଶ ସହ ଏହା ଉପରେ ଆଲୋଚନା ହୋଇପାରିବନି । ବୈଦେଶିକ ମନ୍ତ୍ରୀ ଆହୁରି ସ୍ପଷ୍ଟ କରିଛନ୍ତି ଯେ ଏ ସମ୍ପର୍କରେ ବିଶେଷକରି ଆମେ ଆମେରିକା ସହ କୌଣସି ଆଲୋଚନା କରିବାକୁ ଚାହୁଁନୁ। ଆଲୋଚନା ପାଇଁ ଆମେରିକା ଆମ ସହ ସମ୍ପର୍କ କରୁଛି କିନ୍ତୁ ଆମେ ଚାହୁଁନୁ । ଆଲୋଚନା ଏବଂ କୁଟନୀତିର ପ୍ରଶ୍ନ ଉଠୁନି ବୋଲି ସ୍ପଷ୍ଟ କରିଛନ୍ତି ବୈଦେଶିକ ମନ୍ତ୍ରୀ । ତେବେ ଦୁଇ ଦେଶ ମଧ୍ୟରେ ତିକ୍ତତା ଆହୁରି ବଢ଼ିବାରେ ଲାଗିଛି ।

## ଖାମେନିଙ୍କ ଭୁଲର ଦଣ୍ଡ ପାଉଛି ଇରାନ: ପୁଟିନ



**ମସ୍କୋ,୨୦।୬:** ରୁଷିଆ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନ ଇସ୍ରାଏଲ-ଇରାନ ଯୁଦ୍ଧକୁ ନେଇ ଏକ ବଡ଼ ବୟାନ ଦେଇଛନ୍ତି। କ୍ରେମଲିନରେ ସାମ୍ବାଦିକଙ୍କ ସହ ଆଳାପରେ ପୁଟିନ କହିଛନ୍ତି ଯେ ଯଦି ରୁଷିଆର ଡିଫେନ୍ସ ସିଷ୍ଟମ ଇରାନ ନେଇଯାଇଥାନ୍ତା ତେହେରାନ ଉପରେ ଇସ୍ରାଏଲ ଆକ୍ରମଣ କରିବାର ଦୁଃସାହାସ କରି ନଥାନ୍ତା। ପୁଟିନ କହିଛନ୍ତି କିଛି ବର୍ଷ ପୂର୍ବେ ଏଥି ପାଇଁ ମୁଁ ନିଜେ ଇରାନ ସୁପ୍ରିମ ଲିଡରଙ୍କୁ ଅଫର ଦେଇଥିଲି। ହେଲେ ସେ ଏ ନେଇ ନିଷ୍ପତ୍ତି ନେଇ ପାରିନଥିଲେ। ଇରାନରେ ଇସ୍ରାଏଲ ଟାର୍ଗେଟ୍ କିଲିଂ କରୁଛି। ଏଥି ପାଇଁ ଡ୍ରୋନ ଓ ଯୁଦ୍ଧ ବିମାନ ବ୍ୟବହାର କରୁଛି। ଇରାନ ମଧ୍ୟ ଏହାର ଜବାବ ଦେଉଛି, ହେଲେ ଇରାନ ଟାର୍ଗେଟରେ ଇସ୍ରାଏଲର ବଡ଼ ଅଫିସର ପଡୁ ନାହାନ୍ତି। ତେବେ ଇରାନ ଆଇଡିଏଫ ଓ ବୈଜ୍ଞାନିକଙ୍କ ବେସ୍ କୁ ଉଡାଇବାର ସଫଳତା ପାଇଛି। ସାମ୍ବାଦିକଙ୍କ ସହ ଆଲୋଚନାରେ ପୁଟିନ ଏ ପର୍ଯ୍ୟନ୍ତ ଇରାନ ଆମଠୁ କୌଣସି ପ୍ରକାରର ସହାୟତା ମାଗିନଥିବାର କହିଛନ୍ତି। ଏଣୁ ମାମଲାରେ ଆମେ ବି କିଛି କହୁନାହୁଁ ବୋଲି ସେ କହିଛନ୍ତି।

## ଦିବ୍ୟାଙ୍ଗ ଛାତ୍ରୀଙ୍କ ଗୀତରେ ରାଷ୍ଟ୍ରପତି ଭାବବିହ୍ୱଳ



**ନୂଆଦିଲ୍ଲୀ,୨୦।୬:** ଜନ୍ମଦିନରେ କୁନି କୁନି ଦିବ୍ୟାଙ୍ଗ ପିଲାଙ୍କ ସଙ୍ଗୀତ ଶୁଣି ଅଭିଭୂତ ହୋଇପଡ଼ିଲେ ମହାମହିମ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଆଜି ୬୭ତମ ଜନ୍ମଦିନ । ରାଷ୍ଟ୍ରପତି ଏବେ ଉତ୍ତରାଖଣ୍ଡକୁ ୩ ଦିନିଆ ଗସ୍ତରେ ଅଛନ୍ତି । ଜନ୍ମଦିନ ଅବସରରେ ତାଙ୍କ ପାଇଁ ଦୃଷ୍ଟିବାଧିତ କିଛି ପିଲା ଗୀତ ଗାଇ ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ। ଏଥିରେ ଅଭିଭୂତ ହୋଇପଡ଼ିଥିଲେ ମହାମହିମ । ରୁମାଲରେ ଆଖି ପୋଛୁଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା । ପରେ ପିଲାମାନଙ୍କୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଛନ୍ତି ଯେ, ସେ ନିଜ ଲୁହ ରୋକିପାରି ନଥିଲେ । କାରଣ ପିଲାମାନେ ଏତେ ସୁନ୍ଦର ଗୀତ ଗାଉଥିଲେ, ଆଉ ହୃଦୟରୁ ଗାଉଥିଲେ । ରାଷ୍ଟ୍ରପତି ଜୁନ୍ ୨୧ରେ ଦିଲ୍ଲୀକୁ ଫେରିବେ।

## ଚଳିତ ବର୍ଷ ନିଃଶେଷ ହେବ ଜାପାନ!

● ଭବିଷ୍ୟବାଣୀ ଶୁଣି ଖେଳିଲା ଆତଙ୍କ



**ନୂଆଦିଲ୍ଲୀ,୨୦।୬:** ଅତିତରେ ଏମିତି ଅନେକ ଭବିଷ୍ୟବାଣୀ ସତ ହୋଇଛି । ବାବା ଭେଙ୍ଗାଙ୍କ ସମେତ କିଛି ଭବିଷ୍ୟବକ୍ତା ନିକଟରେ ସମୟ ପୂର୍ବରୁ ଭବିଷ୍ୟ ଦେଖିବାର ଶକ୍ତି ଥିଲା । ଏବେ ଜାପାନୀ ମନସ୍ତତ୍ତ୍ୱବିତ୍ ରିଓ ତାତସୁକିଙ୍କ ଏକ ଭବିଷ୍ୟବାଣୀ ସାରା ବିଶ୍ୱରେ ଆଲୋଚନାର ବିଷୟ ପାଲଟିଛି। ସେ ୨୦୨୫ ମସିହାରେ ଜାପାନରେ ଏକ ବଡ଼ ପ୍ରାକୃତିକ ବିପର୍ଯ୍ୟୟ ଘଟିବ ବୋଲି ଭବିଷ୍ୟବାଣୀ କରିଛନ୍ତି । ଯାହାକୁ ନେଇ ପୂରା ଭୟଭୀତ ଲୋକେ। ଏହା ପୂର୍ବରୁ ମଧ୍ୟ ରିଓ ତାତ୍ସୁକିଙ୍କ ଭବିଷ୍ୟବାଣୀ ସତ ହୋଇସାରିଛି । ରିଓଙ୍କୁ ବାବା ଭେଙ୍ଗା ବୋଲି ଅନେକ କହୁଛନ୍ତି । ତେବେ ରିଓ ତାତ୍ସୁକି ୨୦୨୫ କୁ ନେଇ ଯେଉଁ ସାଙ୍ଘାତିକ ଭବିଷ୍ୟବାଣୀ କରିଛନ୍ତି ତାହା ସମସ୍ତଙ୍କୁ ଭୟଭୀତ କରିଛି । ଭବିଷ୍ୟବାଣୀ ଅନୁସାରେ ୨୦୨୫ରେ ଜାପାନରେ ଭୀଷଣ ସୁନାମି ଆସିବ । ଏହି ଭିବଷ୍ୟବାଣୀ ସାମ୍ନାକୁ ଆସିବା ପରେ ସୃଷ୍ଟି ହୋଇଛି ଲୋକଙ୍କ ମଧ୍ୟରେ ଆତଙ୍କ । ଏମିତି କି ଲୋକମାନେ ଟିକଟ କ୍ୟାନ୍ସଲ କରିବାରେ ଲାଗିପଡିଛନ୍ତି । ଜୁନ୍ ଏବଂ ଜୁଲାଇ ମାସରେ ହଙ୍କ୍‌କଙ୍ଗରୁ ଜାପାନ ଯିବାକୁ ଥିବା ୮୦ ପ୍ରତିଶତ ଫ୍ଲାଇଟ୍ ଟିକଟ ବୁକିଂ ବାତିଲ ହୋଇଛି ।

## ଟ୍ରଲିକୁ ଧକ୍କା ଦେଲା ଅବଧ-ଆସାମ ଏକ୍ସପ୍ରେସ୍: ୧ ମୃତ, ୪ ଆହତ



**ବରୌନୀ,୨୦।୬:** ସୋନପୁର ରେଳ ମଣ୍ଡଳର କଟିହାର-ବରୌନୀ ରେଳ ଖଣ୍ଡରେ ଶୁକ୍ରବାର ଏକ ଭୀଷଣ ଦୁର୍ଘଟଣା ଘଟିଛି। ବରୌନୀରୁ କଟିହାର ଡାଉନ ଲାଇନରେ ଆସୁଥିବା ୧୫୯୧୦ ଅବଧ-ଆସାମ ଏକ୍ସପ୍ରେସ ଏକ ରେଳବାଇ ଟ୍ରଲିକୁ ଧକ୍କା ଦେଇଛି। ଫଳରେ ଘଟଣାସ୍ଥଳରେ ଟ୍ରଲି ମ୍ୟାନର ମୃତ୍ୟୁ ହୋଇଥିବା ବେଳେ ଏଥିରେ ବସିଥିବା ୪ ଜଣ ରେଳବାଇ କର୍ମଚାରୀ ଆହତ ହୋଇଛନ୍ତି। ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ରେଳ ଦୁର୍ଘଟଣା ସମ୍ପର୍କରେ ଏଡିଆରଏମ ମନୋଜ କୁମାର ସିଂହ ପୁଷ୍ଟି କରିଛନ୍ତି। ସେ କହିଛନ୍ତି ଯେ ରେଳବାଇ ଏହି ଦୁର୍ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛି। ଏକ ଚଳନ୍ତା ଟ୍ରେନ ମାର୍ଗକୁ କିପରି ରେଳବାଇ ଟ୍ରଲି ଆସିଲା ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଦୁର୍ଘଟଣା ପୁଣି ଥରେ ରେଳ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କୁହାଯାଉଛି ଏହି ଦୁର୍ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଏହି ରେଳ ଦୁର୍ଘଟଣା ଏକ ମାନବକୃତ ତ୍ରୁଟି ନା ବୈଷୟିକ ତ୍ରୁଟି ତାହା ଏବେ ଯାଞ୍ଚ ହେବ, ଯାହା ଦ୍ୱାରା ଭବିଷ୍ୟତରେ ଏପରି ରେଳ ଦୁର୍ଘଟଣାକୁ ଟଳାଯାଇ ପାରିବ। ମୃତକଙ୍କ ପରିଜନ ଓ ଆହତଙ୍କ ନିମନ୍ତେ ଏହା ଏକ ଅସହନୀୟ ସମୟ। ତେବେ ଉଚ୍ଚ ରେଳ କର୍ତ୍ତୃପକ୍ଷ ମୃତାହତଙ୍କ ପରିବାରଙ୍କୁ ସାନ୍ତ୍ୱନା ଜଣାଇଛନ୍ତି। ଏହି ଦୁର୍ଘଟଣା ସମ୍ପୂର୍ଣ୍ଣ ରେଳ ମହକମାକୁ ସ୍ତବ୍ଧ କରିଦେଇଛି। ଟ୍ରେନ ଆସୁଥିବା ଟ୍ରଲି ଡ୍ରାଇଭର କିପରି ଜାଣି ପାରିଲେନି ସେ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଗୋଆ ବୁଲାଇବାକୁ ନେଇ ଅଧା ରାସ୍ତାରେ ପ୍ରେମିକାର ତଣ୍ଟି ଚିପିଲା ପ୍ରେମିକ

**ବେଙ୍ଗାଲୁରୁ,୨୦।୬:** ଗୋଆ ପୋଲିସ ଜୁନ ୧୫ ତାରିଖରେ ଜଣେ ଯୁବତୀଙ୍କ ହତ୍ୟା ମାମଲାର ସମାଧାନ କରିଛି। ଏହି ମାମଲାରେ, ପୋଲିସ ଯୁବତୀଙ୍କ ପ୍ରେମିକକୁ ଗିରଫ କରିଛି, ଯିଏ ତାଙ୍କ ଅପରାଧ ସ୍ୱୀକାର କରିଛନ୍ତି। ଅଭିଯୁକ୍ତ ତାଙ୍କ ପ୍ରେମିକାଙ୍କୁ ଗୋଆକୁ ବୁଲାଇବା ପାଇଁ ନେଇଯାଇଥିଲା ଏବଂ ସେଠାରେ ତାଙ୍କୁ ନିର୍ମମ ଭାବରେ ହତ୍ୟା କରିଥିଲା। ଅଭିଯୁକ୍ତଙ୍କ ନାମ ସଞ୍ଜୟ ବୋଲି କୁହାଯାଉଛି, ଯିଏ କର୍ନାଟକର ହୁବଲିର ବାସିନ୍ଦା। ଦକ୍ଷିଣ ଗୋଆର ପୋଲିସ ଅଧିକ୍ଷକ ଟିକମ ସିଂହ ବର୍ମାଙ୍କ ଅନୁଯାୟୀ, ଜୁନ ୧୫ ତାରିଖରେ ଧରବନ୍ଦୋଡା ଅଞ୍ଚଳର ପ୍ରତାପନଗର ଜଙ୍ଗଲରେ ଯୁବତୀଙ୍କ ମୃତଦେହ ମିଳିଥିଲା। ତାଙ୍କ ପାଖରେ ଏକ ପର୍ସ ଥିଲା, ଯାହା ତଦନ୍ତକୁ ଆଗକୁ ନେବାରେ ସାହାଯ୍ୟ କରିଥିଲା। ଏହି ସମୟରେ, କର୍ନାଟକର ହୁବଲିରେ ରହୁଥିବା ଜଣେ ଯୁବକଙ୍କ ବିଷୟରେ ସୂଚନା ମିଳିଥିଲା। ପୋଲିସ ତାଙ୍କୁ ପଚରାଉଚରା କରିଥିଲା, ଯାହା ପରେ ଯୁବତୀଙ୍କୁ ମଧ୍ୟ ଚିହ୍ନଟ କରାଯାଇପାରିଲା। କୁହାଗଲା ଯେ ସଞ୍ଜୟ ତାଙ୍କ ପ୍ରେମିକା ରୋଶନିଙ୍କୁ ହୁବଲିରୁ ଗୋଆକୁ ଯାତ୍ରା ପାଇଁ ଆଣିଥିଲେ।

## ଉତ୍ସବରୁ ଫେରୁଥିଲେ; କାର୍‌କୁ ପିଟିଲା ଟ୍ରକ, ୯ ମୃତ

**କୋଲକାତା,୨୦।୬:** ବିବାହ ସମାରୋହରେ ଯୋଗ ଦେଇ ଫେରୁଥିଲେ। କିଏ ଜାଣିଥିଲା ବାଟରେ ଯମ ଜଗି ବସିଛି ବୋଲି । ପଶ୍ଚିମବଙ୍ଗ ପୁରୁଲିଆ ନିକଟରେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି । କାର୍‌କୁ ଟ୍ରକ ଧକ୍କା ଦେବା ଫଳରେ ୯ ଜଣଙ୍କର ମୃତ୍ୟୁ ହୋଇଛି । ପଶ୍ଚିମବଙ୍ଗ ପୁରୁଲିଆ ଜିଲ୍ଲାରେ ଆଜି (ଶୁକ୍ରବାର) ସକାଳୁ ଭୀଷଣ ସଡ଼କ ଦୁର୍ଘଟଣା ହୋଇଛି । ଏଥିରେ ୯ ଜଣଙ୍କର ମୃତ୍ୟୁ ହୋଇଛି। ସମସ୍ତେ ଏକ ବିବାହ ସମାରୋହରୁ ଫେରୁଥିଲେ । ପୁରୁଲିଆ-ଟାଟା ଜାତୀୟ ରାଜପଥ ନମ୍ବର ୧୮ ସ୍ଥିତ ବଲରାମପୁର ଥାନା ଅନ୍ତର୍ଗତ ନାମସୋଲ ପ୍ରାଥମିକ ବିଦ୍ୟାଳୟ ନିକଟରେ ଦୁର୍ଘଟଣା ହୋଇଛି । ମିଳିଥିବା ସୂଚନା ଅନୁସାରେ କାର୍‌ଟି ପୁରୁଲିଆରୁ ଝାଡଖଣ୍ଡ ଅଭିମୁଖେ ଯାଉଥିଲା । ସେଥିରେ ୯ ଜଣ ଥିଲେ । ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ୍ କାର୍‌କୁ ଧକ୍କା ଦେଇଥିଲା । ଏହା ଏତେ ଭୟଙ୍କର ଥିଲା ଯେ କାର୍‌ଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି ।

## ଚୀନ ଯିବେ ପ୍ରତିରକ୍ଷା ମନ୍ତ୍ରୀ



**ନୂଆଦିଲ୍ଲୀ,୨୦।୬:** ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଚାଇନା ଗସ୍ତରେ ଯାଉଛନ୍ତି। ସେ ୨୫ ରୁ ୨୭ ଜୁନ ପର୍ଯ୍ୟନ୍ତ ଚାଇନା ଗସ୍ତରେ ରହିବେ। ଏହି ସମୟରେ ରାଜନାଥ କ୍ୱିଂଡାଓ ସହରରେ ଅନୁଷ୍ଠିତ ହେବାକୁ ଥିବା ସାଂଘାଇ ସହଯୋଗ ସଂଗଠନର ପ୍ରତିରକ୍ଷା ମନ୍ତ୍ରୀଙ୍କ ବୈଠକରେ ଯୋଗଦେବେ। ସୂଚନାଯୋଗ୍ୟ, ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ମଧ୍ୟ ବୈଠକରେ ଯୋଗଦେବେ। ବିଶେଷ କଥା ହେଉଛି ସାତ ବର୍ଷ ପରେ ଜଣେ ଭାରତୀୟ ମନ୍ତ୍ରୀ ଚାଇନା ଗସ୍ତରେ ଯାଉଛନ୍ତି। ଶେଷ ଥର ପାଇଁ, ସାତ ବର୍ଷ ପୂର୍ବେ, ୨୦୧୮ରେ, ତତ୍କାଳୀନ ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜ ଚାଇନା ଗସ୍ତ କରିଥିଲେ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଗସ୍ତକୁ ଖୁବ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। କାରଣ ଚାଇନା ଦୀର୍ଘ ସମୟ ପରେ ଲଦାଖରୁ ପଛକୁ ହଟିଛି। ଭାରତ ଏବଂ ଚାଇନା ମଧ୍ୟରେ ସମ୍ପର୍କ ପୁଣିଥରେ ଟ୍ରାକକୁ ଆସୁଛି। ଭାରତ ଏବଂ ଚାଇନା ମଧ୍ୟରେ ଯାତ୍ରା, ଆଲୋଚନା ଏବଂ ବାଣିଜ୍ୟ ପୁଣି ଥରେ ଆରମ୍ଭ ହୋଇଛି। କୈଳାସ ମାନସରୋବର ଯାତ୍ରା ପାଇଁ ଚାଇନା ମଧ୍ୟ ଅନୁମୋଦନ ଦେଇଛି। ଡେମଚୋକ ଏବଂ ଡେପସାଙ୍ଗରେ ପାଟ୍ରୋଲିଂ ସମ୍ପର୍କରେ ମଧ୍ୟ ସୂଚନା ପ୍ରକାଶ ପାଇଛି।

## ଅସନ୍ତୋଷ ଝାଡ଼ିଲେ ଓମାର ଅବଦୁଲ୍ଲା

## ନୂଆ କେନାଲ ପ୍ରସ୍ତାବକୁ ବିରୋଧ



**ନୂଆଦିଲ୍ଲୀ,୨୦।୬:** ଜମ୍ମୁ ଓ କାଶ୍ମୀରର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ସିନ୍ଧୁ ନଦୀ ବ୍ୟବସ୍ଥାର ପଶ୍ଚିମ ନଦୀଗୁଡ଼ିକରୁ (ସିନ୍ଧୁ, ଝେଲମ ଓ ଚେନାବ) ଅତିରିକ୍ତ ଜଳକୁ ପଞ୍ଜାବ, ହରିୟାନା ଓ ରାଜସ୍ଥାନକୁ ନେବା ପାଇଁ ପ୍ରସ୍ତାବିତ ୧୧୩ କିଲୋମିଟର ଲମ୍ବା କେନାଲ ପ୍ରକଳ୍ପକୁ ଦୃଢ଼ ଭାବେ ବିରୋଧ କରିଛନ୍ତି। ଏହି ପ୍ରସ୍ତାବ ଭାରତ ସରକାରଙ୍କ ଦ୍ୱାରା ସିନ୍ଧୁ ଜଳ ସନ୍ଧି (ଆଇଡବ୍ଲ୍ୟୁଟି) ସ୍ଥଗିତ ରଖିବା ପରେ ଆସିଛି। ଯାହା ୧୯୬୦ ମସିହାରେ ଭାରତ ଓ ପାକିସ୍ତାନ ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା। ଅବଦୁଲ୍ଲା ଏନେଇ କହିଛନ୍ତି ଯେ, "କେନ୍ଦ୍ର ସରକାରଙ୍କ ଏହି ନୂଆ ପ୍ରସ୍ତାବକୁ ମୁଁ କେବେ ବି ଅନୁମତି ଦେବି ନାହିଁ। ଆମେ ପ୍ରଥମେ ଆମ ଜଳକୁ ଆମ ପାଇଁ ବ୍ୟବହାର କରିବୁ। ଜମ୍ମୁରେ ମରୁଡ଼ି ପରିସ୍ଥିତି ରହିଛି। ମୁଁ ପଞ୍ଜାବକୁ ଜଳ କାହିଁକି ଦେବି? ପଞ୍ଜାବ ପୂର୍ବରୁ ସିନ୍ଧୁ ଜଳ ସନ୍ଧି ଅଧୀନରେ ଜଳ ପାଇଛି। ଆମେ ଯେତେବେଳେ ଜଳ ଆବଶ୍ୟକ କରୁଥିଲୁ, ସେମାନେ କ'ଣ ଆମକୁ ଜଳ ଦେଇଥିଲେ?" ଓମାର ଅବଦୁଲ୍ଲା ଏକ ସାମ୍ବାଦିକ ସମ୍ମିଳନି କରି ନିଜ ମନ୍ତବ୍ୟ ରଖିଛନ୍ତି। ଏହି କେନାଲ ପ୍ରକଳ୍ପ ପାକିସ୍ତାନକୁ ଯାଉଥିବା ଜଳର ପରିମାଣକୁ ହ୍ରାସ କରିବା ପାଇଁ ଭାରତର ଏକ ରଣନୀତିକ ପଦକ୍ଷେପ ଅଟେ। କାରଣ ଗତ ଏପ୍ରିଲ ୨୨ ତାରିଖରେ ପାହାଲଗାମ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ପରେ ଭାରତ ସରକାର ସିନ୍ଧୁ ଜଳ ସନ୍ଧିକୁ ସ୍ଥଗିତ ରଖିଥିଲେ। ଏଣୁ ଆବଶ୍ୟକତାଠୁ ଅଧିକ ପାଣିକୁ ଅନ୍ୟ ରାଜ୍ୟମାନଙ୍କୁ ଯୋଗାଇ ଦେବା ପାଇଁ କେନ୍ଦ୍ର ସରକାର ଏକ ନୂଆ କେନାଲ ପ୍ରକଳ୍ପ ପାଇଁ ଯୋଜନା ତିଆରି କରିଛନ୍ତି। ଯେଉଁଥିରେ ସିନ୍ଧୁ ନଦୀ ବ୍ୟବସ୍ଥାର ପଶ୍ଚିମ ନଦୀଗୁଡ଼ିକରୁ ନିର୍ଗତ ହେଉଥିବା ବଳକା ଜଳକୁ ପଞ୍ଜାବ, ରାଜସ୍ଥାନ ଓ ହରିୟାନାକୁ ଯୋଗାଇଦେବା ପାଇଁ ଲକ୍ଷ୍ୟ ରଖାଯାଇଥିଲା।

## ପଶ୍ଚିମବଙ୍ଗର ବିଜେପି ସଭାପତି ଅଟକ



**ନୂଆଦିଲ୍ଲୀ,୨୦।୬:** ବିଜେପି ରାଜ୍ୟ ସଭାପତି ତଥା କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ସୁକାନ୍ତ ମଜୁମଦାରଙ୍କୁ ଶୁକ୍ରବାର ପୁଲିସ ଅଟକ ରଖିଛି। ତାଙ୍କୁ ଲାଲବଜାର ପୋଲିସ ମୁଖ୍ୟାଳୟକୁ ନିଆଯାଇଚି। ଏହି ଘଟଣା କେବଳ ରାଜନୈତିକ ମହଲରେ ହଇଚଇ ସୃଷ୍ଟି କରିନାହିଁ, ବରଂ ବିଜେପି ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ବୃଦ୍ଧି ପାଇଛି। ଶୁକ୍ରବାର ସକାଳେ ସୁକାନ୍ତ ମଜୁମଦାର ବିଜେପି ଦ୍ୱାରା ଆୟୋଜିତ 'ପଶ୍ଚିମବଙ୍ଗ ଦିବସ' କାର୍ଯ୍ୟକ୍ରମରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଘର ଆଡ଼କୁ ବାଇକରେ ଯାଉଥିବା ବେଳେ ଏହି ଘଟଣା ଆରମ୍ଭ ହୋଇଥିଲା। ପୁଲିସ ତାଙ୍କୁ ବାଟରେ ଅଟକାଇ ଥିଲା ଏବଂ ଆଗକୁ ଯିବାକୁ ଅନୁମତି ଦେଇ ନଥିଲା । ଏହା ସତ୍ତ୍ୱେ ସୁକାନ୍ତ ଆଗକୁ ବଢ଼ିଥିଲେ ଏବଂ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷ ହେବା ପରେ, ସେ ପ୍ରସିଦ୍ଧ ଡାକ୍ତର ରଜତ ଶୁଭ୍ରା ବାନାର୍ଜୀଙ୍କୁ ଭେଟିବାକୁ ଯାଇଥିଲେ । କିନ୍ତୁ ଅପରାହ୍ନରେ ପୁଲିସ ତାଙ୍କୁ ପୁଣି ଥରେ ହରିଶ ମୁଖାର୍ଜୀ ରାସ୍ତାରେ ଅଟକାଇ ଥିଲା। ପୁଲିସ କହିଛି ଯେ, ସୁରକ୍ଷା କାରଣରୁ ତାଙ୍କୁ ଅଟକାଯାଇଥିଲା। ବିଜେପି ଅଭିଯୋଗ କରିଛି ଯେ, ଏହା ରାଜନୈତିକ ପ୍ରଣୋଦିତ। ସୁକାନ୍ତ ମଜୁମଦାରଙ୍କୁ ପ୍ରାୟ ଏକ ଘଣ୍ଟା ପାଇଁ ଗାଡ଼ିରେ ରଖାଯାଇଥିଲା, ତା'ପରେ ତାଙ୍କୁ ଜୋରଜବରଦସ୍ତ ପୋଲିସ ଗାଡ଼ିରେ ବସିବାକୁ ବାଧ୍ୟ କରାଯାଇଥିଲା। ଏହି ସମୟରେ ଡାକ୍ତର ବାନାର୍ଜୀ ମଧ୍ୟ ତାଙ୍କ ଘରୁ ବାହାରକୁ ଆସିଥିଲେ ଏବଂ ତାଙ୍କୁ ମଧ୍ୟ ପୋଲିସ ଅଟକ ରଖିଥିବା ଜଣାପଡ଼ିଛି। କେନ୍ଦ୍ରମନ୍ତ୍ରୀ ସୁକାନ୍ତ ମଜୁମଦାର ପୋଲିସ କାର୍ଯ୍ୟାନୁଷ୍ଠାନ ଉପରେ ଅସନ୍ତୋଷ ପ୍ରକାଶ କରି କହିଛନ୍ତି, 'ଆମକୁ କାହିଁକି ଅଟକ ରଖାଯାଇଥିଲା ମୁଁ ଜାଣିନାହିଁ। ଏହା ବିଶ୍ୱର କୌଣସି ସ୍ଥାନରେ ଘଟେ ନାହିଁ।'ସେ ଦାବି କରିଛନ୍ତି ଯେ, ତାଙ୍କୁ ଗିରଫ କରାଯାଇ ବିଜେପି ସମର୍ଥକଙ୍କ ସହ କୋଲକାତାର ଲାଲବଜାରରେ ପୁଲିସ ଲକଅପରେ ରଖାଯାଇଛି।

## ଦେବାଳିଆ ସ୍ଥିତିକୁ ଯାଉଛିକି ଏୟାର ଇଣ୍ଡିଆ ?

● ଅହମଦାବାଦ ବିମାନ ଦୁର୍ଘଟଣା ପରେ ରଦ୍ଦ ହେଉଛି ଉଡାଣ




**ନୂଆଦିଲ୍ଲୀ,୨୦।୬:** ଶୁକ୍ରବାର (୨୦ ଜୁନ) ଏୟାର ଇଣ୍ଡିଆ ଏହାର ୮ ଟି ଉଡ଼ାଣ ବାତିଲ କରିଛି। ଏଥିରେ ୪ ଟି ଆନ୍ତର୍ଜାତୀୟ ଏବଂ ୪ ଟି ଘରୋଇ ଉଡ଼ାଣ ଅନ୍ତର୍ଭୁକ୍ତ। ସୂଚନାଯୋଗ୍ୟ, ଅହମଦାବାଦରେ ବିମାନ ଦୁର୍ଘଟଣା ହେବା ପରଠାରୁ, ପ୍ରତିଦିନ ଏୟାର ଇଣ୍ଡିଆର ଉଡ଼ାଣ ବାତିଲ କରାଯାଉଛି। ଏହା ସହିତ, ଯାନ୍ତ୍ରିକ ତ୍ରୁଟି ଯୋଗୁ ଅନେକ ଉଡ଼ାଣକୁ ଫେରାଇ ନେବାକୁ ପଡ଼ିଛି କିମ୍ବା ଜରୁରୀକାଳୀନ ଅବତରଣ କରିବାକୁ ପଡ଼ିଛି। ତଥାପି, ବିମାନବନ୍ଦରରେ ରକ୍ଷଣାବେକ୍ଷଣ ଏବଂ ପରିଚାଳନାଗତ କାରଣରୁ ଶୁକ୍ରବାର ବାତିଲ ହୋଇଥିବା ଉଡ଼ାଣଗୁଡ଼ିକୁ ବାତିଲ କରାଯାଇଛି। ଏୟାର ଇଣ୍ଡିଆ ଯେଉଁ ଘରୋଇ ରୁଟରେ ଉଡ଼ାଣ ବାତିଲ କରିଛି ସେଥିରେ ପୁଣେରୁ ଦିଲ୍ଲୀ ଉଡ଼ାଣ ଏଆଇ୮୭୪, ଅହମଦାବାଦରୁ ଦିଲ୍ଲୀ ଉଡ଼ାଣ ଏଆଇ୪୫୬, ହାଇଦ୍ରାବାଦରୁ ମୁମ୍ବାଇ ଉଡ଼ାଣ ଏଆଇ୨୮୭୨ ଏବଂ ଚେନ୍ନାଇରୁ ମୁମ୍ବାଇ ଉଡ଼ାଣ ଏଆଇ୫୭୧ ଅନ୍ତର୍ଭୁକ୍ତ। ଶୁକ୍ରବାର ପାଇଁ ଏୟାର ଇଣ୍ଡିଆ ଦ୍ୱାରା ବାତିଲ କରାଯାଇଥିବା ଆନ୍ତର୍ଜାତୀୟ ଉଡ଼ାଣଗୁଡ଼ିକ ମଧ୍ୟରେ ଦୁବାଇରୁ ଚେନ୍ନାଇ ଉଡ଼ାଣ ଏଆଇ୯୦୬, ଦିଲ୍ଲୀରୁ ମେଲବୋର୍ଣ୍ଣ ଉଡ଼ାଣ ଏଆଇ୩୦୮, ମେଲବୋର୍ଣ୍ଣରୁ ଦିଲ୍ଲୀ ଉଡ଼ାଣ ଏଆଇ୩୦୯ ଏବଂ ଦୁବାଇରୁ ହାଇଦ୍ରାବାଦ ଉଡ଼ାଣ ଏଆଇ୨୨୦୪ ଅନ୍ତର୍ଭୁକ୍ତ।

## ଆଉ ନାହିଁ ରଣଥମ୍ବୋରର ଲୋକପ୍ରିୟ ବାଘୁଣୀ 'ଆରୋହେଡ'

**ନୂଆଦିଲ୍ଲୀ,୨୦।୬:** ଆଉ ନାହିଁ ରଣଥମ୍ବୋରର ଲୋକପ୍ରିୟ ବାଘୁଣୀ ଆରୋହେଡ । କୁମ୍ଭୀର ଶିକାର କରୁଥିବା ରଣଥମ୍ବୋରର ବାଘୁଣୀ 'ଆରୋହେଡ୍'ର ମୃତ୍ୟୁ ହୋଇଛି । ସେ ପ୍ରସିଦ୍ଧ ଶିକାରୀ ବାଘୁଣୀ 'ମଛଲି' ପରିବାରର ଥିଲା ଏବଂ ସମ୍ପ୍ରତି ବହୁତ ପ୍ରସିଦ୍ଧ ହୋଇଥିଲେ। ଆରୋହେଡ୍ ଟି-୮୪ ନାମରେ ମଧ୍ୟ ଜଣାଶୁଣା ଏବଂ ପ୍ରାୟ ୧୧ ବର୍ଷ ବୟସର ଥିଲା। ଅଧିକାରୀମାନେ କହିଛନ୍ତି ଯେ ଆରୋହେଡ୍ ବାଘୁଣୀ ଫେବୃଆରୀ ୨୦୧୪ରେ ଜନ୍ମ ହୋଇଥିଲା । ସେ ରଣଥମ୍ବୋର ପାର୍କର ପ୍ରସିଦ୍ଧ ବାଘୁଣୀ 'ମଛଲି' ପରିବାରର ଥିଲା । ଅଧିକାରୀଙ୍କ ଦ୍ୱାରା ଦିଆଯାଇଥିବା ସୂଚନା ଅନୁଯାୟୀ, ଆରୋହେଡ୍ ମସ୍ତିଷ୍କ ଟ୍ୟୁମର ଯୋଗୁଁ ମୃତ୍ୟୁବରଣ କରିଛି । ପ୍ରକୃତରେ, କିଛିଦିନ ପୂର୍ବରୁ ବାଘୁଣୀ ଆରୋହେଡ୍ ଆଲୋଚନାର ବିଷୟ ପାଲଟିଥିଲା । ଆରୋହେଡ୍ ଏକ ଜଳଭଣ୍ଡାରରେ କୁମ୍ଭୀର ଶିକାର କରିଥିଲା । ଏହି ଘଟଣାର ଭିଡିଓ ମଧ୍ୟ ଭାଇରାଲ ହୋଇଥିଲା । ଶିକାର ଦକ୍ଷତା ଯୋଗୁଁ ବାଘୁଣୀ 'ରଣଥମ୍ବୋରର ରାଣୀ' ଏବଂ 'ମଗର ଶିକାରୀ' ଭାବରେ ଜଣାଶୁଣା ଥିଲା ।



# ଟେଷ୍ଟ କ୍ରିକେଟରୁ ଅବସର ନେଲେ ମାଥ୍ୟୁସ୍



ନୂଆଦିଲ୍ଲୀ, ୨୦।୬: ଟେଷ୍ଟ କ୍ରିକେଟ ପାଇଁ ୨୦୨୫ ବର୍ଷ ବହୁତ ଉତ୍ଥାନ-ପତନ ଦେଇ ଗତି କରୁଛି। ଏହି ବର୍ଷ ଅନ୍ତର୍ଜାତୀୟ କ୍ରିକେଟର ଅନେକ କିମ୍ବଦନ୍ତୀ ଖେଳାଳି ଟେଷ୍ଟରୁ ଅବସର ନେଇଛନ୍ତି। ଭାରତୀୟ କ୍ରିକେଟ ତାରକା ରୋହିତ ଶର୍ମା ତାଙ୍କର ଅବସର ଘୋଷଣା କରିଥିଲେ। ଏହା ପରେ ବିରାଟ କୋହଲି ମଧ ଟେଷ୍ଟ କ୍ରିକେଟରୁ ଅବସର ନେଇଥିଲେ। ସେହି ସମୟରେ, ଏବେ ଶ୍ରୀଲଙ୍କାର ଷ୍ଟାର ଖେଳାଳି ଆଞ୍ଜେଲୋ ମାଥ୍ୟୁସ୍ ମଧ ଟେଷ୍ଟ କ୍ରିକେଟରୁ ଅବସର ନେଉଛନ୍ତି। ଶ୍ରୀଲଙ୍କାର ଦଳ କଲମ୍ବୋରେ ବାଂଲାଦେଶ ସହିତ ଏକ ଟେଷ୍ଟ ମ୍ୟାଚ ଖେଳୁଛି। ଆଞ୍ଜେଲୋ ମାଥ୍ୟୁସ୍ ଆଜି ନିଜ ଦେଶରଟିରେ ତାଙ୍କ ମାର ଶେଷ ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି। ଯେତେବେଳେ ଶ୍ରୀଲଙ୍କାର ଅଭିଜ୍ଞ ଖେଳାଳି ଆଞ୍ଜେଲୋ ମାଥ୍ୟୁସ୍ ତୃତୀୟ ଦିନରେ ବ୍ୟାଟିଂ କରିବାକୁ ଆସିଥିଲେ, ବାଂଲାଦେଶୀ ଖେଳାଳିମାନେ ମାଥ୍ୟୁସ୍ ଙ୍କୁ 'ଗାର୍ଡ ଅଫ୍ ଅନର' ସହିତ ପଡ଼ିଆରେ ସ୍ୱାଗତ କରିଥିଲେ। ବାଂଲାଦେଶର ଖେଳାଳିମାନେ ଦୁଇଟି ଧାଡ଼ିରେ ଠିଆ ହୋଇଥିଲେ ଏବଂ ଖେଳାଳିମାନେ ପଡ଼ିଆରେ ତାଳି ବଜାଇ ତାଙ୍କୁ ସ୍ୱାଗତ କରିଥିଲେ।

ଆଞ୍ଜେଲୋ ମାଥ୍ୟୁସ୍ ତାଙ୍କ ଶେଷ ମ୍ୟାଚ୍ ରେ ୫୬.୫୨ ଷ୍ଟ୍ରାଇକ୍ ରେଟ୍ ରେ ୬୯ ବଲ୍ ରେ ୩୯ ରନ୍ କରିଥିଲେ। ତାଙ୍କ ଟେଷ୍ଟ କ୍ୟାରିୟରର ଏହି ଶେଷ ଇନିଂସରେ ମାଥ୍ୟୁସ୍ ତିନୋଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ। ମାଥ୍ୟୁସ୍ ଭଲ ବ୍ୟାଟିଂ କରୁଥିଲେ, କିନ୍ତୁ ଏହି ମ୍ୟାଚ୍ ରେ ଶ୍ରୀଲଙ୍କାର ଷ୍ଟାର ଖେଳାଳି ଅର୍ଦ୍ଧଶତକ ହାସଲ କରିବାରୁ ବଞ୍ଚିତ ହୋଇଥିଲେ। ଆଞ୍ଜେଲୋ ମାଥ୍ୟୁସ୍ ତାଙ୍କର ୧୧୯ତମ ଟେଷ୍ଟ ମ୍ୟାଚ୍ ଖେଳୁଛନ୍ତି। ମାଥ୍ୟୁସ୍ ତାଙ୍କ ଟେଷ୍ଟ କ୍ୟାରିୟରରେ ୮,୨୦୬ ରନ୍ କରିଛନ୍ତି।



## ହାତରେ କଳାପଟି ପିନ୍ଧି ପଡ଼ିଆକୁ ଓହ୍ଲାଇଲେ ଖେଳାଳି

ଲର୍ଡସ,୨୦।୬: ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ପ୍ରଥମ ଟେଷ୍ଟ ଲିଡ୍ସରେ ଆରମ୍ଭ ହୋଇଛି। ଏହି ଟେଷ୍ଟରେ ଇଂଲଣ୍ଡ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଫଳରେ ଭାରତ ପ୍ରଥମେ ବ୍ୟାଟିଂ କରୁଛି। ଏହି ମ୍ୟାଚ୍‌ରେ ଖେଳାଳିମାନେ ହାତରେ କଳା ପଟ୍ଟି ବାନ୍ଧିଛନ୍ତି। ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଲୋକଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ସମସ୍ତ ଖେଳାଳି କଳାପଟ୍ଟି ବାନ୍ଧିଛନ୍ତି। ଏହାସହ ମୃତକଙ୍କ ଆତ୍ମାର ଶାନ୍ତି ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା ମଧ କରାଯାଇଥିଲା। ମ୍ୟାଚ ଆରମ୍ଭ ହେବା ପୂର୍ବରୁ ଷ୍ଟାଡିୟମରେ ଉଭୟ ଦେଶର ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଏହି ସମୟରେ ଭାରତ ଏବଂ ଇଂଲଣ୍ଡର ସମସ୍ତ ଖେଳାଳି ହାତରେ କଳା ପଟ୍ଟି ପିନ୍ଧିଥିବା ଦେଖାଯାଇଥିଲା। ଏହି ମ୍ୟାଚ ମାଧମରେ, ଇଂଲଣ୍ଡ କ୍ରିକେଟ ବୋର୍ଡ (ଇସିବି) ଏବଂ ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଲୋକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିପାଇଁ ଷ୍ଟାଡିୟମରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଜୁନ ୧୨ ତାରିଖରେ ଗୁଜରାଟର ରାଜଧାନୀ ଅହମ୍ମଦାବାଦରେ ଏୟାର ଇଣ୍ଡିଆର ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ବିମାନରେ ୨୩୦ ଜଣ ଯାତ୍ରୀ ଏବଂ ୧୨ ଜଣ କ୍ରୁ ସଦସ୍ୟ ଥିଲେ। ଅହମ୍ମଦାବାଦରୁ ଲଣ୍ଡନ ଯାଉଥିବା ଏହି ବିମାନଟି ବିମାନବନ୍ଦରରୁ ଉଡ଼ାଣ ଭରିବାର ମାତ୍ର ପାଞ୍ଚ ମିନିଟ ପରେ ଏକ ହଷ୍ଟେଲ ସହିତ ଧକ୍କା ହୋଇଥିଲା। ବିମାନରେ ଥିବା ୨୪୧ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ଏହି ଦୁର୍ଘଟଣାରେ କେବଳ ଜଣେ ବ୍ୟକ୍ତି ବଞ୍ଚି ଯାଇଥିଲେ। ଏହି ଦୁର୍ଘଟଣାରେ ମୋଟ ୨୭୦ ଜଣଙ୍କର ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣା କେବଳ ଭାରତବାସୀଙ୍କୁ ନୁହେଁ ବରଂ ସମଗ୍ର ବିଶ୍ୱକୁ ଦୋହଲାଇ ଦେଇଥିଲା।

### ହକି ଇଣ୍ଡିଆ ମାଷ୍ଟର୍ସ କପ୍

## ଓଡ଼ିଶା ପୁରୁଷ ଜିତିଲେ ମହିଳା ହାରିଲେ





ଭୁବନେଶ୍ୱର,୨୦।୬(ସଂଚାର ବ୍ୟୁରୋ): ତାମିଲନାଡ଼ୁରେ ଚାଲିଥିବା ପ୍ରଥମ ହକି ଇଣ୍ଡିଆ ମାଷ୍ଟର୍ସ ଲିଗ୍‌ରେ ଗୁରୁବାର ଓଡ଼ିଶାକୁ ମିଶ୍ର ସଫଳତା ମିଳିଛି। ଓଡ଼ିଶା ପୁରୁଷ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଥିଲା ବେଳେ ମହିଳା ଦଳ ପରାଜୟ ବରଣ କରିଛି। ଲାଜରୁସ ବାର୍ଲାଙ୍କ ନେତୃତ୍ୱାଧୀନ ଓଡ଼ିଶା ପୁରୁଷ ଦଳ ୬-୩ ଗୋଲ୍‌ରେ ପୁଡୁଚେରୀକୁ ପରାସ୍ତ କରିଛି। ଓଡ଼ିଶା ପ୍ରଥମ କ୍ୱାର୍ଟର ଗୋଲ୍‌ଶୂନ୍ୟରେ ଶେଷ ହେବା ପରେ ଦ୍ୱିତୀୟ କ୍ୱାର୍ଟରରେ ଏମ୍ ହରିକ୍ରିଷ୍ଣନ୍ (୧୭ ମିନିଟ୍)ଙ୍କ ଗୋଲ୍‌ରେ ପୁଡୁଚେରୀ ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା। ୧୯ତମ ମିନିଟ୍‌ରେ ଲାଜରୁସ ଗୋଲ୍‌ଟି ଶୁଝି ସ୍ଥିତି ସମାନ କରିଥିଲେ। ୨୩ତମ ମିନିଟ୍‌ରେ ବି ଅଧିକେଶବନଙ୍କ ଗୋଲ୍‌ରେ ପୁଣି ପୁଡୁଚେରୀ ଆଗୁଆ ହୋଇଥିଲା। ଏହାପରେ ଶାନ୍ତିଏଲ୍ ମୁଣ୍ଡୁ (୩୨, ୪୧, ୪୩ ମିନିଟ୍)ଙ୍କ ହ୍ୟାଟ୍ରିକ୍ ଏବଂ ଲାଧୁ ଏକ୍କା (୫୨ ମିନିଟ୍)ଙ୍କ ଗୋଲ୍‌ରେ ଓଡ଼ିଶା ୬-୨ରେ ଆଗୁଆ ହୋଇଥିଲା। ୫୮ତମ ମିନିଟ୍‌ରେ ପୁଡୁଚେରୀର ଦେଲ୍ଲୀଗଣେଶ ଗୋଟିଏ ଗୋଲ୍ ଶୁଝିଥିଲେ। ଲୁସେଲା ଏକ୍କାଙ୍କ ନେତୃତ୍ୱାଧୀନ ମହିଳା ଦଳ ୧-୩ ଗୋଲ୍‌ରେ ପଞ୍ଜାବଠୁ ହାରିଯାଇଛି। ପଞ୍ଜାବର ସଙ୍ଗୀତା ମିଞ୍ଜ (୩ ମିନିଟ୍), ଅଧିନାୟିକା ଅମନଦୀପ କୌର (୫ ମିନିଟ୍), ନୀତି (୨୬ ମିନିଟ୍) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ୫୦ତମ ମିନିଟ୍‌ରେ ଓଡ଼ିଶାର ରଞ୍ଜିତା ବେକ୍ ଗୋଟିଏ ଗୋଲ୍ ଶୁଝି ପରାଜୟ ବ୍ୟବଧାନକୁ କମାଇଥିଲେ।

## ଇଣ୍ଡିଆ-ଇଂଲଣ୍ଡ ଟେଷ୍ଟ ଟ୍ରଫି ଉନ୍ମୋଚିତ



ନୂଆଦିଲ୍ଲୀ,୨୦।୬: ଘରୋଇ ଭାରତ ଓ ଇଂଲଣ୍ଡ ମଧ୍ୟରେ ଆଜିଠୁ (ଶୁକ୍ରବାର) ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଆରମ୍ଭ ହେବ। ଲିଡ୍ସରେ ଖେଳାଯିବ ପ୍ରଥମ ଟେଷ୍ଟ। ଏହା ପୂର୍ବରୁ ଇଣ୍ଡିଆ-ଇଂଲଣ୍ଡ ଟେଷ୍ଟର ନୂଆ ଟ୍ରଫି ଉନ୍ମୋଚିତ ହୋଇଛି। ଆଣ୍ଡରସନ୍ ଓ ସଚିନ୍ ଟ୍ରଫିର ନାମ ରହିଛି। ଉଭୟ କିମ୍ବଦନ୍ତୀ ଖେଳାଳି ସଚିନ ତେନ୍ଦୁଲକର ଓ ଜେମ୍ସ ଆଣ୍ଡରସନ୍ ଉପସ୍ଥିତ ରହି ଟ୍ରଫି ଉନ୍ମୋଚନ କରିଛନ୍ତି। ୨୦୦୭ ମସିହାରୁ ଇଂଲଣ୍ଡ-ଭାରତ ଟେଷ୍ଟ ସିରିଜରେ ବିଜେତା ଦଳକୁ ପଟୌଦି ଟ୍ରଫି ପ୍ରଦାନ କରାଯାଉଥିଲା। କିନ୍ତୁ ଇଂଲଣ୍ଡ କ୍ରିକେଟ୍ ବୋର୍ଡ (ଇସିବି) ଏହାର ନାମ ପରିବର୍ତ୍ତନ କରି ଆଣ୍ଡରସନ-ସଚିନ ଟ୍ରଫି କରିବାକୁ ଯୋଜନା କରିଥିଲ। ଏ ବିଷୟରେ ବିସିସିଆଇକୁ ଜଣାଇଥିଲା। ମାତ୍ର ସଚିନ ଏ ବିଷୟରେ ଅବଗତ ହେବା ପରେ ଉଭୟ ଇସିବି ଓ ବିସିସିଆଇକୁ ଟ୍ରଫିର ନାମ ପରିବର୍ତ୍ତନ ନକରିବା ପାଇଁ ପ୍ରସ୍ତାବ ଦେଇଥିଲେ। କିପରି ପୂର୍ବତନ ଅଧିନାୟକ ମନସୁର ଅଲି ଖାନ ପଟୌଦିଙ୍କ ନାମ ସିରିଜ ସହ ଯୋଡ଼ି ହୋଇ ରହିବ ସେନେଇ ସଚିନ ଉଦ୍ୟମ ଆରମ୍ଭ କରିଥିଲେ। ସେ କହିଛନ୍ତି, 'ପ୍ରଥମେ ପଟୌଦି ପରିବାର ଲୋକଙ୍କୁ ଏ ବିଷୟରେ ଜଣାଇଥିଲି ଏବଂ ଭାରତ-ଇଂଲଣ୍ଡ ସିରିଜ ସହ କିଭଳି ତାଙ୍କ ନାମ ପୂର୍ବଭଳି ଯୋଡ଼ି ରହିବ ଆମେ କଥା ହୋଇଥିଲୁ। ଏଥିପାଇଁ ବିସିସିଆଇ ଓ ଇସିବି ସହ କଥା ହୋଇ ମୋର କିଛି ପ୍ରସ୍ତାବ ରଖିଥିଲି। ଯାହା ହେଉ ଶେଷରେ ବିଜୟୀ ଦଳର ଅଧିନାୟକଙ୍କୁ ପଟୌଦି ମେଡାଲ ଦେବାକୁ ନିଷ୍ପତ୍ତି ହୋଇଥିଲା।' ତେଣୁ ଟ୍ରଫିର ନୂଆ ନାମକରଣ ହୋଇଥିଲେ ବି ପଟୌଦିଙ୍କ ନାମ ପୂର୍ବଭଳି ସିରିଜ ସହ ଯୋଡ଼ି ହୋଇ ରହିବ। ପୂର୍ବରୁ ଇଂଲଣ୍ଡରେ ପଟୌଦି ଟ୍ରଫି ଏବଂ ଭାରତରେ ଆଣ୍ଟୋନୀ ଡି ମେଲୋ ଟ୍ରଫି ପ୍ରଦାନ କରାଯାଉଥିଲା। ଏବେ କେବଳ ବିଜେତାଙ୍କୁ ଆଣ୍ଡରସନ୍-ସଚିନ ଟ୍ରଫି ଏବଂ ବିଜେତା ଦଳର ଅଧିନାୟକଙ୍କୁ ପଟୌଦି ମେଡାଲ ମିଳିବ। ଟେଷ୍ଟ କ୍ରିକେଟ୍ ଇତିହାସରେ ଆଣ୍ଡରସନ୍ ସର୍ବାଧିକ ୱିକେଟ୍ ହାସଲକାରୀ ଦ୍ରୁତ ବୋଲର। ସେମିତି ସଚିନ ହେଉଛନ୍ତି ସର୍ବକାଳୀନ ସର୍ବାଧିକ ରନ୍ ସ୍କୋରର। ସେ ୨୦୦ ଟେଷ୍ଟ ଖେଳି ୧୫୯୨୧ ରନ କରିଥିଲେ। ଯେଉଁଥିରେ ୫୧ଟି ଶତକ ସାମିଲ ରହିଥିଲା। ଆଣ୍ଡରସନ୍ ୧୮୮ଟି ଟେଷ୍ଟ ଖେଳି ୭୦୪ଟି ୱିକେଟ୍ ହାସଲ କରିଥିଲେ।

## ଶୁବମନ ଗିଲଙ୍କ ଉପରେ ଗମ୍ଭୀର ସଙ୍କଟ



ଲିର୍ଡ୍ସ,୨୦।୬: ଇଂଲଣ୍ଡରେ ଶୁବମନ ଗିଲଙ୍କ ନେତୃତ୍ୱରେ ଟିମ ଇଣ୍ଡିଆର ଅଗ୍ନିପରୀକ୍ଷା ଆଜିଠାରୁ ଆରମ୍ଭ ହେବାକୁ ଯାଉଛି। ରୋହିତ ଶର୍ମା, ବିରାଟ କୋହଲି ଏବଂ ରବିଚନ୍ଦ୍ରନ ଅଶ୍ୱିନଙ୍କ ଅବସର ପରେ, ଏଥର ଭାରତୀୟ ଦଳ ସମ୍ପୂର୍ଣ୍ଣ ନୂଆ ଭାବେ ପଡ଼ିଆରେ ଅବତରଣ କରିବ। ଏଥର ଦଳରେ ଅନେକ ଖେଳାଳି ଅଛନ୍ତି, ଯେଉଁମାନେ ପ୍ରଥମ ଥର ପାଇଁ ଇଂଲଣ୍ଡ ମାଟିରେ ଖେଳିବାକୁ ଆସିଛନ୍ତି। ବ୍ୟାଟିଂ ଦାୟିତ୍ୱ ମୁଖ୍ୟତଃ ଶୁବମନ ଗିଲ, କେଏଲ ରାହୁଲ, ରିଷଭ ପନ୍ତ ଏବଂ ରବିନ୍ଦ୍ର ଜାଡେଜାଙ୍କ ଉପରେ ରହିବ, କାରଣ ସେମାନଙ୍କ ପାଖରେ ବିଦେଶୀ ମାଟିରେ ଟେଷ୍ଟ କ୍ରିକେଟ ଖେଳିବାର ଅଭିଜ୍ଞତା ଅଛି, କିନ୍ତୁ ଏଥର ଇଂଲଣ୍ଡରେ ଚ୍ୟାଲେଞ୍ଜ ଟିକେ ଭିନ୍ନ। ତିନୋଟି ଏପରି ଅଦୃଶ୍ୟ ବିପଦ ଭାରତୀୟ ଦ୍ୱାରରେ ଠକ ଠକ କରୁଛି, ଯାହା ଟିମ ଇଣ୍ଡିଆର ଖେଳାଳିମାନେ କେବେ ସାମ୍ନା କରିନାହାଁନ୍ତି। ଏହି ବିପଦଗୁଡ଼ିକ ହେଉଛନ୍ତି, ଦ୍ରୁତ ବୋଲର ଜୋଶୁଆ ଚାଲର୍ସ ଟଙ୍ଗ, ସାମୁଏଲ ଜେମ୍ସ କୁକ ଏବଂ ଦ୍ରୁତ ବୋଲିଂ ଅଲରାଉଣ୍ଡର ବ୍ରାଇଡନ କାର୍ସେ। ଏହି ତିନି ଖେଳାଳି ପ୍ରଥମ ଥର ପାଇଁ ଟିମ ଇଣ୍ଡିଆ ବିପକ୍ଷରେ ଖେଳିପାରିବେ। ଇଂଲଣ୍ଡ ପ୍ରଥମ ଟେଷ୍ଟ ମ୍ୟାଚ ପାଇଁ ସେମାନଙ୍କୁ ନିଜ ଦଳରେ ସାମିଲ କରିଛି, ଯଦିଓ ଇଂଲଣ୍ଡ ଦଳ ଏପର୍ଯ୍ୟନ୍ତ ସେମାନଙ୍କର ପ୍ଲେଇଂ ଇଲେଭେନ ଘୋଷଣା କରିନାହିଁ, କିନ୍ତୁ ଯଦି ଏହି ଖେଳାଳିମାନେ ଖେଳନ୍ତି ତେବେ ସେମାନେ ଟିମ ଇଣ୍ଡିଆ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇପାରନ୍ତି। ଟିମ ଇଣ୍ଡିଆର ବ୍ୟାଟସମ୍ୟାନମାନଙ୍କୁ ଜୋଶୁଆ ଚାଲର୍ସ ଟଙ୍ଗଙ୍କଠାରୁ ସତର୍କ ରହିବାକୁ ପଡିବ, ଯିଏ ଏପର୍ଯ୍ୟନ୍ତ ଇଂଲଣ୍ଡ ପାଇଁ କେବଳ ତିନୋଟି ଟେଷ୍ଟ ମ୍ୟାଚ ଖେଳିଛନ୍ତି। ୨୦୨୩ରେ ଲର୍ଡସରେ ଆୟରଲ୍ୟାଣ୍ଡ ବିପକ୍ଷରେ ଡେବ୍ୟୁ କରିଥିବା ଟଙ୍ଗ ତାଙ୍କର ପ୍ରଥମ ମ୍ୟାଚରେ ୫ ଉଇକେଟ ନେଇ ହଇଚଇ ସୃଷ୍ଟି କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଜେପି...

ପ୍ରକଳ୍ପଗୁଡ଼ିକୁ ବିଳମ୍ବ କରିବା, ବାଧା ସୃଷ୍ଟି କରିବା ଓ ଦିଗହରା କରିବା ଏବଂ ବ୍ୟାପକ ଦୁର୍ନୀତି ଥିଲା ପୂର୍ବ ସରକାରଙ୍କ ଶାସନ ମଡେଲ। ଗତ ୧୧ ବର୍ଷ ଧରି କିନ୍ତୁ ବିକାଶ ମଡେଲକୁ ଦେଶ ବ୍ୟାପକ ଭାବରେ ଅନୁଭବ କରିଛି। ଓଡ଼ିଶା ପରି ଗତ କିଛି ବର୍ଷ ମଧ୍ୟରେ ଅନେକ ରାଜ୍ୟରେ ବିଜେପି ସରକାର ଗଠନ କରିଛି। ତ୍ରୀପୁରା ଓ ଆସାମ ଭଳି ରାଜ୍ୟର ଉଦାହାରଣ ଦେଇ ସେ ବିଜେପି ଶାସନରେ କିଭଳି ବିକାଶ ଓ ସ୍ଥିରତାକୁ ଗୁରୁତ୍ୱ ଦିଆଯାଉଛି ତାହା ଉଲ୍ଲେଖ କରିଥିଲେ।

ଅନେକ ଦଶନ୍ଧି ଧରି ଓଡ଼ିଶା ମଧ୍ୟ ଆହ୍ୱାନକୁ ନେଇ ସଂଘର୍ଷ କରିଆସୁଥିଲା। ଗରିବ କିମ୍ବା ଚାଷୀମାନେ ସେମାନଙ୍କର ନ୍ୟାର୍ଯ୍ୟ ଅଧିକାର ପାଇନଥିଲେ। ଦୁର୍ନୀତି ଏବଂ ନାଲିଫିତା ରାଜ୍ ପ୍ରାଧାନ୍ୟ ବିସ୍ତାର କରିଥିଲା। ରାଜ୍ୟସାରା ଭିତ୍ତିଭୂମି ଏକ ଭୟଙ୍କର ସ୍ଥିତିରେ ଥିଲା। ବିକାଶ ପ୍ରକ୍ରିୟାରେ ଓଡ଼ିଶାର ଅନେକ ଅଞ୍ଚଳ କ୍ରମଶଃ ପଛରେ ପଡ଼ିଯାଉଥିଲା। ଏପରି ଆହ୍ୱାନପୂର୍ଣ୍ଣ ସ୍ଥିତି ଓଡ଼ିଶାର ଦୁର୍ଭାଗ୍ୟଜନକ ବାସ୍ତବତା ପାଲଟିଥିଲା। ଗତ ଏକ ବର୍ଷ ଧରି ସେମାନଙ୍କ ସରକାର ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ପୂର୍ଣ୍ଣ ସଂକଳ୍ପ ସହିତ କାର୍ଯ୍ୟ କରିଛି ବୋଲି ସେ ଦୃଢ଼ତାର ସହିତ କହିଥିଲେ । କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିକାଶ ମଡେଲର ମିଶ୍ରଣ ସ୍ପଷ୍ଟ ଦୃଶ୍ୟମାନ ହେଉଛି। ଆଜି ଉଦଘାଟିତ ଏବଂ ଆରମ୍ଭ ହୋଇଥିବା ହଜାର ହଜାର କୋଟି ଟଙ୍କାର ପ୍ରକଳ୍ପ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଆଭିମୁଖ୍ୟର ମିଶ୍ର ପ୍ରଭାବକୁ ପ୍ରତିଫଳିତ କରେ। ରାଜ୍ୟର ଡବଲ ଇଂଜିନ ସରକାର ପାଇଁ ଓଡ଼ିଶାବାସୀଙ୍କୁ ଦୁଇଗୁଣ ଲାଭ ଦେଇଛି। ଦୀର୍ଘ ସମୟ ଧରି ରାଜ୍ୟର ଲକ୍ଷ ଲକ୍ଷ ଗରିବ ପରିବାର ଆୟୁଷ୍ମାନ ଭାରତ ଯୋଜନାର ପରିସର ବାହାରେ ରହିଥିଲେ। ଆଜି, ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଉଭୟ ଏକତ୍ର ରାଜ୍ୟରେ ଲାଗୁ ହୋଇଛି । ଏହା ଦ୍ୱାରା ଓଡ଼ିଶାର ପ୍ରାୟ ୩ କୋଟି ଲୋକଙ୍କ ପାଇଁ ମାଗଣା ଚିକିତ୍ସା ସୁନିଶ୍ଚିତ ହୋଇଛି । ଏହି ସୁବିଧା କେବଳ ଓଡ଼ିଶାର ଡାକ୍ତରଖାନାରେ ନୁହେଁ ବରଂ ଦେଶର ଅନ୍ୟ ରାଜ୍ୟରେ କାର୍ଯ୍ୟ କରୁଥିବା ଲୋକଙ୍କ ପାଇଁ ମଧ୍ୟ ଉପଲବ୍ଧ। ଏହି ଯୋଜନାରେ ଏପର୍ଯ୍ୟନ୍ତ ଓଡ଼ିଶାର ୨ ଲକ୍ଷ ଲୋକ ମାଗଣା ଚିକିତ୍ସା ପାଇଛନ୍ତି । ଏମାନଙ୍କ ମଧ୍ୟରୁ ଅନେକ ଲୋକ ୧୨ରୁ ଅଧିକ ରାଜ୍ୟରେ ମାଗଣା ଚିକିତ୍ସା ପାଇଛନ୍ତି। ଏପରି ଚିକିତ୍ସା ସୁବିଧା ଗୋଟିଏ ବର୍ଷ ପୂର୍ବରୁ ଅକଳ୍ପନୀୟ ଥିଲା। ସେହିଭଳି ପ୍ରଧାନମନ୍ତ୍ରୀ ବୟୋବନ୍ଦନା ଯୋଜନା ଦ୍ୱାରା ରାଜ୍ୟର ୭୦ ବର୍ଷରୁ ଅଧିକ ବୟସର ୨୩ ଲକ୍ଷରୁ ଅଧିକ ବରିଷ୍ଠ ନାଗରିକ ବର୍ତ୍ତମାନ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ପାଇଁ ଯୋଗ୍ୟ ହୋଇଛନ୍ତି । ଏହା ସାଧାରଣ ପରିବାର ଉପରେ ସ୍ୱାସ୍ଥ୍ୟସେବା ବୋଝକୁ ବହୁ ପରିମାଣରେ ହ୍ରାସ କରିଛି। ସେହିପରି, ପ୍ରଧାନମନ୍ତ୍ରୀ କହିଥିଲେ ଯେ, ପୂର୍ବରୁ ଓଡ଼ିଶାର ଚାଷୀମାନେ ପ୍ରଧାନମନ୍ତ୍ରୀ-କିଷାନ ଯୋଜନାର ସମ୍ପୂର୍ଣ୍ଣ ଲାଭ ପାଇ ନଥିଲେ। ବର୍ତ୍ତମାନ, ଚାଷୀମାନେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଉଭୟ ଯୋଜନାରୁ ଦ୍ୱିଗୁଣିତ ଲାଭ ପାଉଛନ୍ତି। ସରକାର ଧାନ ପାଇଁ ଅଧିକ କ୍ରୟ ମୂଲ୍ୟ ପ୍ରତିଶ୍ରୁତି ଦେଇଥିଲେ, ଯାହା ଓଡ଼ିଶାର ଲକ୍ଷ ଲକ୍ଷ ଧାନ ଚାଷୀଙ୍କୁ ଲାଭ ଦେଇଛି ବୋଲି ସେ କହିଥିଲେ।

ସରକାରଙ୍କ ଏକ ପ୍ରମୁଖ ସଫଳତା ହେଉଛି ଅବହେଳିତ ବର୍ଗର ସଶକ୍ତିକରଣ। ଅତୀତରେ, ଆଦିବାସୀ ସମ୍ପ୍ରଦାୟ ପଛୁଆ, ଦରିଦ୍ର ଏବଂ ବଞ୍ଚିତ ହୋଇ ନିୟମିତ ଅବହେଳାର ସମ୍ମୁଖୀନ ହୋଇଥିଲେ। ଦୀର୍ଘ ସମୟ ଧରି ଦେଶକୁ ଶାସନ କରୁଥିବା ଦଳ ରାଜନୈତିକ ଲାଭ ପାଇଁ ଆଦିବାସୀ ଜନସଂଖ୍ୟାକୁ ଶୋଷଣ କରିଥିଲା। ସେମାନେ ଦେଶର ବିସ୍ତୃତ ଅଞ୍ଚଳକୁ ନକ୍ସଲବାଦ, ହିଂସା ଏବଂ ଅତ୍ୟାଚାରର ନିଆଁରେ ଠେଲି ଦେଇଥିଲେ । ୨୦୧୪ ପୂର୍ବରୁ, ଦେଶର ୧୨୫ ରୁ ଅଧିକ ଆଦିବାସୀ ବହୁଳ ଜିଲ୍ଲା ନକ୍ସଲ ହିଂସା ଦ୍ୱାରା ପ୍ରଭାବିତ ହୋଇଥିଲା। ଏହି ଆଦିବାସୀ ଅଞ୍ଚଳଗୁଡ଼ିକୁ ଅନୁଚିତ ଭାବରେ 'ଲାଲ କରିଡର' ନାମରେ କଳଙ୍କିତ କରାଯାଇଥିଲା। ଏହି ଜିଲ୍ଲାଗୁଡ଼ିକ ମଧ୍ୟରୁ ଅଧିକାଂଶକୁ ପଛୁଆ ଘୋଷଣା କରାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ପୂର୍ବ ଶାସନ ଦ୍ୱାରା ପରିତ୍ୟକ୍ତ କରାଯାଇଥିଲା। ତାଙ୍କ ସରକାର ଆଦିବାସୀ ସମାଜକୁ ହିଂସାର ପରିବେଶରୁ ବାହାର କରି ବିକାଶର ଏକ ନୂତନ ମାର୍ଗକୁ ଆଣିବା ପାଇଁ କାର୍ଯ୍ୟ କରିଛି ବୋଲି ସେ କହିଥିଲେ।

ଏକବିଂଶ ଶତାବ୍ଦୀରେ ଦେଶର ଅଭିବୃଦ୍ଧି ପୂର୍ବ ଭାରତ ଦ୍ୱାରା ପରିଚାଳିତ ହେବ। ଏହା ପୂର୍ବୋଦୟର ଯୁଗ ବୋଲି ସେ ଘୋଷଣା କରିଥିଲେ। ଏହି ମନୋଭାବ ସହିତ, ସରକାର ସମଗ୍ର ପୂର୍ବ କ୍ଷେତ୍ର ସହିତ ଓଡ଼ିଶାର ବିକାଶ ଉପରେ ଧ୍ୟାନ ଦେଉଛି ବୋଲି ସେ କହିଥିଲେ। ବର୍ଷକ ପୂର୍ବେ ସେମାନଙ୍କ ସରକାର ଗଠନ ହେବା ପରେ, ଏହି ଅଭିଯାନ ଆହୁରି ଗତି ପାଇଛି। ପାରାଦୀପରୁ ଝାରସୁଗୁଡ଼ା ପର୍ଯ୍ୟନ୍ତ ଶିଳ୍ପ କ୍ଷେତ୍ରର ସମ୍ପ୍ରସାରଣକୁ ଉଲ୍ଲେଖ କରି ସେ କହିଥିଲେ, ଏହା ଓଡ଼ିଶାର ଖଣିଜ ଏବଂ ବନ୍ଦର-ନେତୃତ୍ୱାଧୀନ ଅର୍ଥନୀତିକୁ ସୁଦୃଢ଼ କରୁଛି। କେନ୍ଦ୍ର ସରକାର ଓଡ଼ିଶାରେ ସଡ଼କ, ରେଳ ଏବଂ ବିମାନ ସଂଯୋଗ ବୃଦ୍ଧି ପାଇଁ ହଜାର ହଜାର କୋଟି ଟଙ୍କା ନିବେଶ କରୁଛନ୍ତି । ସେ କହିଥିଲେ ଯେ ବଡ଼ ଲକ୍ଷ୍ୟ ହାସଲ କରିବା ପାଇଁ ଦୂରଦୃଷ୍ଟି ଏବଂ ଦୀର୍ଘକାଳୀନ ଦୃଷ୍ଟିକୋଣ ଆବଶ୍ୟକ। ଆମର ସରକାର କେବଳ ଗୋଟିଏ ବର୍ଷର ସଫଳତା କିମ୍ବା ପାଞ୍ଚ ବର୍ଷର ଲକ୍ଷ୍ୟ ପର୍ଯ୍ୟନ୍ତ ସୀମିତ ନୁହେଁ। ଆମେ ଆଗାମୀ ଦଶନ୍ଧି ପାଇଁ ଏକ ରୋଡମ୍ୟାପ୍ ନିର୍ମାଣ କରୁଛୁ । ଓଡ଼ିଶା ସରକାର ରାଜ୍ୟର ଶତବାର୍ଷିକୀ ବର୍ଷ-୨୦୩୬ ପାଇଁ ଏକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଛନ୍ତି। ଏକତ୍ରିତ ଭାବରେ, ଓଡ଼ିଶାକୁ ବିକାଶର ନୂତନ ଶିଖରରେ ପହଞ୍ଚାଇବୁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ, କେନ୍ଦ୍ର ମନ୍ତ୍ରୀ ଜୁଏଲ୍ ଓରାମ ଓ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଶିଷ୍ଟ ଓଡ଼ିଆଙ୍କ ଅବଦାନ ପ୍ରତି ଶ୍ରଦ୍ଧାଞ୍ଜଳି ସ୍ୱରୂପ ପ୍ରଧାନମନ୍ତ୍ରୀ 'ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା'ର ଶୁଭାରମ୍ଭ କରିଛନ୍ତି। ଏଥିସହ ରାଜ୍ୟରେ ସମୃଦ୍ଧି ଓ ସ୍ୱାବଲମ୍ବନର ପ୍ରତୀକ ଭାବେ ସାଢ଼େ ୧୬ ଲକ୍ଷରୁ ଅଧିକ ଲକ୍ଷପତି ଦିଦିଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ରାଜ୍ୟର ବିଭିନ୍ନ ସ୍ଥାନରୁ କୃତିତ୍ୱ ହାସଲ କରିଥିବା ମହିଳାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

### ଓଡ଼ିଶା ଭିଜନ...

ଟଙ୍କାର ୧୦୫ଟି ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପର ଶୁଭାରମ୍ଭ ହୋଇଥିବା ବେଳେ ଏଥିରେ ୯,୬୪୨ କୋଟି ଟଙ୍କାର ୬୦ଟି ଭିତ୍ତିଭୂମି ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ୯,୦୧୧ କୋଟି ଟଙ୍କାର ୪୫ଟି ପ୍ରକଳ୍ପର ଉଦ୍‌ଘାଟନ ରହିଛି। ଏଥିସହ ରେଳ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ଗୋଟିଏ ପ୍ରକଳ୍ପର ଶିଳାନ୍ୟାସ କରିଥିବା ବେଳେ ୬ଟି ପ୍ରକଳ୍ପର ଉଦଘାଟନ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକରେ ୨୭୫୬ କୋଟି ଟଙ୍କା ବିନିଯୋଗ ହୋଇଛି। ଗୁରୁତ୍ୱପୂର୍ଣ୍ଣ ସୋନପୁର-ପୁରୁଣା କଟକ ରେଳ ଲାଇନ୍ ଉଦଘାଟିତ ହୋଇଛି। ୭୩ କିମି ଦୀର୍ଘ ଏହି ରେଳ ଲାଇନ ବହୁପ୍ରତୀକ୍ଷିତ ଖୋର୍ଦ୍ଧା ରୋଡ୍-ବଲାଙ୍ଗିର ରେଳ ଲାଇନ୍ ପ୍ରକଳ୍ପର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଏହାଦ୍ୱାରା ପ୍ରଥମ ଥର ପାଇଁ ବୌଦ୍ଧ ଜିଲ୍ଲାକୁ ରେଳ ସଂଯୋଗ ହୋଇପାରିଛି। ଏଥିସହ ସରଳା ଓ ଶାସନ ମଧ୍ୟରେ ତୃତୀୟ ଓ ଚତୁର୍ଥ ରେଳ ଲାଇନ ପାଇଁ ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) ଅଧୀନରେ ୧୦୦ଟି ଇଭି ବସ୍‌ର ଶୁଭାରମ୍ଭ କରିଛନ୍ତି। ପୁରୀ, ଭୁବନେଶ୍ୱର ଓ କଟକର ୧୧ଟି ରୁଟ୍‌ରେ ପୂର୍ବରୁ ଆମ ବସ ସେବା ଜାରି ଥିବା ବେଳେ ଏହି ୧୦୦ଟି ବସ୍ ଯୋଡି ହେବା ପରେ କ୍ରୁଟ୍ ଆଉ ୮ଟି ନୂଆ ରୁଟ୍‌ରେ ଏହି ସେବା ଯୋଗାଇଦେବ। ଏଥିସହ ଶ୍ରୀ ମୋଦି ନରାଜ୍ ଇଲେକ୍ଟ୍ରିକ୍ ବସ୍ ଡିପୋ ଉଦଘାଟନ କରିଛନ୍ତି। ଏହି ୧୦୦ଟି ନୂଆ ଇଲେକ୍ଟ୍ରିକ୍ ବସ୍ ଏହି ନରାଜ ଡିପୋରୁ ହିଁ ଚଳାଚଳ କରିବ। ଏହି ବସ୍ ଡିପୋ ସମ୍ପୂର୍ଣ୍ଣ ଭାବେ ଗ୍ରୀନ ବିଲ୍ଡିଂ ଟେକ୍ନୋଲୋଜିରେ ନିର୍ମିତ ହୋଇଛି।

### ପିଏମ-ପୋଷଣରେ...

କାର୍ଯ୍ୟକାରୀ କରାଯାଉଛି। ବର୍ତ୍ତମାନ ଭାରତ ସରକାରଙ୍କ ଦ୍ୱାରା ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଛାତ୍ରଛାତ୍ରୀଙ୍କ ନିମନ୍ତେ ମୁଣ୍ଡପିଛା ଦୈନିକ ଯଥାକ୍ରମେ ୬ ଟଙ୍କା ୭୮ପଇସା ଓ ୧୦ ଟଙ୍କା ୧୭ ପଇସା ରନ୍ଧନ ସାମଗ୍ରୀ ଖର୍ଚ୍ଚ ବାବଦକୁ ପ୍ରଦାନ କରାଯାଉଛି। ରାଜ୍ୟ ସରକାର ଅତିରିକ୍ତ ରନ୍ଧନ ସାମଗ୍ରୀ ଖର୍ଚ୍ଚ ପାଇଁ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଛାତ୍ରଛାତ୍ରୀଙ୍କ ନିମନ୍ତେ ମୁଣ୍ଡ ପିଛା ଦୈନିକ ୧ ଟଙ୍କା ୪୫ ପଇସା ଓ ୧ ଟଙ୍କା ୬୫ ପଇସା ପ୍ରଦାନ କରୁଛନ୍ତି । ତେଣୁ ଦୈନିକ ପ୍ରତି ଛାତ୍ରଛାତ୍ରୀ ପିଛା ମୋଟ୍ ସାମଗ୍ରୀ ଖର୍ଚ୍ଚ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ପାଇଁ ଯଥାକ୍ରମେ ୮ ଟଙ୍କା ୨୩ ପଇସା ଓ ୧୧ ଟଙ୍କା ୮୨ ପଇସା ଦିଆଯାଉଛି।

ରାଜ୍ୟ ସରକାର ଛାତ୍ରଛାତ୍ରୀଙ୍କ ପୋଷଣକୁ ଗୁରୁତ୍ୱ ଦେଇ ସପ୍ତାହକୁ ତିନୋଟି ପୁଷ୍ଟିକର ଲଡୁ ଏବଂ ଗୋଟିଏ ଅତିରିକ୍ତ ଅଣ୍ଡା ୨୦୨୫-୨୬ ଶିକ୍ଷା ବର୍ଷରୁ ଦିଆଯାଉଛି। ଅତିରିକ୍ତ ପୁଷ୍ଟିସାରଯୁକ୍ତ ସାମଗ୍ରୀ ପ୍ରଦାନ ହେତୁ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ଦୈନିକ ପ୍ରତି ଛାତ୍ରଛାତ୍ରୀ ପିଛା ରନ୍ଧନ ସାମଗ୍ରୀ ମୂଲ୍ୟ ବୃଦ୍ଧି କରାଯାଇଛି।

### ଯାଜପୁର...

ଦାନଗଦି, କୋରେଇ, ଧର୍ମଶାଳା ଓ ବ୍ୟାସନଗର ପୌରାଞ୍ଚଳରୁ ୧୫୦ ଜଣ ଆକ୍ରାନ୍ତ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ, ଗୃହ ଓ ନଗର ଉନ୍ନୟନ, ମହିଳା ଓ ଶିଶୁ କଲ୍ୟାଣ ଏବଂ ମିଶନ ଶକ୍ତି ବିଭାଗମାନଙ୍କରେ ତ୍ୱରିତ ଓ ସମନ୍ୱିତ କାର୍ଯ୍ୟକ୍ରମ ଯୋଗୁ ଗତ ୧୨ରୁ ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଇବା ଆରମ୍ଭ ହୋଇଥିଲା। ୧୨ ତାରିଖରେ ୧୩୫ ଜଣ ସଂକ୍ରମିତ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏହା ୧୫ ତାରିଖ ବେଳକୁ ୧୨୧ ଓ ୧୮ ବେଳକୁ ୯୧ କୁ ହ୍ରାସ ପାଇଥିଲା। ସେହିପରି ସୁକିନ୍ଦା ଓ ବଡ଼ଚଣାର କେତେକ ଜାଗାରେ କାଁଭାଁ କିଛି ସଂକ୍ରମିତ ଠାବ ହେବା ପରେ ଆଶୁ ସେବା ଦଳ (ରାପିଡ୍ ରେସପନ୍ସ ଟିମ୍) ସେଠାରେ ପହଞ୍ଚି ସ୍ଥାନୀୟ ହସ୍ପିଟାଲରେ ଚିକିତ୍ସା ବ୍ୟବସ୍ଥା କରିଥିଲେ। ଗତକାଲି ବିଭିନ୍ନ ହସ୍ପିଟାଲରେ ୭୧ ଜଣ ନୂଆ ସଂକ୍ରମିତ ଆଡମିଶନ ହୋଇଥିଲେ। ଗତକାଲି ରାତି ସୁଦ୍ଧା ଜିଲ୍ଲାରୁ ମୋଟ ୧୧୬୭ ଜଣ ସଂକ୍ରମିତ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି ହୋଇଥବା ବେଳେ ସେମାନଙ୍କ ମଧ୍ୟରୁ ୧୦୪୫ ଜଣ ଆରୋଗ୍ୟ ଲାଭ କରିସାରିଛନ୍ତି ଓ ଏବେ ୮୨ ଜଣ ଚିକିତ୍ସାଧୀନ ଅଛନ୍ତି।

ସେହିପରି କେନ୍ଦୁଝର ଜିଲ୍ଲାରେ ମଧ୍ୟ ଅନୁରୂପ ଡାଇରିଆ ସଂକ୍ରମଣ ହ୍ରାସ ପାଇଛି। ଗତ ୧୦ରେ ୭୯ ଜଣ ସଂକ୍ରମିତ ବିଭିନ୍ନ ହସ୍ପିଟାଲରେ ଆଡମିଶନ ହୋଇଥିଲେ। ଜୁନ ୧୨ରେ ଏହି ସଂଖ୍ୟା ୪୪ ରହିଥିବା ବେଳେ ୧୮ରେ ସଂକ୍ରମିତଙ୍କ ସଂଖ୍ୟା ୩୮କୁ ହ୍ରାସ ପାଇଥିଲା। ଗତକାଲି ରାତି ସୁଦ୍ଧା ୧୭ ଜଣ ନୂଆ ସଂକ୍ରମିତ ଆଡମିଶନ ହୋଇଥିଲେ। ଗତକାଲି ରାତି ସୁଦ୍ଧା କେନ୍ଦୁଝର ଜିଲ୍ଲାରୁ ସମୁଦାୟ ୪୯୭ ଜଣ ସଂକ୍ରମିତ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୪୫୪ ଜଣ ଆରୋଗ୍ୟ ଲାଭ କରିଛନ୍ତି ଓ ୩୪ ଜଣ ସଂକ୍ରମିତ ଚିକିତ୍ସାଧୀନ ଅଛନ୍ତି।

ଏବେ ସାରା ରାଜ୍ୟରେ ଡାଇରିଆ ନିରାକରଣ ଅଭିଯାନ ଚାଲୁ ରହିଛି। ଯାଜପୁର, କେନ୍ଦୁଝର, ଭଦ୍ରକ, କଟକ ଓ ଢେଙ୍କାନାଳ ଆଦି ଜିଲ୍ଲାରେ ଏହାକୁ ଅଧିକ ସଘନ ଓ ବ୍ୟାପକ କରାଯାଇଛି। ସବୁ ହସ୍ପିଟାଲ, ସ୍ୱାସ୍ଥ୍ୟ ଉପକେନ୍ଦ୍ର, ଆଶାକର୍ମୀ, ଅଙ୍ଗନବାଡ଼ି କେନ୍ଦ୍ରକୁ ପର୍ଯ୍ୟାପ୍ତ ପରିମାଣର ଓଆରଏସ, ହାଲୋଜେନ ବଟିକା, ସାଲାଇନ, ଇଞ୍ଜେକସନ ଓ ଆବଶ୍ୟକୀୟ ଔଷଧ ଯୋଗାଇ ଦିଆଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ବିଶେଷଜ୍ଞ ଟିମ୍ ପ୍ରଭାବିତ ଅଞ୍ଚଳ ଗସ୍ତ କରି କ୍ଷେତ୍ରସ୍ତରୀୟ ନିରାକରଣ ଓ ପ୍ରତିଷେଧକ କାର୍ଯ୍ୟର ତଦାରଖ ପୂର୍ବକ ଆବଶ୍ୟକୀୟ ପରାମର୍ଶ ଦେଉଛନ୍ତି। ଗତକାଲି ରାତି ସୁଦ୍ଧା ଯାଜପୁର, କେନ୍ଦୁଝର, ଢେଙ୍କାନାଳ, ଭଦ୍ରକ ଓ କଟକ ଜିଲ୍ଲାରୁ ସମୁଦାୟ ୪୦୦ ଡାଇରିଆ ସଂକ୍ରମିତ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨୯୯ ଜଣ ସୁସ୍ଥ ହୋଇସାରିଛନ୍ତି।

ବର୍ଷା ଋତୁ ଶେଷ ପର୍ଯ୍ୟନ୍ତ ଅଭିଯାନକୁ ପୂର୍ଣ୍ଣ ମାତ୍ରାରେ ଚାଲୁ ରଖିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ ସମ୍ପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ଷାଦିନେ ଡାଇରିଆ ଓ ଜଣ୍ଡିସ ପରି ଜଳବାହିତ ରୋଗର ନିରାକରଣ ନିମନ୍ତେ ବ୍ୟାପକ ସେଚେତନତା ଓ ଘରକୁ ଘର ବୁଲି ପ୍ରାଥମିକ ଅବସ୍ଥାରୁ ସଂକ୍ରମଣ ଚିହ୍ନଟ ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ପାଣି ଫୁଟାଇ ପିଇବା, ବାରମ୍ବାର ସାବୁନରେ ହାତ ଧୋଇବା, ସମସ୍ତ ପାନୀୟ ଜଳଉତ୍ସକୁ ପୁନଃପୌନିକ ଭାବେ ବିଶୋଧନ କରିବା ପାଇଁ ଶ୍ରୀମତୀ ଅଶ୍ୱତି ପରାମର୍ଶ ଦେଇଛନ୍ତି।

### ଏନ୍‌କାଉଣ୍ଟର୍‌ରେ...

ଏହି କ୍ରମରେ ଆଜି ଛତିଶଗଡ଼ କାଙ୍କେର ଜିଲ୍ଲାର ଅମାଟୋଲା ଓ କଲପାର ଗ୍ରାମ ମଧ୍ୟରେ ଥିବା ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତି ନେଇ ସୂଚନା ପାଇ ଛୋଟ ବେଥିୟା କୋଟ୍ରି ଥାନାର ଡିଆରଜି ଓ ବିଏସଏଫ ଯବାନ ମିଳିତ ଭାବେ ଅପରେସନ ଆରମ୍ଭ କରିଥିଲେ। ଯବାନଙ୍କୁ ଦେଖି ମାଓବାଦୀମାନେ ପ୍ରଥମେ ଗୁଳି ଚାଳନା କରିଥିଲେ। ସୁରକ୍ଷାବାହିନୀ ଏହାର ପାଲଟା ଜବାବ ଦେବା ଫଳରେ ଗୁଳିଗୋଳା ବିନିମୟ ହୋଇଥିଲା। ଏଥିରେ ଉକ୍ତ ମହିଳା ମାଓବାଦୀ ନିହତ ହୋଇଥିବା ବେଳେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ମାଓ ୟୁନିଫର୍ମରେ ଥିବା ବେଳେ ଘଟଣାସ୍ଥଳରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ସୂଚନଯୋଗ୍ୟ ଯେ ଛତିଶଗଡ଼ର ସର୍ବାଧିକ ପ୍ରଭାବିତ ବସ୍ତର ଜିଲ୍ଲାରେ ଚଳିତ ବର୍ଷ ଜାନୁଆରୀରୁ ଆଜି ପର୍ଯ୍ୟନ୍ତ ୨୧୩ ଜଣ ମାଓବାଦୀଙ୍କୁ ସୁରକ୍ଷା କର୍ମୀ ନିପାତ କରିସାରିଛନ୍ତି।

### ପ୍ରଚାର...

ସେବା ନାମରେ ନିଜର ପ୍ରଚାର ପାଇଁ ପୁରୀମୁହାଁ ହୋଇଥିବା ଏଭଳି ସଂସ୍ଥା ଓ ଅନୁଷ୍ଠାନ ଉପରେ ନଜର ରଖିବାକୁ ଦାବି ହେଉଛି। କିଛି ସଂସ୍ଥା ପ୍ରଚାର ପ୍ରସାର ପାଇଁ ରାଜ୍ୟ ବାହାରର ବିଭିନ୍ନ ଅନୁଷ୍ଠାନରୁ ସ୍ୱୀକୃତିପତ୍ର ଆଣି ଦାଖଲ କରିବାରେ ଲାଗିଛନ୍ତି। ତେଣୁ ଏଭଳି ସଂସ୍ଥାମାନଙ୍କର ସ୍ୱୀକୃତିପତ୍ର ଯାଞ୍ଚ ପାଇଁ ମଧ୍ୟ କୁହାଯାଉଛି।

ମୋଟାମୋଟି ଭାବେ ଜଗନ୍ନାଥଙ୍କ ଘୋଷଯାତ୍ରା ସମୟରେ ମାଗଣା ଖାଦ୍ୟ ଓ ପାଣି ବଣ୍ଟନ କରୁଥିବା ବ୍ୟକ୍ତି, ଅନୁଷ୍ଠାନ ଆଦିଙ୍କ ଉପରେ କଡ଼ା ନଜର ରଖିବାକୁ ମତ ପ୍ରକାଶ ପାଉଛି। ବର୍ତ୍ତମାନ ରାଜ୍ୟରେ ଡାଇରିଆ ଓ ଜଣ୍ଡିସ ରୋଗ ବ୍ୟାପୁଥିବାରୁ ଓ ଏଥିସହିତ କରୋନା ଦେଖାଦେଇଥିବାରୁ ଏମାନଙ୍କ ଉପରେ ନଜର ରଖାନଗଲେ ଶ୍ରୀକ୍ଷେତ୍ର ସମେତ ରାଜ୍ୟର ବହୁ ଅଞ୍ଚଳରେ ସ୍ଥିତି ବିଗିଡ଼ିବାର ସମ୍ଭାବନା ରହିଛି। କାରଣ ରଥଯାତ୍ରାରେ ରାଜ୍ୟ ଓ ଦେଶ ବାହାରୁ ଭକ୍ତମାନେ ସାମିଲ୍ ହୋଇଥାନ୍ତି।

### ବିକଶିତ...

ଅସ୍ମିତା ଓ ଆନୁଷଙ୍ଗିକ ଭିତ୍ତିଭୂମିର ବିକାଶ କରିବା ପାଇଁ ରୋଡମ୍ୟାପ୍ ତିଆରି କରିବ । ଏହି ଡକ୍ୟୁମେଣ୍ଟ ୨୦୩୬ ସୁଦ୍ଧା ଓଡ଼ିଶାରେ ୫୦୦ ବିଲିୟନ ଡଲାର ଏବଂ ୨୦୪୭ ସୁଦ୍ଧା ଦେଶର ୧.୫ ଟ୍ରିଲିୟନ ଡଲାର ଅର୍ଥନୀତିର ଲକ୍ଷ୍ୟକୁ ପୂରଣ କରିବ । ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନର ଜନଆକାଂକ୍ଷାକୁ ପୂରଣ କରିବା ଦିଗରେ ଉନ୍ମୋଚିତ ପୁସ୍ତିକା ଏକ ମାର୍ଗଦର୍ଶକ ଭାବରେ କାମ କରିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ପ୍ରଧାନମନ୍ତ୍ରୀ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପୁସ୍ତିକା ଉନ୍ମୋଚନ କରିଛନ୍ତି । ଏହି ଯୋଜନାରେ ପ୍ରତି ଗ୍ରାମ ପଞ୍ଚାୟତରେ ଜାତୀୟ ଶିକ୍ଷା ନୀତି ଆଧାରିତ ଏକ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା ହେବ । ଏହି ପଦକ୍ଷେପ ରାଜ୍ୟର ପ୍ରତିଟି ଗ୍ରାମ ପଞ୍ଚାୟତରେ ଗୁଣାତ୍ମକ ଶିକ୍ଷାର ମାନକୁ ବୃଦ୍ଧି କରିବ ବୋଲି ସେ କହିଛନ୍ତି। ସେହିପରି ବିଶିଷ୍ଟ ଓଡ଼ିଆମାନଙ୍କ ଅବଦାନକୁ ଶ୍ରଦ୍ଧାଞ୍ଜଳି ସ୍ୱରୂପ ପ୍ରଧାନମନ୍ତ୍ରୀ ଆଜି 'ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା' ପଦକ୍ଷେପ ଆରମ୍ଭ କରିଥିବାରୁ କୃତଜ୍ଞତା ପ୍ରକାଶ କରିଛନ୍ତି ଧର୍ମେନ୍ଦ୍ର । ଏହା ସାଂସ୍କୃତିକ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ସହିତ ଓଡ଼ିଶାର ଐତିହ୍ୟକୁ ସମ୍ମାନିତ କରିବା ପାଇଁ ସଂଗ୍ରହାଳୟ, ବ୍ୟାଖ୍ୟାନ କେନ୍ଦ୍ର, ପ୍ରତିମୂର୍ତ୍ତି, ପାଠାଗାର ଓ ସର୍ବସାଧାରଣରେ ମହାପୁରୁଷଙ୍କ ଜନ୍ମସ୍ଥାନକୁ ଜୀବନ୍ତ ସ୍ମାରକୀରେ ପରିଣତ କରିବ ବୋଲି ସେ କହିଛନ୍ତି । ଏଥିସହିତ ଲକ୍ଷପତି ଦିଦି ନାରୀ ସଶକ୍ତିକରଣର ଅନନ୍ୟ ପ୍ରତୀକ । ସମଗ୍ର ରାଜ୍ୟର ମହିଳା କୃତିତ୍ୱ ହାସଲକାରୀଙ୍କୁ ସମ୍ମାନିତ କରିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି।

ସେହିଭଳି ଉଦଘାଟିତ ଓ ଶିଳାନ୍ୟାସ ହୋଇଥିବା ପ୍ରକଳ୍ପଗୁଡ଼ିକ ପାନୀୟ ଜଳ, ଜଳସେଚନ, କୃଷି ଭିତ୍ତିଭୂମି, ସ୍ୱାସ୍ଥ୍ୟ ଭିତ୍ତିଭୂମି, ଗ୍ରାମୀଣ ରାସ୍ତା ଏବଂ ସେତୁ, ଜାତୀୟ ରାଜପଥ ଓ ଏକ ନୂତନ ରେଳ ଲାଇନ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକୁ ଯୋଡ଼ିଛି । ପ୍ରଥମ ଥର ପାଇଁ ବୌଦ୍ଧ ଜିଲ୍ଲାକୁ ରେଳ ସଂଯୋଗୀକରଣ କରୁଥିବା ନୂତନ ଟ୍ରେନ ସେବା ଆରମ୍ଭ ଓ ସ୍ୱଚ୍ଛ ଶକ୍ତି ଏବଂ ସ୍ଥାୟୀ ପରିବହନକୁ ପ୍ରୋତ୍ସାହନ ସ୍ୱରୂପ ୧୦୦ଟି ଇଲେକ୍ଟ୍ରୋନିକ୍ସ ବସର ଶୁଭାରମ୍ଭ ଲୋକଙ୍କ ଯାତାୟାତକୁ ସୁଗମ କରିବ । ସବ କା ସାଥ- ସବ କା ବିକାଶ, ସବକା ବିଶ୍ୱାସ ଓ ସବକା ପ୍ରୟାସ ଆମ ସରକାରଙ୍କ ମୂଳମନ୍ତ୍ର ହୋଇଛି । ଏହି ମନ୍ତ୍ରରେ ଆଜି ପାଣିକୋଇଲିରେ ଟ୍ରମା କେୟାର ସେଣ୍ଟର, ଏନଏଚ-୨୬ରେ ବରଗଡ଼ରୁ ବରପାଲି ପର୍ଯ୍ୟନ୍ତ ୪ ଲେନ୍ ରାସ୍ତା ନିର୍ମାଣ, ଏନଏଚ-୨୩ର ରାଜାମୁଣ୍ଡାରୁ ବାରକୋଟ୍ ୪ ଲେନ୍ ରାସ୍ତା, ସୋନପୁର - ପୁରୁଣା କଟକ ମଧ୍ୟରେ ନୂଆ ରେଳ ଲାଇନ, ଝାରସୁଗୁଡ଼ାରୁ ଜାମଗା ମଧ୍ୟରେ ଚତୁର୍ଥ ରେଳ ଲାଇନର ଉଦଘାଟନ ଆମ ସରକାରର କାମ କରିବାର ପ୍ରତିଫଳନ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ଏଥିସହିତ ଅନୁଗୋଳ ଛେଣ୍ଡିପଦା ଠାରେ ବିଦ୍ୟୁତ୍ ସବ-ଷ୍ଟେସନ, ଢେଙ୍କାନାଳ ନେଉଳପୋଇ ଠାରେ ଗ୍ରୀଡ଼ ସବ୍-ଷ୍ଟେସନର ଶିଳାନ୍ୟାସ ଆଗାମୀ ଦିନରେ ଏହି ଅଞ୍ଚଳରେ ନିରନ୍ତର ବିଜୁଳି ଯୋଗାଣକୁ ସୁନିଶ୍ଚିତ କରିବ । ଅଇଁଠାପାଲି ଜଙ୍କସନରେ ୬ ଲେନ୍ ବିଶିଷ୍ଟ ଫ୍ଲାଏଓଭର, ସାରଲାରୁ ଶାସନ ମଧ୍ୟରେ ତୃତୀୟ ଓ ଚତୁର୍ଥ ଲାଇନ, ସମ୍ବଲପୁର ଏନଏଚ-୫୩ରେ ୨ ଲେନ୍ ବିଶିଷ୍ଟ ରେଲୱେ ଓଭରବ୍ରିଜର ଶିଳାନ୍ୟାସ ହୋଇଛି। ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ଏହିସବୁ ଅଞ୍ଚଳର ଲୋକମାନେ ବିଶେଷ ଭାବରେ ଉପକୃତ ହେବେ। ଓଡ଼ିଶାରେ ଭିତ୍ତିଭୂମିର ବିକାଶ ପାଇଁ ସର୍ବୋଚ୍ଚ ପ୍ରାଥମିକତା ଦେଉଥିବାରୁ ସେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି।

## ୩୦ରୁ ଅଗ୍ନିପଥ ଯୋଜନା ଏବଂ ନିୟମିତ କ୍ୟାଡର ପାଇଁ ପ୍ରବେଶିକା ପରୀକ୍ଷା

**କଟକ , ୨୦।୬ (ସଂଚାର ବ୍ୟୁରୋ) :** ଭାରତୀୟ ସେନାର ଅଗ୍ନିପଥ ଯୋଜନା ଏବଂ ନିୟମିତ କ୍ୟାଡରର ନିଯୁକ୍ତି ବର୍ଷ ୨୦୨୫-୨୬ ନିମନ୍ତେ ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା (ସିଇଇ) ଜୁନ୍ ୩୦ ତାରିଖରୁ ଆରମ୍ଭ ହୋଇ ଜୁଲାଇ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ । କୋଲକାତା ନିଯୁକ୍ତି ଜୋନ ନିମନ୍ତେ ଦେଶର ୧୮ଟି ସହରର ୨୨ଟି କେନ୍ଦ୍ରରେ ଏହି ପରୀକ୍ଷା ଅନୁଷ୍ଠିତ ହେବ । ଓଡ଼ିଶା ପାଇଁ କଟକ, ଭୁବନେଶ୍ୱର, ଢେଙ୍କାନାଳ, ରାଉରକେଲା, ସମ୍ବଲପୁର, ବାଲେଶ୍ୱର ଓ ବ୍ରହ୍ମପୁର (ଗଞ୍ଜାମ) ଆଦି ୭ଟି ସ୍ଥାନରେ ପରୀକ୍ଷା ଅନୁଷ୍ଠିତ ହେବ । ଏହି ପରୀକ୍ଷା ଦେବା ପାଇଁ ଗତ ଅପ୍ରେଲ ୨୫ ତାରିଖ ସୁଦ୍ଧା ପଞ୍ଜିକରଣ କରିଥିବା ପ୍ରାର୍ଥୀମାନେ ୱେବସାଇଟରୁ ସେମାନଙ୍କ ଆଡମିଟ କାର୍ଡ ଡାଉନଲୋଡ କରିପାରିବେ । ଯେଉଁ ପଞ୍ଜିକୃତ ପ୍ରାର୍ଥୀମାନେ ଆଡମିଟ କାର୍ଡ ପାଇନାହାନ୍ତି ସେମାନେ ନିଜ ନିଜ ଅଂଚଳର ସେନା ନିଯୁକ୍ତି କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ କୁହାଯାଇଛି । ଯୋଗ୍ୟ ପ୍ରାର୍ଥୀମାନଙ୍କୁ ଏକ କମ୍ପ୍ୟୁଟର ଆଧାରିତ ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ଦେବାକୁ ପଡିବ । ପରୀକ୍ଷା ସମ୍ବନ୍ଧିତ ସବିଶେଷ ତଥ୍ୟ ୱେବସାଇଟରେ ଉପଲବ୍ଧ ରହିଛି । ନିଯୁକ୍ତି ପ୍ରସଙ୍ଗରେ ପ୍ରାର୍ଥୀମାନେ କୌଣସି ଅସାଧୁ ବ୍ୟକ୍ତିଙ୍କ କବଳରେ ନ ପଡିବାକୁ ଅନୁରୋଧ କରଯାଉଛି। ଯେକୌଣସି ଅନୁସନ୍ଧାନ ପାଇଁ ନିକଟସ୍ଥ ସେନା ନିଯୁକ୍ତି କାର୍ଯ୍ୟାଳୟ ସହ ଯୋଗାଯୋଗ କରିବା ଆବଶ୍ୟକ ।

● ବିଦ୍ୟାଳୟ ପାଲଟିଲା ରଣକ୍ଷେତ୍ର

## ଦୁଇ ଶିକ୍ଷକ ମଧ୍ୟରେ ମାରପିଟ୍, ଉଭୟ ପକ୍ଷରୁ ଥାନାରେ ମାମଲା



**ତିର୍ତ୍ତୋଲ, ୨୦।୬ (ସଂଚାର ବ୍ୟୁରୋ) :** ବିଦ୍ୟାଳୟ ପାଲଟିଲା ରଣକ୍ଷେତ୍ର। ଦୁଇ ଶିକ୍ଷକ ମଧ୍ୟରେ ମାଡ଼ ପିଟ୍ ସହିତ ଉଭୟ ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ଏଭଳି ଅଭାବନୀୟ ଚିତ୍ର ଦେଖିବାକୁ ମିଳିଛି ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ନିକଟ ଆଖଣ୍ଡଳମଣୀ ସ୍କୁଲ ଘରେ। ସୂଚନା ଅନୁଯାୟୀ ତିର୍ତ୍ତୋଲ ବ୍ଲକ ଶିକ୍ଷା ଅଧିକାରୀର ମୁଖ୍ୟ ସିଆରସିସି ଦୀପକ କୁମାର ମହାନ୍ତି ବିଦ୍ୟାଳୟକୁ ଏକ ଅଫିସ କାଗଜପତ୍ରର ଦସ୍ତଖତ ପାଇଁ ସ୍କୁଲ ନିକଟକୁ ଯାଇଥିବା ବେଳେ ସେଠାରେ ଏକ ଘରେ ତାଙ୍କୁ କବାଟ ଦେଇ ଅକ୍ଷୟ କୁମାର ନାୟକ ଓ ତାପସ କୁମାର ମହାନ୍ତି ଦୁଇଜଣ ମିଶି ସ୍କୁଲ ଘରେ ଖରାପ ଭାଷାରେ ଗାଳି ଗୁଲଜ ସହିତ ମାରାତ୍ମକ ଆକ୍ରମଣ କରି ମାଡ଼ ମାରିବା ସହିତ ଜୀବନରୁ ମାରିଦେବା ପାଇଁ ଧମକ ଚମକ ଦେଇଥିଲେ। ଏହି ସମୟରେ ଦିପକ ନିଜ ଜୀବନ ବଞ୍ଚାଇ ବିଆରସିସି ମ୍ୟାଡମ ବିଷ୍ଣୁପ୍ରିୟା ଦେବୀଙ୍କ ନିକଟକୁ ଚାଲି ଆସିଥିଲେ। କିନ୍ତୁ ବିଆରସିଙ୍କ ସୁରକ୍ଷା ଦେବା ପରିବର୍ତ୍ତେ ସବୁ ଦେଖି ନଦେଖିଲା ପରି ହେଉଥିଲେ। ତାଙ୍କ ଆଗରେ ପୁଣି ଅକ୍ଷୟ ଓ ତାପସ ସିଆରସିସି ଦିପକ ମହାନ୍ତିକୁ ଧମକ ଚମକ ଦେଇଥିଲେ। ଏହା ପରେ ନିଜ ଜୀବନ ପ୍ରତି ବିପଦ ଥିବା ଭାବି ସିଆରସିସି ଦିପକ ମହାନ୍ତି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେପଟେ ନିଜ ଦୋଷ ଲୁଚାଇବାକୁ ଯାଇଁ ଶିକ୍ଷକ ଅକ୍ଷୟ କୁମାର ନାୟକ ମଧ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ ସିଆରସିସି ଦିପକ ତାଙ୍କୁ ମାଡ଼ ମାରିବା ସହିତ ମୁହଁ ଫଠାଇ ଦେବା ସହିତ ମୋତେ ଧମକ ଚମକ ଦେଇଛି। ତେବେ ଏ ସମ୍ପର୍କରେ ନୂତନ ବିଇଓ ମନୋଜ କୁମାର ବେହେରାଙ୍କ ସହିତ ଯୋଗାଯୋଗ କରିଥିଲେ ମଧ ତାଙ୍କୁ ସହିତ ଯୋଗାଯୋଗ ହୋଇପାରି ନାହିଁ। ଏ ସଂପର୍କରେ ବିଆରସିସି ବିଷ୍ଣୁପ୍ରିୟା ଦେବୀ କହିଛନ୍ତି ଏହା ଆମ ଅଫିସ କଥା ଅଫିସରେ ସମାଧାନ ହେବ। ଏପଟେ ଦୁଇପକ୍ଷ ତରଫରୁ ଥାନାରେ ଲିଖିତ ଅଭିଯୋଗ ମଧ ହୋଇସାରିଛି। ଯଦି ତିର୍ତ୍ତୋଲରେ ଶିକ୍ଷା ଅଫିସରେ ଶିକ୍ଷକ ମାନଙ୍କ ମଧରେ ଏମିତି ହେବେ ତେବେ ଶିକ୍ଷକ ମାନଙ୍କ ପାଖରୁ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ କ'ଣ ହେବ ତାକୁ ନେଇ ସାଧାରଣରେ ରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଅସ୍ତରଙ୍ଗ ମୁଖ୍ୟ ବଜାରରେ ପାନୀୟ ଜଳ ସମସ୍ୟା



**କାକଟପୁର/ଅସ୍ତରଙ୍ଗ, ୨୦।୬ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ବଜାର ବାଣିଜ୍ୟକ ପେଣ୍ଠସ୍ଥଳ ହୋଇଥିବା ବେଳେ ବିଭିନ୍ନ ସମୟରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ବ୍ୟବସାୟୀଙ୍କ ଠାରୁ ଆରମ୍ଭ କରି ଗ୍ରାହକ ଓ ଦୂର ଦୁରାନ୍ତରୁ ବସ ମାଧ୍ୟମରେ ଆସି ଓହ୍ଲାଇଲେ ପାନୀୟ ଜଳ ମୁନ୍ଦାଏ ପାଇଁ ବହୁ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ପ୍ରତ୍ୟେକ ଦିନ ଏହି ବଜାରରେ ଅନେକ ଲୋକ ଚଳପ୍ରଚଳ କରୁଥିଲେ ମଧ ସାଧାରଣତଃ ପାନୀୟ ଜଳସୁବିଧା ନାହିଁ। ଅନ୍ୟପଟେ ବସ ଷ୍ଟାଣ୍ଡ ନଥିବାରୁ ଯାତ୍ରୀମାନେ ଦୋକାନ ନିକଟରେ କିମ୍ବା ଦୋକାନ ସାମ୍ନାରେ ବସୁଛନ୍ତି। ବ୍ଲକଛକ, ନୂତନ ଥାନା ଛକ, ଲକ୍ଷ୍ମୀବଜାର, ବିଜୁ ପଟ୍ଟନାୟକ ମାର୍କେଟ କମ୍ପ୍ଲେକ୍ସ, ଅସ୍ଥାୟୀ ବସଷ୍ଟାଣ୍ଡ, ଏମିତିକି ଷ୍ଟେଟ ବ୍ୟାଙ୍କ ପର୍ଯ୍ୟନ୍ତ କୌଣସିଠାରେ ପାନୀୟ ଜଳ ସୁବିଧା ନାହିଁ।

ପାନୀୟ ଜଳ ସମସ୍ୟା ଲାଗିରହୁଥିବା ବେଳେ ବ୍ୟବସାୟୀ କିମ୍ବା କୌଣସି ବ୍ୟକ୍ତିଙ୍କୁ ତୃଷ୍ଣା ମେଣ୍ଟାଇବା ପାଇଁ ନିକଟସ୍ଥ ଦୋକାନରୁ ପାଣି ବୋତଲ କିଣୁଛନ୍ତି କିମ୍ବା କୌଣସି ଜଳଖିଆ ଦୋକାନ, ହୋଟେଲ ପାଣି ମାଗିକି ପିଉଛନ୍ତି ଲୋକେ। ମାଛ ବଜାର ନିକଟ ନଳକୂପଟି ଅସ୍ୱାସ୍ଥ୍ୟକର ପରିବେଶ ଥିବାରୁ ତାହା ନିକଟକୁ ଅଧିକାଂଶ ଲୋକେ ଯାଉନାହାନ୍ତି ଏହା ସହ ସାପ୍ତାହିକ ହାଟ ମଧରେ ସେମିତି କିଛି ପାନୀୟ ଜଳ ସୁବିଧା ନାହିଁ । ବଜାରରେ ଏମିତି କୌଣସି ସ୍ଥାନରେ ଷ୍ଟାଣ୍ଡ ପୋଷ୍ଟ ମଧ ସେମିତି କିଛି ସୁବିଧା ନାହିଁ। ବର୍ଷ ବର୍ଷ ଧରି ଏଠାରେ ପାନୀୟ ଜଳ ସମସ୍ୟା ସମାଧାନ ହୋଇପାରୁନଥିବାରୁ ବ୍ୟବସାୟୀ ଓ ଦୂରଦୁରାନ୍ତରୁ ଆସୁଥିବା ପର୍ଯ୍ୟଟକ ଅଭିଯୋଗ କରିଛନ୍ତି।

ଏପଟେ ଜନସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ କହିଛନ୍ତି ଖୁବଶୀଘ୍ର ଏକ ସପ୍ତାହ ମଧରେ ବଜାରର ବିଭିନ୍ନ ସ୍ଥାନରେ ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ ହେବ। ଦେଖିବାକୁ ଅପେକ୍ଷା କେବେ ଲୋକଙ୍କ ସୁବିଧା ପାଇଁ ପାନୀୟ ଜଳ ଯୋଗାଇଦିଆଯାଉଛି।

## ଅସହାୟା ବୃଦ୍ଧାଙ୍କୁ ଭେଟି ପକ୍କାଘର ଦେଲେ ବିଡିଓ



**ବୋରିଗୁମ୍ମା, ୨୦।୬ (ସଂଚାର ବ୍ୟୁରୋ) :** ବୋରିଗୁମ୍ମା ବିଡ଼ିଓ ସୁକାନ୍ତ ପଟନାୟକ ଆଜି ନାରୀଗାଁ ପଞ୍ଚାୟତ ଚୋରାମୁଳା ଗ୍ରାମର ଜଣେ ଯୋଗ୍ୟ ଅସହାୟ ହିତାଧିକାରୀଙ୍କୁ ଅନ୍ତୋଦୟ ଗୃହ ଯୋଜନାରେ ପକ୍କାଘର ପ୍ରଦାନ କରିଛନ୍ତି। ବିଡ଼ିଓଙ୍କ ନିଆରା ପ୍ରୟାସ "ଆସ ଖୋଜିବା"କାର୍ଯ୍ୟକ୍ରମରେ ନାରୀଗାଁ ପଞ୍ଚାୟତର ଚୋରାମୁଳା ଗ୍ରାମରେ ଘରକୁ ଘର ବୁଲି ସରକାରୀ ଯୋଜନାରେ ବଞ୍ଚିତ ହୋଇଥିବା ଅକ୍ଷମ ତଥା ଅସହାୟ ୭୫ ବର୍ଷୀୟା ବୃଦ୍ଧା ମାଉସୀ କଳାବତୀ ପାଇକଙ୍କୁ ଅନ୍ତୋଦୟ ଗୃହ ଯୋଜନାରେ ପକ୍କାଘର ଯୋଗାଇ ଦେଇଛନ୍ତି । କେବଳ ସମସ୍ୟା ଶୁଣି ନାହାଁନ୍ତି ବରଂ "ଆସ ଖୋଜିବା" କାର୍ଯ୍ୟକ୍ରମ ମାଧମରେ ସମାଧାନ କରିବାକୁ ପ୍ରତିଶ୍ରୁତି ମଧ ଦେଇଥିଲେ। ବିଡ଼ିଓଙ୍କ ଦରଦୀ ଓ ସହଯୋଗୀ ପ୍ରୟାସ ତାଙ୍କର ସାଧାରଣ ଲୋକଙ୍କ ପ୍ରତି ସେବା ମନବୃତ୍ତିକୁ ପ୍ରମାଣିତ କରିଛି।

ସୂଚନାଯୋଗ୍ୟ ଯେ, ବୋରିଗୁମ୍ମା ବ୍ଲକ ନାରୀଗାଁ ପଞ୍ଚାୟତ ଚୋରାମୁଳା ଗ୍ରାମର କଳାବତୀ ପାଇକ ଏକାକୀ ଦୁର୍ଦ୍ଦିନରେ ବଞ୍ଚୁଛନ୍ତି। ମୁଣ୍ଡ ଗୁଞ୍ଜିବାକୁ ପକ୍କା ଘର ଖଣ୍ଡିଏ ନାହିଁ। ଯେଉଁ ନଡ଼ା ଛପର କୁଡିଆଟିଏ ରହିଛି ତାହା ଭାଙ୍ଗିରୁଜି ଗଲାଣି। ଚାଳ ଛପର ଉପରେ ପଡ଼ିଛି ଜରି ପାଲ। ତାହାରି ଭିତରେ ବିପଦ ସଙ୍କୁଳ ଅବସ୍ଥାରେ ଭାଗ୍ୟକୁ ଆଦରି ରହୁଛନ୍ତି। ପୂର୍ବରୁ ଅନେକ ସମୟରେ ସରକାରୀ କର୍ମଚାରୀ ସାଧାରଣ ଲୋକଙ୍କ ସମସ୍ୟା ଶୁଣୁନଥିବା ଅଭିଯୋଗ ହେଉଛି। ହେଲେ ବୋରିଗୁମ୍ମା ବିଡ଼ିଓ ସମସ୍ୟା ଶୁଣିବା ମାତ୍ରକେ ସମାଧାନ ପାଇଁ ନିର୍ଦ୍ଦେଶ ଦେଉଛନ୍ତି। ଯାହା ଆଜି ଦେଖିବାକୁ ମିଳିଛି। ବିଡ଼ିଓଙ୍କ ଏହି ପ୍ରୟାସ ପ୍ରଶାସନିକ ଅଧିକାରୀ ମାନଙ୍କ ପାଇଁ ଏକ ବିରାଟ ଉଦାହରଣ। ଯାହାକୁ ଦେଖି ଅଞ୍ଚଳବାସୀ ବୋରିଗୁମ୍ମା ବିଡିଓଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହିତ ଧନ୍ୟବାଦ ଜଣାଇଛନ୍ତି ।

## ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର କର୍ମଶାଳା

**କେନ୍ଦ୍ରାପଡା, ୨୦।୬ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ଏକ ଦିନିକିଆ କର୍ମଶାଳା ଜିଲ୍ଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳା ରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲିକ, ଏଡିଓ ହେମନ୍ତ କୁମାର ସାମଲ, ବରଦା ମଲିକ, ଏଏଚଓ ସୌମ୍ୟ ରଂଜନ ସେଠୀ, ମୃର୍ତ୍ତିକା ସଂରକ୍ଷଣ ମୋନାଲିସା ପରିଡା, ଏଇଇ ସିପୁମୁଦ୍ରା ନାୟକ, ସୁପ୍ରିୟା ମଲିକ, ଜିଲ୍ଲା ସଂଯୋଜକ ପ୍ରତାପ କୁମାର ରାଉତ ପ୍ରମୁଖ ଦିନିକିଆ କର୍ମଶାଳା ରେ ଉପସ୍ଥିତ ରହି କେନ୍ଦ୍ରାପଡା ଜିଲ୍ଲା ଏକ କୃଷି ପ୍ରାଧାନ୍ୟ ଜିଲ୍ଲା । କୃଷି ଓ ଆନୁସଙ୍ଗିକ କୃଷିକୁ ଅଧିକ ଲୋକପ୍ରିୟ ଓ ଆୟ ପ୍ରଦାନକାରୀ ତଥା ଆତ୍ମନିଯୁକ୍ତି ର ସ୍ରୋତ କରିବା ନିମନ୍ତେ ରାଜ୍ୟ ସରକାର ସର୍ବଦା ଚେଷ୍ଟାରତ । କୃଷି ଓ ଆନୁସଙ୍ଗିକ କୃଷି କ୍ଷେତ୍ରକୁ ଏକ ଉଦ୍ୟୋଗକୁ ରୂପାନ୍ତରିତ କରିବା ପାଇଁ ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ କୃଷି ଉଦୋଗ୍ୟ ଯୋଜନା (ଏମ୍‌କେୟୁୱାଇ) ଏକ ରୂପାନ୍ତକାରୀ ପଦକ୍ଷେପ ଏହାର ଫଳ ସ୍ୱରୂପ ଉତ୍ପାଦନ ବୃଦ୍ଧି ସହ ରୋଜଗାର ସୃଷ୍ଟି ଓ ଚାଷୀଟିଏ ନିଜକୁ ଏକ ଉଦ୍ୟୋଗୀ ଭାବେ ପ୍ରତିଷ୍ଠିତ କରି ପାରୁଛନ୍ତି ବୋଲି ଉପସ୍ଥିତ ଥିବା ଅତିଥି ମାନେ ମତବ୍ୟକ୍ତ କରିଥିଲେ । ରାଜ୍ୟ ସରକାର ଏମ୍‌କେୟୁୱାଇ କୁ ଅଧିକ ସହଜ ଓ ସରଳ କରିବା ପାଇଁ ଗାଇଡଲାଇଲ ରେ ଅନେକ ସଂଶୋଧନ କରିଛନ୍ତି । ପ୍ରକଳ୍ପ ମୂଲ୍ୟ ଉପରେ ୫୦ଲକ୍ଷର ସହାୟତା ବ୍ୟବସ୍ଥାକୁ ଇତି ମଧରେ ୧କୋଟି ଟଙ୍କାକୁ ବୃଦ୍ଧି କରିବା ସହ ଆହୁରି ଅନେକ ଗୁଡିଏ ସରଳୀକରଣ କରାଯାଇଛି । ଜିଲ୍ଲା ଅତିରିକ୍ତ ମତ୍ସ୍ୟ ଅଧିକାରୀ କୋକିଳା ମଞ୍ଜରୀ ନାୟକ ସଭା ପରିଚାଳନା କରିଥିବା ବେଳେ ଜିଲ୍ଲାର ବହୁ କୃଷକ ଓ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ବ୍ୟାଗରୁ ମିଳିଲା ୯ କେଜି ଗଞ୍ଜେଇ



**ଧର୍ମଶାଳା, ୨୦।୬ (ସଂଚାର ବ୍ୟୁରୋ) :** ଧର୍ମଶାଳା ଥାନା କୁମାରୀ ଅଞ୍ଚଳରେ ଅଜଣା ବ୍ୟାଗକୁ ନେଇ ଭୟ ସୃଷ୍ଟି କରିଥିବା ଘଟଣାର ପୁଲିସ ପର୍ଦ୍ଦାଫାଶ କରିଛି । ଉଦ୍ଧାର ଦୁଇଟି ବ୍ୟାଗରୁ ଗଞ୍ଜେଇ ମିଳିଥିବା ପୁଲିସ ସୂଚନା ଦେଇଛି। ପାଖାପାଖି ୨ଟି ପ୍ୟାକେଟରେ ୯କେଜି ଓଜନର ଗଞ୍ଜେଇ ଥିବା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ଗଣମାଧ୍ୟମକୁ କହିଛନ୍ତି। ପୁଲିସ ନିଜ ଆଡୁ ଏକ ମାମଲା ରୁଜୁ କରି କୋର୍ଟରେ ଜବତ ଗଞ୍ଜେଇ ଦାଖଲ କରିବ ବୋଲି ଜଣାପଡ଼ିଛି । ତେବେ କିଏ ଓ କେଉଁ ଉଦ୍ଦେଶ୍ୟରେ ଏହି ଦୁଇଟି ବ୍ୟାଗକୁ ସେଠାରେ ରଖି ଦେଇ ଫେରାର ହୋଇଯାଇଥିଲା ତାକୁ ନେଇ ପୁଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି । କେହି ଜଣେ ମହିଳା ଗୁରୁବାର ଦିନ ୧୨ଟା ପାଖାପାଖି ସମୟରେ ହଠାତ୍ ଦୁଇଟି ବ୍ୟାଗ କୁମାରୀ ଗ୍ରାମର ଜଣଙ୍କ ଘର ପାର୍ଶ୍ୱରେ ରଖି ଦେଇ ଚାଲି ଯାଇଥିବା ସ୍ଥାନୀୟ ମହିଳାମାନେ ଦେଖିଛନ୍ତି ବୋଲି କହିଥିଲେ। ପରେ ପୁଲିସକୁ ଖବର ଦେଇଥିଲେ। ପୁଲିସ ରାତି ୧୨ଟା ପର୍ଯ୍ୟନ୍ତ ଲୁଚି ରହି କିଏ ଏହି ବ୍ୟାଗ ନେବାକୁ ଆସୁଛି ବୋଲି ଅନୁଧାନ କରିଥିଲା । କେହି ନ ଆସିବାରୁ ଥାନାକୁ ଆଣିଥିଲେ। ବ୍ୟାଗରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଏହାର ବଜାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି ।

# ସ୍କୁଲ ଛାତ୍ରଛାତ୍ରୀଙ୍କ ବିପଜ୍ଜନକ ଯାତ୍ରା

### ପରିବହନ ବିଭାଗର ନିର୍ଦ୍ଦେଶନାମାକୁ ଖୁଲମ ଖୁଲା ଉଲ୍ଲଙ୍ଘନ

**କାକଟପୁର/ଅସ୍ତରଙ୍ଗ, ୨୦।୬ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଗୁଡିକରେ ଖରା ଛୁଟିପରେ ପାଠପଢା ଆରମ୍ଭ ହୋଇଛି। ପ୍ରାୟତଃ ବିଦ୍ୟାଳୟ ଗୁଡିକରେ ସମ୍ପୂର୍ଣ୍ଣ ଛାତ୍ରଛାତ୍ରୀଙ୍କ ଉପସ୍ଥିତି ଦେଖିବାକୁ ମିଳୁଛି। ଏଭଳି ସମୟରେ ବିପଦଜନ୍ନକ ଭାବେ ଛାତ୍ରଛାତ୍ରୀଙ୍କୁ ପରିବହନ କରୁଥିବା ଅଟୋ ଗୁଡିକ ଉପରେ ନିୟନ୍ତ୍ରଣ ଏବଂ ଯାଞ୍ଚ ହେଉନଥିବାରୁ ବିପଦଜନକ ଅବସ୍ଥାରେ ଛାତ୍ରଛାତ୍ରୀ ଯାତାୟତ କରୁଛନ୍ତି।

ସୂଚନା ଯୋଗ୍ୟ ଯେ ଅର୍ଥ ଲୋଭରେ ଅଟୋରେ ଛାତ୍ରଛାତ୍ରୀଙ୍କୁ ବିପଦଜନକ ଭାବେ ପ୍ରତିଦିନ ପରିବହନ କରାଯାଉଛି। ପ୍ରାୟେ ଗାଡିର ଫିଟନେସ ଅଛି କି ନାହିଁ ଯାଞ୍ଚ କରାଯାଉ ନାହିଁ।



ଅଟୋ ଚଳାଉଥିବା ଡ୍ରାଇଭରର ଲାଇସେନ୍ସ ରହିଛି କି ନାହିଁ ତାହାକୁ ବି କେହି ଯାଞ୍ଚ କରୁନାହାନ୍ତି।

ନିୟମ ଅନୁସାରେ ଗୋଟିଏ ଅଟୋରେ ୫ଜଣ ଛାତ୍ରଛାତ୍ରୀଙ୍କୁ ନେବାର ପ୍ରାବଧାନ ଥିବା ବେଳେ ସ୍ଥଳ ବିଶେଷରେ ଗୋଟିଏ ଅଟୋରେ ୧୦ଜଣରୁ ଅଧିକ ପିଲା ନେଉଥିବା ଦେଖିବାକୁ ମିଳୁଛି। କାକଟପୁର, ଅସ୍ତରଙ୍ଗ, ନୂଆଗଡ ଥାନା ଅଧିକାରୀ, ପୁରୀ ଏସ୍ପି, ଆରଟିଓ ଓ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବୀ ହେଉଛି। ବିଶେଷ କରି ସ୍କୁଲ ଛାତ୍ରଛାତ୍ରୀପରିବହନ କରୁଥିବା ଅଟୋ ସହିତ ଭ୍ୟାନ ଓ ଟାଟା ମ୍ୟାଜିକ ଇତ୍ୟାଦି ବି ତନଖି ହେବା ଆବଶ୍ୟକ। କେଉଁ ଗାଡ଼ିରେ କେତେ ପିଲାଙ୍କୁ ନେଇ ପାରିବେ ସେଥି ନିମନ୍ତେ ଆରଟିଓ ନିର୍ଦ୍ଦେଶନାମା ରହିଛି। ଯଦି ଏହା ପ୍ରତି ଦୃଷ୍ଟି ନ ଦିଆଯାଏ ଆଗାମୀ ଦିନରେ କିଛି ଅଘଟଣ ହେଲେ ଦାୟି କିଏ ରହିବେ ?

# ଫିରିଙ୍ଗିଆ ବ୍ଲକ ପୀଡ଼ିଆଗୁଡା ଗାଁରେ ହାତୀ ଉପଦ୍ରବ

**କନ୍ଧମାଳ, ୨୦।୬ (ସଂଚାର ବ୍ୟୁରୋ) :** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଡିମିରିଗୁଡା ପଞ୍ଚାୟତର ବାଡିଗୁଡା, ପୀଡ଼ିଆଗୁଡା ଜଙ୍ଗଲରେ ଗତ ୨ ମାସ ହେବ ଏକ ଜଙ୍ଗଲୀ ହାତୀ ଆସି ରହିଯାଇଛି । ଦୀର୍ଘ ୨ ମାସ ବିତିଥିଲେ ମଧ ହାତୀଟି ଜଙ୍ଗଲରେ ରହିଥିବାରୁ ଆଖପାଖ ଅଞ୍ଚଳର ୭ ରୁ ୮ ଖଣ୍ଡ ଗ୍ରାମବାସୀ ଭୟଭୀତ ହୋଇ ରହିଛନ୍ତି। ଗତ ରବିବାର ଉକ୍ତ ଜଙ୍ଗଲୀ ହାତୀ ରାତି ପ୍ରାୟ ୧୧ଟା ସମୟରେ ପୀଡ଼ିଆଗୁଡା ଗାଁର ବ୍ରହ୍ମା

### ଭୟରେ ଅଞ୍ଚଳବାସୀ



ମଲିକଙ୍କ ଘରର କାଠ ପଟା କାନ୍ଥ ଭାଙ୍ଗିବା ସହ ତାର ଜାଲି ବାଡ଼ ଭାଙ୍ଗିଦେଇଥିବା ଦେଖିବାକୁ ମିଳିଥିଲା। ତେବେ ଗୁରୁବାର ରାତି ପ୍ରାୟ ୧୨ ଟାରେ ପୁଣି ବ୍ରହ୍ମା ମଲିକଙ୍କ ଘରକୁ ଯାଇ ବାହାରେ ରଖାଯାଇଥିବା ଏକ ଟପରୁ ପାଣି ପିଇବା ସହ ଘରର ବାଡ଼ ଭାଙ୍ଗି ଦେଇଥିଲା। ବ୍ରହ୍ମାଙ୍କ ଘର ପୀଡ଼ିଆଗୁଡା ଗାଁ ଠାରୁ ଦୂରରେ ଓ ଜଙ୍ଗଲ ପାଖରେ ଥିବାରୁ ହାତୀଟି ବାରମ୍ବାର ସେହି ଘରକୁ ଟାର୍ଗେଟ କରୁଛି। ଏଭଳି ବାରମ୍ବାର ଘଟୁଥିବାରୁ ପରିବାର ଲୋକେ ଭୟଭୀତ ହୋଇ ରହିଛନ୍ତି ।

ଗତକାଲି ରାତିରେ ଘରର ଆଜବେଷ୍ଟର କାଠ ଟେକିବାକୁ ଚେଷ୍ଟା କରିବାରୁ ଘର ଭିତରେ ମାଟି କାନ୍ଥରୁ ମାଟି ଖସିଯାଇଥିଲା। ଏହାଦେଖି ବ୍ରହ୍ମା ନିଜେ ପାଟି କରିବା ସହ ଘର ବାହାରକୁ ବାହାରି ଆସିଥିଲେ। ବ୍ରହ୍ମାଙ୍କ ଚିତ୍କାର ଶୁଣି ହାତିଟି ଜଙ୍ଗଲ ଆଡକୁ ଚାଲିଯାଇଥିଲା । ବ୍ରହ୍ମା ଏବଂ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ପ୍ରିୟା କହଁର ଛୋଟ ୪ ମାସର ପୁଅ ସହ ତିନି ବର୍ଷର ଝିଅକୁ ଧରି ଘର ଭିତରେ ସୋଇଥିବା ବେଳେ ୨ ଥର ଜଙ୍ଗଲୀ ହାତୀ ଆସି ଘର କାନ୍ଥ, ବାଡ଼ ଭାଙ୍ଗିବା ସହ ଷ୍ଟିଲ ଗରା, ଥାଳି, ଗିନା ଆଦି ମାଡି ନଷ୍ଟ କରିଦେଇଛି । ତେବେ ହାତିଟି ଗତ ୨ ମାସରୁ ଅଧିକ ହେବ ଗୋଛାପଡ଼ା ନିକଟ ଜଙ୍ଗଲରୁ ଆସି ଏହି ପୀଡ଼ିଆଗୁଡା, ବାଡିଗୁଡା ଓ ଡିମିରିଗୁଡାର ଆଖପାଖ ଜଙ୍ଗଲରେ ରହୁଥିବାରୁ ଅଞ୍ଚଳବାସୀ ଭୟଭୀତ ହୋଇ ରହିଛନ୍ତି । ଗତ ୪ ଦିନ ଭିତରେ ଗାଁ ମୁହାଁ ହାତୀ ହେଉଥିବା ବେଳେ ପ୍ରାୟ ଲୋକେ ଗାଁ ନିକଟ ଜଙ୍ଗଲରେ ଦେଖିଥିବା କହିଛନ୍ତି । ବର୍ତ୍ତମାନ ସୁଦ୍ଧା ବନ ବିଭାଗ ହାତୀ ଘଡ଼େଇବାରେ ବିଫଳ ହୋଇଥିବା ବେଳେ ବନବିଭାଗର ବନପାଳ ବ୍ରଜ ସୁନ୍ଦର ଦାସ ଓ ତାଙ୍କ ଟିମ ପେଟ୍ରୋଲିଙ୍ଗ କରୁଥିବା ସୂଚନା ମିଳିଛି।

# ଲଗାଣ ବର୍ଷାରେ ବାଲୁଘାଟ ଅଞ୍ଚଳ ଜଳମଗ୍ନ



**ରାଉରକେଲା, ୨୦।୬ (ସଂଚାର ବ୍ୟୁରୋ) :** ଲଗାଣ ବର୍ଷାରେ ବେହାଲ୍ ରାଉରକେଲା ସହର। ଠାକୁର ଘର ଠାରୁ ଆରମ୍ଭ କରି ରୋଷେଇ ଘର, ଶୋଇବା ଘର, ଗାଧୁଆ ଘର ଯୁଆଡ଼େ ଦେଖିବ ସିଆଡ଼େ ପାଣି। ରହିବେ କେଉଁଠି ଖାଇବେ କ'ଣ ? ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଇସ୍ପାତ ସହରର ବାଲୁଘାଟ ଅଞ୍ଚଳରେ। ଘରେ ଘରେ ପଶିଲା ବ୍ରାହ୍ମଣୀ ନଦୀ ଜଳ। କଲବଲ କରୁଛି ଲଗାଣ ବର୍ଷା । ଗୁରୁବାର ଆରଏସପି ପକ୍ଷରୁ ମନ୍ଦିରା ଡ୍ୟାମର ଚାରୋଟି ଗେଟ୍ ଖୋଲାଯିବା ପରେ ବ୍ରାହ୍ମଣୀ ନଦୀର ଜଳସ୍ତର ବୃଦ୍ଧି ପାଇଥିଲା। ବିଳମ୍ବିତ ରାତିରେ ଘରେ ପାଣି ପଶିଯାଇଥିଲା। ଲୋକମାନେ ଅତ୍ୟାବଶ୍ୟକ ସାମଗ୍ରୀ ସହ ସୁରକ୍ଷିତ ଜାଗାକୁ ପଳାଇଥିଲେ। ଆଜି ସକାଳେ ରାଉରକେଲା ମହାନଗର ନିଗମର ସହକାରୀ କମିଶନର ଅଜିତ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ପୀଡ଼ିତ ଲୋକଙ୍କୁ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଇଛି। ମଧାହ୍ନ ଏବଂ ରାତିରେ ପୀଡ଼ିତଙ୍କୁ ଖାଦ୍ୟ ଯୋଗାଇ ଦିଆଯିବ ବୋଲି ଅଜିତ ପଟ୍ଟନାୟକ କହିଛନ୍ତି। ତେବେ ଘରେ ଘରେ ପାଣି ପଶିଥିବାରୁ କାଳେ ଜନ୍ତୁ ପଶିଯିବେ ସେ ଭୟରେ ଲୋକେ ରାତି ଅନିଦ୍ରା ରହୁଛନ୍ତି।

ବିଏମସିରେ ବିଶୃଙ୍ଖଳା ଚରମ ସୀମାରେ

# ବିକାଶର ବାଟ ଓଗାଳୁଛି ବିବାଦ

**ବ୍ରହ୍ମପୁର, ୨୦।୬ (ସଂଚାର ବ୍ୟୁରୋ):** ସହରର ବିକାଶ ଦାୟିତ୍ୱ ଅଧିକାଂଶ ମାତ୍ରାରେ ମହାନଗର ନିଗମ ଅଧୀନରେ ରହିଛି। କିନ୍ତୁ କୋଟି କୋଟି ଟଙ୍କା ବିଭିନ୍ନ କାର୍ଯ୍ୟ ପାଇଁ ଖର୍ଚ୍ଚ ହେଉଥିଲେ ବି ଏହାର ସୁଫଳ ମିଳୁନଥିବା ଅଭିଯୋଗ ହୋଇ ଆସିଛି। ରାଜନୈତିକ ଇଚ୍ଛାଶକ୍ତି ଏବଂ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ସାଧାରଣ ଲୋକେ ଦୀର୍ଘ ବର୍ଷ ଧରି ଅନେକ ସମସ୍ୟା ଘେରରେ ରହିଥିବା କୁହାଯାଉଛି। ବ୍ରହ୍ମପୁର ଦକ୍ଷିଣ ଓଡ଼ିଶାର ପ୍ରମୁଖ ସହର। ବ୍ୟବସାୟ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ ପାଇଁ ଦକ୍ଷିଣ ଓଡ଼ିଶାର ସମସ୍ତ ଜିଲ୍ଲାବାସୀଙ୍କ ସହ ପଡୋଶୀ ଆନ୍ଧ୍ରର ଲୋକ ଏବଂ ବ୍ୟବସାୟୀ ମଧ ଏହି ସହର ଉପରେ ନିର୍ଭର କରି ଆସିଥାନ୍ତି। ତେବେ ଆବଶ୍ୟକୀୟ ଉନ୍ନୟନ ମୂଳକ କାର୍ଯ୍ୟ ହୋଇନପାରିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି।





ବାସ୍ତବରେ ବିଏମସିରେ ବିଶୃଙ୍ଖଳା ଡାଙ୍ଗରେ ପଡି ହାଟରେ ଗଡୁଛି। କର୍ପୋରେଟରଙ୍କ ମଧରେ ଗୋଷ୍ଠୀ ବିବାଦ ହେଉ ବା ଯନ୍ତ୍ରୀଙ୍କ ଭିତରେ ମାରପିଟ୍, ଠିକାଦାର ଯନ୍ତ୍ରୀ ଟଣାଓଟରା ଖବର ଖୁବ୍ ଚର୍ଚ୍ଚାକୁ ଆସିଛି। ଗତ ସାଧାରଣ ନିର୍ବାଚନରେ ବିଜେଡିର ପରାଜୟ ପରଠୁ କର୍ପୋରେଟର ମାନେ ଦୁଇ ଗୋଷ୍ଠୀରେ ବିଭକ୍ତ ହୋଇଥିବା ଦେଖିବାକୁ ମିଳିଛି। ଖାସ୍ କରି ଶଙ୍ଖ ଦଳ କର୍ପୋରେଟରଙ୍କ ବିଶୃଙ୍ଖଳା ଚରମ ସୀମାରେ ପହଞ୍ଚିଛି କହିଲେ କିଛି ଭୁଲ୍ ହେବନି। ତେବେ ବିବାଦ କେବଳ ରାଜନୈତିକ ସ୍ତରରେ ନୁହେଁ ବରଂ ପ୍ରଶାସନିକ କ୍ଷେତ୍ରରେ ବି ଦେଖିବାକୁ ମିଳିଛି। ଠିକାଦାରଙ୍କ କାର୍ଯ୍ୟର ବିଲ୍ ପ୍ରଦାନ ଠାରୁ ଆରମ୍ଭ କରି ଯନ୍ତ୍ରୀ ମାନଙ୍କ ମଧରେ ମତଭେଦ କାହାକୁ ଅଛପା ନାହିଁ। ଗତ କିଛି ଦିନ ତଳେ ଠିକାଦାରମାନେ ଚାମ୍ବରରେ ଜଣେ ଯନ୍ତ୍ରୀଙ୍କୁ ଠେଲାପେଲା କରିଥିବା ଏବଂ ପରବର୍ତ୍ତୀ ସମୟରେ ଜଣେ ନିର୍ବାହୀ ଯନ୍ତ୍ରୀ ଏବଂ ଯନ୍ତ୍ରୀଙ୍କ ଭିତରେ ମାରପିଟ୍ ଘଟଣାକୁ ନେଇ ଖୁବ୍ ଚର୍ଚ୍ଚା ହୋଇଥିଲା। ବାରମ୍ବାର ଏଭଳି ଘଟଣା ମହାନଗର ନିଗମରେ ଅଶାନ୍ତ ବାତାବରଣ ସୃଷ୍ଟି କରୁଛି। ଯାହା ବିକାଶ ବାଟରେ କଣ୍ଟା ସଦୃଶ।

ପ୍ରାୟ ୨ ବର୍ଷ ହେବ ସହରରେ କୌଣସି ଆଖିଦୃଶିଆ ବିକାଶ କାର୍ଯ୍ୟ ହୋଇନାହିଁ। ମହାନଗର ନିଗମକୁ ଆସୁଥିବା ରାଜ୍ୟ ସରକାରଙ୍କ ଅନୁଦାନ ବି ହ୍ରାସ ପାଉଛି। ବିଏମସିର ନିଜସ୍ୱ ଆୟ ବି କମୁଛି। ସହରର ବିକାଶ ପାଇଁ ସଠିକ୍ ରୋଡମ୍ୟାପ୍ ପ୍ରସ୍ତୁତ ଏବଂ କାର୍ଯ୍ୟକାରୀ କରିବା ବଦଳରେ ମହାନଗର ନିଗମରେ ଯେଉଁ ବିଶୃଙ୍ଖଳା ବଢୁଛି ତାହା ହିଁ ବିକାଶର ବାଟ ଓଗାଳୁଥିବା ସାଧାରଣରେ ଆଲୋଚନା ହେଉଛି।

# ବିଦ୍ୟାଳୟରୁ ଲକ୍ଷାଧିକ ଟଙ୍କା ଗଛ ଉଭାନ୍

**ଜୟପୁର,୨୦।୬ (ସଂଚାର ବ୍ୟୁରୋ):** ବିଦ୍ୟାଳୟ ଖୋଲିଲା ଆଜି ବିଦ୍ୟାଳୟ ଭିତରେ ଗଛ କଟା ହୋଇ ଖୁଣ୍ଟ ସବୁ ରହିଛି ବିଦ୍ୟାଳୟ ଭିତରେ । ବିଦ୍ୟାଳୟ ପରିସର ରୁ ମୂଲ୍ୟବାନ ଗଛ ଉଭାନ । ବିଦ୍ୟାଳୟ ଛୁଟି ସମୟରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗଛ କାଟି ନେଇଥିବା ନେଇ ଅଭିଯୋଗ କଲେ । ବୈପାରୀଗୁଡା ବ୍ଲକ କାକଲପଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସର ଠାରେ ବିଭିନ୍ନ କିସମ ର ୫୦ ରୁ ଉର୍ଦ୍ଧ ଗଛ ରହିଥିଲା । ଶାଗୁଆନ, ନୀଳଗିରି, ଆକାଶିଆ ଗଛ ରହିଥିଲା। କିନ୍ତୁ ଆଜି ବିଦ୍ୟାଳୟ ଖୋଲା ହେବା ପରେ ବିଦ୍ୟାଳୟ ଯାଇ କିଛି ଅଭିଭାବକ ଦେଖିବା ବଳକୁ ବୃକ୍ଷ ଶୂନ୍ୟ ହୋଇଯାଇଛି ବିଦ୍ୟାଳୟ । ବହୁ ମୂଲ୍ୟବାନ ଗଛ କଟା ହେବା ଜାଣି ୱାର୍ଡ ସଭ୍ୟ ଙ୍କ ନେତୃତ୍ୱ ଗ୍ରାମବାସୀ ବିଦ୍ୟାଳୟ ଯାଇ ପ୍ରଧାନଶିକ୍ଷକ ଆଲୋକ ରଞ୍ଜନ ମହାରଣାଙ୍କୁ ଘେରି ପ୍ରଶ୍ନ କରିଥିଲେ। ପ୍ରଧାନ ଶିକ୍ଷକ ବିଦ୍ୟାଳୟରେ ଶ୍ରେଣୀଗୃହ ନିର୍ମାଣ ପାଇଁ ଗଛ କଟାର ଆବଶ୍ୟକତା ଥିବାରୁ ବିଦ୍ୟାଳୟ ପରିଚାଳନା କମିଟିଙ୍କୁ ଜଙ୍ଗଲ ବିଭାଗ ଠାରୁ ନୀଳଗିରି ଗଛ କାଟିବା ପାଇଁ ଅଲୋଚନା ହୋଇଥିଲା ପ୍ରକାଶ କରିଛନ୍ତି।

ନୀଳଗିରି ଗଛ କଟା ପାଇଁ ଅଲୋଚନା କରି କିପରି ମୂଲ୍ୟବାନ ଶାଗୁଆନ ଗଛ କାଟିଲେ ବୋଲି ଗ୍ରାମବାସି ଅଭିଯୋଗ କରିବା ପରେ ପ୍ରଧାନ ଶିକ୍ଷକ ସନ୍ତୋଷଜନକ ଉତ୍ତର ନଦେଇ ଶାଗୁଆନ ଗଛ କିଏ କାଟିଲା ମୁଁ ଜାଣି ନାହିଁ କହି ଅଭିଯୋଗରୁ ଖସିଯିବାକୁ ଚେଷ୍ଟା କରିଛନ୍ତି । ବିଦ୍ୟାଳୟ ପରିସର ଠାରୁ ଶାଗୁଆନ ଗଛ କଟା ହୋଇ ବାହାରକୁ ଚାଲାଣ କରି ବିକ୍ରି ହେଲା କିନ୍ତୁ ବନ ବିଭାଗ କର୍ମଚାରୀ କିପରି ଜାଣିପାରିଲେ ନାହିଁ ତାହା ଏବେ ପ୍ରଶ୍ନ ଉଠୁଛି । ବିଦ୍ୟାଳୟ ପରିସରରୁ ଲକ୍ଷାଧିକ ଟଙ୍କାର ଉଭାନ ପରେ ଏବେ ବିଦ୍ୟାଳୟ ପରିଚାଳନା କମିଟି, ପ୍ରଧାନ ଶିକ୍ଷକ ଠାରୁ ଆରମ୍ଭ କରି ବନ ବିଭାଗ କର୍ମଚାରିଙ୍କ ଭୂମିକା ଏବେ ସନ୍ଦେହ ଘେରରେ । ଜିଲ୍ଲା ସ୍ତରୀୟ ଅଧିକାରୀ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



# ବିଜେପି ସରକାରଙ୍କ ବର୍ଷ ପୂର୍ତ୍ତି ଉତ୍ସବରେ ମୋଦି














## ‘ଧାମ’ ପରେ ମମତାଙ୍କ ‘ମହାପ୍ରସାଦ’ ରାଜନୀତି

### ପୁରୀ ସେବାୟତଙ୍କ ସମାଲୋଚନା

**ପୁରୀ,୨୦ା୬(ସଂଚାର ବ୍ୟୁରୋ):** ଆସନ୍ତା ବର୍ଷର ବିଧାନସଭା ନିର୍ବାଚନ ପୂର୍ବରୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦିଘାର ଜଗନ୍ନାଥ ମନ୍ଦିରରୁ ‘ପ୍ରସାଦ’କୁ ‘ମହାପ୍ରସାଦ’ ଆଖ୍ୟା ଦେବା ସହ ଏହାକୁ ରାଜ୍ୟବ୍ୟାପୀ ବଣ୍ଟନ କରି ପୁଣିଥରେ ମହାପ୍ରଭୁ ଜଗନ୍ନାଥଙ୍କୁ ଅପମାନ କରିଛନ୍ତି। ଆଗାମୀ ନିର୍ବାଚନରେ ଫାଇଦା ପାଇବା ସକାଶେ ମମତା ଏପରି ରାଜନୀତିର ଆଶ୍ରୟ ନେଇଛନ୍ତି ବୋଲି ପୁରୀ ସେବାୟତମାନେ କହିବା ସହ ଏହାକୁ କଡ଼ା ଭାଷାରେ ନିନ୍ଦା କରିଛନ୍ତି।



ପୂର୍ବରୁ ଦିଘା ଜଗନ୍ନାଥ ମନ୍ଦିରକୁ ‘ଧାମ’ ଆଖ୍ୟା ଦେଇ ମମତା ପୁରୀ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିକୁ ଅପମାନିତ କରିଥିଲେ। ଏହାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କଠାରୁ ଆରମ୍ଭ କରି ପୁରୀ ଗଜପତି ମହାରାଜ ଦିବ୍ୟସିଂହ ଦେବ କଡ଼ା ସମାଲୋଚନା କରିବା ସହ ତୁରନ୍ତ ମମତା ଏପରି ନିଷ୍ପତ୍ତି ପ୍ରତ୍ୟାହାର କରିବା ସକାଶେ ଦାବି କରିଥିଲେ। ଏବେ ମମତା ପୁରୀ ଜଗନ୍ନାଥଙ୍କ ‘ମହାପ୍ରସାଦ’କୁ ଅପମାନିତ କରିଛନ୍ତି। ନିକଟରେ ଦିଘା ଜଗନ୍ନାଥ ମନ୍ଦିରରେ ପ୍ରସ୍ତୁତ ପ୍ରସାଦକୁ ‘ମହାପ୍ରସାଦ’ ଆଖ୍ୟା ଦେବା ସହ ମୁଖ୍ୟତଃ ଖୁଆରୁ ତିଆରି ପେଡ଼ା ଓ ଗଜା ଭୋଗକୁ ରାଜ୍ୟର ୨୩ଟି ଜିଲ୍ଲାରେ ଘରେ ଘରେ ବଣ୍ଟନ କରୁଥିବା ଦେଖିବାକୁ ମିଳିଛି। ଏହି ପ୍ରକ୍ରିୟା ଗତ ୧୦ ତାରିଖରେ ଦିଘା ମନ୍ଦିରରେ ଏକ ଖୁଆ ପୂଜା ସହିତ ଆରମ୍ଭ ହୋଇଥିଲା। ପ୍ରାୟ ୩୦୦ କିଲୋ ଖୁଆକୁ ସୁନେଲି ରଙ୍ଗିନ ପ୍ୟାକେଟରେ ନୈବେଦ୍ୟ ଭାବେ ଅର୍ପଣ କରାଯାଇ ପରେ ଜିଲ୍ଲା ପ୍ରଶାସକ, ବିଡିଓ ଓ ରାସନ ଡିଲରମାନଙ୍କ ମାଧ୍ୟମରେ ‘ଦୁଆରେ ରାସନ’ ଅଭିଯାନ ଜରିଆରେ ବଣ୍ଟନ କରାଯାଇଛି। ଏହି ଅଭିଯାନ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ ଓ ଉକ୍ତଦିନ ରଥଯାତ୍ରା ସହ ଏହି ପ୍ରକ୍ରିୟା ସମାପ୍ତ ହେବ ବୋଲି ଜଣାପଡ଼ିଛି। ତେବେ ମମତାଙ୍କ ଏପରି ପଦକ୍ଷେପକୁ ପୁରୀ ଜଗନ୍ନାଥ ମନ୍ଦିରର ସେବାୟତ ଓ ଜଗନ୍ନାଥ ସଂସ୍କୃତିର ଭକ୍ତମାନେ ତୀବ୍ର ବିରୋଧ କରିଛନ୍ତି। ସେହିପରି ବୁଦ୍ଧିଜୀବୀମାନେ



ପୁରୀ ବାହାରେ ତିଆରି ପେଡ଼ା ଓ ଗଜାକୁ ‘ମହାପ୍ରସାଦ’ ଆଖ୍ୟା ଦେବା ଏହି ଶବ୍ଦର ପବିତ୍ରତା ପ୍ରତି ଅସମ୍ମାନ ବୋଲି କହିବା ସହ ‘ମହାପ୍ରସାଦ’ ଶବ୍ଦ କେବଳ ପୁରୀ ଜଗନ୍ନାଥ ମନ୍ଦିରର ନୈବେଦ୍ୟ ପାଇଁ ଉଦ୍ଦିଷ୍ଟ ବୋଲି କହିଛନ୍ତି।

ସେହିପରି ପଶ୍ଚିମବଙ୍ଗ ବିଜେପି ମମତାଙ୍କ ଏପରି ପଦକ୍ଷେପକୁ କଡ଼ା ସମାଲୋଚନା କରି ଏହା ପଛରେ କେବଳ ରାଜନୈତିକ ଅଭିସନ୍ଧି ରହିଛି ବୋଲି ଅଭିଯୋଗ କରିଛି। ନିର୍ବାଚନୀ ଫାଇଦା ପାଇଁ ହିନ୍ଦୁ ଧର୍ମାବଲମ୍ବୀଙ୍କ ଧାର୍ମିକ ଭାବନାକୁ ଆଘାତ ଦେବା କେତେଦୂର ଠିକ୍ ବୋଲି ପଶ୍ଚିମବଙ୍ଗ ରାଜ୍ୟ ବିଜେପି ସାଧାରଣ ସମ୍ପାଦକ ଉମେଶ ରାୟ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ ଅନେକ ସ୍ଥାନରେ ଦେଖାଯାଇଛି ଯେ ସ୍ଥାନୀୟ ମିଠା ଦୋକାନୀମାନେ ପେଡ଼ା ଓ ଗଜା ତିଆରି କରି ରାସନ ବ୍ୟବସ୍ଥା ମାଧ୍ୟମରେ ବାସିନ୍ଦାଙ୍କ ମଧ୍ୟରେ ବଣ୍ଟନ କରୁଛନ୍ତି। ମିଠା ପ୍ରସ୍ତୁତକାରୀମାନଙ୍କ ଦ୍ୱାରା ତିଆରି ମିଠା କିପରି ‘ମହାପ୍ରସାଦ’ ପଦବାଚ୍ୟ ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ଖୁଣ୍ଟିଆ ନିଯୋଗର ସମ୍ପାଦକ କୃଷ୍ଣଚନ୍ଦ୍ର ଖୁଣ୍ଟିଆ କହିଛନ୍ତି ଯେ ମମତା ବାରମ୍ବାର ମହାପ୍ରଭୁ ଜଗନ୍ନାଥଙ୍କୁ ଅପମାନିତ କରୁଥିବାରୁ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର। ଆମେ ଓଡ଼ିଆ ଭାବେ କିପରି ମମତାଙ୍କ ଔଦ୍ଧତ୍ୟକୁ ବରଦାସ୍ତ କରୁଛୁ ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ମମତା ସାମାନ୍ୟ ମିଠାକୁ ମହାପ୍ରସାଦ କହି ଭକ୍ତମାନଙ୍କୁ କେବଳ ବିଭ୍ରାନ୍ତ କରୁଥିବା ସେ କହିଛନ୍ତି।

## ମୁମ୍ବାଇ ଗଲେ ନବୀନ, ବିମାନବନ୍ଦରରେ ପ୍ରଶଂସକଙ୍କ ଭିଡ଼

**ଭୁବନେଶ୍ୱର,୨୦ା୬(ସଂଚାର ବ୍ୟୁରୋ):** ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଆଜି ଚିକିତ୍ସା ପାଇଁ ମୁମ୍ବାଇ ଗସ୍ତ କରିଛନ୍ତି। ମୁମ୍ବାଇର କୋକିଲାବେନ୍ ଧୀରୁଭାଇ ହସ୍ପିଟାଲ୍‌ରେ ସର୍ଭିକାଲ୍ ଆର୍ଥ୍ରାଇଟିସ୍ ସମସ୍ୟା ନେଇ ଚିକିତ୍ସା ସମ୍ପର୍କରେ ସେ ପୂର୍ବରୁ ସୋସିଆଲ୍ ମିଡିଆ ମାଧ୍ୟମରେ ରାଜ୍ୟବାସୀଙ୍କୁ ସୂଚନା ଦେଇଥିଲେ। ଉକ୍ତ ଖବର ଗଣମାଧ୍ୟମର ଶିରୋନାମା ପାଲଟିଥିବା ବେଳେ ଆଜି ବିମାନବନ୍ଦରରେ ମଧ୍ୟ ତାଙ୍କର ହଜାର ହଜାର ସଂଖ୍ୟାରେ ପ୍ରଶଂସକ ବିଦାୟ ଦେଇଥିବା ଦେଖିବାକୁ ମିଳିଛି। ତାଙ୍କ ପ୍ରଶଂସକମାନଙ୍କୁ ମଧ୍ୟ ନବୀନ ହାତ ହଲାଇ ଅଭିବାଦନ ଜଣାଇଥିଲେ।



ଏହା ପୂର୍ବରୁ ବିଜୁ ମହିଳା ଜନତା ଦଳର ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ରଞ୍ଜିତା ସାହୁ, ଲେଖାଶ୍ରୀ ସାମନ୍ତସିଂହାର, ଶର୍ମିଷ୍ଠା ସେଠୀ, ମଞ୍ଜୁଲତା ମଣ୍ଡଳ, ମିନତୀ ବେହେରା ପ୍ରମୁଖ ମହିଳା ନେତ୍ରୀମାନେ ନବୀନ ନିବାସରେ ପହଞ୍ଚି ଦଳର ସୁପ୍ରିମୋଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ମୁମ୍ବାଇ ଗସ୍ତ ପୂର୍ବରୁ ତାଙ୍କର ସୁସ୍ଥତା କାମନା କରିଥିଲେ।

ସୂଚନାଯୋଗ୍ୟ, ନବୀନଙ୍କର ଆସନ୍ତା ୨୨ ତାରିଖରେ ଚିକିତ୍ସା କରାଯିବ। ତାଙ୍କ ବ୍ୟକ୍ତିଗତ ଚିକିତ୍ସକ ଡାକ୍ତର ରମାକାନ୍ତ ପଣ୍ଡା ମୁମ୍ବାଇଠାରେ ତାଙ୍କର ଚିକିତ୍ସା ବ୍ୟବସ୍ଥାର ସମସ୍ତ କାର୍ଯ୍ୟ ତଦାରଖ କରିବେ। ଗତ ବୁଧବାର ନବୀନ ତାଙ୍କ ‘ଏକ୍ସ’ ହ୍ୟାଣ୍ଡେଲରେ ଏହା ପୋଷ୍ଟକରି ସୂଚନା ଦେଇଥିଲେ। ସେ କହିଥିଲେ ଯେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ସର୍ଭିକାଲ ଆର୍ଥ୍ରାଇଟିସ୍ ଚିକିତ୍ସା ଲାଗି ସେ କୋକିଲାବେନ ଧୀରୁଭାଇ ଅମ୍ବାନୀ ହସ୍ପିଟାଲ ଯିବେ। ଜଗନ୍ନାଥଙ୍କ ଆଶୀର୍ବାଦ ଓ ଓଡ଼ିଶାର ଜନସାଧାରଣଙ୍କ ସଦିଚ୍ଛା ତାଙ୍କ ସାଙ୍ଗରେ ରହିଛି। ତେଣୁ ତୁରନ୍ତ ସୁସ୍ଥ ହୋଇ ତାଙ୍କ ସେବା କାର୍ଯ୍ୟ ଜାରି ରଖିବେ ବୋଲି ନବୀନ ଉଲ୍ଲେଖ କରିଥିଲେ।

## ବଢ଼ିଲା ବିଷ୍ଣୁପଦ ସେଠୀଙ୍କ ଅଡୁଆ

### ହାଇକୋର୍ଟରେ ଆବେଦନ ଖାରଜ

**କଟକ,୨୦ା୬(ସଂଚାର ବ୍ୟୁରୋ):** ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କ ବିରୋଧରେ ବେଆଇନ ଅର୍ଥ କାରବାରକୁ ନେଇ ସିବିଆଇ ମାମଲା ରୁଜୁ କରିଥିଲା। ଶ୍ରୀ ସେଠୀଙ୍କ ଘରେ ଚଢ଼ାଉ ମଧ୍ୟ ହୋଇଥିଲା। ସିବିଆଇ ପକ୍ଷରୁ ରୁଜୁ ହୋଇଥିବା ମାମଲାକୁ ରଦ୍ଦ ପାଇଁ ଶ୍ରୀ ସେଠୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆଜି ହାଇକୋର୍ଟ ଏହି ମାମଲାରେ ରାୟ ପ୍ରକାଶ କରି ତାଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି।

ମିଳିଥିବା ସୂଚନାନୁସାରେ, ଏକ ବିଲ୍ ପାସ୍ ପାଇଁ ୧୦ ଲକ୍ଷ ଟଙ୍କାର ଲାଞ୍ଚ କାରବାର ଅଭିଯୋଗରେ ବ୍ରିଜ୍ ଆଣ୍ଡ୍ ରୁଫ୍ କର୍ପୋରେସନ୍ ଲିମିଟେଡ୍‌ର ଜେନେରାଲ ମ୍ୟାନେଜର୍ ଚଞ୍ଚଳ ମୁଖାର୍ଜୀ, ସନ୍ତୋଷ ମହାରଣା ଓ ଅନ୍ୟମାନଙ୍କ ନାମରେ ସିବିଆଇ ପକ୍ଷରୁ ମାମଲା ରୁଜୁ



କରାଯାଇଛି। ଏହି ଲିଙ୍କ୍‌ରେ ଶ୍ରୀ ସେଠୀଙ୍କ ଘରେ ଚଢ଼ାଉ କରାଯିବା ସହ ବିଭିନ୍ନ ରେକର୍ଡ ପତ୍ର ଯାଞ୍ଚ୍ କରାଯାଇଥିଲା।

ଶ୍ରୀ ସେଠୀ ଓ ତାଙ୍କ ପତ୍ନୀଙ୍କ ନାମରେ ଥିବା ଆକାଉଣ୍ଟକୁ ଅଚଳ କରିଦିଆଯାଇଥିଲା। ସିବିଆଇ ଚଢ଼ାଉକୁ ବିରୋଧ କରି ଶ୍ରୀ ସେଠୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପ୍ରାରମ୍ଭିକ ଶୁଣାଣିରେ ହାଇକୋର୍ଟ କାର୍ଯ୍ୟାନୁଷ୍ଠାନ ଉପରେ ମଧ୍ୟବର୍ତ୍ତୀକାଳୀନ ଅଙ୍କୁଶ ଲଗାଇଥିଲେ। କିନ୍ତୁ ଆଜି ଏହି ଅଙ୍କୁଶ ହଟାଇ ଦିଆଯାଇଥିବାରୁ ଶ୍ରୀ ସେଠୀଙ୍କ ଅଡୁଆ ବଢ଼ିଛି। ଏପରିକି ଖୁବ୍‌ଶୀଘ୍ର ସେ ଗିରଫ ହେବା ନେଇ ମଧ୍ୟ ସମ୍ଭାବନା ପ୍ରକଟ କରାଯାଉଛି।

## ମୋଦିଙ୍କ ଗସ୍ତ ପୂର୍ବରୁ ୬ ଛାତ୍ର କଂଗ୍ରେସ ନେତା ଅଟକ

**ଭୁବନେଶ୍ୱର,୨୦ା୬(ସଂଚାର ବ୍ୟୁରୋ):** ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦିନିକିଆ ଓଡ଼ିଶା ଗସ୍ତରେ ଆସିଥିଲେ। ତେବେ ଏହି ଗସ୍ତକୁ ବିରୋଧୀ କଂଗ୍ରେସର ସଦସ୍ୟମାନେ ବିରୋଧ କରିବାର ଆଶଙ୍କା ଥିବାରୁ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ସକାଶେ ସ୍ଥାନୀୟ ପୁଲିସ୍ ଭୁବନେଶ୍ୱରରେ ୬ ଜଣ ଯୁବଛାତ୍ର ନେତାଙ୍କୁ ଉଠାଇ ନେଇଛି। ଏହି ଯୁବ ଛାତ୍ର ନେତାଙ୍କ ମଧ୍ୟରେ ସୟଦ ୟାସିର୍ ନୱାଜ ଓ ଅନ୍ୟ ୫ ଜଣ ଅଛନ୍ତି।

## ଜଙ୍ଗଲ ଭିତରୁ ୩୫୦ ଲିଟର ଦେଶୀ ମଦ ଉଦ୍ଧାର



**ଉଦଳା,୨୦ା୬(ସଂଚାର ବ୍ୟୁରୋ):** ଜଙ୍ଗଲ ଭିତରେ ଚାଲିଥିଲା ମଦ ପ୍ରସ୍ତୁତି । ଖବର ପାଇ ଚଢ଼ାଉ କରିଲା ଅବକାରୀ ବିଭାଗ । ଆଉ ଦେଶୀ ମଦ ଢାଳି ଜଙ୍ଗଲ ଭିତରେ ସୃଷ୍ଟି ହେଲା କୃତ୍ରିମ ବନ୍ୟା । ଏଭଳି ଘଟଣା ଘଟିଛି ଉଦଳା ଅବକାରୀ ବିଭାଗ ଅଧୀନ ପଥୁରିଆ ଗ୍ରାମରେ । ଗାଁ ନିକଟରେ ଥିବା ଜଙ୍ଗଲ ଭିତରେ ଅବକାରୀ ବିଭାଗ ଚଢ଼ାଉ କରିଥିବା ବେଳେ ଦୁଇ ମଦ ବେପାରୀ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ହେଲେ ଜଙ୍ଗଲ ଭିତରେ ଥିଲା ମଦ ସାମ୍ରାଜ୍ୟ । ଯୁଆଡେ ଚାହିଁବ ଡ୍ରମ ଭର୍ତ୍ତି ମହୁଲ ପୋଚ ରଖା ଯାଇଛି ଆଉ ମଦ ରୋଷେଇ ଚାଲିଛି। ଅବକାରୀ କର୍ମଚାରୀ ଡ୍ରମରେ ଥିବା ପୋଚ ଗୁଡିକୁ ଢାଳି ନଷ୍ଟ କରିଥିବା ବେଳେ ବିକ୍ରି ପାଇଁ ଥିବା ୩୫୦ ଲିଟର ଦେଶୀ ମଦ ମଧ୍ୟ ନଷ୍ଟ କରାଯାଇଥିଲା।

ଏହା ସହିତ ଘଟଣାସ୍ଥଳରେ ମଦ ବେପାରୀ ଛାଡି ଯାଇଥିବା ଦୁଇ ଗୋଟି ବାଇକକୁ ବିଭାଗ ଜବତ କରି ଆଣିଛି। ୧୨ ହଜାର ୫ଶହ କିଲୋ ପୋଚ ନଷ୍ଟ କରାଯାଇଥିବା କହିଛନ୍ତି ଅବକାରୀ ଇନ୍ସପେକ୍ଟର। ଏହା ସହିତ ଫେରାର ଦୁଇ ମଦ ବେପାରୀଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି କହିଛନ୍ତି ।

## ବୌଦ୍ଧ ଜିଲ୍ଲାରେ ରେଳ ସେବାର ଶୁଭାରମ୍ଭ



**ବୌଦ୍ଧ, ୨୦ା୬ (ସଂଚାର ବ୍ୟୁରୋ) :** ବହୁ ପ୍ରତୀକ୍ଷାର ଅନ୍ତ ଘଟାଇ ରେଳ ମାନଚିତ୍ରରେ ବୌଦ୍ଧ ଜିଲ୍ଲା ଯୋଡ଼ି ହୋଇଛି। ଖୋର୍ଦ୍ଧା ବଲାଙ୍ଗିର ରେଳପଥ କାର୍ଯ୍ୟ ପୁରୁଣା କଟକ ପର୍ଯ୍ୟନ୍ତ ଶେଷ ହୋଇଛି। ଶୁକ୍ରବାର ବୌଦ୍ଧ ଜିଲ୍ଲାରେ ରେଳ ସେବାର ହେଲା ଶୁଭାରମ୍ଭ। ଆଭାସୀ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କେଲେ ଏହାର ଉଦଘାଟନ । ଏକା ଥର କେ ଦୁଇଟି ସ୍ଥାନରୁ ବୌଦ୍ଧ ଏବଂ ପୁରୁଣାକଟକରୁ ଗଡିଲା ରେଳ ।

ଏହି ଅବସରରେ ବୌଦ୍ଧ ଓ ପୁରୁଣାକଟକ ଠାରେ ଦୁଇଟି ସ୍ୱତନ୍ତ୍ର କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା। ବୌଦ୍ଧ ରେଳ ଷ୍ଟେସନ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବୌଦ୍ଧ ବିଧାୟକ ତଥା ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ସମ୍ମାନୀତ ଅତିଥି ଭାବେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ଆରକ୍ଷୀ ଅଧିକ୍ଷକ, ରାହୁଲ କୁମାର ଗୋଏଲ, ସମ୍ବଲପୁର ର ଡି ଆର ଏମ ସୁବାଷ ଚନ୍ଦ୍ର ଚୌଧୁରୀ ଯୋଗ ଦେଇଥିଲେ । ଟ୍ରେନ ମ୍ୟାନେଜର ଜି ଗଣପତି ରାଓ ସଭାକୁ ପରିଚାଳନା କରିଥିଲେ । ଆୟୋଜିତ ସଭାରେ ଖୋର୍ଦ୍ଧା ବଲାଙ୍ଗିର ରେଲ ଲାଇନ ପାଇଁ ସେଣ୍ଟ୍ରାଲ ଆକ୍ସନ ପାଇଁ ବଲାଙ୍ଗିର ଜିଲ୍ଲାର ଗୋପାଳଜୀ ପାଣିଗ୍ରାହୀ, ଭବାନୀଶଙ୍କର ଶତପଥି, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ରମେଶ କୁମାର ଅଗ୍ରୱାଲ, ସୁବର୍ଣ୍ଣପୁର ଜିଲ୍ଲାର ଗୋବିନ୍ଦ ମହାରଣା, ଶ୍ୟାମ ଓମ ପ୍ରକାଶ ମିଶ୍ର, ବଳଦେବ ବେଦବାଗ ଏବଂ ବୌଦ୍ଧ ଜିଲ୍ଲାର ଯୁଗଳ କିଶୋର ସାମଲ, ବିଶେଶ୍ୱର ପୃଷ୍ଟି, ପ୍ରଦୋଷ କୁମାର ମିଶ୍ର, ଦେବାଶିଷ ପୁରୋହିତ, ରଘୁନାଥ ଷଡ଼ଙ୍ଗୀ, ଚିତ୍ତରଞ୍ଜନ ଦାଶ, ସୌମିତ୍ରୀ ନାୟକ, ସୁଧୀର କୁମାର କର୍ଣ୍ଣଙ୍କୁ ସମ୍ବର୍ଦ୍ଧନା କରିଥିଲେ ଅତିଥି ବୃନ୍ଦ। ସୋନପୁରରୁ ପୁରୁଣା କଟକ ୧୩୭୬ କୋଟି ଟଙ୍କା ବ୍ୟୟରେ ୭୩ କିଲୋ ମିଟର ରେଳ ପଥ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି।

## ଚାଲିଛି ଶ୍ରୀଜିଉଙ୍କ ଗୁପ୍ତସେବା

### ଆଜି ଦଶମୂଳ ମୋଦକ ଲାଗି



**ପୁରୀ,୨୦ା୬(ସଂଚାର ବ୍ୟୁରୋ):** ଗତ ସ୍ନାନ ପୂର୍ଣ୍ଣିମାରେ ବଡ଼ ଦାଣ୍ଡରେ ୧୦୮ ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡ଼ିତ ହୋଇ ଶ୍ରୀଜିଉ ଅଣସର ଘରେ ରହିଛନ୍ତି। ସେଠାରେ ମହାପ୍ରଭୁଙ୍କର ଗୁପ୍ତସେବା ଚାଲିଛି। ଆସନ୍ତାକାଲି ଚକା ବିଜେ କରିବେ ଚତୁର୍ଦ୍ଧାମୂର୍ତ୍ତି। ସେମାନଙ୍କ ଦେହରେ ଝୁଣା ଓ ରାଶି ତେଲରେ ପ୍ରସ୍ତୁତ ଓଷୁଅ ଲେପନ କରାଯିବ। ଅପରପକ୍ଷରେ ରାଜବୈଦ୍ୟ ଦଶମୂଳ ମୋଦକ ପ୍ରସ୍ତୁତ କରୁଛନ୍ତି। ଆସନ୍ତାକାଲି ଏକାଦଶୀରେ ଏହାକୁ ଲାଗି କରାଯିବ, ଯେଉଁଥିରେ ଶ୍ରୀଜିଉ ସୁସ୍ଥ ହେବେ। ସେପଟେ ତିନି ରଥରେ ପଟା ପଡ଼ି ବେଦୀ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ରଙ୍ଗ କାର୍ଯ୍ୟ ଶେଷ ହେବା ପରେ ବେଦୀରେ ସିଂହାସନ ମୁହାଁଟି ଲଗାଯିବ। ଅନ୍ୟପକ୍ଷରେ ଶ୍ରୀମନ୍ଦିରରେ ଗର୍ଭଗୃହରେ ମହାପ୍ରଭୁଙ୍କ ପଟିଦିଅଁ ଦର୍ଶନ ଦେଉଥିବା ବେଳେ ଅଲାରନାଥଠାରେ ଭକ୍ତମାନେ ଦର୍ଶନ କରୁଛନ୍ତି। ଆଜି ଶ୍ରୀ ଅଲାରନାଥ ଦେବଙ୍କ ଅନବସର ଦର୍ଶନର ନବମ ଦିନରେ ସକାଳୁ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଭକ୍ତମାନେ ବ୍ୟାରିକେଡରେ ଯାଇ ପ୍ରଭୁଙ୍କ ଦର୍ଶନ କରିଛନ୍ତି। ମହାପ୍ରଭୁ ଅଣସର ଘରେ ରହିଥିବା ବେଳେ ସମୟରେ ଭକ୍ତମାନେ ପ୍ରଭୁ ଅଲାରନାଥଙ୍କ ଦର୍ଶନ କରି କୋଟି ପୂଣ୍ୟ ମିଳେ ବୋଲି ବିଶ୍ୱାସ ରହିଛି । ସେପଟେ ଅନବସର ପରେ ପରେ ଆସନ୍ତା ୨୭ରେ ହେବ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ପ୍ରିମିୟମ୍ ଫିଚର୍ସ ସହ ଲଞ୍ଚ ହେବ ନୂଆ ମହିନ୍ଦ୍ରା ବୋଲେରୋ



**ନୂଆଦିଲ୍ଲୀ, ୨୦।୬:** ଭାରତୀୟ ବଜାରରେ ମହିନ୍ଦ୍ରାର ଏସୟୁଭି ଖୁବ ଲୋକପ୍ରିୟ। ମାରୁତି ସୁଜୁକି ପରେ ମହିନ୍ଦ୍ରା ଏକମାତ୍ର କମ୍ପାନୀ ଯିଏ ସର୍ବାଧିକ ସଂଖ୍ୟକ ଏସୟୁଭି ସେଲ୍ କରେ। ଏହି ସଫଳତାକୁ ଆହୁରି ବୃଦ୍ଧି କରିବା ପାଇଁ, ମହିନ୍ଦ୍ରା ଏବେ ନିଜ ଲୋକପ୍ରିୟ ମଡେଲକୁ ଏକ ନୂଆ ଲୁକ୍ ଏବଂ ପ୍ରିମିୟମ ଫିଚର୍ସ ସହ ଲଞ୍ଚ କରିବାକୁ ଯାଉଛି। ମହିନ୍ଦ୍ରା ବୋଲେରୋକୁ ଦୀର୍ଘ ସମୟ ଧରି ଭାରତର ସବୁଠାରୁ ନିର୍ଭରଯୋଗ୍ୟ ଏବଂ ଶକ୍ତିଶାଳୀ ଏସୟୁଭି ମଧ୍ୟରୁ ଗୋଟିଏ ଭାବରେ ବିବେଚନା କରାଯାଇଆସୁଛି। କିନ୍ତୁ ବର୍ତ୍ତମାନ ବୋଲେରୋର ଲୁକ୍ ପରିବର୍ତ୍ତନ ହେବାକୁ ଯାଉଛି। ଯାହାକୁ ନେଇ କାର ଲଭର୍ସମାନେ ଏବେ ବେଶ ଉତ୍ସାହିତ ଅଛନ୍ତି। ତେବେ ମହିନ୍ଦ୍ରାର ଏହି ନ୍ୟୁ ଜେନେରେସନ୍ ମହିନ୍ଦ୍ରା ବୋଲେରୋ ୨୦୨୫ ଅଗଷ୍ଟ ୧୫ ରେ ଲଞ୍ଚ ହେବ। ତେବେ ଆସନ୍ତୁ ଏହାର ଫିଚର୍ସ ଏବଂ ବିଶେଷତା ବିଷୟରେ ବିସ୍ତୃତ ଭାବରେ ଜାଣିବା।

ମହିନ୍ଦ୍ରା ବୋଲେରୋର ଡିଜାଇନ୍ ମର୍ଡନ ଏବଂ ଦମଦାର ଉଭୟର ଏକ ଉତ୍ତମ ମିଶ୍ରଣ ହେବ। ନୂଆ ବୋଲେରୋର ଏକ୍ସଟେରିୟର୍ ଏଥର ସମ୍ପୂର୍ଣ୍ଣ ନୂଆ ହେବ ଏବଂ ଏହା କେବଳ ବୋଲେରୋ ନିଓ କିମ୍ବା ଟିୟୁଭି୩୦୦ର ଏକ ରୂପ ହେବ ନାହିଁ ବରଂ ଏକ ସମ୍ପୂର୍ଣ୍ଣ ନୂତନ ଏସୟୁଭି ଭାବରେ ଏହାକୁ ଲଞ୍ଚ କରାଯିବ। ଏଥିରେ ଗୋଲ ରକ୍ସ ପରି ଏଲଇଡି ହେଡଲ୍ୟାମ୍ପ ରହିବ, ଯାହା ଏହାକୁ ଏକ ସଲିଡ୍ ଅଫ୍-ରୋଡରର ଲୁକ୍ ଦେବ। ଏହା ସହିତ, ଏଥିରେ ଏକ ନୂଆ ଏବଂ ବଡ଼ ମହିନ୍ଦ୍ରା ଲୋଗୋ ରହିବ। ଯାହା ଏହାକୁ ସ୍କୋର୍ପିଓ ଏବଂ ଥାର୍ ଠାରୁ ଏକ ଭିନ୍ନ ପରିଚୟ ଦେବ। ଇଣ୍ଟେରିୟର୍ ବିଷୟରେ କହିବାକୁ ଗଲେ, ବୋଲେରୋର କ୍ୟାବିନ୍ ଏବେ ଅଧିକ ପ୍ରିମିୟମ୍ ଏବଂ ହାଇ-ଟେକ୍ ହେବ। ପୂର୍ବରୁ ବୋଲେରୋକୁ ଏକ ବେସିକ୍ କିନ୍ତୁ ଭରସାଯୋଗ୍ୟ ଏସୟୁଭି ଭାବରେ ବିବେଚନା କରାଯାଉଥିଲା କିନ୍ତୁ ଏବେ ଏହାକୁ ସ୍କର୍ପିଓ ଏନ୍ ପରି ସୁନ୍ଦର ଟଚ୍ ସହିତ ଅପଗ୍ରେଡ୍ କରାଯିବ। ଏହାର ଡ୍ୟାସବୋର୍ଡରେ ସ୍କର୍ପିଓ ଏନ୍-ଭଳି ଇନଷ୍ଟ୍ରୁମେଣ୍ଟ ଡାଏଲ୍ ଏବଂ ଏକ ନୂଆ ଫ୍ଲାଟ୍-ବଟମ୍ ଷ୍ଟିଅରିଂ ହ୍ୱିଲ୍ ରହିବ। ଏହା ସହିତ, ଏଥିରେ ଏକ ବଡ଼ ହାଇ-ରିଜୋଲ୍ୟୁସନ୍ ଟଚସ୍କ୍ରିନ୍ ଇନଫୋଟେନମେଣ୍ଟ ୟୁନିଟ୍ ଦେଖିବାକୁ ମିଳିବ, ଯାହାର ଆକାର ୧୦ ଇଞ୍ଚ ପର୍ଯ୍ୟନ୍ତ ହୋଇପାରେ। ଉନ୍ନତ ମ୍ୟାଟେରିଆଲ୍ କ୍ୱାଲିଟି ଏବଂ ସଫ୍ଟ-ଟଚ୍ ଇନସର୍ଟ ବୋଲେରୋର ଇଣ୍ଟେରିୟର୍ କୁ ପୂର୍ବ ଅପେକ୍ଷା ଅଧିକ ସୁଦୃଢ଼ କରିବ। ସେହିଭଳି ଏହାର ଫିଚର୍ସ ବିଷୟରେ କହିବାକୁ ଗଲେ, ନୂଆ ବୋଲେରୋରେ ସନରୁଫ୍, ଏଡିଏଏସ, ୩୬୦ ଡିଗ୍ରୀ କ୍ୟାମେରା, ୱାୟାରଲେସ୍ ଆପଲ୍ କାରପ୍ଲେ, ଆଣ୍ଡ୍ରଏଡ୍ ଅଟୋ, ଏବଂ ଅଟୋମେଟିକ କ୍ଲାଇମେଟ କଣ୍ଟ୍ରୋଲ ଭଳି ଆଡଭାନ୍ସ ଫିଚର୍ସ ରହିବାର ସମ୍ଭାବନା ଅଛି। ଏଥର ଇଞ୍ଜିନ ଏବଂ ଡ୍ରାଇଭଟ୍ରେନ୍‌କୁ ମଧ୍ୟ ଏକ ବଡ଼ ଅପଡେଟ୍ ଦିଆଯିବ। ନୂଆ ବୋଲେରୋରେ mHawk ସିରିଜ୍ ଡିଜେଲ୍ ଇଞ୍ଜିନ୍ ମିଳିପାରିବ, ଯାହା ୬-ସ୍ପିଡ୍ ମାନୁଆଲ୍ ଏବଂ ଅଟୋମେଟିକ ଟ୍ରାନ୍ସମିସନ୍ ଅପ୍ସନ୍ ସହିତ ଆସିବ। ସବୁଠାରୁ ବିଶେଷ କଥା ହେଉଛି ଯେ ପ୍ରଥମ ଥର ପାଇଁ, ବୋଲେରୋକୁ ଏକ ଫୁଲ୍ ୪ଡବ୍ଲ୍ୟୁଡି ଡ୍ରାଇଭଟ୍ରେନ୍ ଦିଆଯାଇପାରିବ। ଯାହା ଏହି ଏସୟୁଭିକୁ ଥାର୍ ଏବଂ ସ୍କୋର୍ପିଓ ଅପେକ୍ଷା ଅଧିକ ସୁଲଭ ଅପ୍ସନ୍ କରିପାରିବ। ଦାମ୍ ଏବଂ ପୋଜିସନିଂ ବିଷୟରେ ଆଲୋଚନା କଲେ, ନୂଆ ବୋଲେରୋ ଏବେ ଏକ ସୁଲଭ ୪ଡବ୍ଲ୍ୟୁଡି ଏସୟୁଭି ଭାବରେ ଲଞ୍ଚ ହୋଇପାରେ। ଏହାର ସମ୍ଭାବ୍ୟ ଏକ୍ସ-ଶୋରୁମ୍ ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଆରମ୍ଭ ହୋଇ ୧୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଯାଇପାରେ। ଏହି ଏସୟୁଭି ଟାଟା ପଞ୍ଚ ଇଭି, ମାରୁତି ସୁଜୁକି ଫ୍ରଙ୍କ୍ସ ଏବଂ ରେନାଲ୍ଟ କାଇଗର ଭଳି କମ୍ପାକ୍ଟ ଏସୟୁଭି ସହିତ ସିଧାସଳଖ ପ୍ରତିଯୋଗିତା କରିବ। ଲଞ୍ଚ ଟାଇମଲାଇନ୍ ବିଷୟରେ, ଆଶା କରାଯାଉଛି ଯେ ଏହି ନୂଆ ବୋଲେରୋ ୧୫ ଅଗଷ୍ଟ ୨୦୨୫ ରେ ଲଞ୍ଚ ହୋଇପାରେ। ଏହି ଏସୟୁଭି ମାଧ୍ୟମରେ ମହିନ୍ଦ୍ରାର ଲକ୍ଷ୍ୟ ଉଭୟ ଗ୍ରାମୀଣ ଏବଂ ସହରାଞ୍ଚଳ ଗ୍ରାହକଙ୍କୁ ଟାର୍ଗେଟ କରିବା ଉପରେ ରହିବ। ଯେଉଁମାନେ ପାୱାର, ଷ୍ଟାଇଲ୍, ଫିଚର୍ସ ଏବଂ ଅଫ୍-ରୋଡିଂ କ୍ଷମତା ସହିତ ଏକ ଭରସାଯୋଗ୍ୟ ଏସୟୁଭି ଖୋଜୁଛନ୍ତି ତାଙ୍କ ପାଇଁ ମହିନ୍ଦ୍ରାର ଏହି ନୂଆ ବୋଲେରୋ ଏକ ବେଷ୍ଟ ଅପ୍ସନ୍ ହେବାକୁ ଯାଉଛି।




## ସ୍ୱିସ୍ ବ୍ୟାଙ୍କରେ ଭାରତୀୟଙ୍କ ୩୭,୬୦୦ କୋଟି ଜମା

ନୂଆଦିଲ୍ଲୀ: ସ୍ୱିସ୍ ବ୍ୟାଙ୍କରେ ଭାରତୀୟଙ୍କ ୩୭,୬୦୦ କୋଟି ଟଙ୍କାର ଜମା ରାଶି ରହିଛି। ସ୍ୱିସ୍ ନ୍ୟାସନାଲ୍ ବ୍ୟାଙ୍କ ପକ୍ଷରୁ ଜାରି କରାଯାଇଥିବା ତଥ୍ୟରୁ ଏହା ଜଣାପଡ଼ିଛି। ୨୦୨୧ ପରେ ସ୍ୱିସ୍ ବ୍ୟାଙ୍କରେ ଏହା ଭାରତୀୟଙ୍କ ସର୍ବାଧିକ ଜମା। ୨୦୨୪ରେ ଏହି ଜମା ତିନି ଗୁଣା ବୃଦ୍ଧି ପାଇଛି। ଭାରତୀୟ ଗ୍ରାହକଙ୍କ ଜମା ପରିମାଣ ବର୍ଷକରେ ୩୬୭୫ କୋଟି ଟଙ୍କା ବୃଦ୍ଧି ଘଟିଛି। ଅନ୍ୟାନ୍ୟ ବୃଦ୍ଧି ବ୍ୟାଙ୍କିଙ୍ଗ ଚ୍ୟାନେଲ୍ ଓ ଆର୍ଥିକ ଅନୁଷ୍ଠାନଗୁଡ଼ିକ ଜରିଆରେ ହୋଇଛି। ୨୦୨୩ରେ ସ୍ୱିସ୍ ବ୍ୟାଙ୍କରେ ଭାରତୀୟଙ୍କ ଜମା ୭୦ ପ୍ରତିଶତ ହ୍ରାସ ପାଇଥିଲା। କିନ୍ତୁ ୨୦୨୪ରେ ସେଥିରେ ଦ୍ରୁତ ବୃଦ୍ଧି ଘଟିଥିଲା। ଶେଷ ଥର ପାଇଁ ୨୦୦୬ରେ ସ୍ୱିସ୍ ବ୍ୟାଙ୍କରେ ଭାରତୀୟଙ୍କ ସର୍ବାଧିକ ଜମା ଥିଲା। ତେବେ ସ୍ୱିସ୍ ବ୍ୟାଙ୍କରେ ଭାରତୀୟଙ୍କ କେତେ କଳାଧନ ରହିଛି, ତାହାର କୌଣସି ତଥ୍ୟ ନାହିଁ।

# ଖଣି, ଶିଳ୍ପ ଦୁର୍ଘଟଣା ରୋକିବ ଏଆଇ



**ଉତ୍ପାଦନ ବଢ଼ାଇବ, ଶକ୍ତି ବ୍ୟବହାର କମାଇବ**

ଭୁବନେଶ୍ୱର, ୨୦।୬: ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବ୍ୟବହାର କରି ଖଣି ଓ ବୃହତ୍ କାରଖାନାଗୁଡ଼ିକରେ ଦୁର୍ଘଟଣାକୁ ରୋକାଯାଇପାରିବ। କେବଳ ସେତିକି ନୁହେଁ, ଏହା ବିଦ୍ୟୁତ୍ ଶକ୍ତି ବ୍ୟବହାର କମ୍ କରିବା ଏବଂ ଉତ୍ପାଦନ ବଢ଼ାଇବାରେ ମଧ୍ୟ ସହାୟକ ହୋଇପାରିବ। ପ୍ରାଇମ୍ସ ପାଟର୍ନର୍ସ ସହଯୋଗରେ ଆସୋଚାମ୍ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା 'ଏଆଇ ପରିଚାଳିତ ବିନିର୍ମାଣ: ନବସୃଜନ, ଦକ୍ଷତା ଓ ସ୍ଥାୟୀ ଅଭିବୃଦ୍ଧି' ରିପୋର୍ଟରେ ଏହା କୁହାଯାଇଛି। ରାଜ୍ୟର ବନ୍ଦରଗୁଡ଼ିକରେ ଏଆଇ ବ୍ୟବହାର କରି ରୁଟ୍ ପରିଚାଳନା, କ୍ରେନ୍‌ଗୁଡ଼ିକର ପ୍ରତିଷେଧମୂଳକ ରକ୍ଷଣାବେକ୍ଷଣ ଓ ପଣ୍ୟ ଟ୍ରାକିଂ ଆଦି ସହଜ କରାଯାଇପାରିବ। ଏହା ଜରିଆରେ ଓଡ଼ିଶା ଏହାର ଲଜିଷ୍ଟିକ୍ସ ପ୍ରଦର୍ଶନରେ ଉନ୍ନତି ଆଣିପାରିବ ଏବଂ ଅଧିକ ନିବେଶ ହାସଲ କରିପାରିବ ବୋଲି ରିପୋର୍ଟରେ କୁହାଯାଇଛି। ରାଜ୍ୟରେ ଟାଟା ଷ୍ଟିଲ୍ ଏହାର କଳିଙ୍ଗନଗର କାରଖାନା, ହିଣ୍ଡାଲ୍‌କୋ ଓ ବେଦାନ୍ତ ଆଲୁମିନିୟମ ନିଜ ସ୍ମେଲଟର୍‌ରେ ଏଆଇ ପ୍ରଯୁକ୍ତି ବ୍ୟବହାର କରୁଛନ୍ତି। ଏଆଇ ବ୍ୟବହାର କରି ଓଡ଼ିଶାର ଶିଳ୍ପ କାରଖାନାଗୁଡ଼ିକ ଏମିସନ୍ (ନିର୍ଗମନ) କମ୍ କରିବା ସହ ଅଭିବୃଦ୍ଧି ବଢ଼ାଇପାରିବେ ଓ ଇଏସ୍‌ଜି ଲକ୍ଷ୍ୟ ହାସଲ କରିପାରିବେ। ରାଜ୍ୟରେ ଭୁବନେଶ୍ୱର ସ୍ମାର୍ଟ ସିଟି, ମ୍ୟୁନିସପାଲିଟି ସେବା ଓ ସହରୀ ଯୋଜନା ପ୍ରସ୍ତୁତିରେ ଏଆଇ, ମେସିନ୍ ଲର୍ଣ୍ଣିଂର ବ୍ୟବହାର କରାଯାଉଛି। ସୌର ଶକ୍ତି କ୍ଷେତ୍ରରେ ଏଆଇ ବ୍ୟବହାର କରି ଉତ୍ପାଦନକୁ ଆଗୁଆ ଆକଳନ କରାଯାଇପାରିବ ଏବଂ ଗ୍ରିଡ୍‌କୁ ବିଦ୍ୟୁତ୍ ଶକ୍ତି ପଠାଇବାରେ ଉନ୍ନତି ଅଣାଯାଇପାରିବ। ଦୀର୍ଘକାଳୀନ ଭିତ୍ତିରେ ଏହା ଶକ୍ତି ବ୍ୟବହାର କମ୍ କରିବା ସହ ଏମିସନ୍ ୧୦-୨୦ ପ୍ରତିଶତ କମ୍ କରିବାରେ ସହାୟକ ହୋଇପାରିବ। କଳିଙ୍ଗନଗର ଓ ଝାରସୁଗୁଡ଼ାରେ ଡିଜିଟାଲ୍ ମାନୁଫାକ୍‌ଚରିଂ ପାର୍କ ବିକାଶ କରିବାକୁ ରିପୋର୍ଟରେ ପରାମର୍ଶ ଦିଆଯାଇଛି। କଳିଙ୍ଗନଗରରେ 'ସ୍ମାର୍ଟ ଷ୍ଟିଲ୍ ଫ୍ୟାକ୍ଟ୍ରି ଲ୍ୟାବ୍' ଶକ୍ତି ପରିଚାଳନା, ତ୍ରୁଟି ଚିହ୍ନଟ ପାଇଁ ଏଆଇ ମଡେଲ୍ ବିକାଶ କରିପାରିବ ବୋଲି ପ୍ରସ୍ତାବ ଦିଆଯାଇଛି। ଷ୍ଟାର୍ଟଅପ୍, ଗବେଷଣା ଓ ବିକାଶ କେନ୍ଦ୍ର ଏବଂ ତାଲିମ ପ୍ରତିଷ୍ଠାନଗୁଡ଼ିକ ପାଇଁ ଭୁବନେଶ୍ୱରରେ ଏଆଇ ପାର୍କ ସ୍ଥାନ କରିବାକୁ କୁହାଯାଇଛି। ରୋଟରଡ୍ୟାମ୍ ଓ ବୁସାନ ବନ୍ଦର ଭଳି ଓଡ଼ିଶାରେ ପାରାଦୀପ ଓ ଧାମରା ବନ୍ଦରରେ ଏଆଇ ଲଜିଷ୍ଟିକ୍ସ ଜୋନ୍ ବିକାଶ କରିବାକୁ ରିପୋର୍ଟରେ କୁହାଯାଇଛି।

# ଶସ୍ତା ହେଲା ବିଶ୍ୱର ପ୍ରଥମ ସିଏନ୍‌ଜି ବାଇକ୍




**ନୂଆଦିଲ୍ଲୀ, ୨୦।୬:** ବଜାଜ ଅଟୋ ନିକଟରେ ଲଞ୍ଚ କରିଥିବା ଫ୍ରିଡମ୍ ୧୨୫ ସିଏନଜି ମୋଟରସାଇକେଲ ଉପରେ ୫,୦୦୦ ଟଙ୍କାର ରିହାତି ଘୋଷଣା କରିଛି। ଅର୍ଥାତ୍, ବର୍ତ୍ତମାନ ଏହି ବାଇକ୍‌ର ନୂଆ ରେଞ୍ଜ୍ ୮୫,୯୭୬ ଟଙ୍କା (ଏକ୍ସ-ଶୋରୁମ୍) ରୁ ଆରମ୍ଭ ହେଉଛି। କମ୍ପାନୀ ଏହାର ସୋସିଆଲ ମିଡିଆ ପ୍ଲାଟଫର୍ମରେ ଏହି ସୂଚନା ଦେଇଛି। ଏହି ରିହାତି କେବଳ ମୂଳ ଭାରିଆଣ୍ଟ ଅର୍ଥାତ୍ ଏନଜି୦୪ ଡ୍ରମ୍ ଭାରିଆଣ୍ଟ ଉପରେ ରହିବ। ତେବେ କମ୍ପାନୀ ପକ୍ଷରୁ ଏହି ଅଫର ସୀମିତ ସମୟ ପାଇଁ ଦିଆଯାଇଛି। ବାଜାଜ୍ ଫ୍ରିଡମ୍ ୧୨୫ ହେଉଛି ଦେଶର ପ୍ରଥମ ସିଏନଜି ଚାଳିତ ମୋଟରସାଇକେଲ୍, ଯେଉଁଥିରେ ୧୨୫ ସିସି ପେଟ୍ରୋଲ୍ ଇଞ୍ଜିନ୍ ଅଛି। ଏଥିରେ ୨ କିଲୋଗ୍ରାମ୍ ସିଏନଜି ଟ୍ୟାଙ୍କ୍ ଏବଂ ୨ ଲିଟର ପେଟ୍ରୋଲ୍ ଟ୍ୟାଙ୍କ୍ ଦିଆଯାଇଛି। ଫଳରେ ଏହି ବାଇକ୍‌ର ଅନ୍ୟ ୧୨୫ ସିସି ବାଇକ୍ ତୁଳନାରେ ଟିକିଏ ଓଜନିଆ ରହିଛି। ସିଏନ୍‌ଜି ବାଇକ୍‌ରେ ଦିଆଯାଇଥିବା ଇଞ୍ଜିନ୍ ୯.୪ bhp ପାୱାର ଏବଂ ୯.୭ Nm ଟର୍କ ଜେନେରେଟ୍ କରେ। କମ୍ପାନୀର କହିବା ଅନୁଯାୟୀ, ଏହି ବାଇକ୍ ଅନ୍ୟ ୧୨୫ ସିସି ପେଟ୍ରୋଲ୍ ବାଇକ୍ ତୁଳନାରେ ପ୍ରାୟ ୫୦ ପ୍ରତିଶତ ଇନ୍ଧନ ଖର୍ଚ୍ଚ କମ୍ କରେ। ଫ୍ରିଡମ୍ ୧୨୫ର ମାଇଲେଜ୍ ଦେଖିଲେ ଏହା ଏକ କେଜି ସିଏନଜିରେ ୧୦୨ କିଲୋମିଟର ମାଇଲେଜ୍ ଦେଉଥିବା ବେଳେ ଏକ ଲିଟର ପେଟ୍ରୋଲ୍‌ରେ ୬୪ କିଲୋମିଟର ମାଇଲେଜ୍ ଦେଉଛି।

# ଏଣିକି ନୂଆ ପାନ୍ କାର୍ଡ ପାଇଁ ଆଧାର ବାଧ୍ୟତାମୂଳକ

**ଜୁଲାଇ ପହିଲାରୁ ହେବ କାର୍ଯ୍ୟକାରୀ**

**ନୂଆଦିଲ୍ଲୀ, ୨୦।୬:** ନୂଆ ପାନ୍ କାର୍ଡ ପାଇଁ ବାଧ୍ୟତାମୂଳକ ହେବ ଆଧାର। ଜୁଲାଇ ୧ରୁ ଏହା କାର୍ଯ୍ୟକାରୀ ହେବ। ଏଭଳି ଏକ ଯୋଜନା ଉପରେ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ଯୋଜନା କରୁଥିବା ଜଣାପଡ଼ିଛି। ଡିଜିଟାଲ ଭାରତ ଅଭିଯାନର ଏହା ଅଂଶବିଶେଷ। ଏହାସହିତ ଟିକସ ଦାଖଲ ସମୟରେ ଦାୟିତ୍ୱବୋଧତା ଏବଂ ଅନୁପାଳନକୁ ସୁନିଶ୍ଚିତ କରିବା ଲାଗି ଏହି ଯୋଜନା ପ୍ରସ୍ତୁତ କରାଯାଇଥିବା ଜଣାପଡ଼ିଛି। ସମ୍ପ୍ରତି ପାନ୍ ପାଇଁ ଆବେଦନ କରିବା ସମୟରେ ନାଁ, ଜନ୍ମ ପ୍ରମାଣପତ୍ର ଏବଂ ଯେକୌଣସି ଏକ ପ୍ରମାଣପତ୍ର ଦରକାର ହେଉଛି। ଏବେ ଆଧାରକୁ ବାଧ୍ୟତାମୂଳକ କରାଯିବ। ପୁରୁଣା ପାନ୍ କାର୍ଡଧାରୀଙ୍କୁ ନିଜ ନିଜ ପାନ୍ କାର୍ଡକୁ ଆଧାର ସହ ସଂଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ଅନ୍ତିମ ଡେଡ୍‌ଲାଇନ୍ ରହିଛି ୨୦୨୫ ଡିସେମ୍ବର ୩୧। ଆଧାର ସହ ଲିଙ୍କ୍ ହୋଇ ନ ଥିବା ପାନ୍ କାର୍ଡ ଆସନ୍ତା ବର୍ଷରୁ ଅଚଳ ହୋଇଯିବ। ୨୦୨୪ ମାର୍ଚ୍ଚ ସୁଦ୍ଧା ଭାରତରେ ୭୪ କୋଟିରୁ ଅଧିକ ପାନ୍ କାର୍ଡଧାରୀ ଥିଲେ। ଏଥିମଧ୍ୟରୁ ୬୦.୫ କୋଟି କାର୍ଡ ଆଧାର ସଂଯୋଗ ହୋଇଛି।

 କ୍ୟୁଏସ୍ ବିଶ୍ୱ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଙ୍ଗ୍ ୨୦୨୬

# ଓଡ଼ିଶାରେ ଶୀର୍ଷରେ କିଟ୍

**ଭୁବନେଶ୍ୱର, ୨୦।୬:** କ୍ୟୁଏସ୍ ବିଶ୍ୱବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଙ୍ଗ୍ ୨୦୨୬ ଆଜି ପ୍ରକାଶ ପାଇଛି। ଏଥିରେ କିଟ୍ ବିଶ୍ୱବିଦ୍ୟାଳୟ ଓଡ଼ିଶାରେ ଘରୋଇ ବିଶ୍ୱବିଦ୍ୟାଳୟ ମଧ୍ୟରେ ଶ୍ରେଷ୍ଠ ସ୍ଥାନରେ ରହିଛି। କ୍ୟୁଏସ୍ ବିଶ୍ୱବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଙ୍ଗ୍-୨୦୨୬ରେ ବିଶ୍ୱର ୧୫ ଶହରୁ ଅଧିକ ବିଶ୍ୱବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ସେଥିରୁ ଭାରତରେ କିଟ୍ ବିଶ୍ୱବିଦ୍ୟାଳୟ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ବେଳେ ଦକ୍ଷିଣ ଏସିଆରେ ୫୫ତମ ସ୍ଥାନ ହାସଲ କରିଛି। ସମଗ୍ର ଭାରତରେ ଘରୋଇ ବିଶ୍ୱବିଦ୍ୟାଳୟ ମଧ୍ୟରେ କିଟ୍ ୯ମ ସ୍ଥାନରେ ରହିଛି। ଏହି ର୍‍ୟାଙ୍କିଂ ଶୈକ୍ଷିକ ପ୍ରତିଷ୍ଠା, ନିଯୁକ୍ତିଦାତାଙ୍କ ପ୍ରତିଷ୍ଠା, ଅଧ୍ୟାପକ-ଛାତ୍ର ଅନୁପାତ, ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଅଧ୍ୟାପକଙ୍କ ପ୍ରଶଂସା, ଅନ୍ତର୍ଜାତୀୟ ଫାକଲ୍ଟି, ଅନ୍ତର୍ଜାତୀୟ ଛାତ୍ର, ଅନ୍ତର୍ଜାତୀୟ ଛାତ୍ର ବିବିଧତା, ଅନ୍ତର୍ଜାତୀୟ ଗବେଷଣା ନେଟ୍‌ୱର୍କ, ନିଯୁକ୍ତି ଫଳାଫଳ ଓ ସ୍ଥାୟିତ୍ୱ ଆଦି ମାନଦଣ୍ଡକୁ ଭିତ୍ତିକରି ପ୍ରଦାନ କରାଯାଇଛି। ଏ ନେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କହିଛନ୍ତି, କିଟ୍ ବିଶ୍ୱବିଦ୍ୟାଳୟ ପ୍ରଥମଥର ପାଇଁ କ୍ୟୁଏସ୍ ବିଶ୍ୱ ବିଶ୍ୱବିଦ୍ୟାଳୟ ରାଙ୍କିଙ୍ଗ୍‌ରେ ଅଂଶଗ୍ରହଣ କରି ଏଭଳି ସଫଳତା ପାଇଛି। କ୍ୟୁଏସ୍ ବିଶ୍ୱ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଙ୍ଗ୍ କିଟ୍‌ର ନିରନ୍ତର ପ୍ରୟାସର ପ୍ରତିଫଳନ। କିଟ୍ ବିଶ୍ୱବିଦ୍ୟାଳୟ ମାତ୍ର ୨୧ ବର୍ଷର ବିଶ୍ୱବିଦ୍ୟାଳୟ ହୋଇଥିବା ବେଳେ ଏହା ଅନେକ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ସହ ସମକକ୍ଷ ହୋଇପାରିଛି। ଏହି ସଫଳତା ପାଇଁ ଡ. ସାମନ୍ତ କିଟ୍‌ର ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



# ଭୁବନେଶ୍ୱରରେ ଏସ୍କିକନ ଓ ୱେସକନ ସମ୍ମିଳନୀ

## ଯୋଗଦେଲେ ଅନ୍ତର୍ଜାତୀୟ ସ୍ପାଇନ ସର୍ଜରୀ ବିଶେଷଜ୍ଞ




**ଭୁବନେଶ୍ୱର, ୨୦।୬:** ଏଣ୍ଡୋସ୍କୋପିକ ସ୍ପାଇନ ଫାଉଣ୍ଡେଶନ (ଇଣ୍ଡିଆ) ପକ୍ଷରୁ ଭୁବନେଶ୍ୱରଠାରେ ଜୁନ୍ ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ଏଣ୍ଡୋସ୍କୋପିକ ସ୍ପାଇନ ସର୍ଜରୀ ବିଷୟବସ୍ତୁ ଉପରେ ୬ଷ୍ଠ ଏସ୍କିକନ ଓ ୱେସକନ ୨୦୨୫ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଣ୍ଡୋସ୍କୋପିକ ରିଡିଫାଇନିଂ ସ୍ପାଇନ ବାଉଣ୍ଡ୍ରିଜ' ବିଷୟବସ୍ତୁ ଅଧିନରେ ଏହି ସମ୍ମିଳନୀରେ ଉଦ୍ଭାବନ, ଶିକ୍ଷା ଓ ପ୍ରଶିକ୍ଷଣ ମାଧ୍ୟମରେ ମିନିମାଲି ଇନଭାସିଭ ସ୍ପାଇନ କେୟାରର ଅଗ୍ରଗତି ପାଇଁ ୨୫୦ରୁ ଅଧିକ ଆନ୍ତର୍ଜାତୀୟ ବିଶେଷଜ୍ଞ ଏକତ୍ରିତ ହୋଇଥିଲେ। ଏସିଆ, ୟୁରୋପ, ଆଫ୍ରିକା ଓ ମିଡିଲ ଇଷ୍ଟର ପ୍ରତିଷ୍ଠିତ ବକ୍ତାମାନେ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ। ଅତ୍ୟାଧୁନିକ ଗବେଷଣାଗୁଡିକୁ ସେଲିବ୍ରେଟ କରିବା ପାଇଁ ଏଠାରେ ବେଷ୍ଟ ପେପର୍ ଓ ଇ-ପୋଷ୍ଟର ଆୱାର୍ଡ ପ୍ରଦାନ କରାଯାଇଥିଲା। ଆୟୋଜକ ଅଧକ୍ଷ ଡକ୍ଟର ଶଙ୍କର ଆଚାର୍ଯ୍ୟ କହିଛନ୍ତି, "ଏହି ସମ୍ମିଳନୀ ଆନ୍ତର୍ଜାତୀୟ ବିଶେଷଜ୍ଞତାକୁ ସୁଲଭ, ଅତ୍ୟଧିକ ଉଚ୍ଚମାନର ସ୍ପାଇନ ଚିକିତ୍ସା ପାଇଁ ଭାରତର ବଢୁଥିବା ଚାହିଦା ସହିତ ଏକତ୍ରିତ କରିଛି। ଆମର ଲକ୍ଷ୍ୟ ହେଉଛି ଆଧୁନିକ ଏଣ୍ଡୋସ୍କୋପିକ ପଦ୍ଧତିଗୁଡିକୁ ଗଣତାନ୍ତ୍ରିକ କରିବା।"

## ଆଜିର ସୁନା ଦର



ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୦୦, ୮୪୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୨ ହଜାର ୧୦୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୦୦, ୪୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୨ ହଜାର ୧୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୦୦, ୪୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୨ ହଜାର ୧୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧, ୦୦,୬୩୦ ଟଙ୍କା ଓ ୨୨ କ୍ୟାରେଟ୍ ୯୨,୮୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୦୦, ୮୪୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୨ ହଜାର ୧୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୦୦, ୮୪୦ ଓ ୯୨, ୧୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୧୦ , ୦୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ ଦର



ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୬ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୪ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦରରେ କିଛିଟା ପରିବର୍ତ୍ତନ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

## ଦୁଇ ହାଇୱା ଉପରେ ଲକ୍ଷାଧିକ ଟଙ୍କାର ଜୋରିମାନା କଲା ପରିବହନ ବିଭାଗ




**ଫୁଲବାଣୀ,୨୦।୬ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଡିଣ୍ଡିରା ଗାଁ ପଞ୍ଚାୟତ ଟେଲାପାଲୀ ଛକ ନିକଟରେ ୨ଟି ଚିପ୍ସ ବୋଝେଇ ହାଇୱା ଗାଡ଼ିରୁ ଓଭର ଲୋଡ଼ିଂ ଏବଂ ପଲ୍ୟୁସନ ଭଳି କାଗଜପତ୍ର ନ ଥିବାରୁ ୧ ଲକ୍ଷ ୩୨ ହଜାର ଟଙ୍କାର ଚାଲାଣ କାଟିଛି ପରିବହନ ବିଭାଗ। ସୂଚନା ଅନୁସାରେ ଆଜି ପରିବହନ ବିଭାଗ ଦ୍ୱାରା ଡିଣ୍ଡିରା ଗାଁ ପଞ୍ଚାୟତ ଟେଲାପାଲୀ ଛକ ନିକଟରେ ଜାନବାହାନ କାଗଜପତ୍ର ଯାଞ୍ଚ ସହ ଓଭର ଲୋଡ଼ିଂ ଭଳି ବିଭିନ୍ନ ଚେକିଂ ଚାଲିଥିଲା । ଏହି ସମୟରେ ସୋନପୁର ଜିଲ୍ଲା ଅଞ୍ଚଳରୁ ଚିପ୍ସ ବୋଝେଇ ୨ଟି ହାଇୱା ଗାଡ଼ି ବାଲିଗୁଡ଼ାକୁ ନେବାବେଳେ ପରିବହନ ବିଭାଗର ଏଏସଆଇ ଶିବାନୀ ମାଝୀ ଓ ଟିମ୍ ଗାଡ଼ିକୁ ଅଟକାଇ ଥିଲେ । ୨ଟି ହାଇୱା ଗାଡ଼ିରେ ଅଧିକ ଚିପ୍ସ ଲୋଡ଼ ହୋଇଥିବା ଏବଂ ଗାଡ଼ିର ପଲ୍ୟୁସନ ଓ କାଗଜ ପତ୍ର ଠିକ ନ ଥିବାରୁ ୨ଟି ହାଇୱା ଗାଡ଼ି ଜବତ କରିବା ସହ ଫିରିଙ୍ଗିଆ ଥାନାକୁ ନେଇଥିବାବେଳେ ୨ ଟି ଗାଡ଼ିରୁ ୧ଲକ୍ଷ ୩୨ ହଜାର ଚାଲାଣ କାଟିଥିବା ସୂଚନା ମିଳିଛି । ତେବେ ଜିଲ୍ଲାର ଫିରିଙ୍ଗିଆ ଅଞ୍ଚଳରେ ପ୍ରତିଦିନ ନିଶାସକ୍ତ ଗାଡି ଚାଳକ, କାଗଜ ପତ୍ର, ନାବାଳକ ଗାଡି ଚାଳକ, ବିନା ହେଲମେଟରେ ଯାତ୍ରାକୁ ନେଇ ଗାଡି ଚେକିଂ ଚାଲିଛି ।

## ମାରୱାଡ଼ି ଯୁବା ମଞ୍ଚ ପକ୍ଷରୁ ରକ୍ତଦାନ ଶିବିର, ୩୭ ୟୁନିଟ ରକ୍ତ ସଂଗୃହୀତ




**ସୁବର୍ଣ୍ଣପୁର,୨୦।୬(ସଂଚାର ବ୍ୟୁରୋ):** ଅଲ୍ ଓଡିଶା ମାରୱାଡ଼ି ଯୁବା ମଞ୍ଚ ପକ୍ଷରୁ ଆଜି ସୋନପୁର ମାରୱାଡ଼ି ଧର୍ମଶାଳା ଠାରେ ଏକ ମେଗା ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଛି । ସୁବର୍ଣ୍ଣପୁର ଏସପି ଶ୍ରୀ ନାରାୟଣ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହାକୁ ଉଦଘାଟନ କରି ଆୟୋଜକ ଓ ରକ୍ତ ଦାତା ଙ୍କୁ ଉତ୍ସାହିତ କରିଥିଲେ। ଯୁବା ମଞ୍ଚ ର ସଭାପତି ରଜତ ଅଗ୍ରୱାଲ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ସମ୍ମାନିତ ଅତିଥି ଭାବରେ ସୁବର୍ଣ୍ଣପୁର ମୁଖ୍ୟ ଚିକିତ୍ସା ଳୟ ର ଏଡିଏମଓ ଡ଼ା ଦୁର୍ଗା ଦତ୍ତ ଦାଶ, ଯୁବା ମଞ୍ଚ ସଂପାଦକ ଅଙ୍କିତ ଅଗ୍ରୱାଲ, ପ୍ରାନ୍ତୀୟ ଉପାଧ୍ୟକ୍ଷ ଅଙ୍କିତ ଅଗ୍ରୱାଲା, ମାରୱାଡ଼ି ସମାଜ ସଭାପତି ଗୋପାଳ ଭୁତ, ମହିଳା ସମିତି ସଭାପତି ମିନା ଅଗ୍ରୱାଲ, ବ୍ଲଡ କନଭେନର୍ ରାଘବ ଅଗ୍ରୱାଲା ଯୋଗ ଦେଇ ରକ୍ତ ଦାତା ଙ୍କୁ ଉତ୍ସାହିତ କରିଥିଲେ । ସୋନପୁର କଲେଜ୍ ଏନ୍ ସି ସି ଲେଫ୍ଟେନେଣ୍ଟ ଆଶିଷ କୁମାର ଅଗ୍ରୱାଲ ସଭା ସଂଯୋଜନା କରି ଅତିଥି ପରିଚୟ କରିଥିଲେ । ଯୁବା ମଞ୍ଚ ତଥା ମାରୱାଡି ସମାଜ ର ବରିଷ୍ଠ ନନ୍ଦୁ କମାଣି, ମନୋଜ୍ ଅଗ୍ରୱାଲା, ଶେଖର ଭୁତ, ପ୍ରହଲ୍ଲାଦ ଅଗ୍ରୱାଲା, ଅମିତ୍ ଅଗ୍ରୱାଲା ପ୍ରମୁଖ ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ସାରା ଭାରତ ରେ ଆଜି ୭୦୦ ଗୋଟି ଶାଖା ରେ ଏହି କାର୍ଯ୍ୟକ୍ରମ ଆୟୋଜନ କରା ଯାଇଥିବା ବେଳେ ସୋନପୁର ଜିଲ୍ଲା ଶାଖା ର ମେଗା ରକ୍ତ ଦାନ ଶିବିର ରେ ଆଜି ଜିଲ୍ଲା ର ବିଶିଷ୍ଟ ସମାଜସେବୀ ତଥା ଆୟୋଜକ ଓ ରକ୍ତ ଦାତା ଙ୍କ ପ୍ରେରଣା ଦାତା ଭାବରେ ଶ୍ରୀ ଶ୍ରୀବତ୍ସ ମଲ୍ଲିକ ଙ୍କୁ ମୁଖ୍ୟ ଅତିଥି ସୁବର୍ଣ୍ଣପୁର ଏସପି ନାରାୟଣ ନାୟକ ଙ୍କ ଦ୍ୱାରା ସମ୍ବର୍ଧିତ କରାଯାଇଥିଲା ।

● ଗ୍ରାଫାଇଟ ମାଇନିଙ୍ଗ ବ୍ଲକ ଖଣି ଖନନ ପ୍ରସଙ୍ଗ

## ଆନ୍ଦୋଳନ ପାଇଁ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର ଆରମ୍ଭ

**ପାଟଣାଗଡ,୨୦।୬(ସଂଚାର ବ୍ୟୁରୋ):** ପାଟଣାଗଡ ବ୍ଲକ ଅର୍ନ୍ତଗତ ସାଲେପାଲି ମାଇନିଙ୍ଗ ବ୍ଲକ ଖଣି ଖନନକୁ ବିରୋଧ କରି ଜନମ ମାଏଟ ବଚାଓ ସଂଘର୍ଷ ସମିତି ପକ୍ଷରୁ ଆସନ୍ତା ୨୩ ରେ ଆନ୍ଦୋଳନ ପାଇଁ ଗାଁ ଗାଁରେ ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ବିକ୍ଷୋଭ ପ୍ରଦର୍ଶନ ସହ ଉପଜିଲ୍ଲାପାଳଙ୍କ ଅଫିସ୍ ଘେରାଉ ପାଇଁ ସଜବାଜ ହେବାକୁ ସଂଘର କର୍ମକର୍ତ୍ତାମାନେ ଗାଁ ଗାଁରେ ଲୋକଙ୍କୁ ସଚେତନ ହେବାପାଇଁ ପ୍ରଚାର ଆରମ୍ଭ କରିଛନ୍ତି । ପ୍ରକାଶ ଯେ, କେନ୍ଦ୍ର ସରକାର ତାମିଲନାଡୁ ରାଜ୍ୟର ଭିନାମିର ରିଶୋର୍ଷ ନାମକ ଏକ ଘରୋଇ କମ୍ପାନିକୁ ଉକ୍ତ ଖଣି ନିଲାମରେ ଦେଇଛନ୍ତି । ଜନ ସାଧାରଣଙ୍କ ସହମତି, ଜନଶୁଣାଣୀ କିମ୍ବା ଗାଁ ଗାଁରେ ପଲ୍ଲୀସଭା ନକରି କମ୍ପାନୀକୁ ଉକ୍ତ ଖଣି ଟେକିଦେବାକୁ ସଂଘର୍ଷ ସମିତି ବିରୋଧ କରିଛି । ଏଠାରେ ଖଣି ଖନନ ହେଲେ ଲୋକେ ଭିଟାମାଟି ଛାଡ଼ିବାକୁ ବାଧ୍ୟ ହେବେ ଏବଂ ଦୁର୍ଦ୍ଦଶା ଭୋଗିବେ।

# ସୁବର୍ଣ୍ଣରେଖାରେ ପ୍ରଥମ ବନ୍ୟାଜଳ

**ବାଲିଆପାଳ ବ୍ଲକରେ ବନ୍ୟା**



**ବାଲିଆପାଳ, ୨୦।୬(ସଂଚାର ବ୍ୟୁରୋ):** ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ଗାଲୁଡିହ ବ୍ୟାରେଜରୁ ଗେଟ ଖୋଲାଯିବା ସହ ବନ୍ୟାଜଳ ନିଷ୍କାସନ ହେବା ଫଳରେ ସୁବର୍ଣ୍ଣରେଖା ନଦୀରେ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ଆସିଛି । ଯାହାଫଳରେ ବାଲିଆପାଳ ବ୍ଲକରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଶୁକ୍ରବାର ପୂର୍ବାହ୍ନରେ ବନ୍ୟା ଜଳ ଆସିବା ଆରମ୍ଭ ହୋଇଥିଲା ବେଳେ ସନ୍ଧ୍ୟା ବେଳକୁ କୂଳ ଲଂଘି ବାଲିଆପାଳ ବ୍ଲକର କିଛି ଗ୍ରାମକୁ ପ୍ରବେଶ କରିଛି ।ଆଜି ସନ୍ଧ୍ୟା ୬ଟା ସୁଦ୍ଧା ରାଜଘାଟ ଠାରେ ଏହି ନଦୀର ବିପଦ ସଙ୍କେତ ୧୦.୩୬ ମିଟର ଉପରେ ୧୦.୭୮ ମିଟରରେ ପ୍ରବାହିତ ହେଉଛି। ଏହାର ପ୍ରଭାବରେ ତଳ ମୁଣ୍ଡରେ ଥିବା ବାଲିଆପାଳ ବ୍ଲକର ନିଖିରା, ଅସ୍ତି, ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା, ମଧୁପୁରା ପ୍ରଭୃତି ପଂଚାୟତବାସୀ ଆଶଂକା ଭିତରେ ରହିଛନ୍ତି। ଚଡପାଳ ପଡା, ତଳ ଧାନଦା, ଚଡବଢାପାଳ, ପାଳଚମ୍ପେଇ, ଛୋଟଖାନପୁର, ସୂର୍ଯ୍ୟାପୁର, ରାଉତୁରାପୁର, କୁଦମାନସିଂ, କୁଦମାନସିଂ ଚଡ, ମନୁନଗର, ସୁଙ୍ଗମୁହଁ, ତଳ ବାଲିଆପାଳ, ରାମନଗର-ରସଲପୁର, ବିଷ୍ଣୁପୁର ଚଡସାହି ନୟାବାଲି, ଇକଡପାଳ, ଚଉଧୁରିକୁଦ, ଚଡବସ୍ତ କାଳରୁହି, ତାଳପଦା, କୁହ୍ଲାଚଡ, ନଖପାଳ, ପ୍ରଭୃତି ଗ୍ରାମକୁ ବନ୍ୟାଜଳ ପ୍ରବେଶ କରିବାରେ ଲାଗିଛି। ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ବାଲିଆପାଳ ବ୍ଲକର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବାସହ ଦୁର୍ବଳ ନଦୀ ବନ୍ଧରେ ବାଲି ବସ୍ତା ପକାଇବାପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବନ୍ୟାର ମୁକାବିଲା ପାଇଁ ପ୍ରଶାସନ ସଂପୂର୍ଣ୍ଣ ପ୍ରସ୍ତୁତ ରହିଥିବା କଥା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ କହିଛନ୍ତି। ତେବେ ବନ୍ୟା ଯୋଗୁଁ ବାଲିଆପାଳ ବ୍ଲକରେ ବ୍ୟାପକ ପନିପରିବା ଚାଷ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଯାହାଫଳରେ ଚାଷୀ ମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି।

## ଡାଇରିଆ ନିୟନ୍ତ୍ରଣରେ ଟାଟା ଷ୍ଟିଲ ଫାଉଣ୍ଡେସନ୍ ସକ୍ରିୟ ଯୋଗଦାନ



**ଯାଜପୁର ରୋଡ଼, ୨୦।୬(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର ଦାନଗଦି ବ୍ଲକରେ ଡାଇରିଆ ରୋଗ ବ୍ୟାପିବା ପରେ ଟାଟା ଷ୍ଟିଲ ଫାଉଣ୍ଡେସନ୍ (ଟିଏସଏଫ) ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ ସହ ମିଶି ତ୍ୱରିତ ପଦକ୍ଷେପ ନେଇଛି। ଜୁନ ମାସର ଦ୍ୱିତୀୟ ସପ୍ତାହରେ ଆରମ୍ଭ ହୋଇଥିବା ଏହି ରୋଗ ପ୍ରତିରୋଧ ପାଇଁ ସଂସ୍ଥା ପକ୍ଷରୁ ଆମ୍ବୁଲାନ୍ସ ସେବା, ଔଷଧ ପ୍ରଦାନ ଓ ସଚେତନତା ଅଭିଯାନକୁ ସକ୍ରିୟ ଭାବେ ହାତକୁ ନିଆଯାଇଛି। ସ୍ୱାସ୍ଥ୍ୟ ବିଭାଗ ସହ ଯୋଗାଯୋଗ କରି ଟିଏସଏଫ ପ୍ରଭାବିତ ଅଂଚଳରୁ ରୋଗୀମାନଙ୍କୁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚସି) ଓ ଯାଜପୁର ଜିଲ୍ଲା ଡାକ୍ତରଖାନାକୁ ନେବା ପାଇଁ ଆମ୍ବୁଲାନ୍ସ ସୁବିଧା ଯୋଗାଇ ଦେଇଛି। ଏଥିସହ ସରକାରୀ ମେଡିକାଲ ଟିମକୁ ଔଷଧ ସହିତ ପ୍ରଭାବିତ ଗ୍ରାମମାନଙ୍କରେ ପହଂଚାଇବା ପାଇଁ ଅତିରିକ୍ତ ଯାନବାହନର ବ୍ୟବସ୍ଥା କରିଛି। ଏହା ବ୍ୟତୀତ, ଟିଏସଏଫ ଏକ ଅନ୍ୟ ଯାନ ଯୋଗାଇ ଦେଇଛି, ଯାହାକି ସରକାରୀ ଡାକ୍ତରୀ ଦଳ, ଔଷଧ ଏବଂ ଅନ୍ୟାନ୍ୟ ଜରୁରୀ ସାମଗ୍ରୀକୁ ପ୍ରଭାବିତ ଅଂଚଳକୁ ପଠାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏଥିସହ, ଟିଏସଏଫ ନିୟମିତ ଭାବେ ସ୍ଥାନୀୟ ଲୋକମାନଙ୍କ ପାଇଁ ସ୍ୱାସ୍ଥ୍ୟ ସଚେତନତା ଭିର୍ତିକ କାର୍ଯ୍ୟକ୍ରମମାନ ଆୟୋଜନ କରୁଛି। ଏହି କାର୍ଯ୍ୟକ୍ରମଗୁଡ଼ିକ ମୁଖ୍ୟତଃ ଡାଇରିଆ ଏବଂ କଲେରା ପ୍ରତିରୋଧ ଏବଂ ନିୟନ୍ତ୍ରଣ ଉପରେ ଧ୍ୟାନ ଦେଇ ଆୟୋଜିତ ହେଉଛି, ଯାହାଦ୍ୱାରା ସ୍ଥାନୀୟ ଲୋକଙ୍କୁ ସଚେତନ କରିବାରେ ସହାୟକ ହେଉଛି । ଏହି ସଚେତନତା ଉପକ୍ରମଗୁଡ଼ିକ ଟିଏସଏଫ କର୍ମଚାରୀ, ସ୍ୱେଚ୍ଛାସେବୀଙ୍କ ପ୍ରୟାସରେ ଆୟୋଜିତ ହେଉଥିବା ବେଳେ ରିସ୍ତା ଏବଂ ପୋଷଣ ପ୍ରୋଜେକ୍ଟର ମଧ ଏଥିରେ ସକ୍ରିୟ ଯୋଗଦାନ ରହିଛି।

## ୫ମ ଜିଲ୍ଲାସ୍ତରୀୟ ଅହମଦୀୟା ମୁସଲିମ ମହିଳା ବାର୍ଷିକ ଇଜତେମା ଉଦ୍‌ଯାପିତ



**ସାଲେପୁର/କଟକ, ୨୦।୬(ସଂଚାର ବ୍ୟୁରୋ):** ସାଲେପୁର ଉପକଣ୍ଠ କୁସମ୍ବି ଗ୍ରାମରେ ଦୁଇ ଦିନ ଧରି ଚାଲୁ ରହିଥିବା କଟକ ଓ କେନ୍ଦ୍ରାପଡା ଜିଲ୍ଲାର ୫ମ ଜିଲ୍ଲାସ୍ତରୀୟ ଅହମଦୀୟା ମୁସଲିମ ମହିଳା ସଂଗଠନ ଲଜନା ଇମାଉଲ୍ଲାଃ ଓ ନାସିରାତୁଲ ଅହମଦୀୟାର ବାର୍ଷିକ ଇଜତେମା ଅନୁଷ୍ଠିତ ହୋଇଛି। ଏହି ଇଜତେମାର ଉଦଘାଟଣୀ ଉତ୍ସବରେ ଜିଲ୍ଲା କଟକ ଓ କେନ୍ଦ୍ରାପଡାର ସଭାନେତ୍ରୀ ବୁଶରା ନୁସରତ ପୌରହିତ୍ୟ କରିଥିଲେ। ପବିତ୍ର କୋରାନ ପାଠ ସୁମ୍ବୁଲ ଅଜିଜ କରିଥିଲେ । ସଂଗଠନର ସଂକଳ୍ପ ପାଠ ସଭାନେତ୍ରୀ କରାଇଥିଲେ। ନାସିରାତୁଲ ଅହମଦୀୟା ତରଫରୁ ସାମୁହିକ ଭାବେ ତରାନା ପରିବେଷଣ କରା ଯାଇଥିଲା । ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ଜିଲ୍ଲା ସଭାନେତ୍ରୀ ନଇମା ବେଗମ ଲଜନା ଇମାଉଲ୍ଲାଃ ଓ ନାସିରାତୁଲ ଅହମଦୀୟା ମହିଳାଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ମତାମତ ରଖିଥିଲେ । ପୌରହିତ୍ୟ ଭାଷଣ ଓ ସାମୁହିକ ନୀରବ ପ୍ରାର୍ଥନା ପରେ ବିଭିନ୍ନ ଧାର୍ମିକ ପ୍ରତିଯୋଗିତା ଆରମ୍ଭ ହୋଇଥିଲା ।

## ବିଭିନ୍ନ ଗୁଟଖା ଦୋକାନ ଉପରେ ପ୍ରଶାସନର ଚଢ଼ାଉ



**ନୀଳଗିରି,୨୦।୬(ସଂଚାର ବ୍ୟୁରୋ):** ନୀଳଗିରି ସହରରେ ବିଭିନ୍ନ ସ୍ଥାନରେ ଥିବା ଗୁଟଖା, ସିଗାରେଟ ଆଦି ନିଶା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ସାମଗ୍ରୀ ଉପରେ କଟକଣା ଲଗାଇବା ପାଇଁ ପ୍ରଶାସନର ନିଷ୍ପତ୍ତି କ୍ରମେ କ୍ରବାର ନୀଳଗିରି ବଜାରରେ ବିଭିନ୍ନ ଦୋକାନ ଉପରେ ସ୍ୱାସ୍ଥ୍ୟ ବିଭାଗ, ନୀଳଗିରି ପୋଲିସ, ନୀଳଗିରି ଅବକାରି ବିଭାଗ ସହାୟତାରେ ଏକାଧିକ ବ୍ୟବସାୟିଙ୍କ ଉପରେ ପ୍ରଶାସନର ମିଳିତ ଚଢ଼ାଉ କରାଯାଉଛି। ସହରରେ ଗୁଟଖା ଥିବା ପାନ ଦୋକାନ, ଜଳଖିଆ ଦୋକାନ, ଗ୍ରୋସେରୀ ପ୍ରମୁଖ ଦୋକାନରେ ଯାଞ୍ଚ କରିଥିଲେ। ବିଶେଷ କରି ୧୮ ବର୍ଷ ରୁ କମ୍ ବୟସ୍କ ପିଲାଙ୍କୁ ଏଭଳି ଜିନିଷ ବିକ୍ରି ନକରିବା, ତମ୍ବାଖୁ ଷ୍ଟିକର ଦୋକାନରେ ନମାରିବାକୁ ଦୋକାନୀଙ୍କୁ ବାରଣ କରିଥିଲେ। ଏହି ଚଢାଉରେ ଏପିଡେମୋଲିଷ୍ଟ ଅରୂପ ଅଭିଷେକ, ନନ କମ୍ୟୁନିକେବଲ ଡିଜିଜ୍ ର ସହକାରୀ ପ୍ରବନ୍ଧକ ମୌସୁମୀ ସାମଲ, ନୀଳଗିରି ପୋଲିସ, ଓ ନୀଳଗିରି ଅବକାରୀ ବିଭାଗ ଏହି ଚଢ଼ାଉରେ ସାମିଲ ଥିଲେ। ଏହି ଚଢାଉ ଏବେ ନିୟମିତ ଶିକ୍ଷାନୁଷ୍ଠାନ ପାଖ ଦୋକାନରେ କରାଯିବ ଏବଂ ପରେ ଅନ୍ୟ ସ୍ଥାନରେ କରାଯିବ ବୋଲି ସେ କହିଛନ୍ତି। ଏସବୁ ଯୋଗାଉଥିବା ମୁଖ୍ୟ ଡିଲର ମାନଙ୍କୁ ଧରପଗଡ କରାଗଲେ ବହୁ ବେଆଇନ କାମ ଧରାପଡିବ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

## କେନ୍ଦ୍ର ଓ ରାଜ୍ୟ ସରକାର ବିରୋଧରେ ଗର୍ଜିଲେ କଂଗ୍ରେସ ବିଧାୟକ ଦଳ ନେତା



**ବଲାଙ୍ଗିର,୨୦।୬(ସଂଚାର ବ୍ୟୁରୋ):** ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରି କଂଗ୍ରେସ ବିଧାୟକ ଦଳ ନେତା ରାମ ଚନ୍ଦ୍ର କଡାମ୍ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିରୁଦ୍ଧରେ ଗର୍ଜିଛନ୍ତି। କହିଛନ୍ତି , ନିର୍ବାଚନ ପୂର୍ବରୁ ବିଜେପି ସରକାରକୁ ଆସିବା ପାଇଁ ଅନେକ ପ୍ରତିଶ୍ରୁତି ଦେଇଥିଲା । ରାଜ୍ୟରେ ଏକ ବର୍ଷର ଡବଲ ଇଞ୍ଜିନ ସରକାରଠାରୁ ରାଜ୍ୟବାସୀ ଅନେକ ଆଶା କରିଥିଲେ। ଦୁର୍ନିତି ବିରୁଦ୍ଧରେ ସୂନ୍ୟ ସହନଶିଳତା ହେଉ କି ଚିଟ ଫଣ୍ଡ ଜମାକାରିଙ୍କୁ ଟଙ୍କା ଫେରସ୍ତ ସବୁ ଥିରେ ଫେଲ ମାରିଛି ଡବଲ ଇଞ୍ଜିନ । ଦୁଇ ବର୍ଷରେ ରାଜ୍ୟର ସମସ୍ତ ମହିଳାଙ୍କୁ ୫୦ହଜାର ଟଙ୍କାର ଭାଉଚର ଦେବାର ପ୍ରତିଶ୍ରୁତି ଦେଇ ବର୍ଷ ପରେ ୫ହଜାରର ଦୁଇଟି କିସ୍ତି ପ୍ରଦାନ କରି ମହିଳାଙ୍କୁ କରିଛି ପ୍ରତାରଣା । ଡବଲ ଇଞ୍ଜିନ ସରକାର ଲୋକଙ୍କ ହିତ କରିବା ପରିବର୍ତ୍ତେ ଏକ ବର୍ଷ ଭିତରେ ଅନେକ ପ୍ରତାରଣା କରିଛି ବୋଲି ଆଜି ସାମ୍ବାଦିକ ସମ୍ମିଳନୀର ଗର୍ଜିଛନ୍ତି । ଶ୍ରୀ କାଡାମ୍ ଆହୁରି ମଧ୍ୟ କହିଛନ୍ତି ଯେ ଆଦିବାସୀଙ୍କ ନାଁ ନେଇ ବିଜେପି ସରକାର ଆଦିବାସୀଙ୍କୁ ଶୋଷଣ କରୁଛନ୍ତି । ଜଳ, ଜଙ୍ଗଲ, ଜମି ରେ ଥିବା ଆଦିବାସୀଙ୍କ ଅଧିକାର ରୁ ଆଦିବାସୀଙ୍କୁ ବଂଚିତ କରୁଛନ୍ତି । ଦୁର୍ନିତି ବିରୁଦ୍ଧରେ ଶୂନ୍ୟ ସହନଶିଳତା ନାରା ଦେଉଥିବା ସରକାର ଖୁଦ୍ ଦୁର୍ନିତି କରୁଛନ୍ତି । ଗରିବଙ୍କୁ ୩୦୦ ୟୁନିଟର ବିଜୁଳି ପ୍ରଦାନରେ ସରକାର ପ୍ରତାରଣ କରିଛି। ତେଣୁ ଆଗାମୀ ଦିନରେ କଂଗ୍ରେସ ଏହି ପ୍ରତାରଣା ଉଚିତ ଜବାବ ଦେବା ପାଇଁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସେ କହିଥିଲେ । ପ୍ରାରମ୍ଭରେ ଆଜି ଗତ ନିର୍ବାଚନରେ କଂଗ୍ରେସ ଦଳର ବଲାଙ୍ଗିର ବିଧାୟକ ପ୍ରାର୍ଥୀ ଥିବା କଂଗ୍ରେସ ନେତା ସମରେନ୍ଦ୍ର ମିଶ୍ର ସାମ୍ବାଦିକ ସମ୍ମିଳନୀର ପ୍ରାରମ୍ଭିକ ସୂଚନା ଦେବା ସହ ଏ ଡବଲ ଇଞ୍ଜିନ ସରକାର କିପରି ଗରିବଙ୍କୁ ନା ନେଇ ପୁଞ୍ଜିପତିଙ୍କ ପାଇଁ କାମ କରୁଛି ନିଜ ବକ୍ତବ୍ୟରେ କହିଥିଲେ । ବଲାଙ୍ଗିର ଲୋକଙ୍କୁ ଲୋୟର ସୁକତେଲ ଭଳିଆ ଜଳସେଚନ ପ୍ରକଳ୍ପରୁ ପାଣି ଦେବା ବଦଳରେ ତାର ଅବବାହିକାରେ ଥିବା ଖଣିକୁ ବେଆଇନ ଭାବେ ପୁଞ୍ଜିପତିଙ୍କୁ ଟେକି ଦେବାର ସମସ୍ତ ରାସ୍ତା ତିଆରି ହୋଇସାରିଲାଣି ବୋଲି କଂଗ୍ରେସ ନେତାମାନେ ଅଭିଯୋଗ କରିଥିଲେ । ଏହା ସହ ବିଧାନସଭାରେ ଲୋକଙ୍କ ଦାବି ତଥା ମହିଳା ସୁରକ୍ଷାକୁ ନେଇ ଆନ୍ଦୋଳନବେଳେ ନିଲମ୍ବନ କରାଯାଇଥିବା ଘଟଣା କଂଗ୍ରେସ ବିଧାୟକ ତଥା କଂଗ୍ରେସ କର୍ମୀଙ୍କୁ ଆଗାମୀ ଦିନରେ ଲୋକଙ୍କ ପାଇଁ ଲଢେଇରେ ଆହୁରି ବଳ ଯୋଗାଇବ ବୋଲି କୁହାଯାଇଥିଲା । ବିନା ପଲ୍ଲିସଭା ଗ୍ରାମସଭାରେ ଜଙ୍ଗଲ ଜମିକୁ ପୁଞ୍ଜିପତିଙ୍କୁ ହସ୍ତାନ୍ତର କରାଯିବାର ଷଡଯନ୍ତ୍ରକୁ କଦାପି ବରଦାସ୍ତ କରାଯିବ ନାହିଁ ବୋଲି କଂଗ୍ରେସ ନେତାମାନେ କହିଥିଲେ ।

## ପଞ୍ଚଲିଙ୍ଗେଶ୍ୱର ଶୈବପୀଠ ଜଗନ୍ନାଥ ମନ୍ଦିରରେ ପାଳନ ହେବ ଘୋଷଯାତ୍ରା

**ନୀଳଗିରି,୨୦।୬(ସଂଚାର ବ୍ୟୁରୋ):** ଉତ୍ତର ଓଡିଶା ର ପ୍ରସିଦ୍ଧ ଶୈବପୀଠ ପଞ୍ଚଲିଙ୍ଗେଶ୍ୱର ଠାରେ ରହିଛି ଜଗନ୍ନାଥ ମନ୍ଦିର । ୨୦୦୦ ମସିହା ରୁ ଜଗତର ନାଥ ଜଗନ୍ନାଥ ଙ୍କୁ ସ୍ଥାପନା କରି ଜଗନ୍ନାଥ ସଂସ୍କୃତି ର ନୀତିକାନ୍ତି ଅନୁସାରେ ଆଜକୁ ୨୪ବର୍ଷ ଧରି ପ୍ରତେହ ବିଶ୍ୱନିୟନ୍ତା ପୂଜାପାଉଥିବା ବେଳେ। ବିଗତ ୧୦ବର୍ଷ ଧରି ରଥଯାତ୍ରା ମଧ୍ୟ ପାଳିତ ହୋଇ ଆସୁଛି। ଚଳିତବର୍ଷ ଘୋଷଯାତ୍ରା ମହାଆଡମ୍ବର ରେ ପାଳନ କରାଯିବ ବୋଲି କମିଟି ସଦସ୍ୟ ମାନେ ମତ ପ୍ରକାଶ କରିଛନ୍ତି। ଶ୍ରୀଗୁଣ୍ଡିଚା ଜାତ ଅପରାହ୍ନ ୨ ଘଟିକା ଠାରୁ ଆରମ୍ଭ ହେବା ନେଇ ପୂଜକ ରବୀନ୍ଦ୍ର ପଣ୍ଡା ମତ ଦେଇଥିବା ବେଳେ । ଆଖପାଖ ଅଞ୍ଚଳ ର ଜଗନ୍ନାଥ ପ୍ରେମୀ ମାନେ ମହାପ୍ରଭୁ ଙ୍କ ପହଣ୍ଡିବିଜେ ରେ ଉପସ୍ଥିତ ରହି ବିଶ୍ୱନିୟନ୍ତା ଙ୍କ କରୁଣା ପ୍ରାପ୍ତି ହେବା ସହିତ ଘୋଷଯାତ୍ରା କୁ ଦେଖିବାର ଦିବ୍ୟ ଆନନ୍ଦିତ ହେବା ପାଇଁ କମିଟି ସଦସ୍ୟ ବସନ୍ତ ରାଉଳ, ମଧୁସୂଦନ ରାଉତ, ଶରତ କୁମାର ରାଉତ, ଶ୍ରୀଧର ବେହେରା ପ୍ରମୁଖ ମାନେ ନିବେଦନ କରିଛନ୍ତି । ଆଜକୁ ୩ ଦିନ ଧରି ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଆଉ ୪ ରୁ ୫ ଦିନ ମଧ୍ୟରେ ଚୂଡାନ୍ତ ରୂପ ରେଖ ପାଇବ ବୋଲି ମୁଖ୍ୟ ମହାରଣା ମତବ୍ୟକ୍ତ କରିଥିବା ବେଳେ ଏହି ରଥଯାତ୍ରା ପାଇଁ ପଞ୍ଚଲିଙ୍ଗେଶ୍ୱର ଦୋକାନୀ ଭାଇ ଭଉଣୀ ଏବଂ ସମସ୍ତ ହୋଟେଲ ମାଲିକ ମାନଙ୍କ ସହଯୋଗ ମଧ୍ୟ ରହିଥିବା କମିଟି ତରଫରୁ ସୂଚନା ମିଳିଛି ।



## ସଂକ୍ରମଣ ନେଇ ସ୍ୱାସ୍ଥ୍ୟ ବିଭାଗ ତତ୍ପର



**ରାଉରକେଲା,୨୦।୬(ସଂଚାର ବ୍ୟୁରୋ):** ବର୍ଷା ଋତୁରେ ଡ଼ାଇରିଆ ସଂକ୍ରମଣର ଭୟ ଥିବାରୁ ଆରଏମସିର ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଖାଦ୍ୟ ପଦାର୍ଥର ମାନ ଯାଞ୍ଚ କରାଯାଉଛି । ଏହି କ୍ରମରେ ଗତକାଲି ଉଦିତ ନଗର ଫୁଡ୍ କୋର୍ଟ ସମେତ କୋଏଲ ନଗର ଏବଂ କଳିଙ୍ଗ ବିହାରର ବିଭିନ୍ନ ହୋଟେଲ, ଚିକେନ୍ ଦୋକାନ ଏବଂ ରାସ୍ତା କଡ଼ ଖାଦ୍ୟ ଦୋକାନ ଗୁଡ଼ିକରେ ଚଢ଼ଉ କରାଯାଇ ଖାଦ୍ୟ ନମୁନା ସଂଗ୍ରହ କରାଯାଇଛି। ଖାଦ୍ୟ ବିକ୍ରେତାଙ୍କଠାରୁ ୫ଟି ଖାଦ୍ୟ ନମୁନା ଏବଂ ଗୋଟିଏ ପାଣି ନମୁନା ସଂଗ୍ରହ କରାଯାଇ ଏହାର ମାନ ନିରୂପଣ ପାଇଁ ପରୀକ୍ଷାଗାରକୁ ପଠାଯିବା ସହ ପ୍ରାୟ ୫କିଲୋଗ୍ରାମ ବାସି ଖାଦ୍ୟ ନଷ୍ଟ କରାଯାଇ ଜରିମାନା ଆଦାୟ କରାଯାଇଥିଲା। ଏଥିସହ ଦୋକାନରେ ପରିଷ୍କାର ଓ ପରିଚ୍ଛନ୍ନତା ବଜାୟ ରଖିବା ପୂର୍ବକ ତଟକା ଖାଦ୍ୟ ବିକ୍ରୟ ପାଇଁ ଦୋକାନୀଙ୍କୁ ପରାମର୍ଶ ଦିଆଯାଇଥିଲା।

## ଗାନ୍ଧୀ ନଗର ଛକରେ ବଢୁଛି ଦୁର୍ଘଟଣା, ହମ୍ପସ୍ ନିର୍ମାଣ ଦାବି




**ବ୍ରହ୍ମପୁର,୨୦।୬(ସଂଚାର ବ୍ୟୁରୋ):** ସହରର ପ୍ରମୁଖ ଗାନ୍ଧୀ ନଗର ଛକ ଏବେ ଦୁର୍ଘଟଣା ସ୍ଥଳ ପାଲଟିଛି। ପ୍ରତିଦିନ ସକାଳେ ହେଉ ବା ସନ୍ଧ୍ୟା ସମୟରେ ଛୋଟ ବଡ ଦୁର୍ଘଟଣା ମାନ ଘଟୁଛି। ଏହି ସ୍ଥାନର ଚତୁର୍ପାଶ୍ୱକୁ ରାସ୍ତା ଥିବା ବେଳେ ବିଭିନ୍ନ ସମୟରେ ଗାଡିକୁ ଗାଡି ଧକ୍କା ହୋଇ ଅନେକ ଆହତ ହେଉଥିବା ନଜର୍ କୁ ଆସିଛି। ଗୁରୁବାର ରାସ୍ତାରେ ଚାଲି ଚାଲି ଯାଉଥିବା ବେଳେ ଜଣେ ମହିଳାଙ୍କୁ ଏକ ବୁଲେଟ୍ ଧକ୍କା ଦେଇଥିଲା। ଫଳରେ ମହିଳା ଜଣକ ଆହତ ହୋଇଥିଲେ। ଘଟଣା ସ୍ଥଳରୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଅଟୋ ଜରିଆରେ ଆହତ ମହିଳାଙ୍କୁ ମେଡ଼ିକାଲ ସ୍ଥାନାନ୍ତର କରିଥିଲେ। ପରେ ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ବୁଲେଟ୍ ଚାଳକଙ୍କୁ ଥାନାକୁ ନେଇଥିବା ସୂଚନା ମିଳିଛି। ବାସ୍ତବରେ ଗାନ୍ଧୀ ନଗର ଛକ ଏକ ଜନ ବହୁଳ ଅଂଚଳ। କିନ୍ତୁ ଏହି ଛକରେ ହମ୍ପସ୍ ନଥିବାରୁ ଦୁଇ ଏବଂ ଚକିଆ ଯାନ ଗୁଡିକ ଦ୍ରୁତ ବେଗରେ ଗତି କରୁଛି। ବିଶେଷ କରି ସ୍ପିଡ଼ ବାଇକର୍ ଙ୍କ ପାଇଁ ଅନେକ ଲୋକ ଆହତ ହେଉଛନ୍ତି। ତେଣୁ ତୁରନ୍ତ ମହାନଗର ନିଗମ ପକ୍ଷରୁ ଏହି ଛକରେ ହମ୍ପସ୍ ନିର୍ମାଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବାଲିଆପାଳ, ୨୦।୬(ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ଡଗରା ପଞ୍ଚାୟତ ଜାମତକୁଲା ପଦ୍ମଲୋଚନ ସରକାରୀ ଉ:ପ୍ରା ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମନ୍ମଥ କୁମାର ବିଶ୍ୱାଳଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଜାମତକୁଲା ପଞ୍ଚମୀ ପଡିଆ ଠାରେ ପୂର୍ବାହ୍ନରେ ପ୍ରଧାନ ଶିକ୍ଷକ ଶ୍ରୀନିବାସ ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଶିକ୍ଷକ ନିତାଇ ଚରଣ ରାଉଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୂଖ୍ୟ ଅତିଥି ଭାବେ ପୂର୍ବତନ ବିଓ ସୁଧାଂଶୁ ଶେଖର ଜେନା, ମୁଖ୍ୟ ବକ୍ତା ପୂର୍ବତନ ବିଆରସିସି ପଞ୍ଚାନନ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନମିତା ପ୍ରଭା ସାମଲ, ବିଦ୍ୟାଳୟ ପ୍ରତିଷ୍ଠାତା ଦୁର୍ଯ୍ୟୋଧ ପାତ୍ର ସମନ୍ୱୟ କମିଟି ର ପୁର୍ବତନ ସଭାପତି ଆଦିତ୍ୟ କୁମାର ରାଉତ, କାର୍ଯ୍ୟରତ ସଭାପତି ବିଶ୍ୱମ୍ବର ପାତ୍ର, ସମ୍ପାଦକ ପୂର୍ଣ୍ଣେନ୍ଦୁ ଦାସ, ସମାଜସେବୀ ନିତ୍ୟାନନ୍ଦ ଜେନା ପ୍ରମୁଖ ଯୋଗଦେଇ ଶ୍ରୀ ବିଶ୍ୱାଳ ଙ୍କର ୩୫ ବର୍ଷ ଧରି ଶିକ୍ଷକତା ବୃତ୍ତି ବିଷୟରେ ଆଲେଚନା କରିବା ସହିତ କର୍ତ୍ତବ୍ୟବୋଧ, ସମାୟନୁବର୍ତ୍ତା, ମିଷ୍ଟଭାଷୀ ପରୋପକାରୀ ଏବଂ ଛାତ୍ର ବତ୍ସଳ ପାଇଁ ସେ ସମସ୍ତଙ୍କର ପ୍ରିୟ ହୋଇପାରିଛନ୍ତି କହିଥିଲେ। ଶ୍ରୀ ବିଶ୍ୱାଳ ଦୀର୍ଘ ବର୍ଷ ଧରି ବାଲିଆପାଳ ବ୍ଲକରେ ଶିକ୍ଷକ ସମନ୍ୱୟର ସଭାପତି ଭାବେ କାର୍ଯ୍ୟରେ ରହି ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ମଧ୍ୟ ପ୍ରୀୟଭାଜନ ହୋଇପାରିଛନ୍ତି। ଏହି ଅବସରରେ ଶିକ୍ଷକ, ଶିକ୍ଷୟିତ୍ରୀ ପରିଚାଳନା କମିଟି, ଛାତ୍ର ଛାତ୍ରୀ ଏବଂ ଗ୍ରାମବାସୀ ମାନେ ଉପସ୍ଥିତି ଥିଲେ। ଶୋକାକୁଳ ପରିବେଶ ମଧ୍ୟରେ ବିଦାୟ ଶିକ୍ଷକଙ୍କୁ ସମ୍ବୋର୍ଦ୍ଧନା ଦିଆଯାଉଥିଲା। ଶିକ୍ଷକ ସୁବାସ ଚନ୍ଦ୍ର ଭଞ୍ଜ ଧନ୍ୟବାଦ୍ ପ୍ରଦାନ କରିଥିଲେ।





# ବିଜ୍ଞାନ



# କମିଚାଲିଛି ଆଇକ୍ୟୁ

**ବିଂଶ ଶତାବ୍ଦୀର ଅଧିକାଂଶ ଭାଗରେ ଆଇକ୍ୟୁ ସ୍କୋର୍ ପ୍ରତି ଦଶନ୍ଧିରେ ପ୍ରାୟ ୩ ପଏଣ୍ଟ୍ ବୃଦ୍ଧି ପାଇଥିବା ବେଳେ ଗତ ୩୦ ବର୍ଷ ଭିତରେ ତାହା ହ୍ରାସ ପାଇବାରେ ଲାଗିଛି। ଉଚ୍ଚ ଆଇକ୍ୟୁସଂପନ୍ନ ବ୍ୟକ୍ତି ଏଭଳି କାର୍ଯ୍ୟ ପ୍ରତି ଢଳିଥାଆନ୍ତି ନା ଜ୍ଞାନଗତ ଜଟିଳ କାର୍ଯ୍ୟରେ ମଗ୍ନ ଥିବା ବ୍ୟକ୍ତିଙ୍କର ଆଇକ୍ୟୁରେ ଉନ୍ନତି ଘଟିଥାଏ, ତାହା ସ୍ପଷ୍ଟ ହୋଇପାରିନାହିଁ**

ଇଣ୍ଟେଲିଜେଣ୍ଟ୍ କୋସେଣ୍ଟ୍ ବା 'ଆଇକ୍ୟୁ'କୁ ବୁଦ୍ଧିମତାର ଏକ ବିଶ୍ୱସ୍ତ ପରିମାପକ ଭାବେ ଗ୍ରହଣ କରାଯାଏ। ଗତ ତିନି ଦଶନ୍ଧିରେ ଲୋକମାନଙ୍କର ହାରାହାରି ଆଇକ୍ୟୁ ସ୍କୋର୍ କମିବାରେ ଲାଗିଛି ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି।

ଅନେକ ସଚେତନ ବ୍ୟକ୍ତି ଆଇକ୍ୟୁ ପରୀକ୍ଷଣକୁ ପସନ୍ଦ କରିନଥା'ନ୍ତି। ତାହା କାଳେ ମନରେ ବିରକ୍ତିଭାବ ତଥା ହୀନମନ୍ୟତା ସୃଷ୍ଟି କରିଥାଏ ବୋଲି ସେମାନେ ଯୁକ୍ତି କରିଥା'ନ୍ତି। ବିଶେଷ କରି ଏଭଳି ପରୀକ୍ଷାରେ କୃତକାର୍ଯ୍ୟ ହୋଇ ପାରୁନଥିବା ଶିଶୁମାନେ ଅନ୍ୟମାନଙ୍କ ତୁଳନାରେ ଉତ୍ତମ ମାଧ୍ୟମିକ ଶିକ୍ଷାରୁ ବଞ୍ଚିତ ହୋଇଥା'ନ୍ତି ଯାହା ସେମାନଙ୍କୁ ଜୀବନ ତମାମ ନାନା ସୁବିଧାରୁ ଦୂରେଇ ରଖିଥାଏ ବୋଲି ସେମାନଙ୍କର ଧାରଣା।

ଶୈଶବାବସ୍ଥାରେ ଏପରି ବୁଦ୍ଧିମତ୍ତା ପରୀକ୍ଷାର ଫଳାଫଳ ସେମାନଙ୍କ ଭବିଷ୍ୟତ ଜୀବନର ସମଗ୍ର ଗୁଣ ଓ କୌଶଳକୁ ଠିକ୍‌ରେ ପ୍ରତିନିଧିତ୍ୱ କରିପାରେନି ବୋଲି ମଧ ଅନେକ ଭାବିଥା'ନ୍ତି। ତେବେ ଏହି ବୁଦ୍ଧିମତ୍ତା ପରୀକ୍ଷା କେତେ ଉପଯୋଗୀ ଏବଂ ଏଥିରେ କେଉଁ କୌଶଳ ତଥା ଗୁଣର ଅଭାବ ରହିଛି, ସେ ବାବଦରେ ଆଲୋଚନା କରିବା।

ଗବେଷକମାନଙ୍କ କହିବାନୁଯାୟୀ, ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରେ ଉଚ୍ଚ ଆଇକ୍ୟୁ ସ୍ତର ଥିବା ଲୋକେ ଜଟିଳ ଉପନ୍ୟାସ ପଢ଼ିବା କିମ୍ବା ବାଦ୍ୟଯନ୍ତ୍ର ଶିଖିବା ପରି ଅଧିକ ବୌଦ୍ଧିକ ଉତ୍ସାହଜନକ କାର୍ଯ୍ୟରେ ନିୟୋଜିତ ଥିଲେ। ତେବେ ଉଚ୍ଚ ଆଇକ୍ୟୁସଂପନ୍ନ ବ୍ୟକ୍ତି ଏଭଳି କାର୍ଯ୍ୟ ପ୍ରତି ଢଳିଥାଆନ୍ତି ନା ଜ୍ଞାନଗତ ଜଟିଳ କାର୍ଯ୍ୟରେ ମଗ୍ନ ଥିବା ବ୍ୟକ୍ତିଙ୍କର ଆଇକ୍ୟୁ ମାନରେ ଉନ୍ନତି ଘଟିଥାଏ, ତାହା ସ୍ପଷ୍ଟ ହୋଇପାରିନାହିଁ। ସେହିପରି ଯେଉଁମାନେ ସ୍କୁଲ୍‌ରେ ନାମଲେଖା ପାଇଁ ଆଇକ୍ୟୁ ଶୈଳୀର ପ୍ରବେଶିକା ପରୀକ୍ଷା ଦେଇଥା'ନ୍ତି, ସେମାନଙ୍କର ମଧ ଏଭଳି ଅନେକ ଗୁଣ ରହିଥାଏ ଯାହା ଆଇକ୍ୟୁ ପରୀକ୍ଷଣରେ ମପାଯାଇନଥାଏ। ଅନୁଧାନ ଅନୁଯାୟୀ, ବିଂଶ ଶତାବ୍ଦୀର ଅଧିକାଂଶ ଭାଗରେ ଆଇକ୍ୟୁ ସ୍କୋର୍ ପ୍ରତି ଦଶନ୍ଧିରେ ପ୍ରାୟ ୩ ପଏଣ୍ଟ୍ ବୃଦ୍ଧି ପାଇଥିବା ବେଳେ ଗତ ୩୦ ବର୍ଷ ଭିତରେ ତାହା ହ୍ରାସ ପାଇବାରେ ଲାଗିଛି। ଏହା ଆଧୁନିକ ଜୀବନର ଜଟିଳତା କିମ୍ବା ସ୍କୁଲ ପାଠ୍ୟକ୍ରମର ପରିବର୍ତ୍ତନକୁ ପ୍ରତିଫଳିତ କରୁଛି ବୋଲି ଅନେକ ଯୁକ୍ତି କରନ୍ତି।

# କ୍ରେଡିଟ୍ ସ୍କୋର କ'ଣ? ଋଣ ପାଇଁ କାହିଁକି ଜରୁରି?

ଏବେ ପରୀକ୍ଷାର ଋତୁ। ଛାତ୍ରଛାତ୍ରୀ ଓ ଅଭିଭାବକ ପରୀକ୍ଷାର 'ସ୍କୋର'କୁ ନେଇ ଚିନ୍ତିତ, କାରଣ ତାହା ହିଁ ଛାତ୍ରଛାତ୍ରୀଙ୍କର ଆଗକୁ ବଢ଼ିବାର ଯୋଗ୍ୟତା ନିରୂପଣ କରିବ। କିନ୍ତୁ ଆମେ ଯେଉଁ କ୍ରେଡିଟ୍ ସ୍କୋର୍ କଥା ଆଲୋଚନା କରୁଛେ, ତାହା ଋଣ ଉଠାଇବାର ଯୋଗ୍ୟତା ନିରୂପଣ କରିଥାଏ। ଅନ୍ୟ ଭାଷାରେ କହିଲେ ଜଣେ ବ୍ୟକ୍ତିଙ୍କର 'କ୍ରେଡିଟ୍ ସ୍କୋର' ତାଙ୍କର ଆର୍ଥିକ ସ୍ଥିତି ବା ଋଣ ହାସଲ କରିବା ପାଇଁ ଯୋଗ୍ୟତାର ଏକ ସୂଚକାଙ୍କ।

ଜଣେ ବ୍ୟକ୍ତିର 'କ୍ରେଡିଟ୍ ସ୍କୋର' ନିରୂପଣ କରିବା କାମ କ୍ରେଡିଟ୍ ବ୍ୟୁରୋ (କ୍ରେଡିଟ୍ ଇନ୍‌ଫରମେସନ୍ କମ୍ପାନିମାନେ) କରନ୍ତି। ସେମାନେ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିର୍ଦ୍ଧାରିତ ନିର୍ଦ୍ଦେଶାବଳୀ ଅନୁସାରେ କାର୍ଯ୍ୟ କରିଥାଆନ୍ତି। ଏବେ ଏହି ପ୍ରକାରର ୪ଟି ବ୍ୟୁରୋ କାମ କରୁଛି। ସେମାନେ ହେଲେ- 'ଟ୍ରାନ୍ସ ୟୁନିଅନ୍ ସିବିଲ୍', 'ଏକ୍ସପେରିଆନ', 'ଇକ୍ୱିଫାକ୍ସ' ଓ 'ସିଆର୍‌ଆଇଏଫ୍-ହାଇମାର୍କ'। ଏମାନେ ଯେ କୌଣସି ବ୍ୟକ୍ତିର ଋଣ ଯୋଗ୍ୟତା ସୂଚକାଙ୍କ ବା କ୍ରେଡିଟ୍ ସ୍କୋର ନିରୂପଣ କରନ୍ତି। ଏହି ସ୍କୋର ନିରୂପଣ କରିବା ପାଇଁ ବ୍ୟବହୃତ ହେଉଥିବା ପ୍ରସଙ୍ଗଗୁଡ଼ିକ ହେଲା ଋଣ ପରିଶୋଧର ଇତିହାସ, ବକେୟା ଋଣ, ଋଣ ବିନିଯୋଗ ତଥା କେଉଁ ପ୍ରକାର ଋଣରେ ରୁଚି ରଖନ୍ତି ଇତ୍ୟାଦି।

ଜଣେ ବ୍ୟକ୍ତି ଠିକ୍ ସମୟରେ ଋଣ ପରିଶୋଧ କରୁଛନ୍ତି ନା ନାହିଁ ବା ତାଙ୍କ ଆୟ ତୁଳନାରେ ଋଣର ପରିମାଣ କେତେ ଅଧିକ, ସେସବୁ ବିଚାରକୁ ନେଇ କ୍ରେଡିଟ୍ ବ୍ୟୁରୋ ତାଙ୍କର କ୍ରେଡିଟ୍ ସ୍କୋର ନିରୂପଣ କରନ୍ତି। ନୂଆ ଋଣଟିଏ ନେବା ପାଇଁ ଆବେଦନ କଲେ ଋଣ ଦେଉଥିବା ସଂସ୍ଥା ପ୍ରଥମେ ସମ୍ପୃକ୍ତ ବ୍ୟକ୍ତିଙ୍କର କ୍ରେଡିଟ୍ ସ୍କୋର ଦେଖନ୍ତି।

କ୍ରେଡିଟ୍ ବ୍ୟୁରୋ ବିଭିନ୍ନ ଅଧିକୃତ ବିତ୍ତୀୟ ସଂସ୍ଥାଠାରୁ ଆର୍ଥିକ କାରବାରର ତଥ୍ୟ ସଂଗ୍ରହ କରିବା ପାଇଁ ଅନୁମତି ପାଇଥିବାରୁ ସେମାନେ ସହଜରେ ଯେ କୌଣସି ବ୍ୟକ୍ତିଙ୍କର



ବ୍ୟାଙ୍କ ଋଣ, କ୍ରେଡିଟ୍ କାର୍ଡ ବ୍ୟବହାରର ଇତିହାସ ତଥା ଓଭରଡ୍ରାଫ୍‌ଟ ଆଦିର ତଥ୍ୟ ସଂଗ୍ରହ କରିପାରନ୍ତି। ଜଣେ ବ୍ୟକ୍ତି ଠିକ୍ ସମୟରେ ଋଣ ପରିଶୋଧ କରୁଛନ୍ତି ନା ନାହିଁ ବା ତାଙ୍କ ଆୟ ତୁଳନାରେ ଋଣର ପରିମାଣ କେତେ ଅଧିକ, ସେସବୁ ବିଚାରକୁ ନେଇ କ୍ରେଡିଟ୍ ବ୍ୟୁରୋ ତାଙ୍କର କ୍ରେଡିଟ୍ ସ୍କୋର ନିରୂପଣ କରନ୍ତି। ଏହା ଏକ ତିନି ଅଙ୍କ ବିଶିଷ୍ଟ ସଂଖ୍ୟା, ଯାହାକି ସାଧାରଣତଃ ୩୦୦ରୁ ୯୦୦ ମଧ୍ୟରେ ହୋଇଥାଏ। ଜଣେ ବ୍ୟକ୍ତି ନୂଆ ଋଣଟିଏ ନେବା ପାଇଁ କୌଣସି ସଂସ୍ଥାକୁ ଆବେଦନ କଲେ ଋଣ ଦେଉଥିବା ସଂସ୍ଥା ପ୍ରଥମେ ସମ୍ପୃକ୍ତ ବ୍ୟକ୍ତିଙ୍କର କ୍ରେଡିଟ୍ ସ୍କୋର ଦେଖିନିଅନ୍ତି। ୮୫୧ରୁ ୯୦୦ ସ୍କୋର ସର୍ବୋତ୍ତମ, ୭୫୧ରୁ ୮୫୦ ସ୍କୋର ଉତ୍ତମ ତଥା ୬୫୧ରୁ ୭୫୦ ସ୍କୋରକୁ ଚଳନୀୟ ରୂପେ ଗ୍ରହଣ କରାଯାଇଥାଏ। ୩୦୦ରୁ ୫୦୦ ପର୍ଯ୍ୟନ୍ତ ସ୍କୋର ଅତି ଦୁର୍ବଳ ଓ ୫୦୧ରୁ ୬୫୦ ସ୍କୋରକୁ ଦୁର୍ବଳ ବୋଲି ଗ୍ରହଣ କରାଯାଏ।

**କ୍ରେଡିଟ ସ୍କୋର ବଢ଼ାଇବା ପାଇଁ କ'ଣ କରିବେ:**

- ଋଣର ଇଏମ୍‌ଆଇ ଧାର୍ଯ୍ୟ ସମୟ ମଧ୍ୟରେ ପରିଶୋଧ କରନ୍ତୁ।
- ଧାର୍ଯ୍ୟ ଋଣ ସୀମା ମଧ୍ୟରେ ଟଙ୍କା ଉଠାଣକୁ ସୀମିତ ରଖନ୍ତୁ।
- ସୁରକ୍ଷିତ ଋଣ (ଗୃହ ଋଣ ଓ ବାହନ ଋଣ ଆଦି) ତଥା ଅସୁରକ୍ଷିତ ଋଣ (ବ୍ୟକ୍ତିଗତ ଋଣ ଓ କ୍ରେଡିଟ କାର୍ଡ ଉଠାଣ ଆଦି) ମଧ୍ୟରେ ସନ୍ତୁଳନ ରଖନ୍ତୁ।
- ପ୍ରତି ଆବଶ୍ୟକତା ପାଇଁ ବାରମ୍ବାର ନୂଆନୂଆ ଋଣ ନେବାରୁ କ୍ଷାନ୍ତ ରୁହନ୍ତୁ।
- ଅନ୍ୟ କାହାର ଋଣ ପାଇଁ ଜିମାଦାର ରହିଥିଲେ, ସେହି ଋଣର ପରିଶୋଧ ଉପରେ ନଜର ରଖନ୍ତୁ।
- ମଝିରେ ମଝିରେ ନିଜର ବ୍ୟକ୍ତିଗତ କ୍ରେଡିଟ୍ ସ୍କୋର ଯାଞ୍ଚ କରି ନିଅନ୍ତୁ।

# ବଜାରରେ ହିରୋ ମାଭ୍ରିକ୍ ୪୪୦

ଏବେ ବଜାରକୁ ଆସିଛି ହିରୋ କମ୍ପାନିର ନୂଆ ଷ୍ଟ୍ରିଟ୍ ବାଇକ୍ ମାଭ୍ରିକ୍ ୪୪୦। ଏହା ହେଉଛି ହିରୋର ଟପ୍ ଓ ଲାଟେଷ୍ଟ ଡିଜାଇନ୍‌ର ମଡେଲ୍। ହାର୍ଲେ-ଡାଭିଡ୍‌ସନ୍ ଏକ୍ସ ୪୪୦ ଶୈଳୀରେ ନିର୍ମିତ ଏହି ବାଇକ୍ ୩ଟି ଭାରିଆଣ୍ଟ୍ ଓ ୫ ପ୍ରକାର ରଙ୍ଗରେ ଉପଲବ୍ଧ। ମାଭ୍ରିକ୍ ୪୪୦ ବେସ୍ ମଡେଲ୍‌ର ଏକ୍ସ ସୋ'ରୁମ୍ ମୂଲ୍ୟ ୨,୩୨,୪୨୧ ଟଙ୍କା, ମାଭ୍ରିକ୍ ୪୪୦ ମିଡ୍ ମଡେଲ୍‌ର ଏକ୍ସ ସୋ'ରୁମ୍ ମୂଲ୍ୟ ୨,୪୮,୬୩୧ ଟଙ୍କା, ମାଭ୍ରିକ୍ ୪୪୦ ଟପ୍ ମଡେଲ୍‌ର ଏକ୍ସ ସୋ'ରୁମ୍ ମୂଲ୍ୟ ୨,୫୯,୪୩୭ ଟଙ୍କା ରହିଛି। ମାଭ୍ରିକ୍ ୪୪୦ ଆର୍କଟିକ୍ ହ୍ୱାଇଟ୍, ଫିୟର୍‌ଲେସ୍ ରେଡ୍, ସେଲେଷ୍ଟିଆଲ୍ ବ୍ଲୁ, ଫାଣ୍ଟମ୍ ବ୍ଲାକ୍, ଏନିଗ୍‌ମା ବ୍ଲାକ୍ ପରି ୫ଟି ରଙ୍ଗରେ ବଜାରକୁ ଆସିଛି। ଏଥିରେ ୪୪୦ ସିସି କ୍ଷମତାର ଇଞ୍ଜିନ, ୧୩.୫ ଲିଟର ଫୁଏଲ୍ ଟ୍ୟାଙ୍କ୍ ରହିଥିବା ବେଳେ ଏହାର ଓଜନ ହେଉଛି ୧୯୧ କିଲୋଗ୍ରାମ୍। ୩୨୦ ମିଲିମିଟର୍ ଫ୍ରଣ୍ଟ୍ ଓ ଡୁଆଲ୍ ଚ୍ୟାନେଲ୍ ଏବିଏସ୍ ସହିତ ୨୪୦ ମିଲିମିଟର୍‌ର ରିୟର ଡିସ୍କ ବ୍ରେକ୍ ଓ ୬ ସ୍ପିଡ୍ ଗିୟର୍ ବକ୍ସ୍ ବି ରହିଛି। ଏହାସହ ଏଥିରେ ସ୍ମାର୍ଟଫୋନ୍ କନେକ୍ଟିଭିଟି ସହ ସମ୍ପୂର୍ଣ୍ଣ ଡିଜିଟାଲ୍ ଇନଷ୍ଟ୍ରୁମେଣ୍ଟ୍ କ୍ଲଷ୍ଟର୍ ରହିଛି ଏବଂ ସି-ଟାଇପ୍ ଚାର୍ଜର୍ ପୋର୍ଟ ମଧ ରହିଛି। ମାଭ୍ରିକ୍ ୪୪୦ ଗ୍ରାହକମାନଙ୍କ ପସନ୍ଦଯୋଗ୍ୟ ହେବ ବୋଲି କମ୍ପାନି ଦାବି କରିଛି। ହିରୋ ମାଭ୍ରିକ୍ ୪୪୦ ହାର୍ଲେ-ଡାଭିଡ୍‌ସନ୍ ଏକ୍ସ୪୪୦, ଟ୍ରାଇମ୍ଫ୍ ସ୍ପିଡ୍ ୪୦୦ ଓ ରୟାଲ୍ ଏନ୍‌ଫିଲ୍ଡ କ୍ଲାସିକ୍ ୩୫୦ ସହ ବଜାରରେ ପ୍ରତିଦ୍ୱନ୍ଦ୍ୱିତା କରିବ।




# ଆସୁଛି ସାମସଙ୍ଗ୍‌ର 'ଗାଲାକ୍ସି ରିଙ୍ଗ୍'



ସମ୍ପ୍ରତି ବାର୍ସିଲୋନା ଠାରେ ଚାଲିଥିବା ମୋବାଇଲ୍ ବିଶ୍ୱ କଂଗ୍ରେସ-୨୦୨୪ ମଞ୍ଚରେ ସାମ୍‌ସଙ୍ଗ କମ୍ପାନି ନିଜର ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ଚକିତ କରି ଏହାର ଏକ ସଦ୍ୟତମ ଉତ୍ପାଦର ବଜାର ପ୍ରବେଶ କରାଇଛି। 'ସାମ୍‌ସଙ୍ଗ ଗାଲାକ୍ସି ରିଙ୍ଗ୍' ନାମକ ଏହି ଉପକରଣ ଆଙ୍ଗୁଠିରେ ମୁଦି ପରି ଧାରଣ କରିବାକୁ ଉଦ୍ଦିଷ୍ଟ ଥିବା ବେଳେ ଏହା ହୃତ୍‌ସ୍ପନ୍ଦନ ନିରୀକ୍ଷଣ କରିବା ସହ ଶରୀର ତାପମାତ୍ରା, ରକ୍ତ ଚାପ ଆଦି ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟଭିତ୍ତିକ ଉପାଦାନ ସମ୍ପର୍କରେ ସଠିକ୍ ସୂଚନା ଦେଇପାରିବ। ସ୍ୱାସ୍ଥ୍ୟ ସଚେତନ ଗ୍ରାହକମାନଙ୍କ ପାଇଁ ଏହା ଏକ ଅପରିହାର୍ଯ୍ୟ ସୌଖୀନ ଉପକରଣ ହେବ ବୋଲି କମ୍ପାନି ଆଶାବାଦୀ ରହିଛି। ତିନିଟି ବିଶେଷ ରଙ୍ଗରେ ଉପଲବ୍ଧ ହେବାକୁ ଥିବା ଏହି ମୁଦି ସହ ଜଡ଼ିତ ଜ୍ଞାନକୌଶଳ ବାବଦରେ କମ୍ପାନି ପକ୍ଷରୁ କୌଣସି ସବିଶେଷ ସୂଚନା ଦିଆଯାଇନାହିଁ। ତେବେ ଏଥିରେ ଚବିଶ ଘଣ୍ଟିଆ ହୃତ୍‌ସ୍ପନ୍ଦନ ହାର ମପାଯାଇପାରିବା ସହ ରକ୍ତରେ ଅମ୍ଳଜାନ ସାନ୍ଦ୍ରତା ପରିମାଣ (ଏସ୍‌ପିଓ୨), ନିଦ୍ରା ନିରୀକ୍ଷଣ ଓ ରକ୍ତଚାପ ନିରୀକ୍ଷଣ ଆଦି ସୁବିଧା ଉପଲବ୍ଧ ବୋଲି କୁହାଯାଇଛି। ଏତେ ବୈଶିଷ୍ଟ୍ୟ ଥିବା ଏହି ନିଆରା ମୁଦିର ବଜାର ମୂଲ୍ୟ ଘୋଷଣା କରାଯାଇନାହିଁ।

**ଏଥିରେ ଚବିଶ ଘଣ୍ଟିଆ ହୃତ୍‌ସ୍ପନ୍ଦନ ହାର ମପାଯାଇପାରିବା ସହ ରକ୍ତରେ ଅମ୍ଳଜାନ ସାନ୍ଦ୍ରତା ପରିମାଣ (ଏସ୍‌ପିଓ୨), ନିଦ୍ରା ନିରୀକ୍ଷଣ, ଶରୀର ତାପମାତ୍ରା ଓ ରକ୍ତଚାପ ନିରୀକ୍ଷଣ ଆଦି ସୁବିଧା ଉପଲବ୍ଧ**

# ଜିନ୍-ଏଡିଟିଂ ପରେ ବୁଢ଼ିଆଣି ବୁଣୁଛି ଉଜ୍ଜ୍ୱଳ ଜାଲ



ଜର୍ମାନିର ବେରୁଥ୍ ବିଶ୍ୱବିଦ୍ୟାଳୟର ବାୟୋମାଟେରିଆଲ୍‌ସ ବୈଜ୍ଞାନିକମାନେ ଜିନ୍-ଏଡିଟିଂ ପ୍ରଯୁକ୍ତି ଦ୍ୱାରା ଏଭଳି ଏକ ବୁଢ଼ିଆଣି ପ୍ରଜନନ କରିବାରେ ସଫଳ ହୋଇଛନ୍ତି ଯାହାର ଜାଲ ଅନ୍ଧାରରେ ଉଜ୍ଜ୍ୱଳ ଲାଲ ରଙ୍ଗ ଉତ୍ପନ୍ନ କରୁଛି। ବୈଜ୍ଞାନିକମାନଙ୍କର ଏହି ଉପଲବ୍ଧି ଡିଜାଇନର୍ ଜାଲ ତନ୍ତୁ ପ୍ରସ୍ତୁତି ଦିଗରେ ଏକ ଉଲ୍ଲେଖନୀୟ ସଫଳତା।

ଗବେଷକମାନେ 'କ୍ରିସ୍ପର୍-କାସ୍୯' ଜିନ୍-ଏଡିଟିଂ ପ୍ରଣାଳୀ ବ୍ୟବହାର କରି, ମାଙ୍କଡ଼ସାର ସିଲ୍‌କ-ପ୍ରୋଟିନ୍ ଡିଏନ୍‌ଏରେ ଏକ ଫ୍ଲୋରୋସେଣ୍ଟ୍ ମାର୍କର୍ ଜିନ୍ ପ୍ରବେଶ କରାଇଥିଲେ ଏବଂ ଶିଶୁ ମାଙ୍କଡ଼ସାମାନେ ଲାଲ ସୂତା ଉତ୍ପାଦନ କରିବା ପରେ ଉକ୍ତ ଜିନ୍-ଏଡିଟିଂ ସୁଫଳ ଦେଇଥିବା ସେମାନେ ନିଶ୍ଚିତ ହୋଇଥିଲେ। ଉଲ୍ଲେଖଯୋଗ୍ୟ, ମାଙ୍କଡ଼ସାମାନଙ୍କ ଦ୍ୱାରା ଉତ୍ପନ୍ନ ଡ୍ରାଗଲାଇନ୍ ରେଶମ ସୂତା ପୂର୍ବରୁ ଅନେକ ମାନବ ନିର୍ମିତ ତନ୍ତୁକୁ ପଛରେ ପକାଇ ଦେଇଛି। କାରଣ ଏହା ଖୁବ୍ ଶକ୍ତ ଓ ନମନୀୟ। ଏହାର ଓଜନ ମଧ ବହୁତ କମ୍ ଏବଂ ଏହା ସହଜରେ ପ୍ରକୃତିରେ ମିଶିଯାଇଥାଏ। ଏହାର ଆଣବିକ ସଂରଚନାକୁ ଇଚ୍ଛାନୁସାରେ ପରିବର୍ତ୍ତନ କରାଯାଇପାରିଲେ ଭବିଷ୍ୟତର ସୂତାଗୁଡ଼ିକ ଆଣ୍ଟିମାଇକ୍ରୋବାୟଲ୍ କାର୍ଯ୍ୟକଳାପ ଠାରୁ ଆରମ୍ଭ କରି ବିଦ୍ୟୁତ୍ ପରିବହନ ଭଳି ଅନେକ କାର୍ଯ୍ୟ କରିପାରିବ ବୋଲି ଗବେଷକମାନେ ଆଶାବାନ ଅଛନ୍ତି।

ସଂଚାର SANCHAR

# ଡାହିବାଡି ହାଟ ପିଣ୍ଡି ନିର୍ମାଣରେ ଅନିୟମିତତା

## ଜିଲ୍ଲାପାଳଙ୍କୁ ଦ୍ୱିତୀୟ ଥର ଅଭିଯୋଗ, ଭିଜିଲାନ୍ସ ତଦନ୍ତ କରିବାକୁ ଦାବି



**ବୈଶିଙ୍ଗା,୨୦।୬ (ସଂଚାର ବ୍ୟୁରୋ):** ବୈଶିଙ୍ଗା ପଞ୍ଚାୟତ ଅଧିନ ଡାହିବାଡି ହାଟରେ ୪୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣାଧିନ ପକ୍କା ପିଣ୍ଡି ଅତି ନିମ୍ନମାନର ହେଉଥିବା ଦର୍ଶାଇ ସମାଜସେବୀ ସୀତାକାନ୍ତ ମହାପାତ୍ର ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ତଦନ୍ତ ପାଇଁ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଆଧାର କରି ବିଭିନ୍ନ ସମ୍ବାଦପତ୍ରରେ ଖବର ପୃଷ୍ଠା ମଣ୍ଡନ କରିଥିଲା । ଠିକାଦାର ଭାବେ କାର୍ଯ୍ୟନିର୍ବାହୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ଅଧିକାରୀ ଙ୍କୁ ଫୋନ ଯୋଗେ ସାମ୍ବାଦିକ ମାନେ ଯୋଗାଯୋଗ କରିବା ପରେ ସେ କହିଲେ " କାର୍ଯ୍ୟ ତଦାରଖ ପାଇଁ ଜେଇ କମଲ ଟୁଡୁ, ଏଇଇ ଗୁରୁଚରଣ ସିଂ ତଥା ବେତନଟୀ ବ୍ଲକ ଏଇଇ ସୌମ୍ୟାଶ୍ରୀ ଭୋଇ ଙ୍କୁ ଦାୟିତ୍ୱ ଦେଇଛି"। କେମିତି ଭଲ କାମ ହେବ ସେଥିପାଇଁ ମୁଁ ଏବଂ ଜିଲ୍ଲାପାଳ ମଧ୍ୟ ତଦାରଖ କରିଛୁଁ କ୍ଷ ତେବେ ଅଭିଯୋଗ କାରୀ ଶ୍ରୀ ମହାପାତ୍ର କଣ ଜଣେ ଟେକନିକାଲ ବ୍ୟକ୍ତି କି ସେ ନିମ୍ନମାନର ବୋଲି ଅଭିଯୋଗ କରିପାରିବେ "କ୍ଷଯଦି ଆଇ ଟି ଡି ଏ ପ୍ରତି ତାଙ୍କର ଭରଷା ନାହିଁ ତେବେ ମୋର ହାଇକମାଣ୍ଡ ଜିଲ୍ଲାପାଳ ଙ୍କୁ ପୁନର୍ବାର ତଦନ୍ତ ପାଇଁ ଅଭିଯୋଗ କରିବା ସହିତ ଅନ୍ୟ ଏଜେନ୍ସି କୁ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଅନ୍ତୁ ନୋଚେତ ମୁଁ କାମ ବନ୍ଦ କରିଦେବି " । ଏଥିପାଇଁ ଶ୍ରୀ ମହାପାତ୍ର ପୁନର୍ବାର ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ ହାଟର ଉନ୍ନତି ପାଇଁ କାର୍ଯ୍ୟର ଆବଶ୍ୟକତା ଜରୁରୀ ମାତ୍ର ନିମ୍ନମାନର କାର୍ଯ୍ୟ ନ ହେବା ଆହୁରି ଭଲ। ଏହି ଅଭିଯୋଗ ପାଇବା ପରେ ଯଦି ସଠିକ୍ ତଦନ୍ତ କରା ନ ଯାଏ ତେବେ ସେ ଆଇନ ର ଆଶ୍ରୟ ନେବା ସହିତ ଭିଜିଲାନ୍ସ ର ଦ୍ୱାରସ୍ଥ ହେବାକୁ ବାଧ୍ୟ ହେବେ ।

# ପୋଲ ନିର୍ମାଣ ପାଇଁ ଗ୍ରାମବାସୀଙ୍କ ଦାବି



**କନ୍ଧମାଳ,୨୦।୬ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଜାଜେଶପାଙ୍ଗା ଛକ ଠାରୁ ରାଙ୍ଗାପାଙ୍ଗା ରାସ୍ତା ନିକଟ ପୋଲ ଭାଙ୍ଗି ଯିବାରୁ ଅଞ୍ଚଳ ବାସୀ ଗମନାଗମନ ପାଇଁ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଅଞ୍ଚଳ ବାସୀ ଙ୍କ ଅଭିଯୋଗ ମୁତାବକ ଗତ ଲଗାଇ ବର୍ଷା ରେ ପୋଲ ଭୁଶୁଡ଼ି ଯିବାରୁ ଗମନାଗମନ ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆଜି ସୁଦ୍ଧା ମରାମତି କିମ୍ବା ନୂତନ ପୋଲ ନିର୍ମାଣ ହୋଇପାରି ନଥିବା କହିଛନ୍ତି ଅଞ୍ଚଳ ବାସୀ । ଦିର୍ଘ ୫ ବର୍ଷ ଧରି ପୋଲ ନିର୍ମାଣ ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦାବି କରିଛନ୍ତି କିନ୍ତୁ ଏଯାଏଁ ତାହା ମରାମତି ହୋଇପାରି ନାହିଁ । ଯାହା ଫଳରେ ପଞ୍ଚାୟତ କାର୍ଯ୍ୟାଳୟ କିମ୍ବା ଛାତ୍ରଛାତ୍ରୀ ବିଦ୍ୟାଳୟ ଯିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିବା କହିଛନ୍ତି ଗ୍ରାମବାସୀ । ତେଣୁ ବାଧ୍ୟ ହୋଇ ସମସ୍ତ ଗ୍ରାମ ବାସୀ ଏକତ୍ରିତ ହୋଇ ଭୁଶୁଡ଼ି ଯାଇଥିବା ପୋଲ ଉପରେ କାଠ ପକେଇ ଯାତାୟତ କରୁଥିବା କହିଛନ୍ତି ଅଞ୍ଚଳ ବାସୀ । ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଆକର୍ଷଣ କରିବା ସହ ନୂତନ ପୋଲ ନିର୍ମାଣ ପାଇଁ ଭୂଇଁଆ କହଁର, ବିଶ୍ୱାମିତ୍ର କହଁର, ରମାନନ୍ଦ କହଁର, ବୋଇତ କହଁର, ଜଳନ୍ଦର କହଁର, ଶକ୍ତି ପାତ୍ର, ସାନ୍ତୁନ କହଁର, କରୁଣା କର ବେହେରା ସମେତ ଗ୍ରାମ ବାସୀ ଦାବି କରିଛନ୍ତି ।

# ଅବ୍ୟବସ୍ଥା ଘେରରେ ଜୁନାଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ




**କଳାହାଣ୍ଡି,୨୦।୬(ସଂଚାର ବ୍ୟୁରୋ):** ରାଜ୍ୟର ଅନ୍ୟତମ ପୁରାତନ ବିଜ୍ଞାପିତ ଅଞ୍ଚଳ ପରିଷଦ କଳାହାଣ୍ଡି ର ଜୁନାଗଡ଼।୧୯୭୦ ମସିହାରୁ ପ୍ରତିଷ୍ଠିତ ଏହି ଏନଏସି ସଂପ୍ରତି ଅବ୍ୟବ୍ୟସ୍ଥା ଘେରରେ ଚାଲିଥିବା ବେଳେ ଜନସାଧାରଣ ବ୍ୟାପକ ହଇରାଣ ହେଉଥିବା ଅଭିଯୋଗ ହେଉଛି।କାର୍ଯ୍ୟ ନିର୍ବାହୀ ଅଧିକାରୀ ଉଭୟ ଧର୍ମଗଡ଼ ଓ ଜୁନାଗଡ଼ ଦାୟିତ୍ୱରେ ଥିବାବେଳେ, ବିଭିନ୍ନ କାର୍ଯ୍ୟ ଯୋଗୁଁ ଲୋକେ କାର୍ଯ୍ୟାଳୟକୁ ଆସୁଥିଲେ ହେଁ, ତାଙ୍କୁ ନ ପାଇଁ ହଇରାଣ ହେଉଛନ୍ତି।ଜୁନାଗଡ଼ ରେ ଖୋଜିଲେ ଧର୍ମଗଡ଼ ଆଉ ଧର୍ମଗଡ଼ ରେ ଖୋଜିଲେ ଜୁନାଗଡ଼ କିନ୍ତୁ ମୋବାଇଲ ସ୍ୱିଚ ଅଫ କରି ଅଫିସର କେଉଁଠି ଅଛନ୍ତି ଷ୍ଟାଫ ମଧ୍ୟ ଜାଣିନାହାନ୍ତି । ସମ୍ପ୍ରତି ଡାଇରିଆକୁ ନେଇ ସମଗ୍ର ରାଜ୍ୟରେ ଏକ ସମ୍ବେଦନଶୀଳ ବାତାବରଣ ସୃଷ୍ଟି ହୋଇଥିବା ବେଳେ, ଜୁନାଗଡ଼ ଏନଏସି ଏଥିପ୍ରତି ସମ୍ବେଦନଶୀଳ ନୁହେଁ ବୋଲି ଆଲୋଚନା ହେଉଛି।ବିଭିନ୍ନ ୱାର୍ଡର ନାଳନର୍ଦ୍ଦମା ଦୟନିୟ ଅବସ୍ଥାରେ ଥିବାବେଳେ,ବିଶୁଦ୍ଧ ପାନୀୟ ଜଳ ଯୋଗାଣ ମଧ୍ୟକୁ ନେଇ ମଧ୍ୟ ଲୋକେ ଅସନ୍ତୋଷ ପ୍ରକାଶ କରୁଛନ୍ତି।ଏପରି ସ୍ଥଳେ ସ୍ଥାନୀୟ ପ୍ରଶାସନ ଏସବୁ କୁ ଗୁରୁତ୍ୱ ଦେବା ବଦଳରେ କିପରି ଉନ୍ନୟନ ମୂଳକ କାର୍ଯ୍ୟ ନାଁରେ ଠିକା କାମ କରି ଲୁଣ୍ଠନ କରିବେ ଏହାର ବ୍ୟବସ୍ଥା କରୁଥିବା ଅଭିଯୋଗ ହେଉଛି।ଆବଶ୍ୟକ ସ୍ଥାନରେ କାର୍ଯ୍ୟ କରା ନ ଯାଇ, ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରୀକା କରାଯାଉଥିବା ଦେଖାଯାଉଛି।ନିୟୋଜିତ ଥିବା କର୍ମଚାରୀ ମାନେ ଅଫିସରେ ଅନେକ ସମୟରେ ଅନୁପସ୍ଥିତ ରହୁଥିବା ବେଳେ, ସହରରେ ନ ରହି ସୁଦୂର ଭବାନୀପାଟଣା ରେ ରହୁଛନ୍ତି।ଦୀର୍ଘ ଦିନରୁ ରହି ଆସୁଥିବା ଯନ୍ତ୍ରୀମାନେ ଇନ୍ଦ୍ରଚନ୍ଦ୍ର ମାନୁ ନାହାନ୍ତି। ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ ଗୁଡିକ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ଜେ ଇ ଙ୍କ ପାଇଁ ହିଁ ବିକାଶ ମୂଳକ କାମ ହେଉ ନ ଥିବା ଜନସାଧାରଣ ରେ ଚର୍ଚ୍ଚା ହେଉଛି ।

# କରୁଛି ଅବକାରୀ ଓ ଆଞ୍ଚଳିକ ପରିବହନ ବିଭାଗର କଡ଼ାକଡି ଗାଡ଼ି ଯାଞ୍ଚ



**ଫୁଲବାଣୀ,୨୦।୬ (ସଂଚାର ବ୍ୟୁରୋ):** ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ସାଧନା ଛକ ଠାରେ ସନ୍ଧ୍ୟା ବେଳେ ଫୁଲବାଣୀ ଅବକାରୀ ବିଭାଗ ଓ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ କଡ଼ା କଡ଼ି ଭାବେ ଗାଡ଼ି ଯାଞ୍ଚ ଚାଲିଛି ।ବେପରୁଆ ଗାଡି ଚାଳକ,ମଦୁଆ ଗାଡ଼ି ଚାଳକ ଙ୍କୁ ଅଟକାଇ ଯାଞ୍ଚ କରି ଫାଇନ କଟା ଯାଉଛି । ସେହି ପରି ଡ୍ରାଇଭିଂ ଲାଇସେନ୍ସ, ସିଟ ବେଲ୍ଟ,ହେଲମେଟ ସମେତ ଗାଡ଼ିର ସମସ୍ତ କାଗଜ ପତ୍ର ଯାଞ୍ଚ କରାଯାଉ ଥିବା ଦେଖିବାକୁ ମିଳିଛି । ଏଥିରେ ଏମଭିଆଇ ପ୍ରଶାନ୍ତ କୁମାର ଦାସ,ଅବକାରୀ ଇନ୍ସପେକ୍ଟର ବିନୋଦ ବାସ୍କେ,ଅବକାରୀ ସବ ଇନ୍ସପେକ୍ଟର ପ୍ରକାଶ କୁମାର୍ ମଲ୍ଲିକ, ଆର୍ଟିଓ ସବ ଇନ୍ସପେକ୍ଟର ଶିବାନୀ ମାଝୀ ପ୍ରମୁଖ ଉପସ୍ଥିତ ଥାଇ ଯାଞ୍ଚ କରୁଛନ୍ତି । ମଦ ପିଇ ବେପରୁଆ ଗାଡ଼ି ଚାଳକ ଯୋଗୁଁ ଦିନ କୁ ଦିନ ଦୁର୍ଘଟଣା ବଢୁଛି । ତେଣୁ ଏସବୁ ରୋକିବା ପାଇଁ ଅବକାରୀ ଓ ଆଞ୍ଚଳିକ ପରିବହନ ବିଭାଗ ମିଳିତ ଉଦ୍ୟମରେ ଗାଡ଼ି ଯାଞ୍ଚ କରାଯାଉଛି । ଏହି ପ୍ରକିୟା ଆଗାମୀ ଦିନରେ ଆହୁରି ଜୋର ଦାର କରାଯିବ ବୋଲି ଅବକାରୀ ଇନ୍ସପେକ୍ଟର ବିନୋଦ ବାସ୍କେ କହିଛନ୍ତି ।

# ସଚେତନ ରୁହନ୍ତୁ ସୁସ୍ଥ ରୁହନ୍ତୁ



**ବିଞ୍ଝାରପୁର,୨୦।୬ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଉତ୍ତଙ୍ଗ ପଞ୍ଚାୟତରେ ହଇଜା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉତ୍ତଙ୍ଗ ସରପଞ୍ଚ ରୂପଶ୍ରୀ ଜେନାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉତ୍ତଙ୍ଗରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପ୍ରିୟବ୍ରତ ପଣ୍ଡା ମୁଖ୍ୟ ସଚେତକ ଭାବରେ ଯୋଗ ଦେଇ ହଇଜାରୁ ଦୂରରେ ରହିବା ପାଇଁ ହାତ ଧୋଇବା, ହଲୋଜିନ ବଟିକାର ବ୍ୟବହାର କରିବା, ଓଆରଏସର ବ୍ୟବହାର କରିବା, ଝାଡ଼ା ବାନ୍ତି ହେଲେ ତୁରନ୍ତ ଡାକ୍ତରଖାନା କୁ ଯିବା ଆଦି ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍ତଙ୍ଗରା ଏଏନଏମର ମନୋରମା ଦିଦି,ଉତ୍ତଙ୍ଗ ପଞ୍ଚାୟତର ଏଏନଏମ ଦିଦି ସବିତା ବିଶ୍ୱାଳ, ଏମବୀକେ ଅନ୍ନପୂର୍ଣ୍ଣା ମିଶ୍ର ଏବଂ ଆଶା, ଅଙ୍ଗନବାଡ଼ି ଦିଦି, ଅନ୍ୟମାନେ ଯୋଗ ଦେଇଥିଲେ। ଏଥି ସହିତ ଘରକୁ ଘର ବୁଲି ଓଆରଏସ,ହଲୋଜିନ ବଟିକା ବାଣ୍ଟିବା ସହିତ ବ୍ଲିଚିଂ ବଣ୍ଟନ କରିଥିଲେ।

# ବ୍ଲଡ୍ ବ୍ୟାଙ୍କରେ ପଶିଲା ବର୍ଷା ପାଣି: ସ୍ଥାୟୀ ପ୍ରତିକାର ପାଇଁ ଦାବି

**ସୁନ୍ଦରଗଡ଼,୨୦।୬(ସଂଚାର ବ୍ୟୁରୋ):** ବ୍ଲଡ ବ୍ୟାଙ୍କରେ ପଶିଲା ବର୍ଷା ପାଣି । ଲଗାଣ ବର୍ଷା ଯୋଗୁଁ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ବ୍ଲଡ ବ୍ୟାଙ୍କରେ ଲହଡ଼ି ମାରୁଛି ବର୍ଷା ପାଣି । ଗତ ତିନି ଦିନରୁ ସୁନ୍ଦରଗଡ଼ ଅଞ୍ଚଳରେ ଲଗାଣ ବର୍ଷା ଲାଗିରହିଛି । ଯାହା ଫଳରେ ବ୍ଲଡ ବ୍ୟାଙ୍କରେ ପାଣି ଭରିଯାଇଥିଲା। ବ୍ଲଡ ବ୍ୟାଙ୍କ୍ ଖୋଲିଲା ବେଳକୁ ଭିତରେ ପାଣି ଦେଖିବାକୁ ପାଇଥିଲେ କର୍ମଚାରୀ। କର୍ମଚାରୀମାନେ ରୁମରୁ ପାଣି ବାହାର କଲା ପରେ ସ୍ଥିତି ସାମାନ୍ୟ ହୋଇଥିଲା କିନ୍ତୁ ସାମ୍ନା ପଟ ବାରଣ୍ଡାରେ ଭରି ରହିଥିଲା ବର୍ଷା ପାଣି। କେବଳ ଚଳିତ ବର୍ଷ ନୁହେଁ ଏଠାରେ ପ୍ରତି ବର୍ଷ ବର୍ଷା ଦିନରେ ସମାନ ଅବସ୍ଥା ଦେଖିବାକୁ ମିଳେ ।

# ଇବ୍ ନଦୀ ବାଲି ଟାପୁରୁ ଯୁବକଙ୍କୁ ଉଦ୍ଧାର କଲା ଅଗ୍ନିଶମ ବାହିନୀ



**ସୁନ୍ଦରଗଡ,୨୦।୬(ସଂଚାର ବ୍ୟୁରୋ):** ଭସ୍ମା ଥାନା ଅନ୍ତର୍ଗତ ବିଲାଇଗଡ ଗ୍ରାମର ଅତିସ ପଣ୍ଡା ସିକ୍ୟୁରିଟି ଗାର୍ଡ କାମ କରନ୍ତି । ରାତ୍ରି ଇବ ନଦୀ ମଝିରେ ଡ୍ୟୁଟି କରୁଥିବା ସମୟରେ ଶୁକ୍ରବାର ଭୋର ୪ ଟାରେ ହଠାତ୍ ପାଣି ଆସି ଯିବାରୁ ସେ କୌଣସି ଆଡ଼େ ଯାଇ ନ ପାରି ନିକଟରେ ଥିବା ଏକ ବାଲିଟାପୁ ରେ ରହିଥିଲେ । ତାପରେ ତାଙ୍କ ଅଫିସକୁ ଫୋନ ଯୋଗେ ଜଣାଇଥିବାରୁ, କମ୍ପାନୀର ପରିଚାଳକ ପ୍ରିୟବ୍ରତ ଦାସ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ତୁରନ୍ତ ସୁନ୍ଦରଗଡ ଅଗ୍ନିଶମ ବିଭାଗ ଘଟଣା ସ୍ଥଳକୁ ପହଞ୍ଚି ଉଦ୍ଧାର କରିବା ପାଇଁ ପାଣି ଭିତରକୁ ଡେଇଁ ଥିଲେ । ହେଲେ ପାଣିର ଶ୍ରୋତ ଏତେ ଜୋର ଥିଲା ୨ ଜଣ କର୍ମଚାରୀ ଉଦ୍ଧାର କରି ପାରି ନ ଥିଲେ, ପରେ ଅଗ୍ନିଶମ ବିଭାଗ ତରଫରୁ ବୋଟ ସାହାଯ୍ୟରେ ଅତିସ ପଣ୍ଡାଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରି ପରିବାରଙ୍କୁ ହସ୍ତାନ୍ତର କରିଥିଲେ ।

# ପୂର୍ବତନ କାଉନସିଲର୍ଙ୍କ ପରଲୋକ

**ଯାଜପୁର ରୋଡ୍,୨୦।୬(ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଅଂଚଳ ସ୍ଥିତ ଚୋରଦା ଗ୍ରାମର ବାସିନ୍ଦା ବ୍ରଜକିଶୋର ରାଉତ'ଙ୍କ ଗତ ଗୁରୁବାର ରାତ୍ରିରେ ପରଲୋକ ହୋଇଯାଇଛି। ଅସୁସ୍ଥତା ଯୋଗୁଁ ସେ ଚିକିତ୍ସିତ ହେଉଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୬୬ ବର୍ଷ ହୋଇଥିଲା ।ବ୍ୟାସନଗର ପୌର ପରିଷଦର ରାଜନେତା, ପୂର୍ବତନ ବିଜେଡି ସଭାପତି, କ୍ରିଡ଼ାବିତ୍, ସମାଜସେବୀ, ପୂର୍ବତନ କାଉନସିଲର, ଯାଜପୁରରୋଡ଼ ଟ୍ରକ ମାଲିକ ସଂଘର ସମ୍ପାଦକ ରହିଥିବା ବେଳେ ସେ ଜଣେ ମିଷ୍ଟଭାଷୀ, ପରଉପକାରୀ, ସୁଦକ୍ଷ ବ୍ୟକ୍ତିତ୍ୱ ମଣିଷଟିଏ ଭାବରେ ପରିଚିତ ଥିଲେ। ତାଙ୍କ ମୃତ୍ୟୁର ଖବର ଶୁଣି ଅଂଚଳରେ ଶୋକର ଛାୟା ଖେଳିଯାଇଥିଲା। ଅଂଚଳର ଜନସାଧାରଣ, ଚୋରଦା ଗ୍ରାମବାସୀ, ତାଙ୍କ ବନ୍ଧୁବାନ୍ଧବ, ପରିବାର ବର୍ଗଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଗଭୀର ଦୁଃଖ ଓ ଶୋକ ପ୍ରକାଶ କରିଛନ୍ତି। ଗଭୀର ଶୋକାକୁଳ ପରିବେଶରେ ଗାଁ ସ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# ବିଜେପି ସରକାରଙ୍କ ବିଫଳତା ବତାଇଲା କଂଗ୍ରେସ



**ସୁନ୍ଦରଗଡ,୨୦।୬(ସଂଚାର ବ୍ୟୁରୋ):** ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶାନୁସାରେ ବିଜେପି ସରକାର ବିରୋଧରେ ଗର୍ଜିଛି କଂଗ୍ରେସ। ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ରାଜ୍ୟରେ ଡବଲ ଇଞ୍ଜିନ ସରକାରର ବିଭିନ୍ନ ବିଫଳତା ଉପରେ ପ୍ରଶ୍ନ ଉଠାଇଛି କଂଗ୍ରେସ।" "ସୁନ୍ଦରଗଡ ଜିଲ୍ଲା କଂଗ୍ରେସ କମିଟି ସଂଯୋଜକ ନିର୍ମଳ ନାଏକ କହିଛନ୍ତି , ବିଜେପି ସରକାର ଏକ ବର୍ଷରେ କେବଳ ପୂର୍ବତନ ସରକାର ସମୟରେ ହୋଇଥିବା ବିକାଶ ମୂଳକ ଯୋଜନା ଉପରେ ରଙ୍ଗ ମାରିବା ଛଡ଼ା ଆଉ କିଛି କରିନାହିଁ।କୌଣସି ନୂଆ ବିକାଶ କାର୍ଯ୍ୟ ଦେଖିବାକୁ ମିଳିନାହିଁ।" "ଏକ ବର୍ଷରେ ବିଜେପି ସରକାର ଜଣସାଧାରଣଙ୍କ ପାଇଁ କ'ଣ କଲେ? କେବଳ ଘୋଷଣା ଓ ବିକାଶ ମେଳା ନାମରେ ନାଟକ କରି ଲୋକଙ୍କୁ ଭଣ୍ଡୁର କରୁଛି ବିଜେପି ସରକାର। ନିର୍ବାଚନ ସମୟରେ ଜନସାଧାରଣଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ମଧ୍ୟରୁ କେତୋଟି ପ୍ରତିଶ୍ରୁତି ପୂରଣ କରିଛି ବୋଲି ପ୍ରଶ୍ନ ଉଠାଇଛି କଂଗ୍ରେସ ? ବିଜେପି ସରକାର ଏକ ବର୍ଷ ପୂର୍ତ୍ତି ଅବସରରେ ପ୍ରତ୍ୟେକ ଜିଲ୍ଲା ଓ ବ୍ଲକରେ ବିକାଶ ମେଳା କାର୍ଯ୍ୟକ୍ରମ କରୁଛି ଏବଂ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଏକବର୍ଷ ମଧ୍ୟରେ ଏହି ସବୁ ବିକାଶ କରିଛୁ ବୋଲି ଲୋକଙ୍କୁ ଜଣାଉଛି କିନ୍ତୁ କଂଗ୍ରେସ ଦାବି କରୁଛି – ଏହି ସମସ୍ତ କାର୍ଯ୍ୟ ପୂର୍ବତନ ସରକାରର ଯୋଜନାରେ କାର୍ଯ୍ୟକାରୀ ହୋଇଥିବା ଦାବି କରିଛି।

# ହିଞ୍ଜିଳିକାଟୁ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



**ହିଞ୍ଜିଳିକାଟୁ,୨୦।୬(ସଂଚାର ବ୍ୟୁରୋ):** ଚଳିତ ବର୍ଷର ରଥଯାତ୍ରାକୁ ସୁରୁଖୁରରେ ସମ୍ପନ୍ନ କରିବା ନିମନ୍ତେ ଶୁକ୍ରବାର ହିଞ୍ଜିଳିକାଟୁ ପୌରପରିଷଦର ସଭାକକ୍ଷ ଗୃହରେ ପୌରପରିଷଦ ଅଧକ୍ଷ ସୁବାଷ ଚନ୍ଦ୍ର ପୋଲାଇଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ରାଜପଥ ଠାରୁ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ସଫେଇ , ରଥଯାତ୍ରା ସମୟରେ ମନ୍ଦିର ପାର୍ଶ୍ୱରେ ବେଆଇନ ଭାବେ ଚାରିଚକିଆ ଯାନ , ପରିମଳ , ସ୍ୱାସ୍ଥ୍ୟସେବା, ଜଳଯୋଗାଣ , ସ୍ୱାସ୍ଥ୍ୟସେବା ନିମନ୍ତେ ଆମ୍ବୁଲାନ୍ସ , ଅଗ୍ନିଶମ ବିଭାଗ , ଟ୍ରାଫିକ ସମସ୍ୟାର ନିୟନ୍ତ୍ରଣ , ବିଜୁଳି ସେବାର ପ୍ରସ୍ତୁତି ଇତ୍ୟାଦି ବିଷୟରେ ଆଲୋଚନା ହୋଇଥିଲା। ପ୍ରସ୍ତୁତି ବୈଠକରେ ତହସିଲଦାର ତପନ କୁମାର ମହାପାତ୍ର , ବିଡ଼ିଓ ସାଗରିକା ଷଡ଼ଙ୍ଗୀ , ଅତିରିକ୍ତ ତହସିଲଦାର ସୁରଜ ବେହେରା, କନିଷ୍ଠ ଯନ୍ତ୍ରୀ ମାନସ ଦାସ , ପାବନ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରର ସେବକ ସଭାପତି କିରଣ ପଟ୍ଟନାୟକ , ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ସନ୍ତୋଷ ଷଡ଼ଙ୍ଗୀ ,ନୃସିଂହ ପ୍ରସାଦ ପଟ୍ଟନାୟକ , ଯୁଗଳ ପଣ୍ଡା , କିଶୋର ଚୌଧୁରୀ ସମେତ ସହରର ବୁଦ୍ଧିଜୀବି ଓ ପୌର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମାନ୍ୟତାପ୍ରାପ୍ତ



**କେନ୍ଦୁଝରଗଡ,୨୦।୬(ସଂଚାର ବ୍ୟୁରୋ):** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ତରଫରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମାନ୍ୟତା ପ୍ରଦାନ କରାଯାଇଛି। ଶିକ୍ଷା ବିଭାଗର ବିଜ୍ଞପ୍ତି ଅନୁସାରେ ୨୦୨୫-୨୬ ଶିକ୍ଷା ବର୍ଷ ପାଇଁ +୨ ବିଜ୍ଞାନ ଓ ବାଣିଜ୍ୟରେ ଛାତ୍ରଛାତ୍ରୀମାନେ ନୂତନ ଭାବରେ ନାମ ଲେଖାଇବେ। ପ୍ରତ୍ୟେକ ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ୧୨୮ଟି ସ୍ଥାନ ଦିଆଯାଇଛି। ଏହି ମାନ୍ୟତା ପ୍ରାପ୍ତ ହୋଇଥିବାରୁ ବିଦ୍ୟାଳୟର ଛାତ୍ରଛାତ୍ରୀ, ଗୁରୁଜୀଗୁରୁମା, ପରିଚାଳନା ସମିତି ଓ ଅଭିଭାବକଅଭିଭାବିକାମାନେ ଆନନ୍ଦ ପ୍ରକଟ କରିଛନ୍ତି।

# ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ପୁସ୍ତକ ପ୍ରଦର୍ଶନୀ



**ଖଲ୍ଲିକୋଟ,୨୦।୬(ସଂଚାର ବ୍ୟୁରୋ):** ରିଖି ଦିନ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପରିସରରେ ପୁସ୍ତକ ପ୍ରଦର୍ଶନୀ ଉଦଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଯଥାବିଧି ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ। ଉଦଘାଟନୀ ଉତ୍ସବରେ କୁଳସଚିବ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ଶ୍ରୀମତୀ ପାର୍ବତୀ ମଞ୍ଜରୀ ମହାଲିକ, ସ୍ନାତକୋତ୍ତର ପରିଷଦର ପୂର୍ବତନ ଅଧ୍ୟକ୍ଷା ପ୍ରଫେସର ପଦ୍ମିନୀ ସାହୁ, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ମନୋଜ ପଟ୍ଟନାୟକ, ୱାର୍ଡେନ ତଥା ଡେପୁଟି ରେଜିଷ୍ଟ୍ରାର ଡ. ଦୀପକ କୁମାର ମିଶ୍ର, ଛାତ୍ରକଲ୍ୟାଣ ଅଧିକାରୀ ଡ. ଉଷାରାଣୀ ରଥ, ଡ. ଯତୀନ୍ ବିଷୋୟୀ, ଡ. ଗୌତମ୍ ସାବତ, ଡ. ସୁଶୀଲ କୁମାର ରାଠୋର ସମେତ ସମସ୍ତ ବିଭାଗୀୟ ମୁଖ୍ୟ, ଅଧ୍ୟାପକ ଅଧ୍ୟପିକା ତଥା ବିଭିନ୍ନ ବିଭାଗର ଛାତ୍ରଛାତ୍ରୀ ଉପସ୍ଥିତ ରହି ପୁସ୍ତକ ପ୍ରଦର୍ଶନୀ ବୁଲି ଦେଖିବା ସହ ବିଶ୍ୱବିଦ୍ୟାଳୟର ପାଠାଗାର ନିମନ୍ତେ ପୁସ୍ତକ ଚୟନ କରିଥିଲେ। ଓଡ଼ିଶା ତଥା ଓଡ଼ିଶା ବାହାରର ଅନେକ ପ୍ରକାଶକ ଏହି ପ୍ରଦର୍ଶନୀରେ ଯୋଗ ଦେଇ ନିଜର ପ୍ରକାଶିତ ପୁସ୍ତକ ପ୍ରଦର୍ଶନ କରିଥିଲେ। ବିଶ୍ୱବିଦ୍ୟାଳୟରେ ପ୍ରଥମ ଥର ଏପରି ପ୍ରଦର୍ଶନୀର ଆୟୋଜନ ହୋଇଥିବାରୁ ଛାତ୍ରଛାତ୍ରୀ ତଥା ଅଧ୍ୟାପକ ଅଧ୍ୟପିକାଙ୍କ ମଧ୍ୟରେ ଖୁବ୍ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଏହି ପ୍ରଦର୍ଶନୀ ଜୁନ୍ ୨୦ ଓ ୨୧ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବ।

# ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ କ୍ଷେତ୍ରସ୍ତରୀୟ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ



**ସୁବର୍ଣ୍ଣପୁର,୨୦।୬(ସଂଚାର ବ୍ୟୁରୋ):** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ), ଭୁବନେଶ୍ୱର ପକ୍ଷରୁ ସୁବର୍ଣ୍ଣପୁର ଜିଲ୍ଲା ସଦର ମହକୁମା ସ୍ଥିତ ନୂତନ ଟାଉନ ହଲରେ ଏକ କ୍ଷେତ୍ରସ୍ତରୀୟ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ (ଏଫ୍ଏଲ୍ଏଫ୍ଏଲ୍ଇ) ଅନୁଷ୍ଠିତ ହୋଇଯାଇଛି। ଆରବିଆଇ ମହାପ୍ରବନ୍ଧକ ଅନିତା ପଟ୍ଟନାୟକ, ସୁବର୍ଣ୍ଣପୁର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଅନ୍ୟା ଦାସ; ଏସଏଲବିସି ଓଡ଼ିଶାର ଆବାହକ ତଥା ମୁଖ୍ୟ ମହାପ୍ରବନ୍ଧକ ଗୌତମ ପାତ୍ର ଏବଂ ଏସବିଆଇ ଉପ ମହାପ୍ରବନ୍ଧକ ସଞ୍ଜୟ କୁମାର ଝା ପ୍ରମୁଖ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମହାପ୍ରବନ୍ଧକ ଆରବିଆଇ ପଟ୍ଟନାୟକ ଆଜିର କାର୍ଯ୍ୟକ୍ରମରେ ଅଂଶ ଗ୍ରହଣକାରୀମାନଙ୍କୁ ସ୍ୱାଗତ କରିବାସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ତାତ୍ପର୍ଯ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ଅଭିଭାଷଣରେ ଆର୍ଥିକ ସାକ୍ଷରତା ଏବଂ ସଚେତନତା ଉପରେ ଗୁରୁତ୍ୱାରୋପ କରିବା ସହ ଏହି ଦିଗରେ ରିଜର୍ଭବ୍ୟାଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଉପରେ ବିସ୍ତୃତ ଆଲୋକପାତ କରିଥିଲେ । ଦାୟିତ୍ୱପୂର୍ଣ୍ଣ ଋଣ ନେବା, ଆର୍ଥିକ ଶୃଙ୍ଖଳା ଏବଂ ତୃଣମୂଳ ସ୍ତରରେ ଆର୍ଥିକ ସାକ୍ଷରତାର ଆବଶ୍ୟକତା ଉପରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଶ୍ରୀମତୀ ଦାସ ଗୁରୁତ୍ୱାରୋପ କରିଥିଲେ। ଅନ୍ୟ ଅତିଥିମାନେ ମଧ୍ୟ ସାମ୍ପ୍ରତିକ ପରିସ୍ଥିତିରେ ଆର୍ଥିକ ସଚେତନତାର ଆବଶ୍ୟକତା ବିଷୟରେ ନିଜ ନିଜର ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, କୃଷକ, ଉଦ୍ୟୋଗୀ ଓ ବରିଷ୍ଠ ନାଗରିକଙ୍କ ଭଳି ବିଭିନ୍ନ ଟାର୍ଗେଟ୍ ଗ୍ରୁପରୁ ପ୍ରାୟ ୨୫୦ ଜଣ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ।ରିଜର୍ଭ ବ୍ୟାଙ୍କର ବିଭିନ୍ନ ବିଭାଗ ଯଥା ଏଫ୍ଆଇଡିଡି, ଡିଓଏସ୍ ଆଇବିଡି ଓ ଆରବିଆଇଓର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ମଣ୍ଡିରୁ ଉଠୁନି ଧାନ, ବର୍ଷାରେ ଓଦା ହୋଇ ଗଜା ହେବାକୁ ବସିଲାଣି



**ସୁବର୍ଣ୍ଣପୁର,୨୦।୬ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାରେ ଦିନ ଦିନ ହେଲା ମଣ୍ଡିରେ ପଡିରହିଛି ଶହ ଶହ ବସ୍ତା ଧାନ । ମଣ୍ଡିରୁ ଧାନ ଉଠୁନଥିବା ବେଳେ ସେପଟେ ବର୍ଷାରେ ଭିଜି ଗଜା ହେଲାଣି ଚାଷୀଙ୍କ ଧାନ । ଏନେଇ ବାରମ୍ବାର ପେକ୍ସ କର୍ତ୍ତୃପକ୍ଷ ଏବଂ ପ୍ରଶାସନକୁ ଗୁହାରୀ କଲାପରେ ବି ଚାଷୀଙ୍କ ଦୁଃଖକୁ କେହି ବୁଝୁନଥିବାରୁ ଶେଷରେ କ୍ଷତିଗ୍ରସ୍ତ ଚାଷୀ ଜିଲ୍ଲା ଯୋଗାଣ କାର୍ଯ୍ୟାଳୟ ଘେରାଓ କରିଛନ୍ତି । ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ମଣ୍ଡିରେ ଏବେ ଏଭଳି ଅବସ୍ଥା ହୋଇଥିବାବେଳେ ଆଜି ବିଭିନ୍ନ ମଣ୍ଡିର ଚାଷୀ ଜିଲ୍ଲା ଯୋଗାଣ କାର୍ଯ୍ୟାଳୟରେ ପହଂଚି ଜିଲ୍ଲା ଯୋଗାଣ ଅଧିକାରୀଙ୍କ ଘେରିବା ସହ ପାଟିତୁଣ୍ଡ କରିଥିଲେ । ପରିସ୍ଥିତି ଦୃଷ୍ଟିରେ ରଖି ପୋଲିସ ମଧ୍ୟ ଜିଲ୍ଲା ଯୋଗାଣ କାର୍ଯ୍ୟାଳୟରେ ପହଂଚି ଚାଷୀଙ୍କୁ ବୁଝାସୁଝା କରିଥିଲା । ତୁରନ୍ତ ମଣ୍ଡିମାନଙ୍କରେ ପଡିଥିବା ଧାନକୁ ନ ଉଠେଇଲେ ଚାଷୀମାନେ ଆନ୍ଦୋଳନ କରିବାକୁ ଧମକ ଦେଇଛନ୍ତି । ସେପଟେ ଆସନ୍ତା ୩୦ ତାରିଖ ସୁଦ୍ଧା ଚାଷୀଙ୍କ ଧାନ ଉଠାଯିବାନେଇ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରତିଶୃତି ଦେବାପରେ ଚାଷୀମାନେ ଜିଲ୍ଲା ଯୋଗାଣ କାର୍ଯ୍ୟାଳୟ ଛାଡିଥିବା ଦେଖିବାକୁ ମିଳିଥିଲା ।

# ବିଜେଡି ଛାଡ଼ିଲେ ପ୍ରଫେସର ନୀଳାମ୍ବର

**ସୁବର୍ଣ୍ଣପୁର,୨୦।୬(ସଂଚାର ବ୍ୟୁରୋ):** ଜିଲ୍ଲା ବିଜେଡି ରେ ମେରିରାୟ ଶାସନ ଓ ଯୋଗ୍ୟ ଲୋକଙ୍କୁ ହତାଦର ଯୋଗୁଁ ଆଜି ବିଜେଡି ଛାଡିଛନ୍ତି ପ୍ରଫେସର ନିଳାମ୍ବର ଶତପଥୀ। ନବୀନ ବାବୁଙ୍କ ଦୃଢ଼ ନେତୃତ୍ୱ ତଥା ଦୁର୍ନୀତି ବିରୁଦ୍ଧରେ ତାଙ୍କର ଦୃଢ଼ ପଦକ୍ଷେପ ରେ ଉଦବୁଦ୍ଧ ହୋଇ ସେ ବିଜେଡିରେ ଯୋଗଦେଇଥିଲେ। ହେଲେ ବର୍ତ୍ତମାନ ଆଉ ସେ ସମୟ ନାହିଁ କିଛି ମୁଷ୍ଟିମେୟ ଲୋକ ଦଳକୁ ଭୁଲ ମାର୍ଗ ରେ ପରିଚାଳନା କରି ବିଶୃଙ୍ଖଳା ସୃଷ୍ଟି କରି ଦଳ ମୂଳ ଉଦ୍ଦେଶ୍ୟ ରୁ ବ୍ୟତିକ୍ରମ ହୋଇ ଦିଗହରା ହୋଇଛି । ପ୍ରକାଶ ଯୋଗ୍ୟ ଯେ ଗତ ୨୦୧୩ ରେ ସୁବର୍ଣ୍ଣପୁର ଠାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପୌର ସଂସ୍ଥା ନିର୍ବାଚନ ପାଇଁ ଆସିଥିବା ନିର୍ବାଚନୀ ସଭାରେ ପ୍ରଫେସର ନିଳାମ୍ବର ଶତପଥୀ ବିଜୁ ଜନତା ଦଳ ରେ ଯୋଗଦେଇଥିଲେ। ତାଙ୍କୁ ସୁବର୍ଣ୍ଣପୁର ଜିଲ୍ଲା ବିଜେଡି ରେ ଉପଦେଷ୍ଟା କମିଟିରେ ଯଦିଓ ରଖାଯାଇଥିଲା ତଥାପି ତାଙ୍କର ଉପଦେଶ ବା ମତାମତ କୁ ସବୁବେଳେ ଅଣଦେଖା କରାଯାଉଥିଲା ଏଣୁ ଅତିଷ୍ଠ ହୋଇ ଆଜି ସେ ଦଳଛାଡି ତାଙ୍କର ଇସ୍ତଫା ପତ୍ର ବିଜୁ ଜନତା ଦଳ ରାଜ୍ୟ ସଭାପତି ଙ୍କ ପାଖକୁ ପଠାଇଦେଇ ବର୍ତ୍ତମାନ ସେ ନିର୍ଦ୍ଦଳୀୟ ହୋଇ ତାଙ୍କର ଅବଶିଷ୍ଟ ଜୀବନ ତମାମ ସେ ଦଳିତ ଓ ଅବହେଳିତ ଲୋକଙ୍କ ସେବାରେ ବ୍ରତୀ ହେବେ ବୋଲି ଆଜି ପେଲେସ ଗାର୍ଡେନ ସ୍ଥିତ ତାଙ୍କର ବାସ ଭବନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀ ରେ ସୂଚନା ଦେଇଛନ୍ତି।

